ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 14/2023 Page 20 ₹ 7.00

୪୯ଶ ଭାଗ ୩୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 320 ମୂଲ୍ୟ ₹୭/-



## ଫ୍ରାନ୍ସ ସ୍କୁଲରେ ଆକ୍ରମଣ: ଶିକ୍ଷକ ମୃତ

ଫ୍ରାନ୍ସର ଆରାସ୍ ସହରରେ ଥିବା ଏକ ସ୍କୁଲରେ ଶୁକ୍ରବାର ଛୁରି ଆକ୍ରମଣରେ ଜଣେ ଶିକ୍ଷକ ପ୍ରାଣ ହରାଇବା ସହ ଅନେକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ଗିରଫ କରାଯାଇଥିବା ଆଞ୍ଚଳିକ କର୍ତ୍ତୃପକ୍ଷ କହିଛନ୍ତି। ଆକ୍ରମଣକାରୀ 'ଆଲ୍ଲାହୁ ଆକବର' ଚିତ୍କାର କରୁଥିବା ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଥିବାବେଳେ ପୋଲିସ ଏହାକୁ ସ୍ପଷ୍ଟ କରିନାହିଁ। ଆକ୍ରମଣକାରୀ ୨୦ ବର୍ଷୀୟ ଯୁବକ ଉକ୍ତ ସ୍କୁଲର ପୂର୍ବତନ ଛାତ୍ର ବୋଲି ଜଣାପଡ଼ିଛି। ଆକ୍ରମଣକାରୀଙ୍କ ଭାଇକୁ ମଧ୍ୟ ଗିରଫ କରାଯାଇଛି। ପ୍ରାଣ ହରାଇଥିବା ଶିକ୍ଷକ ଜଣକ ଫ୍ରେଞ୍ଚ ଭାଷା ପଢ଼ାଉଥିଲେ। ଏହା ବ୍ୟତୀତ ଖେଳ ଶିକ୍ଷକ ଛୁରାମାଡ଼ରେ ଆହତ ହୋଇଛନ୍ତି।





ଗାଜା ଷ୍ଟ୍ରିପ୍ ସୀମାରେ ଆର୍ମୋର୍ଡ ପର୍ସନେଲ କେରିୟର (ଏପିସି) ସହ ଇସ୍ରାଏଲୀ ସୈନ୍ୟ।

# ଗାଜାରେ ଇସ୍ରାଏଲ ସୈନ୍ୟ

## ଉତ୍ତର ଗାଜାରୁ ଗଣପଳାୟନ, ୱେଷ୍ଟ ବ୍ୟାଙ୍କରେ ଆକ୍ରମଣ

**ଜେରୁଜେଲମ/ଗାଜା ସିଟି,୧୩।୧୦**

ଇସ୍ରାଏଲ୍‌ର ସ୍ଥଳସେନା ଶୁକ୍ରବାର ଗାଜା ଷ୍ଟ୍ରିପ୍‌ରେ ପ୍ରବେଶ କରି ଜୋର୍‌ଦାର ଆକ୍ରମଣ କରିଛି। ଉକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆତଙ୍କବାଦୀ ଓ ଅସ୍ତ୍ର ମୁକ୍ତ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଇସ୍ରାଏଲ୍ ଡିଫେନ୍ସ ଫୋର୍ସ ପକ୍ଷରୁ କୁହାଯାଇଛି। ଗତ ଶନିବାର ହମାସ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ଆକାଶ ମାର୍ଗରୁ ଆକ୍ରମଣ ଜାରି ରଖିଥିଲା। ସ୍ଥଳସେନାର ପ୍ରବେଶ ପୂର୍ବରୁ ୧୦ ଲକ୍ଷ ପାଲେଷ୍ଟିନୀୟ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଗାଜା ଛାଡ଼ି ଦକ୍ଷିଣ ପାର୍ଶ୍ୱକୁ ଚାଲିଯିବା ପାଇଁ ଇସ୍ରାଏଲ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଚେତାବନୀ ପରେ ଗାଜା ଷ୍ଟ୍ରିପ୍‌ରୁ ବହୁ ଲୋକ ଗଣପଳାୟନ କରିଥିଲେ। ଲୋକେ କାର୍ ଛାତରେ ବିଛଣାପତ୍ର ଓ ଅତ୍ୟାବଶ୍ୟକ ସାମଗ୍ରୀ ଧରି ପଳାଉଥିବା ଦେଖାଯାଇଥିଲା। ଗାଜା ସିଟି, ବେଇଟ୍ ଲାହିଆ, ବେଇଟ୍ ହାନୌନ ଏବଂ ଜାବାଲିଆ ଆର୍‌ସିରୁ ବାସିନ୍ଦାମାନେ ଗଣପଳାୟନ କରୁଛନ୍ତି। ଘର ନ ଛାଡ଼ିଲେ ମାରାତ୍ମକ ପରିଣାମର ସମ୍ମୁଖୀନ ହୋଇପାରନ୍ତି ବୋଲି ଇସ୍ରାଏଲ୍ ସେନା ଚେତାବନୀ ଦେଇଥିଲା। ସେପଟେ ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲୀ ବଳ ପାଲେଷ୍ଟିନୀୟଙ୍କୁ ଟାର୍ଗେଟ କରିଛି। ଏଥିରେ



ଇସ୍ରାଏଲର ଚେତାବନୀ ପରେ ଗାଜାର ରାଫହରୁ ପିଲାଛୁଆଙ୍କୁ ଧରି ପଳାୟନ କରୁଛନ୍ତି ପାଲେଷ୍ଟିନୀୟ ମହିଳା।

ଅନ୍ୟୂନ ୧୧ ଜଣ ନିହତ ହୋଇଛନ୍ତି। ଗାଜା ଷ୍ଟ୍ରିପ୍ ଉପରେ ଆକାଶ ମାର୍ଗରୁ ବୋମା ଓ ରକେଟ ମାଡ଼ କରିଚାଲିଥିବା ଇସ୍ରାଏଲ୍ ସେନା ଏବେ ଗାଜାରେ ପ୍ରବେଶ କରିଛି। ୩ ଲକ୍ଷ ସୈନ୍ୟ ବହୁସଂଖ୍ୟାରେ ଟ୍ୟାଙ୍କ ସହ ଅଗ୍ରସର ହେଉଛନ୍ତି। ହମାସ୍ ଆତଙ୍କବାଦୀଙ୍କୁ ସମ୍ପୂର୍ଣ୍ଣ ବିଲୋପ କରାଯିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଦୋହରାଇଛନ୍ତି। ଅନ୍ୟପକ୍ଷରେ ଗାଜା ସିଟିରେ ପଳାୟନ କରୁଥିବା ଲୋକଙ୍କ ଗାଡ଼ି ଉପରେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ ମହିଳା ଓ ଶିଶୁଙ୍କ ସମେତ ୭୦ ଜଣ ପ୍ରାଣ ହରାଇଥିବା ହମାସ୍ ପ୍ରେସ୍ ଅଫିସ ପକ୍ଷରୁ କୁହାଯାଇଛି। ଇସ୍ରାଏଲ୍ ମାନବୀୟତା ବିରୋଧରେ କରୁଥିବା ଅପରାଧକୁ ବନ୍ଦ କରିବା ଦିଗରେ ଜାତିସଂଘ ଅଧିକ ପଦକ୍ଷେପ ନେଉ ବୋଲି ପାଲେଷ୍ଟିନୀୟ ପ୍ରତିନିଧି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ନିବେଦନ କରିଛନ୍ତି। ଆକ୍ରମଣ ବନ୍ଦ କରିବା ଲାଗି ଦୋହ ଏହାର ସହଯୋଗୀ ଦେଶମାନଙ୍କ ସହ ମିଶି ଉଦ୍ୟମ ଚଳାଇଥିବା କାତାର ପ୍ରଧାନମନ୍ତ୍ରୀ ତଥା ବହିର୍ବ୍ୟାପାର ମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲରହମାନ ଅଲ୍ ଥାନି କହିଛନ୍ତି।

ଉତ୍ତର ଗାଜାରୁ ଏତେ ସଂଖ୍ୟାରେ ଲୋକଙ୍କ ଗଣପଳାୟନ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଜାତିସଂଘ ସତର୍କ କରାଇଦେଇଛି। ଇସ୍ରାଏଲ୍ ପକ୍ଷରୁ ଉତ୍ତର ଗାଜା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆକାଶମାର୍ଗରୁ ଘନଘନ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଅନେକ ଲୋକ ଘରଦ୍ୱାର ଛାଡ଼ି ପଳାଇଥିଲେ। ଏବେ ଇସ୍ରାଏଲ୍ ସମଗ୍ର ଅଞ୍ଚଳକୁ ଦଖଲ କରିବାକୁ ଉଦ୍ୟମ କରୁଥିବାରୁ ତାହା ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଏବେ ଲୋକ ଖାଦ୍ୟ, ବିଜୁଳି, ଇନ୍ଧନ ଆଦିକୁ ଭୁଲିଗଲେଣି। କେବଳ ଜୀବନ ବଞ୍ଚାଇବାକୁ ସେମାନେ ଚିନ୍ତା କରୁଛନ୍ତି ବୋଲି ପାଲେଷ୍ଟିନୀୟ ରେଡ୍ କ୍ରିସେଣ୍ଟ ମୁଖପାତ୍ର ନେବାଲ ଫରସାଖ୍ କହିଛନ୍ତି। ଯୁଦ୍ଧରେ ଉଭୟ ପକ୍ଷରୁ ୩,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ଉତ୍ତେଜନା ବଢ଼ିବାରେ ଲାଗିଛି। ଲେବାନନ୍‌ର ହେଜବୋଲ୍ଲା ଆତଙ୍କବାଦୀ ସଂଗଠନ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିବାରୁ ଯୁଦ୍ଧ ଅଧିକ ଅଞ୍ଚଳକୁ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାର ମୁସଲମାନଙ୍କ ନମାଜ ପାଠ ବେଳେ ଆଖପାଖ ଦେଶଗୁଡ଼ିକରେ ଉତ୍ତେଜନା ଦେଖାଦେଇଛି।

## ଇସ୍ରାଏଲ, ଆମେରିକାକୁ ପ୍ରବଳ ବିରୋଧ

**ଜୋର୍ଡାନ୍‌ର ଅମ୍ମାନଠୁ ନେଇ ୟେମେନ୍ ରାଜଧାନୀ ସନା ପର୍ଯ୍ୟନ୍ତ ମୁସଲମାନ ସମ୍ପ୍ରଦାୟର ଲୋକେ ଶୁକ୍ରବାର ନମାଜ ପାଠ ପରେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଅଭୂତପୂର୍ବ ଏୟାରଷ୍ଟ୍ରାଇକ୍‌କୁ ବିରୋଧ କରି ଇସ୍ରାଏଲୀ ଓ ଆମେରିକୀୟ ପତାକା ପୋଡ଼ିଥିଲେ। ମଧ୍ୟପ୍ରାଚ୍ୟ, ଉପସାଗରୀୟ ଓ ମୁସଲମାନ ବହୁଳ ଅନେକ ରାଷ୍ଟ୍ରରେ ଶୁକ୍ରବାର ଅନୁରୂପ ବିକ୍ଷୋଭ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।**

**ଜେରୁଜେଲମ୍/ବାଗ୍‌ଦାଦ/ ପ୍ୟାରିସ୍,୧୩।୧୦**

### ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକରେ ବ୍ୟାପକ ବିକ୍ଷୋଭ

ହମାସ୍ ସହ ଇସ୍ରାଏଲର ଯୁଦ୍ଧକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ମଧ୍ୟପ୍ରାଚ୍ୟରେ ଅନେକ ହଜାର ଲୋକ ରାସ୍ତାକୁ ଓହ୍ଲାଇ ଗାଜା ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ବିରୋଧରେ ପ୍ରତିବାଦ ଜଣାଇଛନ୍ତି। ନିଜ ଦେଶର ରାଜଧାନୀରେ ନମାଜ ପାଠ ପାଇଁ ମସ୍‌ଜିଦଗୁଡ଼ିକରେ ଠୁଳ ହୋଇଥିବା ମୁସଲମାନମାନେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶିଆ ନେତା ମୋକ୍‌ତାଦା ସଦର୍ ଗାଜା ସପକ୍ଷରେ ବିକ୍ଷୋଭ କରିବାକୁ ଆହ୍ୱାନ ଦେବା ପରେ ଇରାକ୍‌ର ବାଗ୍‌ଦାଦରେ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ, 'କବ୍‌ଜା ଚଳିବ ନାହିଁ', 'ଆମେରିକାର ଆଧିପତ୍ୟ ଗ୍ରହଣୀୟ ନୁହେଁ'। ଅଧିକୃତ ପାଲେଷ୍ଟାଇନ୍‌ରେ ଚାଲିଥିବା ରକ୍ତପାତ ଓ ମାନବ ଅଧିକାର ଉଲ୍ଲଂଘନକୁ ନିନ୍ଦା କରିବା ପାଇଁ ଏହି ରାଲିର ଆୟୋଜନ କରାଯାଇଛି ବୋଲି ବିକ୍ଷୋଭ ଆୟୋଜକ ଅବୁ କନ୍ୟାନ୍ କହିଛନ୍ତି। ତେହେରାନ୍‌ରେ ବିକ୍ଷୋଭକାରୀମାନେ ଇରାନୀ, ପାଲେଷ୍ଟିନୀୟ, ଲେବାନନ୍‌ର ହେଜ୍‌ବୋଲ୍ଲା ପତାକା ଉଡ଼ାଇଥିଲେ। ସେମାନେ ଧରିଥିବା ବ୍ୟାନରଗୁଡ଼ିକରେ ଲେଖାଥିଲା, 'ଡାଉନ୍ ୱିଥ୍ ଆମେରିକା' ଏବଂ 'ଡାଉନ୍ ୱିଥ୍ ଇସ୍ରାଏଲ'। ଇରାନ୍‌ର ଅନ୍ୟ ସହରଗୁଡ଼ିକରେ ମଧ୍ୟ ବିକ୍ଷୋଭକାରୀମାନେ ଆମେରିକା ଓ ଇସ୍ରାଏଲର ଜାତୀୟ ପତାକାକୁ ପୋଡ଼ିଥିଲେ। ବାହାରିନ୍‌ର ଦିରାଜ ମସ୍‌ଜିଦ ଆଗରେ ନମାଜ ପାଠ ପୂର୍ବରୁ ଅନେକ ହଜାର ମୁସଲମାନ ସ୍ଲୋଗାନ ଦେଇଥିଲେ, 'ଡେଥ୍ ଟୁ ଇସ୍ରାଏଲ' ଏବଂ 'ଡେଟ୍ ଟୁ ଆମେରିକା'। ସାଉଦି ରାଜଧାନୀ ରିୟାଧରେ ବିକ୍ଷୋଭକୁ ନିଷିଦ୍ଧ କରାଯାଇଥିବାବେଳେ କେତେଜଣ ଲୋକ ଏହାକୁ ଅବଜ୍ଞା କରିଛନ୍ତି। ଆଇନ ଅମାନ୍ୟକାରୀ ଜଣେ ପୂଜକଙ୍କୁ ପୋଲିସ ଗିରଫ କରି ନେଉଥିବାବେଳେ ସେ କହୁଥିଲେ, 'ସ୍ପିକ୍ ଆବାଉଟ୍ ପାଲେଷ୍ଟାଇନ୍'!



ମାଲେସିଆର କୁଆଲାଲମ୍ପୁରରେ ଇସ୍ରାଏଲ ବିରୋଧୀ ବିକ୍ଷୋଭ ବେଳେ ମହିଳାମାନେ ସ୍ଲୋଗାନ ଦେଉଛନ୍ତି।

## ହମାସ୍‌ର ଗୁପ୍ତ ସୁଡ଼ଙ୍ଗ ଇସ୍ରାଏଲ ସେନା ପାଇଁ ବଡ଼ ଚ୍ୟାଲେଞ୍ଜ

ଇସ୍ରାଏଲ୍ ସ୍ଥଳସେନା ଜୋର୍‌ଦାର ଆକ୍ରମଣ କରି ଗାଜା ଷ୍ଟ୍ରିପ୍‌କୁ ଦଖଲ ପାଇଁ ପ୍ରସ୍ତୁତି ଚଳାଇଛି। ତେବେ ସେଠାରେ ହମାସ ଆତଙ୍କବାଦୀଙ୍କ ଗୁପ୍ତ ସୁଡ଼ଙ୍ଗ ଇସ୍ରାଏଲ୍ ସୈନ୍ୟଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ସ୍ଥଳଭାଗରେ ଆକ୍ରମଣ କଲେ ଇସ୍ରାଏଲ୍‌କୁ ମହଙ୍ଗା ପଡ଼ିପାରେ ବୋଲି ବହୁ ବିଶେଷଜ୍ଞ ସତର୍କ କରାଇଛନ୍ତି। ଗାଜା ଷ୍ଟ୍ରିପ୍‌ରେ ଅନେକ ଦୀର୍ଘ ଗୁପ୍ତ ସୁଡ଼ଙ୍ଗ ନେଟ୍‌ୱର୍କ ରହିଛି। ଉକ୍ତ ଟନେଲ ନେଟ୍‌ୱର୍କ ଉପରେ ଆକ୍ରମଣ କରାଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ମୁଖପାତ୍ର କହିଛନ୍ତି। ତେବେ ଏହା ସହଜ ନୁହେଁ। ୨୦୨୧ରେ ହମାସର ୧୦୦ କିଲୋମିଟରରୁ ଅଧିକ ଟନେଲ ନେଟ୍‌ୱର୍କକୁ ଧ୍ୱଂସ କରାଯାଇଥିବା ଇସ୍ରାଏଲ ଡିଫେନ୍ସ ଫୋର୍ସ ଦାବି କରିଥିଲା। ତେବେ ସେଠାରେ ୫୦୦ କିଲୋମିଟର ଟନେଲ ନେଟ୍‌ୱର୍କ ରହିଥିବାବେଳେ ମାତ୍ର ୫ ପ୍ରତିଶତ ନଷ୍ଟ ହୋଇଥିବା ହମାସ ନେତା ୟାହୟା ସିନୱର କହିଥିଲେ। ଦିଲ୍ଲୀର ଆୟତନ ଗାଜାର ୪ ଗୁଣ ହୋଇଥିବାବେଳେ ମୋଟ ମେଟ୍ରୋ ନେଟ୍‌ୱର୍କ ୩୯୨ କିଲୋମିଟର ରହିଛି। ଏଥିରୁ ଗାଜାରେ ସୁଡଙ୍ଗ ନେଟ୍‌ୱର୍କ କେତେ ଅଧିକ ତାହା ସହଜେ ଅନୁମେୟ।



## ମଣିପୁର ଛାତ୍ରୀଛାତ୍ର ହତ୍ୟା: ୫ମ ଅଭିଯୁକ୍ତଙ୍କୁ ଗିରଫକଲା ସିବିଆଇ

**ପୁଣେ,୧୩।୧୦:** ହିଂସାକାଣ୍ଡ ଲାଗି ରହିଥିବା ମଣିପୁରରେ ମେଇତି ସମ୍ପ୍ରଦାୟର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଅପହରଣ କରିନେଇ ହତ୍ୟା କରିବା ଅଭିଯୋଗରେ ସିବିଆଇ ମହାରାଷ୍ଟ୍ରର ପୁଣେରୁ ୫ମ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ଅକ୍ଟୋବର ୧ରେ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ଜୁଲାଇ ୬ରୁ ୨ ମେଇତି ଛାତ୍ରୀଛାତ୍ର ନିଖୋଜ ଥିବାବେଳେ ପରେ ସେମାନଙ୍କ ମୃତଦେହ ମିଳିଥିଲା। ୨୨ ବର୍ଷୀୟ ବାଓଲୁନ୍ ମାଙ୍ଗ୍‌ଙ୍କୁ ଗିରଫ କରାଯାଇ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇଦେଇଛନ୍ତି। ଛାତ୍ରୀଛାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାରେ ମାଙ୍ଗଙ୍କର ପ୍ରମୁଖ ଭୂମିକା ଥିଲା ସିବିଆଇ ଅଧିକାରୀମାନେ ତାଙ୍କୁ ଜେରା କରୁଛନ୍ତି।

## ଜି୨୦ ବାଚସ୍ପତି ସମ୍ମିଳନୀ ଉଦ୍‌ଘାଟିତ

### ଶାନ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୧୩।୧୦:** ଜି୨୦ ରାଷ୍ଟ୍ର ଗୋଷ୍ଠୀର ସଂସଦୀୟ ବାଚସ୍ପତିମାନଙ୍କ ସମିଟ୍ (ପି୨୦)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀର ଯଶୋଭୂମିଠାରେ ଉଦ୍‌ଘାଟନ କରିଛନ୍ତି। ଇସ୍ରାଏଲ୍-ହମାସ ଯୁଦ୍ଧ ପରିପ୍ରେକ୍ଷୀରେ ଶାନ୍ତି ଓ ଭ୍ରାତୃଭାବ ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସମସ୍ତ ପ୍ରକାର ଆତଙ୍କବାଦ ହେଉଛି ମାନବୀୟତାର ବିରୋଧୀ। ଏବେ ଶାନ୍ତି ଓ ଭ୍ରାତୃଭାବର ସମୟ ଆସିଛି, ଯାହାଦ୍ୱାରା ସମସ୍ତେ ଏକାଠି ଚାଲି ଆଗକୁ ବଢ଼ିପାରିବେ। ନବମ ପି୨୦ ସମିଟ୍‌ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହାକୁ ସଂସଦୀୟ ପରମ୍ପରାର ମହାକୁମ୍ଭ ବୋଲି କହିଥିଲେ। ବିଶ୍ୱର ବିଭିନ୍ନ ଭାଗରେ ଘଟୁଥିବା ଘଟଣା ସହ ପ୍ରତ୍ୟେକ ସଚେତନ ଅଛନ୍ତି। ସାରା ବିଶ୍ୱ ଏବେ ସଂଘର୍ଷ ଓ ମୁହାଁମୁହିଁ ସ୍ଥିତିର ସମ୍ମୁଖୀନ। ବିବାଦ ଏବଂ ସଂଘର୍ଷ କାହା ପାଇଁ ଭଲ ନୁହେଁ। ବିଭାଜିତ ବିଶ୍ୱ ମାନବବାଦ ସମ୍ମୁଖୀନ ହେଉଥିବା ବୃହତ୍ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆତଙ୍କବାଦର ମୁକାବିଲା ପାଇଁ କଠୋର ଆଭିମୁଖ୍ୟ ନେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ଅପରେଶନ ଅଜୟ: ଫେରିଲେ ୨୧୨ ଭାରତୀୟ

**ନୂଆଦିଲ୍ଲୀ,୧୩।୧୦**

ଯୁଦ୍ଧ ପ୍ରଭାବିତ ଇସ୍ରାଏଲ୍‌ରୁ ପ୍ରଥମ ପର୍ଯ୍ୟାୟରେ ୨୧୨ ଭାରତୀୟ ଫେରିଛନ୍ତି। ସେମାନଙ୍କୁ ଆଣି ଆସିଥିବା ଚାର୍ଟାର୍ଡ ବିମାନ ଶୁକ୍ରବାର ଭୋର ସମୟରେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର ଅଛନ୍ତି। ହମାସ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଇସ୍ରାଏଲ୍‌ରେ ଫସିରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଅପରେଶନ ଅଜୟ ଆରମ୍ଭ ହୋଇଛି। ବିମାନବନ୍ଦରରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ରହି ଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ୨୦୧୯ରୁ କେନ୍ଦ୍ରୀୟ



ଇସ୍ରାଏଲ୍‌ରେ ରହୁଥିବା ଗବେଷକ ଶାଶ୍ୱତ ସିଂ ତାଙ୍କ ସ୍ତ୍ରୀଙ୍କ ସହ ଦିଲ୍ଲୀ ଫେରିଛନ୍ତି। ଆକାଶମାର୍ଗରୁ ଆକ୍ରମଣ ସାଇରନ ସହ ତାଙ୍କ ନିଦ ଭାଙ୍ଗୁଥିଲା। ସେଠାରେ କୃଷି ଉପରେ ପୋଷ୍ଟ ଡକ୍ଟରେଟ୍ କରୁଥିବା ସିଂ ଭାରତର ଅପରେଶନ ଅଜୟ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇସ୍ରାଏଲ୍‌ରେ ଥିବା ଭାରତୀୟ ଦୂତାବାସକୁ ଧନ୍ୟବାଦ ଜଣାଇଛନ୍ତି। ଇସ୍ରାଏଲ୍‌ରେ ୧୮,୦୦୦ ଭାରତୀୟ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଗୁରୁବାର କହିଥିଲେ।

## ୬୦ ହମାସ୍ ଆତଙ୍କବାଦୀ ନିହତ

### ୨୫୦ ପଣବନ୍ଦୀଙ୍କୁ ଉଦ୍ଧାର କଲା ଇସ୍ରାଏଲ୍ ସେନା

**ଜେରୁଜେଲମ୍,୧୩।୧୦**

ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଶୁକ୍ରବାର ଏକ ଦୁଃସାହସିକ ଅଭିଯାନକ୍ରମେ ୬୦ ହମାସ ଆତଙ୍କବାଦୀଙ୍କୁ ହତ୍ୟାକରି ସେମାନଙ୍କ କବଳରୁ ୨୫୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ମୁକ୍ତ କରିଛି। ଆଇଡିଏଫ୍‌ର ଫ୍ଲୋଟିଲା-୧୩ ୟୁନିଟ୍ ସୁଫା ଆଉଟପୋଷ୍ଟ ଉପରେ ଚଢ଼ାଉ କରି ୬୦ରୁ ଅଧିକ ହମାସ୍ ଆତଙ୍କୀଙ୍କୁ ହତ୍ୟା କରିଥିଲା। ହମାସ୍ ସଦର୍ନ ନାଭାଲ ଡିଭିଜନର ଉପ କମାଣ୍ଡର ମହମ୍ମଦ ଅବୁ ଆଲିଙ୍କ ସମେତ ୨୬ ଆତଙ୍କବାଦୀଙ୍କୁ ଇସ୍ରାଏଲୀ ସେନା ବନ୍ଦୀ କରିଛି।

## ଇସ୍ରାଏଲୀଙ୍କ ସୁରକ୍ଷା ଚିନ୍ତା: ଦିଲ୍ଲୀ, ମହାରାଷ୍ଟ୍ର, ଗୋଆରେ ହାଇ ଆଲର୍ଟ

**ନୂଆଦିଲ୍ଲୀ,୧୩।୧୦**

ଇସ୍ରାଏଲ୍ ଏବଂ ହମାସ୍ ଆତଙ୍କବାଦୀ ସଂଗଠନ ମଧ୍ୟରେ ଯୁଦ୍ଧ ଲାଗିଥିବାବେଳେ ଭାରତରେ ଅସାମାଜିକ କାର୍ଯ୍ୟକଳାପ ସମ୍ଭାବନା ନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ସତର୍କ କରାଇବା ପରେ ଦିଲ୍ଲୀ, ମହାରାଷ୍ଟ୍ର, ଗୋଆ ସମେତ ବିଭିନ୍ନ ସ୍ଥାନରେ ଶୁକ୍ରବାର ହାଇ ଆଲର୍ଟ ଜାରି ହୋଇଛି। ଶୁକ୍ରବାର ନମାଜ ପାଠ ବେଳେ ସତର୍କତା ସ୍ୱରୂପ ଜାତୀୟ ରାଜଧାନୀର ରାସ୍ତାଗୁଡ଼ିକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହା ବ୍ୟତୀତ ଇସ୍ରାଏଲୀ ଦୂତାବାସ ଏବଂ ଇହୁଦୀ ଧର୍ମ ପ୍ରତିଷ୍ଠାନ ଆଦି ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଥିଲା। ଇସ୍ରାଏଲୀ କୂଟନୀତିଜ୍ଞ, କର୍ମଚାରୀ ଓ ପର୍ଯ୍ୟଟକମାନଙ୍କୁ ସୁରକ୍ଷା ନିଶ୍ଚିତ କରିବା ଲାଗି ମହାରାଷ୍ଟ୍ର, ହିମାଚଳପ୍ରଦେଶ ଏବଂ ଗୋଆ ସରକାର ନିର୍ଦ୍ଦେଶ ଦେଇଛନ୍ତି।

## ସୁପ୍ରିମକୋର୍ଟଙ୍କୁ ଅବଜ୍ଞା କରିପାରିବେ ନାହିଁ ବାଚସ୍ପତି

### ଶିବସେନା ବିବାଦ

**ନୂଆଦିଲ୍ଲୀ,୧୩।୧୦**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ତାଙ୍କ ସମର୍ଥକ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଆବେଦନ ଉପରେ ବିଧାନସଭା ବାଚସ୍ପତି ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ବାଚସ୍ପତି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଉକ୍ତ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବାର ସମୟସୀମା କୋର୍ଟଙ୍କୁ ଜଣାଇବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ ଉପରେ ନିଷ୍ପତ୍ତି ନେବାକୁ ହେବ, ନଚେତ୍ ସମୁଦାୟ ପ୍ରକ୍ରିୟା ନିଷ୍ଫଳ ହେବ ବୋଲି ସିଜେଆଇ କହିଛନ୍ତି। ବାଚସ୍ପତିଙ୍କ ସମୟସୀମାରେ ଅଦାଲତ ସନ୍ତୁଷ୍ଟ ନ ହେଲେ ୨ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେବେ। ଶିନ୍ଦେ ଓ ତାଙ୍କ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ଗତମାସ ୧୮ରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଟିଶନର ପରବର୍ତ୍ତୀ ଶୁଣାଣି ସୋମବାର କିମ୍ବା ମଙ୍ଗଳବାର ଅନୁଷ୍ଠିତ ହେବ।

## ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ କହିଲେ

# ନିଜ ବୈଜ୍ଞାନିକ ମତବାଦ ପ୍ରଚାର କର

### ଡାରୱିନ୍ ସିଦ୍ଧାନ୍ତ, ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୩।୧୦**

ବ୍ରିଟେନ୍‌ର ପ୍ରକୃତି ବିଜ୍ଞାନୀ ଚାର୍ଲ୍ସ ଡାରୱିନ୍‌ଙ୍କ ଇଭୋଲ୍ୟୁଶନ୍ ଥିଓରି (ବିବର୍ତ୍ତନବାଦ) ଅନୁସାରେ ସମସ୍ତ ଜୀବନ୍ତ ପ୍ରାଣୀଙ୍କ ବିବର୍ତ୍ତନ ଏକ ପ୍ରାକୃତିକ ଚୟନ ଜରିଆରେ ହୋଇଥାଏ। ସେହିପରି ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ '$E = mc^2$' ସମୀକରଣ ଜରିଆରେ ଦ୍ରବ୍ୟମାନ ଓ ଶକ୍ତିର ସମାନତା ପ୍ରତିପାଦିତ କରିଛନ୍ତି। ଡାରୱିନ୍‌ଙ୍କ ବିବର୍ତ୍ତନ ସିଦ୍ଧାନ୍ତ ଓ ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ସୁଧାଂଶୁ ଧୂଲିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଡାରୱିନ୍‌ଙ୍କ ବିବର୍ତ୍ତନ ସିଦ୍ଧାନ୍ତ ଏବଂ ଆଇନ୍‌ଷ୍ଟାଇନଙ୍କ ସମୀକରଣକୁ ଆବେଦନକାରୀ ଭୁଲ୍ ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଏକ ମଞ୍ଚ ଲୋଡ଼ୁଛନ୍ତି। ଯଦି ତାଙ୍କର କିଛି ସ୍ୱତନ୍ତ୍ର ଧାରଣା ଅଛି, ତେବେ ସେ ନିଜ ମତବାଦର ପ୍ରଚାରପ୍ରସାର କରିପାରନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨ ଅଧୀନରେ ଏକ ରିଟ୍ ପିଟିଶନ ଦାଖଲ କରି ବୈଜ୍ଞାନିକ ମତବାଦଗୁଡ଼ିକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ଏହି ଅନୁଚ୍ଛେଦ କେବଳ ମୌଳିକ ଅଧିକାର ସମ୍ପର୍କରେ କହିଥାଏ।



କୋର୍ଟରୁମ୍‌କୁ ଗୈରିକ ପୋଷାକ ପରିଧାନ କରି ଆସିଥିବା ରାଜକୁମାର ଏହି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଛନ୍ତି। ପୂର୍ବରୁ ବିଜ୍ଞାନ ଛାତ୍ର ଥିବା ରାଜକୁମାର ଏଥିରେ ଉଲ୍ଲେଖ କରିଛନ୍ତି, ଡାରୱିନ୍‌ଙ୍କ ସିଦ୍ଧାନ୍ତ ଓ ଆଇନ୍‌ଷ୍ଟାଇନଙ୍କ ବିଷୟରେ ସ୍କୁଲ କଲେଜରେ ପଢ଼ିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଗବେଷଣା କରି ଉଭୟଙ୍କ ମତବାଦ ଭୁଲ୍ ବୋଲି ଜାଣିବାକୁ ପାଇଛନ୍ତି। ତାଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ କହିଥିଲେ, ଆପଣ ନିଜ ଥିଓରିକୁ ଅଧିକ ବିକଶିତ କରି ତା'ର ପ୍ରଚାରପ୍ରସାର କରିପାରନ୍ତି। ଏହା ଉପରେ ସୁପ୍ରିମକୋର୍ଟ କ'ଣ କରିବେ? ୨ ବୈଜ୍ଞାନିକଙ୍କ ସିଦ୍ଧାନ୍ତ ଯୋଗୁ ଅନୁଚ୍ଛେଦ ୩୨ରେ ପ୍ରଦତ୍ତ ଆପଣଙ୍କର କେଉଁ ମୌଳିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ସୁପ୍ରିମକୋର୍ଟ ରାଜକୁମାରଙ୍କୁ ପ୍ରଶ୍ନ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ | Bhubaneswar, Saturday, October 14/2023 | ପୃଷ୍ଠା-୧

# ଅଲିମ୍ପିକ୍ସରେ ସାମିଲ ହେବ ଟି୨୦ କ୍ରିକେଟ

**ମୁମ୍ବାଇ, ୧୩।୧୦ (ପି.ଟି.)**

ଅଲିମ୍ପିକ୍ସ ୨୦୨୮ରେ କ୍ରିକେଟ ସାମିଲ ହେବାକୁ ଯାଉଛି। ଲସଆଞ୍ଜେଲ୍ସ ଗେମ୍ସ ଆୟୋଜକଙ୍କର ଏ ସମ୍ପର୍କିତ ପ୍ରସ୍ତାବ ଶୁକ୍ରବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଦ୍ୱାରା ଅନୁମୋଦନ ଲାଭ କରିଛି। କ୍ରିକେଟ ଟି୨୦ ଫର୍ମାଟରେ ଖେଳାଯିବ। ଅନ୍ୟ ୪ଟି ଖେଳ ମଧ୍ୟ ଏଥିରେ ସ୍ଥାନ ପାଇବ। ସେଗୁଡ଼ିକ ହେଲା ବେସ୍‌ବଲ୍-ସଫ୍ଟବଲ, ଫ୍ଲାଗ୍ ଫୁଟ୍‌ବଲ, ଲାକ୍ରୋସେ (ସିକ୍ସେସ) ଏବଂ ସ୍କାଶ। ଏହା ମଧ୍ୟ ଥୋମାସ ବ୍ୟାକ୍‌ଙ୍କ ଅଧ୍ୟକ୍ଷତାରେ ଆଇଓସିର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଗୃହୀତ ହୋଇଯାଇଛି। ଏଠାରେ ରବିବାର ଆରମ୍ଭ ହେବାକୁଥିବା ଆଇଓସି ସେସନରେ ଏହି ପ୍ରସ୍ତାବଗୁଡ଼ିକ ନେଇ ଭୋଟ ଗ୍ରହଣ ହେବ। କ୍ରିକେଟ ସପକ୍ଷରେ ଯଦି ଅଧିକ ସମର୍ଥନ ମିଳେ ତେବେ ୧୯୦୦ ପରେ କ୍ରିକେଟ ଅଲିମ୍ପିକ୍ସରେ ସ୍ଥାନ ପାଇବ। ଏହି ଅତିରିକ୍ତ କ୍ରୀଡ଼ାଗୁଡ଼ିକ ☞ପୃଷ୍ଠା-୨

# ଆଜି ପାକିସ୍ତାନକୁ ଭେଟିବ ଭାରତ

**ଅହମଦାବାଦ,୧୩।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩ରେ ଭାରତ-ପାକିସ୍ତାନ ମ୍ୟାଚ୍ ଅହମଦାବାଦର




ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଶନିବାର ଖେଳାଯିବ। ଭାରତରେ ଖେଳାଯାଉଥିବା ଏହି ବିଶ୍ୱକପ୍‌ରେ ଘରୋଇ ଦଳ ଫେଭରିଟ୍ ରହିବ। ୭ ବର୍ଷ ପରେ ପାକିସ୍ତାନ ଦଳ ଭାରତକୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଆସିଛି। ଅନ୍ୟପକ୍ଷରେ ରେକର୍ଡକୁ ଦେଖିଲେ ଭାରତୀୟ ଦଳକୁ ଫେଭରିଟ୍ ବୋଲି ବିବେଚନା କରାଯିବ। ☞ପୃଷ୍ଠା-୨

# ଡାଟା ଚୋରି ଯୋଗୁ ପିଲା ହଇରାଣ

**ବ୍ୟକ୍ତିଗତ ତଥ୍ୟ(ଡାଟା) ଚୋରି ସମ୍ପ୍ରତି ଲୋକଙ୍କୁ ବହୁଳମାତ୍ରାରେ ପ୍ରଭାବିତ କରୁଛି। ଲୋକଙ୍କ ଫୋନନମ୍ବର, ଠିକଣା, ଆଧାର ଆଦି ତଥ୍ୟକୁ ନେଇ ବଡ଼ ବଡ଼ ଠକେଇ ସମେତ ଅନେକ ଅପରାଧ ସଙ୍ଗଠିତ ହେଉଛି, ଯାହାର ଏକ ସଦ୍ୟ ଦୃଷ୍ଟାନ୍ତ ବଲାଙ୍ଗୀର ଜିଲାରେ ଦେଖିବାକୁ ମିଳିଛି। ସରକାରୀ ମେଡିକାଲ କଲେଜରେ ନାମଲେଖା ନାଁରେ ଜଣେ ଛାତ୍ରୀଙ୍କ ବାପାଙ୍କଠାରୁ ୧୬ ଲକ୍ଷ ଟଙ୍କା ଠକି ନେଇଛନ୍ତି ଦୁର୍ବୃତ୍ତମାନେ। ଛାତ୍ରୀଙ୍କ ଡାଟା ଚୋରି ଯୋଗୁ ଏହା ସମ୍ଭବ ହୋଇପାରିଛି। କାରଣ ସେ ସରକାରୀ ମେଡିକାଲ କଲେଜରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍)ରେ ଯୋଗ୍ୟ ର୍ୟାଙ୍କ ପାଇ ନ ଥିଲେ। ସରକାରୀ ବ୍ୟବସ୍ଥାରେ ଏହି ପରୀକ୍ଷା ହେଉଥିବାବେଳେ ଛାତ୍ରୀଜଣକ ଆବଶ୍ୟକ ର୍ୟାଙ୍କ ପାଇ ନ ଥିବା ତଥ୍ୟ ହାସଲ କରିନେଇଥିଲେ ଠକେଇ ସଂସ୍ଥା। ଫଳରେ ଛାତ୍ରୀଙ୍କ ବାପା ଠକେଇ ସଂସ୍ଥା ଷଡ଼ଯନ୍ତ୍ରର ଶିକାର ହୋଇ ବିପୁଳ ଟଙ୍କା ହରାଇଛନ୍ତି। ଏହାସହ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷା ଦେବାରେ ସରକାରୀ ବ୍ୟବସ୍ଥା ବିଫଳ ହୋଇଥିବା ପ୍ରମାଣିତ ହେଉଛି। ଡାଟା ଚୋରି ମାଧ୍ୟମରେ ଏଭଳି ଠକେଇ ଏହି ଘଟଣାରେ ସୀମିତ ନାହିଁ, ପ୍ରତିଦିନ ବହୁସଂଖ୍ୟକ ଛାତ୍ରୀଛାତ୍ର, ନିଯୁକ୍ତି ଆଶାୟୀ ଯୁବତୀଯୁବକ, ବ୍ୟବସାୟୀ, ଅବସରପ୍ରାପ୍ତ କର୍ମଚାରୀଙ୍କ ସମେତ ସାଧାରଣ ନାଗରିକ ଆର୍ଥିକ ଠକେଇ ଏବଂ ଅନ୍ୟ ଅପରାଧର ଶିକାର ହେଉଛନ୍ତି।**

## ସରକାରୀ ମେଡିକାଲ କଲେଜ ନାମଲେଖା ନାଁରେ ଠକେଇ

- ଯୋଗ୍ୟ ନିଟ୍ ର୍ୟାଙ୍କ୍ ନ ଥିବା ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ
- ଝିଅର ନାମଲେଖା ପାଇଁ ବାପାଙ୍କଠାରୁ ଠକିନେଲେ ୧୬ ଲକ୍ଷ
- ୩ ଗିରଫ, ୧.୯ ଲକ୍ଷ ଟଙ୍କା ଜବତ
- ଭୁବନେଶ୍ୱର ବରମୁଣ୍ଡାସ୍ଥିତ କଳିଙ୍ଗ ଏକାଡେମୀ ସିଲ୍
- ଖୋଲାଯାଇଥିଲା ଜାଲ୍ ଅଫିସ, ୱେବ୍‌ସାଇଟ୍

**ବଲାଙ୍ଗୀର, ୧୩।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର)**

ସରକାରୀ ମେଡିକାଲ କଲେଜରେ ଆଡ୍‌ମିଶନ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ର୍ୟାକେଟକୁ ବଲାଙ୍ଗୀର ସାଇବର ପୋଲିସ ଟିମ୍ ପର୍ଦ୍ଦାଫାଶ କରିଛି। ଭୁବନେଶ୍ୱରରେ ରହି ଏହି ର୍ୟାକେଟ ରାଜ୍ୟବ୍ୟାପୀ ଠକାଇରେ ସକ୍ରିୟ ରହିଥିଲା। ଯୋଗ୍ୟ ନିଟ୍ ର୍ୟାଙ୍କ୍ ନ ଥିବା ଛାତ୍ରୀଛାତ୍ରଙ୍କୁ ଏହି ଠକ ଦଳ ଟାର୍ଗେଟ କରୁଥିଲା। ର୍ୟାକେଟର ୩ଜଣ ଅଭିଯୁକ୍ତଙ୍କୁ ବଲାଙ୍ଗୀର ସାଇବର ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ମା' ମଙ୍ଗଳା ସାହିର ବ୍ୟାସଦେବ ମହାନ୍ତି (୨୮), ଫୁଲବାଣୀ କେନ୍ଦୁପଡାର ଅବିନାଶ ଓରଫ୍ କାହ୍ନା ପୁରୋହିତ (୩୩) ଏବଂ ଭୁବନେଶ୍ୱର ଝାରପଡ଼ା ନିବାସୀ ତଥା ନୟାଗଡ଼ ଜିଲା ଓଡ଼ଗାଁର ମୂଳ ବାସିନ୍ଦା ମାନସ ପରିଡ଼ା (୩୧)। ସେମାନଙ୍କଠାରୁ ୧ ଲକ୍ଷ ୯୦ ହଜାର ଟଙ୍କା, ୫ଟି ମୋବାଇଲ ଫୋନ୍, ୬ଟି ଡେବିଟ୍ କାର୍ଡ, ୪ଟି ସିମ୍ କାର୍ଡ, ଅଫିସ ଆସବାବପତ୍ର, ଡାଏରି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟ ବାଜ୍ୟାପ୍ତ କରାଯାଇଥିବା ବଲାଙ୍ଗୀର ଏସ୍‌ପି ଋଷିକେଶ ☞ପୃଷ୍ଠା-୨




# ତିନି ଯୁବକଙ୍କୁ ଗୋଡ଼ାଇ ହାଣିଲେ

## ପ୍ରେମ ବ୍ୟାପାରକୁ ନେଇ ଗଣ୍ଡଗୋଳ

**ଭୁବନେଶ୍ୱର,୧୩।୧୦**
**(ସତ୍ୟଜିତ୍ ରାଉତ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ଗଙ୍ଗନଗର ଛକରେ ୩ଜଣ ଯୁବକଙ୍କୁ ଶୁକ୍ରବାର ରାତି ପ୍ରାୟ ୯ଟା ୩୦ରେ କେତେଜଣ ଦୁର୍ବୃତ୍ତ କଟୁରିରେ ଗୋଡ଼ାଇ ହାଣିଛନ୍ତି। ଏହି ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ୨ଜଣ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ବି. ଆଙ୍କେସ୍। ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ରକ୍ତସ୍ରାବ ହେଉଥିବା ବେଳେ ସେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ଆହତ କେ. ଆଙ୍କେସ୍ ଓ କେ. ଶଙ୍କର ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ପ୍ରଥମେ ଗଣ୍ଡଗୋଳ ପରେ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି। ☞ପୃଷ୍ଠା-୨

**ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବେ ଭଉଣୀଭାଇ**
୨

**ଆଜିର ସମ୍ପାଦକୀୟ**

ଭାଜପାରେ ଅମଲାତନ୍ତ୍ରୀ

**ଆଜିର ମନ୍ତବ୍ୟ**

“ବିଶ୍ୱର ଯେକୌଣସି ସ୍ଥାନରେ କୌଣସି ରୂପରେ ହେଲେ ବି ଆତଙ୍କବାଦ ମାନବଜାତିର ବିରୋଧୀ। ସଂଘର୍ଷରୁ କୌଣସି ପକ୍ଷକୁ ଲାଭ ମିଳି ନ ଥାଏ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକିରେ ଭାଜିଲି ଚଣା,**
**ଗୁଡ଼ ଗୋଳିଦେଲି ପଣା,**
**କିଏ ସିଙ୍ଗିଟାଳି କିଏ ମଗର,**
**ଏଇଠାରେ ଯିବ ଜଣା।**

ପରୀକ୍ଷା ନିରୀକ୍ଷା କରି ସତ୍ୟାସତ୍ୟ ଜାଣିବା ବା ବାହାର କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଅସଲି ଏବଂ ନକଲି ତଥା ସାଧୁ ଓ ଠକଙ୍କୁ ପରୀକ୍ଷା କରିବାର କାଇଦା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଠକ ସୁନାରି, ଗଉଡ଼ ମିତ**
**ଠକ ନ ଦେଖିଲେ ବଣିଆ ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରିନେବା ପରି ଗଉଡ଼ ମଧ କ୍ଷୀରରେ ପାଣି ମିଶାଇ ଗ୍ରାହକଙ୍କୁ ଠକିଥାନ୍ତି। ତେଣୁ ସୁନାରି ଓ ଗଉଡ଼ ଦୁହେଁ ସମାନ ସ୍ତରର ବା ସ୍ୱଭାବର ବ୍ୟକ୍ତି ଅଟନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ୨୦ରୁ ପୂଜା ଛୁଟି

**ଭୁବନେଶ୍ୱର, ୧୩।୧୦ (ଅସମାପିକା ସାହୁ)**

ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା ପାଇଁ ରାଜ୍ୟରେ ଆସନ୍ତା ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ରହିବ। ପୂଜା ଛୁଟି ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ୧୪ ତାରିଖ ଶନିବାର ମହାଳୟା ପାଇଁ ମଧ୍ୟ ସ୍କୁଲ ବନ୍ଦ ରହିବ। ପୂର୍ବରୁ ରାଜ୍ୟ ସରକାରଙ୍କ ବାର୍ଷିକ ଛୁଟି ତାଲିକାରେ ମହାଳୟା ଛୁଟି ଦିଆଯାଇ ନ ଥିଲା। ଫଳରେ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମହାଳୟା ଦିନ ସ୍କୁଲ ଛୁଟି ଦେବା ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଥିଲା। ମହାଳୟା ଏକ ପବିତ୍ର ଦିନ ଏବଂ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଦ୍ୱିତୀୟ ଶନିବାର ଏହା ପଡ଼ିଥିବାରୁ ସରକାରୀ କର୍ମଚାରୀଙ୍କ ଛୁଟି ରହିବ। ତେଣୁ ସେମାନଙ୍କ ପାଇଁ କୌଣସି ଅସୁବିଧା ହେବ ନାହିଁ। କିନ୍ତୁ ଶିକ୍ଷକମାନଙ୍କର ଛୁଟି ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ମହାଳୟା ଦିନ ସ୍କୁଲ ଛୁଟି କରିବା ପାଇଁ ଓଷ୍ଟା ଅନୁରୋଧ କରିଥିଲା।

# ଖୋଲିବା ପୂର୍ବରୁ ଶିମିଳିପାଳ ପ୍ରବେଶ ପଥ ଅବରୋଧ

**୫ ଦଫା ଦାବି ନେଇ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ**

**ବାରିପଦା, ୧୩।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଆକ୍ଟୋବର ୧୪ରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ଲାଗି ଖୋଲିବ ବୋଲି ବନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଖୋଲିବା ପୂର୍ବରୁ ପ୍ରବେଶ ପଥ ଅବରୋଧ କରିଛନ୍ତି ସ୍ଥାନୀୟ ଜନସାଧାରଣ। ୫ଦଫା ଦାବି ନେଇ ସେମାନେ ଯଶିପୁରର କାଳିଆଣିସ୍ଥିତ ତନଖି ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରବେଶ ଫାଟକ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ଲୋକେ ଯିଦ୍‌ରେ ଅଡ଼ି ବସିଛନ୍ତି। ଅଭୟାରଣ୍ୟ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ନିମନ୍ତେ ଦୁଇଟି ପ୍ରବେଶ ପଥ ରହିଛି। ବାରିପଦା ସହର ଦେଇ ପିଠାବଟା ତନଖି ଫାଟକ ଏବଂ ଯଶିପୁରସ୍ଥିତ କାଳିଆଣି ତନଖି ଫାଟକ ଦେଇ ପର୍ଯ୍ୟଟକମାନେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥାନ୍ତି। ତେବେ ଶିମିଳିପାଳ ମଧ୍ୟରେ ରହିଥିବା ସମସ୍ୟାକୁ ନେଇ ୫ ଦଫା ଦାବିରେ ଶତାଧିକ ମହିଳା ପୁରୁଷ ଯଶିପୁରସ୍ଥିତ ତନଖି ଫାଟକ ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି। ଏହି ଆନ୍ଦୋଳନରେ ଗୁଡୁଗୁଡିଆ,ବରେହିପାଣି ଓ ଅସ୍ତକୁଅଁର ପ୍ରଭୃତି ୩ ପଞ୍ଚାୟତର ଜନସାଧାରଣ ସାମିଲ ଅଛନ୍ତି। କାଳିଆଣି ତନଖି ଫାଟକଠାରୁ ଗଡ଼ ଶିମିଳିପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଶିମିଳିପାଳ ମଧ୍ୟରେ ମୋବାଇଲ ଟାୱାର ନିର୍ମାଣ, ଶିମିଳିପାଳ ମୁଖ୍ୟ ରାସ୍ତାରେ କାଠ ପୋଲ ବଦଳରେ କଂକ୍ରିଟ ପୋଲ ନିର୍ମାଣ, ଅଭୟାରଣ୍ୟ ମଧ୍ୟରେ ଥିବା ରାଜସ୍ୱ ଗାଁଗୁଡ଼ିକରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଏବଂ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଲାଗି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ମୁଖ୍ୟ ଗେଟ ଖୋଲିବେ ନାହିଁ ଓ ପର୍ଯ୍ୟଟକମାନଙ୍କୁ ଶିମିଳିପାଳ ଭିତରକୁ ଛାଡ଼ିବେ ନାହିଁ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ତିନି ଯୁବକଙ୍କୁ ଗୋଡ଼ାଇ ...



ଗୁରୁତର ଯୁବକ ବି. ଆଙ୍କେସ୍।

ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ଯୁବକଙ୍କ ଘର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ମାଳି କଲୋନୀରେ। ତାଙ୍କ ସମ୍ପର୍କୀୟ ଜଣେ ଯୁବତୀଙ୍କୁ ଅନ୍ୟ ଜଣେ ଯୁବକ ପ୍ରେମ କରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। କେ. ଆଙ୍କେସ୍, କେ. ଶଙ୍କର ଓ ବି. ଆଙ୍କେସ୍ ଗଙ୍ଗନଗର ଛକ ନିକଟକୁ ରାତିରେ ବୁଲିବାକୁ ଯାଇଥିଲେ। ସେଠାରେ ଅନ୍ୟମାନଙ୍କ ସହ ମିଶି ଖଟି କରୁଥିବା ବେଳେ ଅପରଗୋଷ୍ଠୀର ଯୁବକମାନେ କଟୁରି ନେଇ ସେଠାରେ ପହଞ୍ଚି ପ୍ରଥମେ ଗାଳିଗୁଲଜ କରିଥିଲେ। ସେମାନଙ୍କ ମଧ୍ୟରେ ବଚସା ହେବା ପରେ ଆକ୍ରମଣକାରୀମାନେ ହଠାତ୍ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବା ପରେ ଆକ୍ରମଣକାରୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ଆକ୍ରମଣର ଶିକାର ଯୁବକଙ୍କ ସମ୍ପର୍କୀୟମାନେ ଖଣ୍ଡଗିରି ଥାନା ପରିସରରେ ରୁଣ୍ଡ ହୋଇଥିଲେ। ରାତି ପ୍ରାୟ ୧୨ଟା ୩୦ ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଥାନାରେ ଏତଲା ହୋଇ ନ ଥିବା ସୂଚନା ମିଳିଛି।

# ଯୁବପିଢ଼ିଙ୍କ ବିକାଶ ପାଇଁ ସ୍ୱାୟତ୍ତ ସଂସ୍ଥା

**'ମେରା ଯୁବା ଭାରତ' ପ୍ରତିଷ୍ଠାକୁ କ୍ୟାବିନେଟ ଅନୁମୋଦନ**

**ନୂଆଦିଲ୍ଲୀ, ୧୩।୧୦**

ଭାରତର ଯୁବତୀ ଯୁବକମାନଙ୍କ ବିକାଶ ସାଧନ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତି ପାଇଁ ମେରା ଯୁବା ଭାରତ (ମାଇଁ ଭାରତ) ପ୍ରତିଷ୍ଠା କରାଯିବ। ଏହି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ 'ମେରା ଯୁବା ଭାରତ'କୁ ଏକ ସ୍ୱୟଂଶାସିତ ସଂସ୍ଥା ରୂପେ ଗଢ଼ିତୋଳିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଯୁବ ବିକାଶ ଓ ଯୁବ ନେତୃତ୍ୱାଧୀନ ବିକାଶ ପାଇଁ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ଏକ ବ୍ୟାପକ ସକ୍ଷମ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ସବୁ ସରକାରୀ କ୍ଷେତ୍ରରେ ଯୁବପିଢ଼ିଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ଲାଗି ସମାନ ସୁବିଧା ଦେବା ଏବଂ ବିକଶିତ ଭାରତ ଗଠନ ଉଦ୍ଦେଶ୍ୟରେ ଏହି ସଂସ୍ଥା କାର୍ଯ୍ୟ କରିବ। ଏହି ବ୍ୟବସ୍ଥା ଅଧୀନରେ ସମ୍ବଳର ଉପଲବ୍ଧତା ଏବଂ ସୁଯୋଗ ସହିତ ସଂଯୋଗ ଜରିଆରେ ଯୁବତୀଯୁବକଙ୍କୁ ପରିବର୍ତ୍ତନର ସୂତ୍ରଧର ତଥା ରାଷ୍ଟ୍ର ନିର୍ମାତା ଭାବେ ପରିଣତ କରିବା ଲାଗି ପଦକ୍ଷେପ ନିଆଯିବ। ଫଳରେ ସେମାନେ ସରକାର ଏବଂ ନାଗରିକମାନଙ୍କ ମଧ୍ୟରେ ଯୁବ ସେତୁ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ।

# ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବେ ଭଉଣୀଭାଇ



ନେହା ପଟ୍ଟନାୟକ



ଲୋହିତ ପଟ୍ଟନାୟକ

**ରାୟଗଡ଼ା, ୧୩।୧୦ (ଆଶିଷ ରଞ୍ଜନ ପଣ୍ଡା)**

ପୂର୍ବରୁ ଜାତୀୟସ୍ତରରେ କ୍ରସ୍‌ବୋ ଶୁଟିଂ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଭାଇଭଉଣୀ ବର୍ତ୍ତମାନ ୧୦ତମ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବା ପାଇଁ ଚୟନ ହୋଇଛନ୍ତି । ଇଣ୍ଡିଆନ କ୍ରସ୍‌ବୋ ଶୁଟିଂ ଆସୋସିଏଶନ ପକ୍ଷରୁ ଉତ୍ତରପ୍ରଦେଶର ଆଗ୍ରା ପୋଲିସ ଲାଇନ ପରେଡ୍ ପଡ଼ିଆରେ ୨୬ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ରାୟଗଡ଼ାର ଏହି ୨ଯୁବ ପ୍ରତିଭା ଭାଗନେବା ପାଇଁ ଚୟନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଦୁଇ ଭାଇ ଭଉଣୀ ହେଉଛନ୍ତି ରାୟଗଡ଼ା ନିବାସୀ ଆନନ୍ଦ ପଟ୍ଟନାୟକଙ୍କ ଝିଅ ନେହା ପଟ୍ଟନାୟକ ଓ ଲୋହିତ ଚନ୍ଦ୍ର ପଟ୍ଟନାୟକ ।

**ପ୍ରଥମ ପୃଷ୍ଠାରୁ...**





ଗିରଫ ୩ ଅଭିଯୁକ୍ତ। ବଲାଙ୍ଗୀର ସାଇବର ଥାନା ପୋଲିସ ଜବତ କରିଥିବା ଟଙ୍କା, ମୋବାଇଲ ଫୋନ୍।

## ଡାଟା ଚୋରି ଯୋଗୁ ...

ଡି. ଖିଲାରୀ ଜିଲା ପୋଲିସ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବରଗଡ଼ ଜିଲା ପଦ୍ମପୁର ଥାନା ସୂର୍ଯ୍ୟନଗର ନିବାସୀ ବୃନ୍ଦାବନ ମେହେର ଏହି ର୍‍ୟାକେଟ ଦ୍ୱାରା ୧୬ ଲକ୍ଷ ଟଙ୍କାର ଠକାମିର ଶିକାର ହୋଇଥିବା ବଲାଙ୍ଗୀର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (୨୪/୨୩) ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ ବୃନ୍ଦାବନଙ୍କ ଝିଅ ସରକାରୀ ମେଡିକାଲ କଲେଜରେ ଆଡ୍‌ମିଶନ ପାଇଁ ଆବଶ୍ୟକ ର୍‍ୟାଙ୍କ ପାଇ ନ ଥିବାରୁ ଘରୋଇ ମେଡିକାଲ କଲେଜରେ ପଢ଼ିବାକୁ ଚାହୁଁଥିଲେ। ନିଟ୍ ରେଜଲ୍ଟର କିଛିଦିନ ପରେ ଭୁବନେଶ୍ୱର ବରମୁଣ୍ଡା ରୁଚିକା ମାର୍କେଟଠାରେ ଥିବା କଳିଙ୍ଗ ଏକାଡେମୀ ନାମକ ଏକ ସଂସ୍ଥାରୁ ବୃନ୍ଦାବନଙ୍କୁ ଯୋଗାଯୋଗ କରାଯାଇଥିଲା। ଉକ୍ତ ସଂସ୍ଥା ଜରିଆରେ ରାଜ୍ୟର ବଲାଙ୍ଗୀର, ବାରିପଦା ଏବଂ କୋରାପୁଟ ସରକାରୀ ମେଡିକାଲ କଲେଜରେ ତାଙ୍କ ଝିଅର ନାମଲେଖା ସିଧାସଳଖ ସମ୍ଭବ ହୋଇପାରିବ ବୋଲି କୁହାଯାଇଥିଲା। ଏହାପରେ ବୃନ୍ଦାବନ ଏବଂ ତାଙ୍କ ଝିଅ ଭୁବନେଶ୍ୱର କଳିଙ୍ଗ ଏକାଡେମୀକୁ ଯାଇଥିଲେ। ସେଠାରେ ୮ ଜଣ ବ୍ୟକ୍ତି ନିଜକୁ ବିଭିନ୍ନ ପଦାଧିକାରୀ ପରିଚୟ ଦେଇ ସେମାନଙ୍କୁ କଳିଙ୍ଗ ଏକାଡେମୀ ୱେବ୍‌ସାଇଟ ସହ ପୂର୍ବରୁ ତିଆରି ହୋଇଥିବା ବିଭିନ୍ନ ସରକାରୀ ମେଡିକାଲ କଲେଜର ଜାଲ୍ ୱେବ୍‌ସାଇଟ୍ ଦେଖାଇଥିଲେ। ବଲାଙ୍ଗୀର, ବାରିପଦା ଏବଂ କୋରାପୁଟ ସରକାରୀ ମେଡିକାଲ କଲେଜରେ ନାମଲେଖା ହୋଇପାରିବ ବୋଲି ସେମାନଙ୍କୁ କୁହାଯାଇଥିଲା। ବଲାଙ୍ଗୀର ପାଇଁ ୩୦ ଲକ୍ଷ ଓ ବାରିପଦା ଏବଂ କୋରାପୁଟ ମେଡିକାଲ କଲେଜ ନିମନ୍ତେ ୨୭ ଲକ୍ଷ ଟଙ୍କା ଲେଖାଏ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ବୃନ୍ଦାବନ ତାଙ୍କ ଝିଅଙ୍କ ଆଡ୍‌ମିଶନ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ କରିବେ ବୋଲି ସ୍ଥିର କରିଥିଲେ। ଦୁଇଜଣ ଠକ ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଟେଷ୍ଟ ଅଫିସର ଭାବେ ନିଜକୁ ପରିଚୟ ଦେଇ ସେମାନଙ୍କୁ ସେହି ଅଫିସକୁ ମଧ୍ୟ ନେଇଥିଲେ। ସେଠାରେ ଝିଅର ଫର୍ମ ଫିଲ୍ ଅପ୍ କରିଥିଲେ। ଝିଅର ଆଡ୍‌ମିଶନ ସରକାରୀ ମେଡିକାଲ କଲେଜରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫର୍ମ ଧରି ଜଣେ ଠକ ଓଜେଇଇ ଅଫିସ୍ ଭିତରକୁ ଯାଇଥିଲେ ଓ କିଛି ସମୟ ପରେ ଫେରିଆସି ତାଙ୍କ ଇ-ମେଲ ଚେକ୍ କରିବାକୁ କହିଥିଲେ। ଏହାପରେ ଭୀମ ଭୋଇ ମେଡିକାଲ କଲେଜ ନାଁରେ ଖୋଲାଯାଇଥିବା ଜାଲ୍ ମେଡିକାଲ ଡୋମେନ୍‌ରୁ ଇ-ମେଲ୍ ଆସିଥିଲା। ଏହାକୁ ବୃନ୍ଦାବନ ଏବଂ ତାଙ୍କ ଝିଅ ସତ ବୋଲି ଭାବି ନେଇଥିଲେ। ଏଥିପାଇଁ ଠକମାନେ ବୃନ୍ଦାବନଙ୍କଠାରୁ ୧୬ ଲକ୍ଷ ଟଙ୍କା ନେଇଥିଲେ। ନାମଲେଖା ଇ-ମେଲ୍ ଧରି ବୃନ୍ଦାବନଙ୍କ ଝିଅ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ଯିବାପରେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ଏହାପରେ ବଲାଙ୍ଗୀର ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଏସ୍‌ପି ଋଷିକେଶ ଡି. ଖିଲାରୀ ସାଇବର ଥାନା ଆଇଆଇସି ଭାରତୀ ନାଏକ, ସବ୍‌ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ଏସ୍. ବାରିକ ଏବଂ ବଲାଙ୍ଗୀର ଟାଉନ୍ ଏବଂ ସଦର ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଏହି ଟିମ୍ ଭୁବନେଶ୍ୱର ଯାଇ ବରମୁଣ୍ଡା କଳିଙ୍ଗ ଏକାଡେମୀ ସିଲ୍ କରିବା ସହ ସେଠାରୁ ୩ ଜଣଙ୍କୁ ଗିରଫ କରିଛନ୍ତି। ଏହି ର୍‍ୟାକେଟ ବରଗଡ଼ ଏବଂ କେନ୍ଦୁଝର ଜିଲାର ଅନ୍ୟ ପ୍ରାର୍ଥୀଙ୍କୁ ମଧ୍ୟ ଠକିଥିବା ଜଣାପଡିଛି।

ଛାତ୍ରୀଙ୍କ ସମ୍ପର୍କୀୟ ଜୟ ମେହେର କହିଛନ୍ତି, ଭୁବନେଶ୍ୱରରେ ଏକ ବଡ଼ଧରଣର ର୍‍ୟାକେଟ ଚାଲିଛି। ପଶ୍ଚିମ ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀର ପ୍ରାର୍ଥୀ ଏବଂ ଯେଉଁମାନଙ୍କ ଅଭିଭାବକ କମ୍ ପାଠୁଆ, ସେହିମାନଙ୍କୁ ଅଭିଯୁକ୍ତମାନେ ଟାର୍ଗେଟ କରୁଥିବା ସେ କହିଛନ୍ତି। ଭୁବନେଶ୍ୱରର ଜଣେ ଯୁକ୍ତ୨ ଛାତ୍ରୀଙ୍କ ବାପା କହିଛନ୍ତି, ସରକାରୀ ଅଫିସ୍‌ରୁ ତାଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବା ଯୋଗୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମାନସିକ ଯନ୍ତ୍ରଣା ପାଇଛନ୍ତି। ତାଙ୍କ କହିବାନୁଯାୟୀ ଯୁକ୍ତ୨ ନାମଲେଖା ପାଇଁ ରାଜ୍ୟ ସରକାର ସାମ୍ସ ଫୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥା କରିଛନ୍ତି। ଏଥିରେ ଅଭିଭାବକ ଜଣକ ତାଙ୍କ ଝିଅର ନାମଲେଖା ପାଇଁ ଆବଶ୍ୟକ ତଥ୍ୟ ଦେଇଥିଲେ। ତେବେ ନାମଲେଖା ମେରିଷ୍ଟ ଲିଷ୍ଟ ପ୍ରକାଶ ପାଇବା ପରେ ତାଙ୍କ ପାଖକୁ ପ୍ରାୟ ୧ ମାସ ଧରି ବିଭିନ୍ନ କୋଚିଂ ସେଣ୍ଟରରୁ ଘନ ଘନ ଫୋନ୍‌କଲ୍ ଆସିଥିଲା। ସେଥିରେ ସେ ବ୍ୟସ୍ତବିବ୍ରତ ହେଉଥିଲେ ମଧ୍ୟ ସେଥିରୁ ତ୍ରାହି ମିଳି ନ ଥିଲା। କୋଚିଂ ସେଣ୍ଟରଗୁଡ଼ିକ ସରକାରୀ ଅଫିସ୍‌ରୁ ଛାତ୍ରୀଛାତ୍ରଙ୍କ ଡାଟା ସଂଗ୍ରହ କରିବାରେ ସକ୍ଷମ ହୋଇଥିବାରୁ ବହୁ ଅଭିଭାବକ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

## ଆଜି ପାକିସ୍ତାନକୁ ...

ଦିନିକିଆରେ ରେକର୍ଡ ପାକିସ୍ତାନ ସପକ୍ଷରେ ରହିଥିଲେ ମଧ୍ୟ ବିଶ୍ୱକପ୍‌ରେ ଭାରତର ପଲା ଭାରି ରହିଛି। ୧୩୪ ଥର ଦିନିକିଆରେ ଖେଳିଥିବା ବେଳେ ପାକିସ୍ତାନ ୭୩ ଥର ବିଜୟୀ ହୋଇଛି ଓ ଭାରତ ୫୬ ଥର ଜିତିଛି। ଏହା ମଧ୍ୟରେ ୫ଟି ମ୍ୟାଚ ବାତିଲ ହୋଇଥିବା ବେଳେ ଘରୋଇ ମାଟିରେ ଭାରତ ୧୧ ଥର ବିଜୟୀ ହୋଇଛି। ଉଭୟ ଦଳ ବିଶ୍ୱକପ୍‌ରେ ୭ ଥର ପରସ୍ପରକୁ ଭେଟିଥିବା ବେଳେ ସମସ୍ତ ଥର ଭାରତ ବିଜୟ ମୁକୁଟ ପିନ୍ଧିଛି। ଅଷ୍ଟମ ମୁକାବିଲାରେ ମଧ୍ୟ ଭାରତ ସମାନ ସଫଳତା ଦୋହରାଇବାକୁ ପ୍ରୟାସ କରିବ। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଘରୋଇ ପରିବେଶର ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଉଭୟ ଦଳ ବିଶ୍ୱକପ୍‌ର ପ୍ରଥମ ଦୁଇ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ପାକିସ୍ତାନ ଅପେକ୍ଷା ଭାରତୀୟ ଦଳ ଅଧିକ ସନ୍ତୁଳିତ ମନେହେଉଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଭାରତୀୟ ଦଳର ପ୍ରଦର୍ଶନ ଚମତ୍କାର ରହିଥିବା ବେଳେ ଶନିବାର ମ୍ୟାଚରେ ଭାରତ ଏହାର ବିଜୟ ରେକର୍ଡ ୮-୦ରେ ପହଞ୍ଚାଇବା ନେଇ ଆଶା କରାଯାଉଛି।

## ଅଲିମ୍ପିକ୍ସରେ ସାମିଲ ...

ଲସ୍‌ଆଞ୍ଜେଲ୍ସ ଆୟୋଜକ କମିଟି ତରଫରୁ ସୁପାରିସ କରାଯାଇଥିଲା। ଅଲିମ୍ପିକ ପ୍ରୋଗ୍ରାମ୍ କମିଶନ (ଓପିସି) ଦ୍ୱାରା ସମୀକ୍ଷା ପରେ କାର୍ଯ୍ୟନିର୍ବାହୀ ବୋର୍ଡକୁ ଫରୱାର୍ଡ କରାଯାଇଥିଲା। ଲସଆଞ୍ଜେଲ୍ସ ଅଲିମ୍ପିକ୍ସରେ କମ୍ପାଉଣ୍ଡ ଆର୍ଚେରୀକୁ ସାମିଲ କରିବା ପ୍ରସ୍ତାବ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ କାଟ୍‌ଖାଇଯାଇଛି। ଭାରତୀୟ ତୀରନ୍ଦାଜ ପାଇଁ ଏହା ନୈରାଶ୍ୟଜନକ ବିଷୟ। ଲସଆଞ୍ଜେଲ୍ସ ୨୦୨୮ ଅଲିମ୍ପିକ ଗେମ୍ସ କାର୍ଯ୍ୟକ୍ରମରେ କମ୍ପାଉଣ୍ଡ ଆର୍ଚେରୀକୁ ସ୍ଥାନ ମିଳି ନ ଥିଲା। ମାତ୍ର ଏହାକୁ ସାମିଲ କରିବା ଲାଗି ଗତବର୍ଷ ଜୁନ୍‌ରେ ୱାର୍ଲ୍ଡ ଆର୍ଚେରୀ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟପକ୍ଷରେ ଆଇଓସି କାର୍ଯ୍ୟନିର୍ବାହୀ ପରିଷଦ ବକ୍ସିଂକୁ ଝୁଲା ଅବସ୍ଥାରେ ରଖିଥିବା ବେଳେ ଆଧୁନିକ ପେଣ୍ଟାଥ୍ଲନ ଓ ଭାରୋତ୍ତୋଳନକୁ ସାମିଲ କରିବା ଲାଗି ସୁପାରିସ କରିଛି। ଆଇଓସି ବକ୍ସିଂ ପାଇଁ କୌଣସି ଗଭର୍ନିଂବଡିକୁ ସ୍ୱୀକୃତି ଦେଇନାହିଁ। ଦୁଇ ଦିନିଆ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ଶୁକ୍ରବାର ଶେଷ ହୋଇଛି। ଏଥିରେ ସୁପାରିସ ହୋଇଥିବା ପ୍ରସ୍ତାବ ଗୁଡ଼ିକ ନେଇ ଅକ୍ଟୋବର ୧୫ରୁ ୧୭ ପର୍ଯ୍ୟନ୍ତ ଏଠାରେ ହେବାକୁଥିବା ଆଇଓସିର ୧୪୧ତମ ସେସନରେ ଭୋଟିଂ ହେବ। ଏହି ସେସନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶିକୁ ମଙ୍ଗଳଙ୍କ ଦୃଷ୍ଟି ହେତୁ ଆଜି କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ। ସହମତିତା କାରଣରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ବନ୍ଧୁ ଗହଣରେ ପ୍ରିୟଜନଙ୍କ ସାନ୍ନିଧ ଲାଭ କରି ଖୁସି ରହିବେ।

**ବୃଷ**
ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଗୁରୁଚାଣ୍ଡାଳ ଯୋଗ ପ୍ରଭାବରୁ ସମସ୍ୟା କମିବା ବଦଳରେ ବିଶେଷ ଭାବେ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ**
ଶୁକ୍ରଙ୍କ ସୁପ୍ରଭାବରେ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରିବାରେ ସାହାଯ୍ୟ କରିବ। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ଆତ୍ମୀୟଙ୍କ ମିଥ୍ୟାରୋପ ଅଶାନ୍ତିର ମୁଖ୍ୟ କାରଣ ହେବାର ଆଶଙ୍କା ରହିଛି।

**କର୍କଟ**
କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଚନ୍ଦ୍ର ସହ ବୁଧ ସମ୍ପର୍କଜନିତ ସଭାସମିତିରେ କାହା ସହ କାହା କଥା ମିଶିବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସି ରହିପାରନ୍ତି।

**ସିଂହ**
ଆଜି କର୍ମକ୍ଷେତ୍ରର ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ଶୁକ୍ରଙ୍କ ସ୍ଥିତିରୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ।

**କନ୍ୟା**
କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ପାରିବାରିକ କ୍ଷେତ୍ରରେ ଅର୍ଥ ଦେବା ନେବାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ବୁଧାଦିତ୍ୟ ଯୋଗରୁ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**
ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ଚୁକ୍ତିପତ୍ର ସକାଶେ ବହୁତ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଛୋଟବଡ଼ ସମସ୍ୟାର ସରଳ ସମାଧାନ କରି ଏକପ୍ରକାର ଆନନ୍ଦ ଅନୁଭବ କରିପାରନ୍ତି। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଶନିଙ୍କ ପ୍ରଭାବରେ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ।

**ବିଛା**
ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଦ୍ୱାଦଶସ୍ଥ କେତୁଯୁକ୍ତ ମଙ୍ଗଳଜନିତ ଶାରୀରିକ ସୁସ୍ଥତା ରହି ନ ପାରେ।

**ଧନୁ**
ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଶନିଙ୍କ ସ୍ଥିତି କାରଣରୁ ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ।

**ମକର**
ପରିବାରର ପରିସ୍ଥିତିକୁ ଆଖି ଅଗରେ ରଖି ଧାର କରଜ କରିବାକୁ ବାଧ ହେବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡିବେ ନାହିଁ। ପାପଯୁକ୍ତ ଗୁରୁ ହେତୁ ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ**
ଦୀର୍ଘ ଦିନର ଆଶା ପୂରଣ ହେବ ଏବଂ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ଶୁକ୍ରଙ୍କ ପ୍ରଭାବରେ ନୂତନ ଜିନିଷ କ୍ରୟ କରିବା ସକାଶେ ପାଇଁ ମନ ବଳାଇପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ହରାଇପାରନ୍ତି।

**ମୀନ**
କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସପ୍ତମସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବା ହେତୁ ବିବାଦୀୟ ସ୍ଥିତି ଦୂର ହେବ।

ଆଜି ମହାଳୟା ଅମାବାସ୍ୟା, ଶନିବାର, ବଜ୍ରକାଳିକାପୂଜା, ଫୁଲୋରିବ୍ରତ, ଅମାବାସ୍ୟାର ନିଶାପାଳନ, ଅକ୍ଟୋବର ୧୪ ତାରିଖ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, (ଓଡ଼ିଶା ତଥା ଭାରତକୁ ଅଦୃଶ୍ୟ କେତୁଗ୍ରସ୍ତ ବଳୟ ଗ୍ରାସ ସୂର୍ଯ୍ୟୋପରାଗ- ଯାହାକି ଅଦୃଶ୍ୟ ହେତୁ ପାଳନୀୟ ନୁହେଁ), ଦିବା ଘ.୦୭।୧୭ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୫ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

**ନାବାଳିକାଙ୍କୁ ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ**

**କେନ୍ଦୁଝର:** କେନ୍ଦୁଝର ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଏହାର ଶୁଣାଣି କରି ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ କୋର୍ଟ ଆଦେଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ତୁରୁମୁଙ୍ଗା ଥାନା ଅଞ୍ଚଳର ଭୋଳେଶ୍ୱର ମୁଣ୍ଡା। ୨୦୨୧ ସେପ୍ଟେମ୍ବର ୨୦ ତାରିଖ ରାତିରେ ନାବାଳିକା ପାଇଖାନାକୁ ଯାଉଥିବା ସମୟରେ ଅଭିଯୁକ୍ତ ଭୋଳେଶ୍ୱର ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ।

# ଶ୍ରୀମନ୍ଦିରରେ ପିଠା ପାଇଁ ହାତାହାତି

## ପସରିଆଙ୍କୁ ସେବାୟତଙ୍କ ମୁଥ ମାଡ଼

- ଗର୍ଭଗୃହରେ ପଡ଼ିଲା ରକ୍ତଛିଟା
- ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୩।୧୦(ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ନିଯୋଗ ପକ୍ଷରୁ ସେବକମାନଙ୍କୁ ମହାପ୍ରଭୁଙ୍କ ସେବା ପୂଜା ନେଇ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଏହାସତ୍ତ୍ୱେ ଅନେକ ସମୟରେ ସେବକଙ୍କ ଆଚରଣ ଓ ଉଚ୍ଚାରଣରେ ଭିନ୍ନତା ଦେଖିବାକୁ ମିଳୁଛି। ଏପରିକି ବେଳେବେଳେ ସାମାନ୍ୟ କଥାକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ବିବାଦ ଓ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଶୁକ୍ରବାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଶ୍ରୀମନ୍ଦିର ଗର୍ଭଗୃହରେ ପିଠା ପାଇଁ ଦୁଇ ସେବକ ମାରପିଟ୍ ହେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଦୁହେଁ ହାତାହାତି ହେବାରୁ ଜଣେ ସେବାୟତଙ୍କ ଓଠ ଫାଟି ରକ୍ତଛିଟା ପଡ଼ିଥିଲା, ଫଳରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ପ୍ରଶାସନର ନୀରବଦ୍ରଷ୍ଟା ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରୁଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପ୍ରାୟ ୪ଟାରେ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ପିଠା ସୁଆରଙ୍କ ପସରିଆ ବାବୁଲି ପ୍ରଧାନଙ୍କ ପିଠାରୁ ପତ୍ରୀବଡୁ ସେବାୟତ ମାଧବ ପତ୍ରୀ ଅଧିକ କାଢି ନେଇଥିଲେ। ଏହାକୁ ନେଇ ଗର୍ଭଗୃହରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯୁକ୍ତିତର୍କ ବଢିବା ସହ ଉଭୟ ହାତାହାତି ହୋଇଥିଲେ। ମାଧବଙ୍କ ମୁଥ ମାଡ଼ରେ ବାବୁଲିଙ୍କ ଓଠ ଫାଟି ଗର୍ଭଗୃହରେ ରକ୍ତଛିଟା ପଡ଼ିଥିଲା। ଗୁରୁତର ଅବସ୍ଥାରେ ବାବୁଲିଙ୍କୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା। ଅନ୍ୟପକ୍ଷରେ ଗର୍ଭଗୃହରେ ରକ୍ତଛିଟା ପଡ଼ିବା ଯୋଗୁ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଏହି କାରଣରୁ ଅନ୍ୟ ନୀତି ବିଳମ୍ବ ଘଟିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ଭକ୍ତମାନେ ହଇରାଣ ହୋଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ସିଂହଦ୍ୱାର ଥାନା ପୋଲିସ ଉଭୟଙ୍କୁ ଡାକି ପଚରାଉଚୁରା କରିଥିଲା। ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇ ଘଟଣାର ସମାଧାନ ହୋଇଥିବା କୁହାଯାଉଛି। ତେବେ ସବୁଠୁ ବଡ଼କଥା ହେଉଛି, ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଲାଗି ବିଭିନ୍ନ ନିୟମକାନୁନ ଓ କଟକଣା ଜାରି କରୁଥିବାବେଳେ ସେବାୟତଙ୍କ ଆଚାର ବ୍ୟବହାର ଉପରେ ରୋକ୍ ଲଗାଇପାରୁନାହିଁ। ଗର୍ଭଗୃହ ମଧ୍ୟରେ ମହାପ୍ରଭୁଙ୍କ ସମ୍ମୁଖରେ ମାରପିଟ୍ ହୋଇ ଲହୁଲୁହାଣ ହେବା କେତେଦୂର ଠିକ୍ ବୋଲି ଜଗନ୍ନାଥପ୍ରେମୀମାନେ ପ୍ରଶ୍ନ କରିବା ସହ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ସାକ୍ଷ୍ୟ ଗ୍ରହଣ ପାଇଁ ମୋକିମଙ୍କୁ ଅଧିକ ସମୟ ଦେଲେ ହାଇକୋର୍ଟ

## ବାରବାଟୀ-କଟକ ନିର୍ବାଚନୀ ମାମଲା



କଟକ,୧୩।୧୦ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ସାକ୍ଷୀମାନଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ଅଧିକ ସମୟ ଲୋଡ଼ାଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହ ମୋକିମଙ୍କୁ ୧୦ ହଜାର ଟଙ୍କା ହାଇକୋର୍ଟ ବାର୍ ଆସୋସିଏଶନ ୱେଲଫେୟାର ଫଣ୍ଡରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ଇଜିଲାସ୍‌ରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଆଗତ ନିର୍ବାଚନୀ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବାରବାଟୀ-କଟକ ନିର୍ବାଚନୀ ମାମଲାର ଶୁଣାଣିବେଳେ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀଙ୍କ ବ୍ୟକ୍ତିଗତ ଅସୁବିଧାର କାରଣ ଦର୍ଶାଯାଇଥିଲା। ଏଥିସହ ସାକ୍ଷ୍ୟ ଗ୍ରହଣ ଲାଗି ଅଧିକ ସମୟ ପ୍ରଦାନ କରିବାକୁ ଏକ ଅନ୍ତରୀଣ ଆବେଦନ କରାଯାଇଥିଲା। ଏହାକୁ ମାମଲାର ଆବେଦନକାରୀ ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତ ୬ରେ ପ୍ରତିପକ୍ଷ ମୋକିମଙ୍କ ଜେରା ଶେଷ ହୋଇଥିଲା। ମୋକିମଙ୍କ ପକ୍ଷରୁ ୩ ଜଣଙ୍କ ସାକ୍ଷ୍ୟ ପ୍ରଦାନ କରିବାକୁ ଥିଲା। ହେଲେ ଜଣେ ସାକ୍ଷୀଙ୍କ ସତ୍ୟପାଠର ନକଲ ଆବେଦନକାରୀଙ୍କୁ ପ୍ରଦାନ କରାଯାଇସାରିଛି ବୋଲି ଶୁକ୍ରବାର ଶୁଣାଣିବେଳେ ସ୍ପଷ୍ଟ ହୋଇଥିଲା। ଅନ୍ୟ ଦୁଇ ସାକ୍ଷୀଙ୍କ ସତ୍ୟପାଠର ନକଲ ଆସନ୍ତା ୧୫ ତାରିଖ ସୁଦ୍ଧା ଆବେଦନକାରୀଙ୍କୁ ପ୍ରଦାନ କରିବା ନିମନ୍ତେ ହାଇକୋର୍ଟ ମୋକିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ସାକ୍ଷୀମାନେ ଅଦାଲତରେ ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ଦେଶର ଶ୍ରେଷ୍ଠ ସ୍କୁଲ

## କ୍ରମାଗତ ଚତୁର୍ଥ ଥର ମିଳିଲା ମାନ୍ୟତା

ଭୁବନେଶ୍ୱର, ୧୩।୧୦
(ଅସମାପିକା ସାହୁ)

ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ୍ ର୍ୟାଙ୍କିଙ୍ଗ୍‌ରେ ସର୍ବଭାରତୀୟ ସ୍ତରରେ ଡେ କମ୍ ବୋର୍ଡିଂ ବିଭାଗରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୨୦୨୩-୨୪ବର୍ଷ ପାଇଁ ଶ୍ରେଷ୍ଠ ସ୍କୁଲ ମାନ୍ୟତା ପାଇଛି। ଏଥିସହ ଓଡ଼ିଶାରେ ଏକ ନମ୍ବର ସ୍କୁଲର ମାନ୍ୟତା ପାଇଛି। ୨୦୨୦ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଦେଶର ଶ୍ରେଷ୍ଠ ସ୍କୁଲର ମାନ୍ୟତା ପାଇଥିବାବେଳେ ସେବେଠାରୁ କ୍ରମାଗତ ଭାବେ ଚତୁର୍ଥଥର ପାଇଁ ଏହି ସ୍ଥାନ ବଜାୟ ରଖିଛି। ଶୁକ୍ରବାର ଦିଲ୍ଲୀରେ ଅନୁଷ୍ଠିତ ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ଡାଇରେକ୍ଟର ଏକାଡେମିକ୍ ତଥା ସିନିୟର୍ ପ୍ରିନ୍ସିପଲ୍ ନୀଳକଣ୍ଠ ପାଣିଗ୍ରାହୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆର ସ୍କୁଲ ର୍ୟାଙ୍କିଙ୍ଗ ସର୍ଭେରେ ଭାରତର ବଛା ବଛା ୧୦୦୦ ସ୍କୁଲ ସାମିଲ ହୋଇଥିଲା। ଏକାଡେମିକ୍ ପ୍ରତିଷ୍ଠା, ଅଭିଭାବକଙ୍କ ଯୋଗଦାନ, ଛାତ୍ରୀଛାତ୍ରଙ୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ, ଶିକ୍ଷକଙ୍କ ଦକ୍ଷତା, କ୍ରୀଡ଼ା ଶିକ୍ଷା ପରି ୧୪ଟି ପାରାମିଟରକୁ ବିଚାରକୁ ନେଇ ଏହି ଚୟନ ପ୍ରକ୍ରିୟା କରାଯାଇଥିଲା।

ଏହି ସଫଳତା ସମ୍ପର୍କରେ ସ୍କୁଲ୍‌ର ଚେୟାର ପର୍ସନ ଡ. ସାହୁ କହିଛନ୍ତି, ସାଇ ଇଣ୍ଟରନ୍ୟାଶନାଲ୍ ନିଜର କେ-୧୨ ଶିକ୍ଷା ସହ ଟେକ୍ନୋଲୋଜିକୁ ଏକ ଉପକରଣ ଭାବେ ଗ୍ରହଣ କରି କ୍ରମାଗତ ଭାବେ ଅନୁସନ୍ଧାନ ଏବଂ ଉଦ୍ଭାବନ କରିଆସୁଛି। ଏହା କେବଳ ବିକାଶଶୀଳ ପରିସ୍ଥିତି ସହ ଖାପଖୁଆଇବା ପାଇଁ ନୁହେଁ, ବରଂ ଛାତ୍ର ଏବଂ ଶିକ୍ଷକଙ୍କ ବହୁମୂଲ୍ୟ ଶିକ୍ଷା ପାଇଁ ଏକ ପଥ ପରିଷ୍କାର କରିଛି। ଏହି ପୁରସ୍କାର ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପକଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାକୁ ସ୍କୁଲ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରରେ ନୂଆ ପରିଚୟ ଦେଇଛି। ଏଭଳି ଭାବେ ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଠନ କରିବାର ସଂକଳ୍ପ ଓ ପ୍ରଚେଷ୍ଟା ଆଗାମୀ ଦିନରେ ଜାରି ରହିବ ବୋଲି ଡ. ସାହୁ ପ୍ରକାଶ କରିଛନ୍ତି।




ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ସିନିୟର୍ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ମାନବାଧିକାର କମିଶନରେ ପହଞ୍ଚିଲା ମାମଲା

## ଗେଣ୍ଡୁ ତାରା ଚୋରି ପାଇଁ ନାବାଳିକାଙ୍କୁ ହତ୍ୟା ଘଟଣା

ଉଦଳା,୧୩।୧୦
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଭାଲୁହୁରୁଡ଼ା ଗ୍ରାମରେ ଗେଣ୍ଡୁ ଚାରା ଚୋରି ପାଇଁ ଜଣେ ନାବାଳିକାଙ୍କୁ ସମ୍ପର୍କୀୟ ବଡ଼ ମା' ହତ୍ୟା କରିବା ପରେ ରଶିରେ ବାନ୍ଧି ଝୁଲାଇଦେବା ଘଟଣା ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛି। ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାକୁ ନେଇ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତା ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେଇ ସେ ମାନବାଧିକାର କମିଶନରଙ୍କୁ ଅନୁରୋଧ କରିଛନ୍ତି। ଏହି ମାମଲାରେ ରାଜ୍ୟ ଗୃହ ବିଭାଗ, ପୋଲିସ ମହା ନିର୍ଦ୍ଦେଶକ ଓ ମୟୂରଭଞ୍ଜ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ନେଇ ମାନବାଧିକାର କମିଶନରେ ମାମଲା(ନଂ. ୧୭୦୬୩/୨୦୨୩) ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ବୁଧବାର ମଧ୍ୟାହ୍ନରେ ସାମାନ୍ୟ ଗେଣ୍ଡୁ ତାରା ଚୋରିକୁ ନେଇ ଗୁଣ୍ଠି ହାଁସଦାଙ୍କ ଝିଅ ସରସ୍ୱତୀଙ୍କୁ ସମ୍ପର୍କୀୟ ବଡ଼ ମା' ଏକ ବେଗୁନିଆ ବାଡ଼ିରେ ପିଟିପିଟି ମାରିଦେବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ବେକରେ ରଶି ବାନ୍ଧି ଝୁଲାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବଡ଼ ମା' ଲକ୍ଷ୍ମୀ ମୁର୍ମୁଙ୍କୁ ଗିରଫ କରିଛି।




**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

**NARAYANI MOTORS**
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31st October 2023.

ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତିଟି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ -ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ-ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ - ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ। -ଶ୍ରୀଅରବିନ୍ଦ

# ଭାଜପାରେ ଅମଲାତନ୍ତ୍ରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ତାଙ୍କ ବାବୁମାନଙ୍କୁ ହୁଏତ ଭଲ ପାଇପାରନ୍ତି, କିନ୍ତୁ ରାଜନୀତିରେ ପୂର୍ବତନ ବାବୁମାନେ ଅଧିକ ସଂଖ୍ୟାରେ ଯୋଗଦେବା ଭାଜପା କ୍ୟାଡର ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି। ଏହି ଧାରା ଏବେ ଅଧିକ ଗତିଶୀଳ ହୋଇଛି। ସିଭିଲ ସର୍ଭାଣ୍ଟମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ସରକାରରେ ଏପରିକି ଭାଜପାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛନ୍ତି। କିନ୍ତୁ ସେମାନଙ୍କର ଭାଜପାରେ ଯୋଗଦେବା ଧାରା ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ନିକଟରେ ରାଜସ୍ଥାନରେ ୧୯୮୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଚନ୍ଦ୍ରମୋହନ ବାବୁ ଭାଜପାରେ ଯୋଗଦେଇ ଆସନ୍ତା ବିଧାନସଭା ନିର୍ବାଚନରେ ଟିକେଟ ଆଶାୟୀ ଅଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଭାଜପା କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ ଉଠାଇଛନ୍ତି। କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଏପରିକି ଦଳର କେତେଜଣ କର୍ମୀ ଏହା ବିରୋଧରେ ଏକ ଅଭିଯାନ ଆରମ୍ଭ କରି ବିଶ୍ୱସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ଟିକେଟ ନ ଦେଇ ପୂର୍ବତନ ବାବୁମାନଙ୍କୁ ଟିକେଟ ଦେଉଥିବା ଦଳୀୟ ନେତୃତ୍ୱକୁ ରୋକିବାକୁ ଚେଷ୍ଟା କରିଛନ୍ତି। ସବୁ ପୂର୍ବତନ ବାବୁ ଭାଜପା ଟିକେଟ ପାଉ ନ ଥିବାବେଳେ ସାଂଗଠନିକ ଭୂମିକାରେ ସେମାନଙ୍କ ଉପସ୍ଥିତି ପାର୍ଟି କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷର କାରଣ ହେଉଛି ବୋଲି ଜଣାପଡ଼ିଛି। ରାଜସ୍ଥାନରେ ଚନ୍ଦ୍ରମୋହନ ବାବୁଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱ ଭଳି ଘଟଣା ଏବଂ ୨୦ରୁ ଅଧିକ ପୂର୍ବତନ ବାବୁ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଭାଜପାରେ ଯୋଗଦେବା ବିଷୟ ଅସନ୍ତୋଷକୁ ପଦାକୁ ଆଣିଛି। ତେବେ ରାଜନୀତିରେ ପୂର୍ବତନ ଅମଲାତନ୍ତ୍ରୀ ପ୍ରବେଶ କରିବା ଏବଂ ଗୋଟିଏ ରାଜନୈତିକ ପାର୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଧାରା ଗତିଶୀଳତା ହରାଇବା ସମ୍ଭାବନା ନାହିଁ। ବରଂ ଏହା ଆଗାମୀ ବର୍ଷଗୁଡ଼ିକରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିବା ସମ୍ଭାବନା ରହିଛି।

### ଶର୍ଟଲିଷ୍ଟରେ ଶେଲୀ

ଇଣ୍ଡିଆନ ରେଲ୍‌ୱେ ଫାଇନାନ୍ସ କର୍ପୋରେଶନ(ଆଇଆର୍‌ଏଫ୍‌ସି)ରେ ଖାଲିଥିବା ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ପଦବୀ ପୂରଣ କରିବା ସକାଶେ ରେଳ ମନ୍ତ୍ରଣାଳୟ ଚୟନ ସାକ୍ଷାତକାର କରିବାକୁ ପ୍ରସ୍ତୁତ ହେଉଛି। ପୂର୍ବତନ ସିଏମ୍‌ଡି ଅମିତାଭ ବାନାର୍ଜୀ ଗତବର୍ଷ ଅକ୍ଟୋବରରେ ପଦବୀରୁ ହଟିବା ପରଠାରୁ ବର୍ଷେ ହେଲା ଏହି ପଦବୀ ଖାଲି ରହିଛି। ତାଙ୍କ ନାମରେ ଦୁର୍ନୀତି ମାମଲା ଆସିଲା ପରେ ତାଙ୍କୁ ପବଦୀରୁ ହଟାଇ ଦିଆଯାଇଥିଲା। ସୂତ୍ରରୁ ଜଣାପଡ଼ୁଛି, ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ଯୋଗ୍ୟ ତାଲିକା ବା ଶର୍ଟଲିଷ୍ଟରେ ପିଏସ୍‌ୟୁରେ ଅର୍ଥ ନିର୍ଦ୍ଦେଶକ ଏବଂ ସାମୟିକ ଭାବେ ସିଏମ୍‌ଡି ଭାବରେ କାର୍ଯ୍ୟ କରିଥିବା ଶେଲୀ ବର୍ମା ରହିଛନ୍ତି। ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ଶେଲୀ ବହୁମୂଲ୍ୟ ଉପହାର ପ୍ରଦାନ ସଂକ୍ରାନ୍ତୀୟ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ପଦକ କ୍ରୟ ପାଇଁ ଅନୁମୋଦନ କରିଥିଲେ। ଅଭିଯୋଗ ଥାଇ ତାଙ୍କ ନାମ ଶର୍ଟଲିଷ୍ଟରେ ରଖାଯାଇଥିବାରୁ ଅସନ୍ତୋଷ ବଢ଼ିଛି। ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ଆର୍ଥିକ ଅନିୟମିତତା ଏବଂ ସନ୍ଦେହଜନକ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତରେ ତାଙ୍କ ସମେତ ଅନେକ ଆଇଏଫ୍‌ଆର୍‌ସି ଅଧିକାରୀ ଥିବାବେଳେ ସିବିଆଇ ମାମଲାରେ ଶେଲୀଙ୍କ ନାମ ନାହିଁ। ତେବେ ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ବେଆଇନ ଭାବେ ପଦକ କ୍ରୟରେ ସେ ଜଡ଼ିତ ଥିବାରୁ ସିଏମ୍‌ଡି ଦାୟିତ୍ୱ ପାଇଁ ତାଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠୁଛି। ପଦବୀରେ ପୂରା ସମୟ ରହିବା ଲାଗି ରେଲୱେର ଭିଜିଲାନ୍ସ ଡାଇରେକ୍ଟୋରେଟ ଶେଲୀଙ୍କୁ କ୍ଲିନ୍ ଚିଟ୍ ଦେବାକୁ ହେବ। ତେବେ ଏଭଳି ବିବାଦ ଆଇଆର୍‌ଏଫ୍‌ସିର ନେତୃତ୍ୱ ପାଇଁ ଚୟନ ପ୍ରକ୍ରିୟାକୁ କିଭଳି ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଛି।

### କଡ଼ା ପଦକ୍ଷେପ

କେନ୍ଦ୍ରୀୟ ଡେପୁଟେଶନ ଏବଂ ବୈଦେଶିକ କାର୍ଯ୍ୟରୁ ୮ ଜଣ ଆଇପିଏସ୍ ଅଧିକାରୀଙ୍କୁ ବରଖାସ୍ତ କରିବା ନିଷ୍ପତ୍ତି ନିଆଯାଇଛି। ସିଭିଲ୍ ସର୍ଭିସେସ୍ ମଧ୍ୟରେ ଶୃଙ୍ଖଳା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଦୃଢ଼ ସଙ୍କେତ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ଏକ ପ୍ରୟାସ। ଅଧିକାରୀମାନଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ପାଳନର ଗୁରୁତ୍ୱକୁ ଏହା ମଧ୍ୟ ସୂଚିତ କରେ। ଏହି ଆଇପିଏସ୍ ଅଧିକାରୀମାନେ ସେମାନଙ୍କର ଶେଷ ଦାୟିତ୍ୱରେ ଯୋଗଦେବାରେ ବିଫଳ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ମୋଡାକ ରାଜେଶ ଦୀନେଶରାଓ, ଡ.ମୀନାକ୍ଷୀ କାତ୍ୟାୟାନ ଓ ଏଲ୍.ଭି.ଆଣ୍ଟୋନି ଦେବକୁମାର (ୟୁପି କ୍ୟାଡରରୁ), ରାଗସୁଧା ଆର୍, ଅତୁଲ ବିକାଶ କୁଲକର୍ଣ୍ଣି ଓ ଗୋରଖ ସୁରେଶ ଭାମେର (ମହାରାଷ୍ଟ୍ର କ୍ୟାଡରରୁ), ରାଜେଶ ଡଗଲ ଓ ରାଜେନ୍ଦ୍ର କୁମାର ମୀନା(ହରିୟାଣା କ୍ୟାଡରରୁ)। ଭବିଷ୍ୟତରେ ଅଧିକାରୀମାନେ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଦାୟିତ୍ୱକୁ କିଭଳି ଏଡ଼ାଇ ନ ଯିବେ ସେଥିପାଇଁ ବରଖାସ୍ତ ପ୍ରକ୍ରିୟା ଏକ ପ୍ରତିଷେଧକ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି । ସୂତ୍ରରୁ ଜଣାପଡ଼ିଛି, ବରଖାସ୍ତ ହୋଇଥିବା ଅଧିକାରୀମାନେ କ୍ୟାରିୟର ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରନ୍ତି, ଯାହା ସେମାନଙ୍କର ବୃତ୍ତିଗତ ଉନ୍ନତି ତଥା ବିଭିନ୍ନ ଅଭିଜ୍ଞତା ପାଇଁ ସୁଯୋଗକୁ ପ୍ରଭାବିତ କରିପାରେ । ଆଶା କରାଯାଏ, ଏହି ପଦକ୍ଷେପ ସମସ୍ତ ବାବୁଙ୍କୁ ସଙ୍କେତ ଦିଏ ଯେ ନିଯୁକ୍ତିକୁ ପାଳନ ନ କରିବା ପରିଣାମ ଗୁରୁତର ହୋଇପାରେ।

Email: dilipcherian@gmail.com

# ଦରମାଠାରୁ ପେନ୍‌ସନ ବେଶି



ସହଦେବ ସାହୁ

ଲୋକପ୍ରତିନିଧିତ୍ୱ ଏକ ଚାକିରି, କାମ ନ କରିବା ଦିନର ବି ଦରମା ଏବଂ ଦରମାଠାରୁ ପେନ୍‌ସନ୍ ବେଶି - ଏ ତିନୋଟି ଅସଙ୍ଗତିକୁ ଆଇନସଙ୍ଗତ କରିନେଇଛନ୍ତି ଆମ ଦେଶର ଲୋକପ୍ରତିନିଧିମାନେ, ଯେଉଁମାନେ ଆମ ଭିତରେ ନୈତିକତା ଓ ଶୃଙ୍ଖଳା ଆଣିବା ପାଇଁ ଏବଂ ସମୁଦାୟ ସମାଜରେ ମାନବିକ ବିକାଶ ଆଣିବା ଲାଗି ଆଇନ ପ୍ରଣୟନ କରିବା କଥା ଓ ଶାସନର ନୀତି ନିର୍ଦ୍ଧାରଣ କରିବା କଥା। ପଞ୍ଜାବର ଆପ୍ ସରକାର ଏବର ଏମ୍‌ଏଲ୍‌ଏମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ବନ୍ଦ କରିଥିବାର ଖବର ପ୍ରକାଶ ପାଇଛି। ଯଦି ତାହା ସତ୍ୟ ତେବେ ଏହା ଗଣତନ୍ତ୍ରରେ ଗୋଟିଏ ଅସଙ୍ଗତିକୁ ଦୂର କରିବାର ଉଦାହରଣ ଯୋଗାଇବ। ସେବା ମନୋଭାବର ସୁସ୍ଥ ପରମ୍ପରା ସ୍ୱାଧୀନତା ପ୍ରାପ୍ତିପରର ପ୍ରଥମ ନିର୍ବାଚନରେ ଥିଲା, ଜନପ୍ରତିନିଧିମାନେ ଯାବତୀୟ ଖର୍ଚ୍ଚ ନେଉଥିଲେ, ନିର୍ବାଚନରେ ବିଜୟୀ ହେଲେ ଗୋଟିଏ ଚାକିରି ମିଳିଗଲା ବୋଲି ଭାବୁ ନ ଥିଲେ; ଦେଶସେବା ପାଇଁ ନିଜକୁ ଉତ୍ସର୍ଗ କରିବାର ଏକ ସୁଯୋଗ ବୋଲି ଭାବୁଥିଲେ। ସମ୍ବିଧାନରେ 'ରାଜନୈତିକ ଦଳ'ର ଉଲ୍ଲେଖ ନ ଥିଲା। ଅବଶ୍ୟ ସେମାନେ ନିଜର କର୍ତ୍ତବ୍ୟ ତୁଲାଇବାରେ ଯାହା ଖର୍ଚ୍ଚ କରୁଥିଲେ ତାହା ବିଧାନସଭା ଓ ସଂସଦ ଯୋଗାଉଥିଲା। ପରେ ପରେ ଲୋକ ପ୍ରତିନିଧିମାନେ ନିଜକୁ ସରକାର ଚଳାଇବା ଲୋକ ନ ଭାବି ସରକାରୀ କର୍ମଚାରୀ (ପବ୍ଲିକ୍ ସର୍ଭାଣ୍ଟ) କରିନେଲେ। ୧୯୮୫ରୁ ୨୦୦୩ ଭିତରେ ଦଳବଦଳନିରୋଧ ଆଇନ ଆଣି, ପରେ ତାକୁ ସାମ୍ବିଧାନିକ ରୂପ ଦେଇ ଲୋକପ୍ରତିନିଧିଙ୍କୁ ଦଳପ୍ରତିନିଧି କରିଦେଲେ। ଏମ୍‌ଏଲ୍‌ଏ ବା ଏମ୍‌ପି ହେବା ପରେ ବି ଦଳର କର୍ମୀ ବୋଲି ଧରାଗଲେ, ଦଳପତି ଚାହିଁଲେ ବାଚସ୍ପତିଙ୍କ ଜରିଆରେ ଏମ୍‌ଏଲ୍‌ଏ ବା ଏମ୍‌ପି ପଦ ପାଇଁ ଅଯୋଗ୍ୟ ଘୋଷିତ ହୋଇପାରିବେ, ଲୋକଙ୍କ ଭୋଟରେ ବିଜୟୀ ହୋଇଆସିଥିଲେ ବି ବିଧାୟକ ବା ସାଂସଦ ପଦ ହରାଇବେ। 'ଗଣ' ବଦଳରେ 'ଦଳ' ତନ୍ତ୍ର ଆରମ୍ଭ ହୋଇଗଲା ୨୧ଶ ଶତାବ୍ଦୀରୁ!

ବିଧାୟକ ଓ ସାଂସଦମାନେ ଯେତେ ପ୍ରକାରର ସୁବିଧା ଓ ଉପଭୋଗ (ପ୍ରିଭିଲେଜ୍) ପାଇବାର ଆଇନ କରିନେଇଛନ୍ତି ଲୋକେ ଊଣାଅଧିକେ ଜାଣନ୍ତି। କାମ ନ କରି ବି ସେମାନେ ଦରମା ନେବେ, ୩୬୫ ଦିନରୁ ୧୦୦ ଦିନରୁ କମ୍ କାମ କରି ସେମାନେ ବର୍ଷ ଯାକର ଦରମା ଓ ଯାବତୀୟ ଉପଭୋଗ ପାଇବେ, ଉପସ୍ଥାନ ଖାତାରେ ଦସ୍ତଖତ କରିଦେଲେ ସେ ଦିନର ଭତ୍ତା ଓ ଯାତାୟାତ ଖର୍ଚ୍ଚ ପାଇବେ, ଝଗଡ଼ାଝାଣ୍ଟି କରି ସଭାଗୃହ ଅଚଳ ବା ବନ୍ଦ କରିଦେଲେ ବି। ଉଦ୍ଦେଶ୍ୟ ଦେଶସେବା ବୋଲି ପ୍ରଚାର କରୁଥିଲେ ହେଁ ସେମାନେ ବିନା ଟିକସର ଦରମା ସାଙ୍ଗକୁ ବିନା ଟିକସର ଲୋଭନୀୟ ପେନ୍‌ସନ୍ ପାଇବା ନିୟମ କରିନେଲେ। ନିଜ ହାତରେ ଆଇନ କରିବାର କ୍ଷମତା ଅଛି ନା! ସରକାରୀ ବା ବେସରକାରୀ ହେଉ, କର୍ମଚାରୀଟିଏ ଅନ୍ତତଃ ୧୦ ବର୍ଷ ଚାକିରି ନ କଲେ ପେନ୍‌ସନ୍ ପାଇବ ନାହିଁ, କିନ୍ତୁ ବିଧାନସଭା ବା ସଂସଦ



ଦିନଟିଏ କାମ କରି ଭାଙ୍ଗିଗଲେ ବି ପ୍ରତିନିଧିମାନେ ପେନ୍‌ସନ୍ ପାଇବେ ବୋଲି ୧୯୭୬ ସେପ୍ଟେମ୍ବରରୁ ଆଇନ କରିଛନ୍ତି ସେମାନେ। (କାରଣ ଏଥିରେ ଖୁସି ହୋଇ ସାଂସଦମାନେ ଏମର୍ଜେନ୍ସିକୁ ସମର୍ଥନ କରିବେ ବୋଲି ଇନ୍ଦିରା ଗାନ୍ଧୀଙ୍କ ଇଚ୍ଛା ହୋଇଥିବ!) ଦିନେ ଏମ୍‌ଏଲ୍‌ଏ ହୋଇଥିଲେ ବି ମାସିକ ପେନ୍‌ସନ୍ ୨୫୦୦୦ ଟଙ୍କା ମିଳିବାର ଆଇନ ୨୦୦୯ରୁ ଚାଲିଛି। ୨୦୧୮ରେ ମୋଦି ସରକାର ଆଇନ କଲେ ଯେ ଯେଉଁ ବ୍ୟକ୍ତି ଥରେ ୫ ବର୍ଷ ସାଂସଦ ହୋଇସାରିଥିବେ, ଆଉ ଥରେ ସାଂସଦ ହେଲେ ପ୍ରତି ଅଧିକ ବର୍ଷ ପାଇଁ ମାସିକ ୨୦୦୦ ଟଙ୍କା ହାରରେ ଅତିରିକ୍ତ ପେନ୍‌ସନ ପାଇବେ ଏବଂ ଏହି ମୂଳ ପେନ୍‌ସନ ଓ ଅତିରିକ୍ତ ପେନ୍‌ସନ ପରିମାଣ ପ୍ରତି ୫ବର୍ଷରେ ମୁଦ୍ରାସ୍ଫୀତି ବୃଦ୍ଧି ହାର ସହିତ ତାଳ ରଖି ବଢ଼ିବ।

୨୦୨୧ରେ ଏକ ଆରଟିଆଇ ଦରଖାସ୍ତର ଉତ୍ତରରେ ହରିୟାଣା ସରକାର କହିଛନ୍ତି- ୨୦୬୨ ଜଣ ଏମ୍‌ଏଲ୍‌ଏଙ୍କ ପେନ୍‌ସନ ବାବଦରେ ରାଜ୍ୟ ସରକାର ବର୍ଷକୁ ୨୨କୋଟି ୯୩ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି। ଅଫିସରଟିଏ ବ୍ୟଭିଚାରରେ ଦଣ୍ଡିତ ହେଲେ ବିଚାରପତି ପେନ୍‌ସନ୍ ବାତିଲ କରିବା ରାୟ ଦେଇପାରନ୍ତି ବା ପେନ୍‌ସନ୍‌ର କିଛି ଅଂଶ ଦଣ୍ଡ ରୂପେ କାଟିଦେବା ରାୟ ଦିଅନ୍ତି। କିନ୍ତୁ ଏମ୍‌ଏଲ୍‌ଏ ଦଣ୍ଡିତ ହୋଇଥିଲେ ବି ପେନ୍‌ସନ୍ କମେ ନାହିଁ: ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ, ନ୍ୟାଶନାଲ ଲୋକଦଳ ସଭାପତି, ଓ ପି ଚୌଥାଲା ମାସକୁ ୨,୨୨,୫୨୫ ଟଙ୍କା ପେନ୍‌ସନ୍ ପାଉଥିଲେ, ସେ ୨୦୦୦ ମସିହାରେ ୩୨୦୬ ଟ୍ରେନ୍‌ଡ ବେସିକ୍ ଟିଚର୍ ନିଯୁକ୍ତି କେଲେଙ୍କାରିରେ ଦଣ୍ଡିତ ହୋଇ ବହୁଦିନ ଜେଲରେ ଥିଲେ ବି ତାଙ୍କର ପେନ୍‌ସନ୍ ଉପରେ ଆଞ୍ଚ ଆସିଲା ନାହିଁ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ ନାମକ ପ୍ରକାଣ୍ଡ ଷ୍ଟିଲ କାରଖାନାର ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ ଭୂତପୂର୍ବ ଏମ୍‌ଏଲ୍‌ଏ ହିସାବରେ ମାସକୁ ୯୦,୫୬୩ ଟଙ୍କା ପାଇଛନ୍ତି ବୋଲି ହରିୟାଣା ସରକାର ଜଣାଇଥିଲେ। ଆଶ୍ଚର୍ଯ୍ୟର କଥା, ଦରମାଠାରୁ ବହୁଗୁଣ ଅଧିକ ପେନସନ ପାଉଥିଲେ ହରିୟାଣା କଂଗ୍ରେସ ଏମ୍‌ଏଲ୍‌ଏ କ୍ୟାପ୍‌ଟେନ ଅଜୟ ଯାଦବ ମାସକୁ ୨,୩୮,୦୫୦ ଟଙ୍କା। ସମ୍ପଦ ସିଂ ପାଉଥିଲେ ୨,୧୪,୭୬୩ ଟଙ୍କା ଓ ବଲବୀର ପାଲ ସାହା ୨,୦୭,୦୦୦ ଟଙ୍କା। ଚୌଥାଲାଙ୍କ ପୁଅ ଅଜୟ ଚୌଥାଲା (ଜୁନିୟର ବେସିକ୍ ଟ୍ରେନ୍‌ଡ ଟିଚର ନିଯୁକ୍ତି କେଲେଙ୍କାରିରେ ଦଣ୍ଡିତ) ପାଉଛନ୍ତି ମାସକୁ ୫୧,୭୫୦ ଟଙ୍କା । ମୃତ ଏମ୍‌ଏଲ୍‌ଏଙ୍କ ବିଧବାମାନେ ବର୍ଷକୁ ୩୧୫ଲକ୍ଷ ଟଙ୍କା ପେନ୍‌ସନ ପାଉଛନ୍ତି: ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଭଜନଲାଲଙ୍କ ସ୍ତ୍ରୀ ଜସ୍‌ମା ଦେବୀ ପାରିବାରିକ ପେନ୍‌ସନ ମାସକୁ ୯୯,୬୧୯ ଟଙ୍କା ସହିତ ନିଜେ ଭୂତପୂର୍ବ ଏମ୍‌ଏଲ୍‌ଏ ହିସାବରେ ଆଉ ଗୋଟିଏ ପେନ୍‌ସନ ୫୧,୭୫୦ ଟଙ୍କା ପାଉଛନ୍ତି ବୋଲି ଆର୍‌ଟିଆଇ ଉତ୍ତରରେ ଆସିଛି। କେତେକ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ୨୦୦୬ରୁ ପେନ୍‌ସନ ଉଠାଇବା ଆଇନ ଆମର ସାଂସଦମାନେ କରିଛନ୍ତି, କିନ୍ତୁ ସେମାନେ ନିଜେ ଅଧିକରୁ ଅଧିକ ପେନ୍‌ସନ ପାଇବାର ଆଇନ କରିନେଇଛନ୍ତି। ଏହାକୁ ଦେଖି ଦେଶକୁ ଖାଦ୍ୟ ଯୋଗାଉଥିବା କୃଷକମାନେ ଦାବି କଲେଣି ସେମାନଙ୍କୁ ପାୱାର ଓ ପ୍ରେଷ୍ଟିଜ୍ ସହିତ ପେନ୍‌ସନ୍ ମିଳୁ।

କେବେ ଭାବିଛନ୍ତି କି ଆମ ଗଣତନ୍ତ୍ରରେ କି କି ପ୍ରକାରର ବିକାଶ ଆଣିଛନ୍ତି ଆମ ରାଜନୈତିକ ଦଳମାନେ! ଯାହାର ସମ୍ମତି ନେଇ ପ୍ରତିନିଧି ହୋଇ ତୁମେ ସଭାକୁ ଆସିବ ତା' ଆବଶ୍ୟକତା ପୂରଣ କରିବା ଲାଗି ପରସେଣ୍ଟେଜ୍ ମାଗିବ? ଏମିତି କାମକୁ ଦଳ ଉତ୍ସାହିତ କରୁଛି। କୌଣସି ରାଜନୈତିକ ଦଳ ଭାବୁନାହିଁ ଜନସେବା କରିବା ଆଳରେ ପକେଟ ସେବା କରିବା ଏକ ବିଡମ୍ବନା ବୋଲି। ଘର, ବିଜୁଳି, ପାଣି, ଫୋନ୍ ଆଦି ମାଗଣା। ନିର୍ବାଚନମଣ୍ଡଳୀ ସମ୍ଭାଳିବା ନାଁରେ ନିଜ ଘର ବା ସମ୍ପର୍କୀୟର ଘର ପାଇଁ ଭଡ଼ା ନେବା, ନିଜ କୁଟୁମ୍ବ ଓ ସମ୍ପର୍କୀୟକୁ ଚାକିରି ଦେଇ ସେ ବାବଦ ଦରମାତକ, ଅନ୍ତତଃ ଦରମାର ସିଂହଭାଗ ନିଜ ପକେଟରେ ଭର୍ତ୍ତି କରିବା କେତେକ ପ୍ରତିନିଧିଙ୍କ କାମ ହୋଇଯାଇଛି। ଦେଶର ଯେ କୌଣସି ସ୍ଥାନକୁ ସାଙ୍ଗରେ ଜଣେ ନେବାକୁ ଯେଉଁ ବ୍ୟବସ୍ଥା କରିନେଇଛନ୍ତି ତାହା ଯୋଗୁ ରେଳ ଓ ବିମାନ ଟିକେଟ ପାଇଁ ବିକଳରେ ଥିବା ଲୋକଙ୍କୁ ଟିକେଟ ଯୋଗାଇ ଉପୁରି ମାରିହେଉଛି। ସ୍କୁଲ କଲେଜ ଆଡମିଶନ କୋଟା, ହସ୍ପିଟାଲ ବେଡ୍ କୋଟା ଭଳି ବହୁବିଧ କୋଟା ଉପୁରି ଆଦାୟର ଉତ୍ସ ହୋଇଗଲାଣି। ସାଧାରଣ ନାଗରିକଟିଏ ଯାହାକୁ ବେଆଇନ ବା ଅସଙ୍ଗତି କହେ ତାକୁ ସଙ୍ଗତ ଅର୍ଥାତ୍ ଆଇନଗତ କରିନେବାର କ୍ଷମତା ସମ୍ବିଧାନ ଦେଇଛି ଆମର (ଏବେ ଦଳର) ବିଧାୟକ ଓ ସାଂସଦମାନଙ୍କୁ। କାମ ନ କରି ଦରମା ନେବା, କାମ ନ କରି କାମ କରୁଥିବାର ଅଭିନୟ କଲେ ସାଧାରଣ ନାଗରିକଟିଏ ଦଣ୍ଡନୀୟ ଅପରାଧରେ ପଡ଼େ, କିନ୍ତୁ ବିଧାୟକ ବା ସାଂସଦ ପାଇଁ ସାତଖୁଣ ମାଫ୍।

-sahadevas@yahoo.com

# ଧ୍ୱନି ପ୍ରଦୂଷଣ ପ୍ରଭାବ



ଉପେନ୍ଦ୍ର ବିଶ୍ୱାଳ

ଭସାଣି ଶୋଭାଯାତ୍ରା ହେଉ କି ବିବାହ ଅବା ନେତାଙ୍କ ବିଜୟ ଶୋଭାଯାତ୍ରା, ଡିଜେ ଯନ୍ତ୍ରର କର୍କଶ ଶବ୍ଦ ମଣିଷକୁ କଲବଲ କରିପକାଏ। ଗତ ଗଣେଶ ଓ ବିଶ୍ୱକର୍ମାଙ୍କ ପୂଜା ପରେ ପରେ ମୃଣ୍ମୟ ମୂର୍ତ୍ତି ଭସାଣି ବେଳେ ଡିଜେ ଯନ୍ତ୍ରର ବିକଟାଳ ଧ୍ୱନିରେ ଅତିଷ୍ଠ ହୋଇ ବାଲେଶ୍ୱର ଜିଲାର ଜଣେ ପୋଲିସ ଅଧିକାରୀ ତ ଦୁଇ କାନରେ ହାତ ଦେଇ ଶୋଭାଯାତ୍ରାକୁ ପଛକରି ଦୂରରେ ଛିଡ଼ା ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ଗଣମାଧ୍ୟମରେ। ଯଦି ଜଣେ ସୁସ୍ଥ ମଣିଷ ପକ୍ଷରେ ଏହା ଏମିତି ଅସହ୍ୟ ମନେହୁଏ, ତେବେ ରାସ୍ତାପାର୍ଶ୍ୱସ୍ଥ ଡାକ୍ତରଖାନା ରୋଗୀଙ୍କ ଅବସ୍ଥା, ରାସ୍ତାପାର୍ଶ୍ୱ ଘରେ ରହୁଥିବା ହୃଦ୍‌ରୋଗୀ, ଗର୍ଭବତୀମାନଙ୍କ ଅବସ୍ଥା କ'ଣ ହେଉଥିବ, ତାହା ସହଜେ ଅନୁମେୟ।

ବର୍ଷଟିଏ ପାଇଁ ହେଲେ ବି ମାଆଙ୍କ ମେଲାଣି ଅବା ଆମ ଆରାଧ୍ୟଙ୍କ ବିଦାୟ ଜନିତ ବିଷାଦ ବେଳାରେ ଡିଜେ ବଜାଇ ଆନନ୍ଦ ବିଭୋର ହୋଇ ଏମିତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା କ'ଣ ପ୍ରଶଂସନୀୟ? ଶୁଭ କାର୍ଯ୍ୟରେ ବାହାରିଲା ବେଳେ ସଭିଙ୍କ ଆଶୀର୍ବାଦ ଆପଣାଇବା ହେଉଛି ଭବ୍ୟ ଭାବନାର ପରିଚୟ। ମାତ୍ର ବିବାହର ଶୁଭ ଶୋଭାଯାତ୍ରାରେ ଡିଜେ ଯନ୍ତ୍ର ଜନିତ ଯନ୍ତ୍ରଣା ଦ୍ୱାରା ଅନ୍ୟର ଦୁଃଖର କାରଣ ସାଜିବା, ସେମାନଙ୍କ ବିରକ୍ତିଭାବ ଓ ଗାଳିକୁ ଆମନ୍ତ୍ରଣ କରିବା ବିଚାରବନ୍ତ ମଣିଷମାନଙ୍କ ପକ୍ଷେ ଶୋଭନୀୟ ନୁହେଁ। ଲୋକଙ୍କ ଏତାଦୃଶ ବିରକ୍ତିଭାବର ପ୍ରଭାବ ବର-କନ୍ୟାଙ୍କ ଉପରେ କ'ଣ ପଡୁ ନ ଥିବ? ବରକନ୍ୟାଙ୍କ ଦୀର୍ଘ ସୁଖଦ ଦାମ୍ପତ୍ୟ ଜୀବନ କାମନା କରି ଆମ୍ଭେ ପରା ବିବାହ ଉତ୍ସବ ଆୟୋଜନ କରିଥାଉ ସଭିଙ୍କ ଆଶୀର୍ବାଦ ପ୍ରାପ୍ତ ହେବାକୁ! ଯେଉଁଥିରେ ବନ୍ଧୁ, ପରିଜନ, ଜ୍ଞାତି, କୁଟୁମ୍ବ ଆଦି ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ କରିଥାନ୍ତି। ଯଦି ଏହାର ଓଲଟା ପ୍ରତିଫଳନ ହୁଏ ଅର୍ଥାତ ବିରକ୍ତିକର ଡିଜେ ଶୋଭାଯାତ୍ରା ଯୋଗୁ ବରକନ୍ୟାଙ୍କ ଉପରେ ଆଶୀର୍ବାଦ ପରିବର୍ତ୍ତେ ଗାଳି ପଡେ, ତେବେ ଆମ୍ଭର ଏ ବ୍ୟବସ୍ଥାର ମୂଲ୍ୟ ରହିଲା କେଉଁଠି? ଗାଳି, ଅଭିଶାପ ବା ଅପମାନସୂଚକ ଶବ୍ଦର ଯେ ପ୍ରଭାବ ରହିଛି, ଏ କଥା ଆଜିର ବିଜ୍ଞାନ ସ୍ୱୀକାର କରିଛି। ନେଦରଲାଣ୍ଡର ଏକ ବିଶ୍ୱବିଦ୍ୟାଳୟରେ ଏହା ଉପରେ ଗବେଷଣା କରିବାରୁ ଜଣାପଡ଼ିଲା ଯେ, କୌଣସି ବ୍ୟକ୍ତି ପ୍ରତି ଆଶୀର୍ବାଦ/ମଧୁର ଶବ୍ଦ ଅପେକ୍ଷା ଖରାପ/କଟୁ ଶବ୍ଦ କ୍ଷିପ୍ର ଗତିରେ ଯାଇ ସେହି ବ୍ୟକ୍ତିର ମସ୍ତକରେ ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ପରିଣତିରେ ଉକ୍ତ ବ୍ୟକ୍ତି ଦେହରେ ଏକପ୍ରକାର କ୍ଷତିକାରକ ହରମୋନ କ୍ଷରଣର ମାତ୍ରା ବୃଦ୍ଧି ପାଇଥାଏ।

ଆମେମାନେ ପ୍ରକୃତିଛଡ଼ା ହୋଇ ପ୍ରଦୂଷଣପ୍ରେମୀ ହୋଇଗଲୁଣି। ରାବଣପୋଡ଼ିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବାଣଫୁଟାଇ ଶବ୍ଦ ଓ ବାୟୁ ପ୍ରଦୂଷଣ କରି ପାଳନ କରୁ ବିଜୟର ପର୍ବ ଦଶହରା। ସେମିତି ଆଲୋକ ବା ଆନନ୍ଦର ପର୍ବ ଦୀପାବଳିରେ କୋଟି କୋଟି ଟଙ୍କାର ବାଣ ଫୁଟାଇ ବିଷାକ୍ତ ଧୂଆଁରେ ପରିବେଶକୁ ଆଚ୍ଛାଦିତ କରେଇବାରେ



ଆମ୍ଭର ଅପାର ଆନନ୍ଦ। ପୂଜାମଣ୍ଡପରେ ଜୋରରେ ମ୍ୟୁଜିକବକ୍ସ ବଜେଇ ଲୋକଙ୍କୁ ଅତିଷ୍ଠ କରିବା ଓ ବିରକ୍ତିଭାବ ସୃଷ୍ଟିକରି ଆଧ୍ୟାତ୍ମିକତାର ଡିଣ୍ଡିମ ପିଟିବା ଏକପ୍ରକାର ପ୍ରହସନ ନୁହେଁ କି?

ରୋଷଣୀ ବା ବାଣ ଫୁଟିବା ଯୋଗୁ ପ୍ରାୟ ୯୦ ଡେସିବଲ୍ର ଧ୍ୱନି ସୃଷ୍ଟି ହୁଏ। ଏପରିକି ବଡ଼ ବଡ଼ ବାଣ ୧୨୦ ଡେସିବଲ୍ରୁ ବି ଅଧିକ ଧ୍ୱନି ସୃଷ୍ଟି କରେ। ଏଇଠୁ ଆମେ ଅନୁମାନ କରିପାରିବା ଡିଜେ ଦ୍ୱାରା ସୃଷ୍ଟ ଉଚ୍ଚ ଧ୍ୱନି (୧୦୦ ଡେସିବଲ୍ରୁ ଅଧିକ) କେତେ କ୍ଷତିକାରକ। ଆମ ପାଇଁ ଦିନବେଳେ ସର୍ବାଧିକ ୫୫ ଡେସିବଲ୍ ଓ ରାତ୍ରିବେଳେ ୪୫ ଡେସିବଲ୍ ମାତ୍ରାର ଧ୍ୱନି ସହନୀୟ ଓ ଗ୍ରହଣୀୟ, ଯାହାକି କ୍ଷତିକାରକ ନୁହେଁ। ମାତ୍ର ଅତି ଉଚ୍ଚମାତ୍ରାର ଧ୍ୱନି ଅନେକ କ୍ଷତିର କାରଣ ସାଜେ। ଉଚ୍ଚମାତ୍ରାର ଧ୍ୱନି ଦ୍ୱାରା ସ୍ମରଣଶକ୍ତି ହ୍ରାସ, ଉଚ୍ଚ ରକ୍ତଚାପ, ମୁଣ୍ଡବିନ୍ଧା, ହୃଦ୍‌ରୋଗ ଆଦି ସୃଷ୍ଟି ସହିତ ମାନସିକ ବିକାରଗ୍ରସ୍ତର କାରଣ ସାଜିଥାଏ। ବିଶେଷକରି ଗର୍ଭବତୀ, ହୃଦ୍‌ରୋଗୀ ଓ ମାନସିକ ରୋଗୀମାନେ ଏଥିରେ ଅଧିକ ଶିକାର ହୁଅନ୍ତି। ଗର୍ଭରେ ଥିବା ଶିଶୁ ଉପରେ ଏହାର ପ୍ରଭାବ ରହିଛି। ଉଚ୍ଚମାତ୍ରାର ଧ୍ୱନି ଗର୍ଭରେ ଥିବା ଶିଶୁର ହୃଦ୍‌ସ୍ପନ୍ଦନ ବଢ଼େଇବା ସହିତ ରକ୍ତ ସଞ୍ଚାଳନରେ ବ୍ୟାଘାତ ପହଞ୍ଚେଇଥାଏ। ବେଳେ ବେଳେ ଅତି ଉଚ୍ଚମାତ୍ରାର ଧ୍ୱନି ପ୍ରଭାବରେ ଶିଶୁଟି ମୂକବଧିର ହୋଇ ଜନ୍ମ ନେବାର ସମ୍ଭାବନା ଥାଏ। ଏପରିସ୍ଥଳେ ଚିକିତ୍ସାଳୟ ସଂଲଗ୍ନ ରାସ୍ତାରେ କାନଫଟା ଶବ୍ଦ ସହିତ ଭସାଣି ଓ ବିବାହ ଶୋଭାଯାତ୍ରାରେ ଯିବା କେତେଦୂର ଯୁକ୍ତିଯୁକ୍ତ ତାହା ହିଁ ବିଚାର୍ଯ୍ୟ। ପୁନଶ୍ଚ ଚିକିତ୍ସାଳୟ, କାର୍ଯ୍ୟାଳୟ, କୋର୍ଟ କଚେରି, ବିଦ୍ୟାଳୟ ଆଦି ଅଞ୍ଚଳ ତ ଆଇନତଃ 'ନିଶବ୍ଦ ଅଞ୍ଚଳ' ଭାବେ ଘୋଷିତ, ଯାହାର ୧୦୦ ମିଟର ଦୂରତା ମଧ୍ୟରେ କୌଣସି ପ୍ରକାର ଶୋଭାଯାତ୍ରା, ଡାକବାଜି ଯନ୍ତ୍ରର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ।

ନାନାଦି କୁପ୍ରଭାବକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ମଧ୍ୟ ଏତାଦୃଶ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗେଇଛନ୍ତି ଏବଂ ଶବ୍ଦ ପ୍ରଦୂଷଣ ଆଇନକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ମଧ୍ୟ ୨୦୦୦ ମସିହାରେ ଶବ୍ଦ ପ୍ରଦୂଷଣ (ନିୟନ୍ତ୍ରଣ ଓ କାର୍ଯ୍ୟକାରିତା) ବିଧେୟକ ପ୍ରଣୟନ କରିଛି। ଏହି ନିୟମକୁ କାର୍ଯ୍ୟକାରୀ କରି ଧ୍ୱନି ପ୍ରଦୂଷଣ ଉପରେ ଅଙ୍କୁଶ ଲଗେଇବାକୁ ସ୍ଥାନୀୟ ପ୍ରଶାସନକୁ କ୍ଷମତା ଅର୍ପଣ କରାଯାଇଛି। ସବୁଠାରୁ ବଡ଼କଥା ହେଉଛି ଏହି ପ୍ରକାର ବର୍ବରତାଠାରୁ ରକ୍ଷାପାଇବା ପାଇଁ ପ୍ରଶାସନର ନିଘା ଓ ନିଷ୍ଠା ସହିତ ଜନସାଧାରଣଙ୍କ ସତର୍କପଣିଆ ନିହାତି ଜରୁରୀ। ଅତଏବ ଆସନ୍ତୁ ନିଜ ବିବେକକୁ ଟିକେ ଜାଗ୍ରତ କରିବା, ଡିଜେ ଯନ୍ତ୍ରଠାରୁ ଦୂରେଇ ରହିବା ଏବଂ ସମସ୍ତ ପ୍ରକାର ବର୍ବରତାକୁ ବିରୋଧ କରିବା। ଉଚ୍ଚମାତ୍ରାର ଧ୍ୱନିକୁ 'ନା' କରି ଉଚ୍ଚମାନର ଚିନ୍ତା ଓ ଚେତନାକୁ ଆପଣେଇବା। କାରଣ ଆମେ ପଶୁ ନୁହଁ ମଣିଷ, ଯିଏ କି ସଦା ଊର୍ଦ୍ଧ୍ୱମୁଖୀ, ଅର୍ଥାତ ଯାହାର ମୁଣ୍ଡ (ଚିନ୍ତା, ଚେତନାର ଯନ୍ତ୍ରବାକ୍ସ) ସଦା ଊର୍ଦ୍ଧ୍ୱମୁଖୀ।

**ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

## ଏଇ ଭାରତରେ

ଗୋଆରେ ପ୍ଲାଷ୍ଟିକ ପ୍ରଦୂଷଣ ସେଠାକାର ପରିବେଶକୁ ବିଷାକ୍ତ କରିପକାଉଛି। ଏଥିରୁ ଗୋଆକୁ ମୁକ୍ତ କରିବା ଲାଗି ସଞ୍ଜୀବ ଖଣ୍ଡେଲୱାଲ ଆରମ୍ଭ କରିଛନ୍ତି ଏକ ଅଭିଯାନ, ଯାହାର ନାମ ହେଉଛି 'ମାକା ନାକା ପ୍ଲାଷ୍ଟିକ'। ଏହି ୱାନ୍ ମ୍ୟାନ୍ ମିଶନରେ ସେ ପ୍ଲାଷ୍ଟିକ ପ୍ରଦୂଷଣ ଦୂର କରିବା ଲାଗି କନାବ୍ୟାଗ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ ପ୍ରତିଦିନ ଗୋଆରେ ୬୦,୦୦୦ରୁ ଅଧିକ ପ୍ଲାଷ୍ଟିକ କ୍ୟାରିବ୍ୟାଗ୍ ବ୍ୟବହାର ହେଉଛି। ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ଦୂର କରିବା ଲାଗି ସଞ୍ଜୀବ ଅକ୍ଟୋବର ୨୦୨୧ରେ ମାକା ନାକା ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସେନ୍‌ସିବଲ୍ ଆର୍ଥ 'ସଂସ୍ଥା ମାଧ୍ୟମରେ ଚାଲୁଛି। ସେ ବ୍ୟକ୍ତି କିମ୍ବା ବିଭିନ୍ନ ସଂସ୍ଥାରୁ ଅଦରକାରୀ କିମ୍ବା ବ୍ୟବହୃତ କନା ସଂଗ୍ରହ କରି ସେଥିରେ ବ୍ୟାଗ ତିଆରି କରି ତାହାକୁ ଲୋକମାନଙ୍କୁ ମାଗଣାରେ ଦେଉଛନ୍ତି। ମାର୍କେଟକୁ ଆସୁଥିବା ଲୋକମାନଙ୍କୁ ସେ ୬,୦୦୦ କନାବ୍ୟାଗ୍ ବାଣ୍ଟି ସାରିଲେଣି। ଏବେ ସୁଦ୍ଧା ୧ ଲକ୍ଷ ବ୍ୟାଗ୍ ତିଆରି କରାଯାଇଛି ଓ ତାହାକୁ ବଣ୍ଟାଯିବା ଦ୍ୱାରା ୨ ମିଲିୟନ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାରକୁ ରୋକାଯାଇପାରିବ ବୋଲି କହିଛନ୍ତି ସଞ୍ଜୀବ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅକ୍ଟୋବର ୧୯୯୮

- ବିହାର ସରକାର ପ୍ରଥମ କିସ୍ତିରେ ବକେୟା ବିଦ୍ୟୁତ୍ ବିଲ୍ ବାବଦରେ ୫୦ କୋଟି ଟଙ୍କା ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ (ଏନ୍‌ଟିପିସି)କୁ ପୈଠ କରିଛନ୍ତି।
- ଆଫଗାନ ତାଲିବାନ ଗେରିଲାଙ୍କଠାରୁ କେନ୍ଦ୍ର ଏସୀୟ ସାଧାରଣତନ୍ତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରୁଷ ଏବଂ ଉଜବେକିସ୍ତାନ ମଧ୍ୟରେ ଏକ ଆଠବର୍ଷିଆ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 3 | | | 8 | 4 | | |
| 9 | | | | | 6 | 8 | | |
| | | | 9 | 5 | | | | |
| | 9 | | 2 | | 3 | 6 | | |
| | 3 | 6 | | | | | | |
| | 8 | | | | 1 | 2 | | 5 |
| | | | | | 4 | 1 | | |
| 4 | | | | 1 | | | | |
| | | | | 8 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 3 | 7 | 9 | 6 | 8 | 5 |
| 7 | 9 | 6 | 5 | 1 | 8 | 2 | 3 | 4 |
| 3 | 8 | 5 | 4 | 6 | 2 | 7 | 1 | 9 |
| 2 | 3 | 4 | 6 | 9 | 1 | 5 | 7 | 8 |
| 9 | 6 | 8 | 7 | 5 | 3 | 4 | 2 | 1 |
| 5 | 7 | 1 | 8 | 2 | 4 | 9 | 6 | 3 |
| 8 | 2 | 7 | 1 | 4 | 5 | 3 | 9 | 6 |
| 1 | 5 | 9 | 2 | 3 | 6 | 8 | 4 | 7 |
| 6 | 4 | 3 | 9 | 8 | 7 | 1 | 5 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ନାମ ଠିକ୍ ଲେଖ

ମହାଶୟ,

ଅନେକ ସମୟରେ ଲୋକେ ବିଭିନ୍ନ ଦେବଦେବୀଙ୍କ ନାମ ଠିକ୍ ଭାବରେ ଲେଖୁ ନ ଥିବା ଦେଖାଯାଉଛି। ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। କେତେକ ଦେବଦେବୀଙ୍କ ଠିକ୍ ନାମର ଏକ ତାଲିକା ଏଠାରେ ଦିଆଗଲା। ଅନ୍ତର୍ଯାମୀ, କାଳିକା, କୃତ୍ତିବାସ, ଗଣେଶ, ଗିରୀଶ, ଗୌରୀ ଶଙ୍କର, ଗୋଲକ ବିହାରୀ, ଜନାର୍ଦ୍ଦନ, ତାରିଣୀ, ଦିଗମ୍ବର, ଦୁର୍ଗା, ଦାଶରଥି, ଦେବଦେବୀ, ଚତୁର୍ଭୁଜ, ଚଣ୍ଡିକା, ଚନ୍ଦ୍ରଚୂଡ, ନୀଳାଦ୍ରି ବିହାରୀ, ପୀତାମ୍ବର, ବୀଣାପାଣି, ବିରୂପାକ୍ଷ, ବିଶ୍ୱମ୍ଭର, ବାଲୁକେଶ୍ୱର, ଭଗବାନ୍, ଭଗ୍ନାରିକା, ଯମେଶ୍ୱର, ଭୁବନେଶ୍ୱରୀ, ମଧୁସୂଦନ, ଶଙ୍କର୍ଷଣ, ଶଶିଭୂଷଣ, ଶମ୍ଭୁନାଥ ଓ ହୃଷୀକେଶ ଇତ୍ୟାଦି। ଅନେକ ଲେଖିଥିବା ଭୁଲ୍ ନାମଗୁଡ଼ିକ ହେଉଛି, ଅନ୍ତର୍ଯ୍ୟାମୀ, ଗୋଲୋକ ବିହାରୀ, ଦିଗାମ୍ବର, ଦେବାଦେବୀ, ନିଳାଦ୍ରୀ ବିହାରୀ, ଭଗବାନ, ଯମ୍ମେଶ୍ୱର, ହୃଷିକେଶ, ତାରୀଣି ଓ ବାଲୁଙ୍କେଶ୍ୱର ଇତ୍ୟାଦି।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନ୍ତେବାସୀ ହେଲେ ଜୀବନସାଥୀ

## କୁଷ୍ଠାଶ୍ରମରେ ନିଆରା ବିବାହ: ବର ୬୫କୁ କନ୍ୟା ୬୩

ବାଲେଶ୍ୱର, ୧୩।୧୦
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାମପଦାସ୍ଥିତ କୁଷ୍ଠାଶ୍ରମରେ ଥିଲେ ଅନ୍ତେବାସୀ। ହେଲେ ଏବେ ପାଲଟିଯାଇଛନ୍ତି ଜୀବନସାଥୀ। ବର ୬୫କୁ କନ୍ୟା ୬୩। ପ୍ରେମ ପାଇଁ ବୟସର କୌଣସି ପରିସୀମା ନ ଥାଏ ତାହା ଆଜି ପ୍ରମାଣିତ କରିଛନ୍ତି ଦାସ ମାରାଣ୍ଡି ଓ ପଦ୍ମାବତୀ ଦାସ। ସାତ ଜନ୍ମର ସାଥୀ ଭାବେ ଏମାନେ ପରସ୍ପରକୁ ଆପଣାଇ ନେଇଛନ୍ତି। ପରିଣତ ବୟସରେ କୁଷ୍ଠ ରୋଗକୁ ହରାଇଥିବା ଏହି ପ୍ରେମୀଯୁଗଳଙ୍କ ବିବାହ ଶୁକ୍ରବାର ଆଶ୍ରମ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ସମସ୍ତ ରୀତିନୀତିରେ ସମ୍ପନ୍ନ ହୋଇଛି। ଦାସ ମାରାଣ୍ଡି ପଦ୍ମାବତୀଙ୍କ ମଥାରେ ସିନ୍ଦୂର, ହାତରେ ଶଙ୍ଖା ପିନ୍ଧାଇ, ବେକରେ ବରଣମାଳା ଦେଇ ନିଜର ସ୍ତ୍ରୀ ଭାବରେ ସ୍ୱୀକାର କରିଛନ୍ତି। ଏହି ବିବାହରେ ଆଶ୍ରମବାସୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। କିଏ ଶଙ୍ଖ ଫୁଙ୍କିଥିଲା, ତ ଆଉ କିଏ ହୁଳହୁଳି ଦେଇଥିଲା। ସାରାଦିନ ଆଶ୍ରମ ପରିସରରେ ଲାଗି ରହିଥିଲା ଉତ୍ସବର ମାହୋଲ।

ପଦ୍ମାବତୀଙ୍କ ଘର ଔପଦା ବ୍ଲକ ଜୁଡ଼ାଗଡ଼ିଆ ଅଞ୍ଚଳରେ। ସେ ପୂର୍ବରୁ ବିବାହିତା ଥିଲେ। ୧୦ବର୍ଷ ପୂର୍ବେ ପଦ୍ମାବତୀ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଘୃଣା କରିବାରୁ ସେ ଘର ଛାଡ଼ି ଆସି ବାମପଦାରେ ଥିବା କୁଷ୍ଠାଶ୍ରମରେ ରହି ଚିକିତ୍ସିତ ହେଉଥିଲେ। ଏବେ ସେ କୁଷ୍ଠ ରୋଗରୁ ମୁକ୍ତ ହୋଇଛନ୍ତି, ହେଲେ ଘରକୁ ଫେରିନାହାନ୍ତି। ସେହିଭଳି ବାଲେଶ୍ୱର ସଦର ବ୍ଲକ ସାର୍ଥା ଗ୍ରାମରେ ଦାସ ମାରାଣ୍ଡିଙ୍କ ଘର। ସେ ମଧ୍ୟ କୁଷ୍ଠ ରୋଗରେ ଆକ୍ରାନ୍ତ ହେବା ପରେ ପରିବାର ଲୋକେ ତାଙ୍କୁ ଘରୁ ତଡିଦେଇଥିଲେ। ସେ ୩ ବର୍ଷ ତଳେ ଆସି ଏହି କୁଷ୍ଠାଶ୍ରମରେ ରହି ଭଲ ହୋଇଛନ୍ତି। ସେ ମଧ୍ୟ ଆଉ ଘରକୁ ଫେରିନାହାନ୍ତି। ଦାସ ମାରାଣ୍ଡି ଜଣେ ଖୁବ୍ ଭଲ ମଣିଷ। ତେଣୁ ତାଙ୍କୁ କୁଷ୍ଠାଶ୍ରମର ସମସ୍ତେ ଭଲ ପାଆନ୍ତି। ପ୍ରାୟ ୨ମାସ ହେବ ଦାସ ବିବାହ କରିବାକୁ ପଦ୍ମାବତୀଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ପଦ୍ମାବତୀ ପ୍ରଥମେ ରାଜି ହୋଇ ନ ଥିଲେ। ପରେ ଆଶ୍ରମର ଅନ୍ୟ ୨/୩ଜଣ ସ୍ତ୍ରୀ ଲୋକ ଦାସଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ପଦ୍ମାବତୀ ସମ୍ମତି ଜଣାଇଥିଲେ। ଉଭୟେ କୁଷ୍ଠାଶ୍ରମରେ ଥିବା ଡା. ସୁମିତ୍ରା ଦେଙ୍କୁ ଯାଇ ସମସ୍ତ କଥା ଜଣାଇଥିଲେ। ଡା. ଦେ ସେମାନଙ୍କର ବିବାହ ନିଜସ୍ୱ ଖର୍ଚ୍ଚରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ଉଭୟଙ୍କର ବିବାହ କୁଷ୍ଠାଶ୍ରମ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଦାସ ଓ ପଦ୍ମାବତୀଙ୍କ ବିବାହ ପରେ ସେମାନଙ୍କୁ ଲେପ୍ରୋସି ହସ୍ପିଟାଲ ବାରଣ୍ଡାକୁ ନିଆଯାଇ ବସାଯାଇଥିଲା। ସେଠାରେ ବରକନ୍ୟାଙ୍କୁ ଯିଏ ଯାହା ଉପହାର ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହ ସେମାନଙ୍କର ସୁଖମୟ ଜୀବନ କାମନା କରିଥିଲେ।



ବରକନ୍ୟାଙ୍କୁ ଆଶୀର୍ବାଦ କରୁଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ।

## ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୩।୧୦
(ଅନିଲ ଦାସ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ଚକବନ୍ଦୀ କମିଶନର ପ୍ରତାପ ଚନ୍ଦ୍ର ରାଉତଙ୍କୁ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବା ବେଳେ ମୟୂରଭଞ୍ଜ ଏଡିଏମ୍ ରୁଦ୍ରନାରାୟଣ ମହାନ୍ତିଙ୍କୁ ଭୁବନେଶ୍ୱର ଏଡିଏମ୍ ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ଏଡିଏମ୍ ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ଲଘୁଖଣିଜ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଢେଙ୍କାନାଳ ଏଡିଏମ୍ ନେତ୍ରାନନ୍ଦ ମଲ୍ଲିକଙ୍କୁ ମୟୂରଭଞ୍ଜ ଏଡିଏମ୍, ବ୍ରହ୍ମପୁର ଡେପୁଟି କଲେକ୍ଟର ଶୁଭଶ୍ରୀ ରଥଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲାପାଳ, ହିନ୍ଦୋଳ ବିଡିଓ ଶଙ୍କର ମିଶ୍ରଙ୍କୁ ଜଗତ୍‌ସିଂହପୁର ସ୍ପେଶାଲ ଏଲ୍‌ଏଓ ଏବଂ ବାଲେଶ୍ୱର ଅତିରିକ୍ତ ଉପଜିଲାପାଳ ପାର୍ଥସାରଥି ହାଁସଦାଙ୍କୁ ପୁରୀ ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି।

# ୧ଲକ୍ଷ ୩୫ ହଜାରରେ ବିକ୍ରିହେଲା ସାମୁଦ୍ରିକ କଉ

ଭୋଗରାଇ, ୧୩।୧୦
(ପ୍ରଦୀପ ଦାସ)

୧୧ଦିନ ବ୍ୟବଧାନ ପରେ ପୁଣି ଏକ ବିଶାଳକାୟ ସାମୁଦ୍ରିକ କଉ ମାଛ ଗଭୀର ସମୁଦ୍ରରୁ ଧରାଯାଇଛି। ବାଲେଶ୍ୱର ଜିଲା ବଳରାମଗଡ଼ି ମତ୍ସ୍ୟ ଅବତରଣ କେନ୍ଦ୍ରର ଟ୍ରଲର ମାଲିକ ସାବାଦ ଅଲ୍ଲୀଖାଁଙ୍କ ଟ୍ରଲରରେ ମତ୍ସ୍ୟଜୀବୀମାନେ ଏହି ବିରଳ ପ୍ରଜାତିର ମାଛକୁ ଧରି ଦୀଘା ମୁହାଣ ମାଛ ମାର୍କେଟକୁ ଶୁକ୍ରବାର ବିକ୍ରି କରିବାକୁ ଆଣିଥିଲେ। ଏହି ମାଛର ଓଜନ ୨କୁଇଣ୍ଟାଲ ହୋଇଥିବାବେଳେ ବାଂଲାଦେଶର ଡଲଫିନ କମ୍ପାନୀ ୧ଲକ୍ଷ ୩୫ହଜାର ଟଙ୍କାରେ ଏହି ମାଛକୁ କିଣି ନେଇଛି। ବିଦେଶରେ ଏହାର ଦାମ୍ ଅଧିକ। ମାଛ ଶରୀର ବ୍ଲାଡାରରୁ ଔଷଧ ଓ ମଣିଷ ଅପରେଶନ ବେଳେ ଏକ ମୂଲ୍ୟବାନ ସୂତା ବ୍ୟବହାର ହୁଏ ବୋଲି କୁହାଯାଉଛି। ଚଳିତ ଋତୁରେ ୪ଟି ଏହି ପ୍ରଜାତିର ସାମୁଦ୍ରିକ କଉ ବଙ୍ଗୋପସାଗରରେ ଧରାଯାଇ ଦୀଘା ମାଛ ମାର୍କେଟରେ ନିଲାମ କରାଯାଇଥିଲା। ସବୁଠୁ ବଡ଼ ୨ କୁଇଣ୍ଟାଲ ମାଛ ଶୁକ୍ରବାର ନିଲାମ କରାଯାଇଥିବା ଦୀଘା ଫିଶରମ୍ୟାନ ଆଣ୍ଡ ଫିଶର ଅର୍ଗାନାଇଜେଶନ ପକ୍ଷରୁ ସୂଚନା ଦିଆଯାଇଛି।



ଧରାଯାଇଥିବା ସାମୁଦ୍ରିକ କଉ ମାଛ।

# ରାଜ୍ୟରେ ଦୈନିକ କୋଟିଏରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି:ମନ୍ତ୍ରୀ

ଭୁବନେଶ୍ୱର, ୧୩।୧୦
(ସୁନିତ୍ ମିଶ୍ର)

ଅଣ୍ଡା ଚାହିଦା ବଢୁଥିବା ବେଳେ ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧିର ଯଥେଷ୍ଟ ସୁଯୋଗ ରହିଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ଜରିଆରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଣ୍ଡାଦିଆ କୁକୁଡ଼ା ପାଳନ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରିବା ଲାଗି ରାଜ୍ୟର ଉଦ୍ୟୋଗୀମାନଙ୍କୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟରେ ଦୈନିକ ୧ କୋଟିରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି। ଏହି ଧାରା ବଜାୟ ରଖି ଓଡ଼ିଶାକୁ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହ ଏକ ବଳକା ରାଜ୍ୟରେ ପରିଣତ କରିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଅଣ୍ଡାରେ ବିଭିନ୍ନ ପ୍ରକାର ଖାଦ୍ୟସାର ଯଥା -ଲିଉଟିନ୍, ଜାନଥିନ୍, କୋଲିନ୍, ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍ ଡି, ଆମିନୋ ଏସିଡ୍, ସ୍ନେହସାର ଭିଟାମିନ୍ ବି-୧୨ ଓ ଫୋଲିକ୍ ଏସିଡ୍ ଥିବାରୁ ଏହା ଏକ ସମ୍ପୂର୍ଣ୍ଣ ଖାଦ୍ୟ ଭାବେ ବିବେଚିତ ହୋଇଥାଏ ବୋଲି ସେ କହିଛନ୍ତି। ସମାରୋହରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଅଣ୍ଡାର ଖାଦ୍ୟଗୁଣ ଓ ଏହାର ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରାଇଛନ୍ତି।

## ଆକାଉଣ୍ଟକୁ ଭୁଲ୍‌ରେ ଆସିଥିବା ୫ ଲକ୍ଷ ଟଙ୍କା ଫେରାଇଲେ ଆଇନଜୀବୀ

ପାଟଣା, ୧୩।୧୦ (ବୀରକିଶୋର ଦାଶ): ଆକାଉଣ୍ଟକୁ ଭୁଲ୍‌ରେ ଆସିଥିବା ୫ଲକ୍ଷ ଟଙ୍କା ଫେରାଇ ମାନବିକତା ଦେଖାଇଛନ୍ତି କେନ୍ଦୁଝର ଜିଲା ସାହାରପଡ଼ାର ଆଇନଜୀବୀ ତଥା ଭାଜପା ନେତା ଶିବାଜୀ ଗୌତମ ମହାନ୍ତ ବର୍ମା। ଶୁକ୍ରବାର ମଧ୍ୟପ୍ରଦେଶ ଜବଲପୁରର ଆର୍ କେ କନ୍‌ଷ୍ଟ୍ରକ୍ସନ ନାମକ ଏକ କମ୍ପାନୀର ଆକାଉଣ୍ଟରୁ ସାହାରପଡ଼ାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଶିବାଜୀଙ୍କର ଥିବା ଆକାଉଣ୍ଟକୁ ୫ ଲକ୍ଷ ଟଙ୍କା ଆସିଥିଲା। ଏନେଇ କମ୍ପାନୀର ମ୍ୟାନେଜର ଦୁର୍ଗେସ ପଟେଲ ବ୍ୟାଙ୍କଠାରୁ ଶିବାଜୀଙ୍କ ଫୋନ ନମ୍ବର ନେଇ ଯୋଗାଯୋଗ କରିଥିଲେ। ଶିବାଜୀ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିଥିବା ଜାଣିବାକୁ ପାଇବା ପରେ ବ୍ୟାଙ୍କ ମ୍ୟାନେଜରଙ୍କ ଜରିଆରେ ପୁଣି ବ୍ୟାଙ୍କ ଖାତା ମାଧ୍ୟମରେ ୫ ଲକ୍ଷ ଟଙ୍କା ଫେରାଇ ଦେଇଛନ୍ତି। ସାହାରପଡ଼ା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କର୍ତ୍ତୃପକ୍ଷ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ତାଳସାରୀ ବେଳାଭୂମିରୁ ଧରାଗଲା ୧୩ ଫୁଟର କୁମ୍ଭୀର

ଭୋଗରାଇ, ୧୩।୧୦
(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରୁ ୧୩ ଫୁଟ ଲମ୍ବର ଏକ କୁମ୍ଭୀରକୁ ଉଦୟପୁର ବନ ବିଭାଗ ଶୁକ୍ରବାର ସକାଳେ କାବୁ କରିଛି। କୁମ୍ଭୀର ଅସୁସ୍ଥ ହୋଇଥିବାରୁ ଗାଡ଼ି ଯୋଗେ ବାଲେଶ୍ୱର ପ୍ରାଣୀଧନ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଯିବା ପରେ ଭୁବନେଶ୍ୱର ନନ୍ଦନକାନନକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ବିଶାଳକାୟ କୁମ୍ଭୀର ବାଲିଚଢ଼ରେ ନିଜ ଶରୀରକୁ ଢାଙ୍କିଦେଇ ମୁହଁ ଖୋଲା ରଖିଥିଲା। ମତ୍ସ୍ୟଜୀବୀମାନେ ସେହି ଚଢରେ ବିଶ୍ରାମ ନେବାକୁ ଯାଇ ଏକ କାଠ ଗଣ୍ଡି ପଡ଼ିଥିବା ଭାବି ସେଥିରେ ବସିବାକୁ ଯାଉଥିଲେ। ହଠାତ୍ କୁମ୍ଭୀରକୁ ଦେଖି ପ୍ରାଣ ଭୟରେ ପଳାଇଯାଇ ବନବିଭାଗକୁ ଖବର ଦେଇଥିଲେ। ବନପାଳ ପରମାନନ୍ଦଙ୍କ ନେତୃତ୍ୱରେ ବନରକ୍ଷୀ ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ୧୦ଜଣ ବନ କର୍ମଚାରୀ ସେଠାକୁ ଯାଇ କୁମ୍ଭୀରକୁ କୌଶଳକ୍ରମେ ଜାଲ ଘେରି କାବୁ କରିବା ସହିତ ମୋଟା ରଶିରେ ମୁହଁ ଓ ଶରୀରକୁ ବାନ୍ଧି ଭୁଟ୍‌ଭୁଟି ଯୋଗେ ବିଚିତ୍ରପୁର ଇକୋ ଟୁରିଜିମ୍‌କୁ ଆଣିଥିଲେ। ଏହି ବେଳାଭୂମିରୁ ପ୍ରଥମ ଥର ପାଇଁ ବିଶାଳକାୟ କୁମ୍ଭୀର ଧରାଯାଇଥିବାରୁ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।



ଉଦ୍ଧାର ହୋଇଥିବା କୁମ୍ଭୀର।

# ବିଦ୍ୟାଳୟ ହଷ୍ଟେଲରେ ୬ଷ୍ଠଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

## ଦାୟିତ୍ୱରେ ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ

ଗୁଣପୁର, ୧୩।୧୦
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂସ୍ଥିତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ହେଲେ କରଞ୍ଜିଆ ସିଂ ଗ୍ରାମର ରାଜେଶ ଭୂୟାଁଙ୍କ ଝିଅ ଲୀନା ଭୂୟାଁ। ଲୀନା ହଷ୍ଟେଲରେ ରହି ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଝିଅର ମୃତ୍ୟୁ ହୋଇଥିବା ମୃତ ଛାତ୍ରୀଙ୍କ ବାପା ରାଜେଶ ଅଭିଯୋଗ କରିଛନ୍ତି।

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ସାହୁଙ୍କ କହିବା ଅନୁଯାୟୀ, ଛାତ୍ରୀ ଲୀନା ଗୁରୁବାର ଅସୁସ୍ଥ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମ୍ୟାଲେରିଆ ଟେଷ୍ଟ ମଧ୍ୟ କରାଇଥିଲେ। ତେବେ ଶୁକ୍ରବାର ସକାଳୁ ଛାତ୍ରୀ ଜଣକ ହଠାତ୍ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବିଦ୍ୟାଳୟ ଓ ହଷ୍ଟେଲ କର୍ତ୍ତୃପକ୍ଷ ତୁରନ୍ତ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି, ଝିଅ ଅସୁସ୍ଥ ହେବା ବିଷୟରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ କୌଣସି ସୂଚନା ଦେଇ ନ ଥିଲେ। ସେମାନଙ୍କ ଅବହେଳା ପାଇଁ ଝିଅର ମୃତ୍ୟୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୁଟାସିଂ ପୋଲିସ ୬/୨୦୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଗୁଣପୁର ଡାକ୍ତରଖାନାରେ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରାଯାଇଛି। ଖବରପାଇ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଗୁଣପୁର ଆଇଟିଡିଏର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ, ଗୁଣପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ରାୟଗଡ଼ା ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ଗୁଣପୁର ଯୁବକଂଗ୍ରେସ ସଭାପତି ଅବିନାଶ ଗମାଙ୍ଗ, ପୁଟାସିଂ ସରପଞ୍ଚ ଏସିଅ ଶବର ଡାକ୍ତରଖାନାକୁ ଯାଇ ମୃତ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Urgently Required Female Trained Qualified Nurse cum Attendant 24 hour Service in Bhubaneswar.
Contact:9937203178

WANTED
ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
8093176446
9861513098

College of Pharmaceutical Sciences, Berhampur
At/PO: Mohuda (GM)- 760002 (Orissa)
Estd:1979
(Approved by AICTE, PCI & UGC and affiliated to BPUT, BU & OSBP)
www.cpsmohuda.org, Mobile No.7894824133, 9439868992
WALK IN INTERVIEW FOR PHARMACY FACULTY
POST : ASST. PROFESSOR

| | |
|---|---|
| Specialization | : Pharmacognosy, (Preferable) Pharmaceutical Chemistry Pharmaceutics, Pharmacology, Pharma Analysis, Pharmacy Practice |
| Eligibility | : As per PCI norms |
| Pay | : NEGOTIABLE |
| Date of Interview | : 15.10.2023 (Sunday) by 10.00 A.M. |
| Venue | : Administrative Office, GPCDA Kamalavari Street, Near Big Bazar Berhampur-760002 |

Please send your C.V. by E.mail: "placementcellcps@gmail.com" with in seven days and attend interview in with complete C.V., Original certificates as well as photo copies of all certificates.
PRINCIPAL
NB: No TA/DA will be given for attending the interview.

WANTED
ଧରିତ୍ରୀ DHARITRI Oriya daily is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.

Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.

Apply immediately to :
recruitment@dharitri.com
Attractive salary commensurate with experience

NRI Academy Of Sciences
(NRI MEDICAL COLLEGE, GENERAL & SUPER SPECIALITY HOSPITAL)
Chinakakani, Mangalagiri Mandal, Guntur District. A.P.
Phone: 91 8645-230101, 230102, 230197, 9849986271
NRI Medical College & General Hospital is a premier institution of Medical Education and Healthcare in the state of Andhra Pradesh. It has more than 1200 bed capacity with all General and Super Specialities.
Applications are invited for the following positions:
1. PROFESSORS in the departments of Anatomy, Forensic Medicine, General Medicine, General Surgery, Paediatrics, Cardiology, Neuro Surgery & Emergency Medicine.
2. ASSOCIATE PROFESSORS in the departments of Pharmacology, Forensic Medicine, SPM, Critical Care Medicine & Emergency Medicine.
3. ASST. PROFESSORS in the departments of Pharmacology, Forensic Medicine, Community Medicine (SPM), Anaesthesiology, Cardiology, Neurology, Neuro Surgery, Medical Oncology, Medical Gastroenterology, Emergency Medicine, CT Surgery & Critical Care Medicine.
4. SENIOR RESIDENTS in the departments of Emergency Medicine, Forensic Medicine & Critical Care Medicine.
5. MEDICAL OFFICERS for Aarogyasri/Ayushman Bharat i.e, government sponsored medical insurance schemes and Anti-Retroviral Therapy (ART) centre.

Qualifications for the positions 1 to 4, as per National Medical Commission (NMC) norms.
Salary is not a constraint for deserving candidates. Interested candidates may send their resumes within 10 days through email to: hrm@nrias.ac.in.
Website: www.nrias.net



# ଯେଉଁ ଲେଖାରେ ଅନ୍ଧାର ପ୍ରଭାମୟ, ତା'ରି ଲେଖକ ଜନ୍ ଫୋସେ



**ଜନ୍ ଫୋସେ**ଙ୍କ ଜନ୍ମ ୧୯୫୯ରେ ପଶ୍ଚିମ ନରୱେର ଏକ ଛୋଟ ଗାଁ ଷ୍ଟ୍ରାଣ୍ଡେବାର୍ମରେ। ସେଇଠି ବିତେ ତାଙ୍କ ଶୈଶବ। ଉପନ୍ୟାସ, ଗଳ୍ପ, ନାଟକ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ଓ ଅନୁବାଦ-ସାହିତ୍ୟର ନାନା ବିଧାରେ ୪୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ତାଙ୍କର ନିରବଚ୍ଛିନ୍ନ ଗତାଗତ। ତାଙ୍କ ରଚିତ ସାହିତ୍ୟ ୫୦ରୁ ଊର୍ଦ୍ଧ୍ୱ ଭାଷାକୁ ଅନୂଦିତ ଏବଂ ତାଙ୍କ ନାଟକ ବିଶ୍ୱର ବହୁ ମଞ୍ଚରେ ସହସ୍ରାଧିକ ବାର ମଞ୍ଚସ୍ଥ। ତାଙ୍କର ଉଲ୍ଲେଖନୀୟ ପୁସ୍ତକଗୁଡ଼ିକ ମଧ୍ୟରୁ କେତୋଟି ହେଲା– 'A New Name: Septology', 'Scenes from a Childhood', 'Morning and Evening', 'Melancholy', 'Alis at the Fire', 'Rambuku', 'Freedom', 'Over there', 'These Eyes', 'Girl in yellow Rain Coat', 'Someone is going to come home', 'The Guitar Man', 'Mother and Child', 'Slip my Baby Sleep', 'After Noon', 'Beautiful' ଓ 'I am the wind'. ସାହିତ୍ୟର ସଂରଚନା, ଭାଷା ଓ ଭାବକୁ ନେଇ ସେ ଏକାଧିକ ନବୋନ୍ମେଷୀ ପ୍ରବନ୍ଧ ଲେଖିଛନ୍ତି ଓ ସେସବୁ ଗ୍ରନ୍ଥାୟିତ ହୋଇଛି। ଏଥିରୁ ଦୁଇଟି ହେଲା– 'When an Angel goes through the stage and other Essays' ଏବଂ 'Gnostic Essays'. କେତେବେଳେ ଅଷ୍ଟ୍ରିୟା ତ କେତେବେଳେ ନରୱେରେ ବିତେ ଫୋସେଙ୍କ ସମୟ। ତେବେ ଓସ୍ଲୋର ଗ୍ରଟନ୍‌ରେ ସେ ସାମ୍ମାନିକ ଆବାସିକ। ୨୦୨୩ ପାଇଁ ଫୋସେଙ୍କୁ ମିଳିଛି ସାହିତ୍ୟରେ ନୋବେଲ। ତାଙ୍କ ସାହିତ୍ୟ-ସୃଷ୍ଟିକୁ ନେଇ ଏ ଆଲେଖ୍ୟ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...

ଦେଶେଦେଶେ

**ଜନ୍ ଫୋସେ** ନରୱେର ସର୍ବମାନ୍ୟ ନାଟ୍ୟକାର ଓ ଲେଖକ। ତାଙ୍କର ସବୁଠୁଁ ଦୀର୍ଘ ଗଦ୍ୟ ରଚନା ହେଉଛି 'Septology', ଯାହାର ସାତୋଟି ଭାଗ ତିନିଖଣ୍ଡରେ ପ୍ରକାଶିତ। ତାଙ୍କର ଗଦ୍ୟକୁ କୁହାଯାଏ 'ଧିମା ଗଦ୍ୟ' (slow prose)। ଏହା ବିଶ୍ୱର ୨୦ଟିରୁ ଅଧିକ ଭାଷାରେ ଅନୂଦିତ ଓ ଆଦୃତ। ଜୀବନର ନାନା ଦିଗ ତାଙ୍କ ସାହିତ୍ୟର ପ୍ରସଙ୍ଗ; ହେଉ ସେ କଳା, ପ୍ରକୃତି, ପ୍ରେମ, ସମୟ ବା ବନ୍ଧୁତା ଓ ମଦ୍ୟପାନ। ସବୁଥିରେ କିନ୍ତୁ ସମକାଳୀନତାକୁ ଛୁଇଁ ଛୁଇଁ ବହିଯାଉଥାଏ ଅନନ୍ତ ସମୟ। ଚଳିତ ବର୍ଷ ପ୍ରକାଶ ପାଇଛି ତାଙ୍କର ଉପନ୍ୟାସ 'Kvitleik' (A shinning)। ଜୀବନ ଓ ମୃତ୍ୟୁ ଏହି ଉପନ୍ୟାସର ପ୍ରସଙ୍ଗ। ଫୋସେଙ୍କ ସାହିତ୍ୟିକ ଜୀବନର ସାରସ୍ୱତ ମାଇଲଖୁଣ୍ଟ ଭାବେ ପରିଗଣିତ ଅନ୍ୟ ଉପନ୍ୟାସଟି ହେଉଛି– 'Raudt (Red) Svart' (Black)। ୨୦୨୨ରେ 'ଦ ନ୍ୟୁୟର୍କର'କୁ ଏକ ସାକ୍ଷାତ୍କାର ଦେଇ ଫୋସେ କହନ୍ତି: ''ମୋତେ ଲାଗେ ଯେ, ମୁଁ ଯାହା ଲେଖୁଛି, ତାହା ଆଗରୁ ଲେଖା ସରିଛି; ସେସବୁ ଏଇଠି କେଉଁଠି ମୋ' ଆଖପାଖରେ ଅଛି। ଗାଏବ ହୋଇଯିବା ଆଗରୁ ମୁଁ ଲେଖିଦିଏ। 'ବ୍ୟକ୍ତିଗତ'କୁ 'ସାର୍ବଭୌମିକ' ସହ ଯୋଡ଼ିବା ତୃଣମୂଳ ସ୍ତରରେ ବଞ୍ଚୁଥିବା ମଣିଷଙ୍କ ସହ ଏକାତ୍ମ ହେବା ତାଙ୍କୁ ଆଜି ନୋବେଲ ବିଜେତା ସ୍ତରରେ ଉପନୀତ କରାଇଛି। ଯେଉଁମାନଙ୍କର ନିଜକଥା କହିବାର ଯୁ' ନାହିଁ, ସେହିମାନଙ୍କର ସ୍ୱର ଜନ୍ ଫୋସେ। ନୋବେଲ ପ୍ରଶସ୍ତିପତ୍ରରେ ତାଙ୍କ ନାଟକକୁ 'ଅଭିନବ' ଓ ଗଦ୍ୟ 'ଅଣଗତାନୁଗତିକ' କୁହାଯାଇଛି। ନୋବେଲ ସମିତି କହିଛନ୍ତି– ''ପୃଥିବୀରେ ସବୁଠୁଁ ଅଧିକ ନାଟ୍ୟ ପ୍ରଦର୍ଶନ କରିଥିବା ଲେଖକଙ୍କ ମଧ୍ୟରୁ ଫୋସେ ଅନ୍ୟତମ। ନିଜର ନିଆରା ଗଦ୍ୟ ପାଇଁ ସେ ବିଶେଷ ଭାବେ ପରିଚିତ।'' ପୁରସ୍କାରକୁ ସ୍ୱୀକାର କରି ଫୋସେ କହିଛନ୍ତି– ''ଏଥିରେ ମୁଁ ଯେତିକି ଅଭିଭୂତ, ସେତିକି ଭୟଭୀତ। ମୁଁ ଏ ପୁରସ୍କାରକୁ ଆଉ କିଛି ନୁହେଁ, 'ସାହିତ୍ୟକୁ ପୁରସ୍କାର' ଭାବେ ବିବେଚନା କରେ।'' ଫୋସେଙ୍କୁ ଯେତେବେଳେ ମାତ୍ର ସାତବର୍ଷ ବୟସ, ସେ ଏକ ପ୍ରାଣଘାତୀ ଦୁର୍ଘଟଣାର ଶିକାର ହୋଇଥିଲେ, ଯାହା ତାଙ୍କ ଜୀବନର ମାର୍ଗକୁ ସାରସ୍ୱତ ଦିଶାରେ ଅଗ୍ରସର କରାଇଥିଲା। ୨୦୧୨ରେ ସେ କ୍ୟାଥଲିକ୍ ଧର୍ମ ଗ୍ରହଣ କରିଥିଲେ। ଏହା ବି ତାଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିଥିଲା। ୧୯୮୩ରେ ତାଙ୍କ ସାହିତ୍ୟ ଜୀବନର ଅୟମାରମ୍ଭ ହୋଇଥିଲା ତାଙ୍କ ରଚିତ ଉପନ୍ୟାସ 'ରେଡ୍ ବ୍ଲାକ୍'ରୁ। ଏହାର ପରବର୍ତ୍ତୀ ଉପନ୍ୟାସଟି ଥିଲା 'ମେଲାନ୍‌କୋଲି' (ଉଦାସୀ), ଯାହାର ପ୍ରକାଶକାଳ ୧୯୯୫। 'ଉଦାସୀ'ର ଦୁଇଟି ଭାଗ। ଦ୍ୱିତୀୟ ଭାଗଟି ପ୍ରକାଶ ପାଇଥିଲା ୧୯୯୬ରେ। କୁହାଯାଇଛି, ଏହାର ଆଧାର ଜୀବନ ଓ ମୃତ୍ୟୁ। ତାଙ୍କର ପ୍ରଭାବଶାଳୀ ନାଟକଗୁଡ଼ିକ ମଧ୍ୟରେ 'ସମ୍ ୱାନ୍ ଇଜ୍ ଗୋଇଙ୍ଗ୍ ଟୁ କମ୍' ଓ 'ଦ ନେମ୍' ଅତି ପ୍ରଖ୍ୟାତ। ଫୋସେଙ୍କ ଆଧୁନିକତାବାଦୀ ଚିନ୍ତା ଓ ବ୍ୟତିକ୍ରମୀ ଗଦ୍ୟଶୈଳୀକୁ ଲକ୍ଷ୍ୟ କରି କେହି କେହି ତାଙ୍କୁ ହେନ୍‌ରିକ୍ ଇବ୍‌ସନ୍‌ଙ୍କ ସହ ତୁଳନା କରିଥା'ନ୍ତି, ଯାହା ଅସତ୍ୟ ନୁହେଁ। ଫୋସେଙ୍କ ଲେଖାରେ ଥାଏ ଏକ ଧାରଣା (idea)। ଗଦା ଗଦା ଉସୁକାଣିରେ ଭରା ନୁହେଁ ଏସବୁ। ସମସାମୟିକତାର ସ୍ୱର ଥାଏ ଚାପା ଚାପା କିମ୍ବା ଅଣଦେଖା। ସମୟ ସମୟରେ ଯଦିଓ ତାଙ୍କ ଲେଖାରେ ଥାଏ ମୃତ୍ୟୁ ଭାବନା ଓ ସ୍ଥିତିବାଦୀ ବିତଳସ୍ପର୍ଶ, ତେବେ ଏହା କଦାପି ଭ୍ରାନ୍ତି ସଞ୍ଚାରକ ନୁହେଁ, ଦ୍ୱେଷପୂର୍ଣ୍ଣ ନୁହେଁ; ଆଶା ଓ ଆସ୍ଥାରେ ଭରପୂର। ତାଙ୍କ ଲେଖାର ସବୁଠୁଁ ବଡ଼ ବୈଶିଷ୍ଟ୍ୟ ହେଲା, ଏଥିରେ ନିହିତ ଥାଏ ଏକ ମାନବୀୟ ଉଦ୍ଧାମତା, ଏକ ମାନବୀୟ ଭାବନା; ଯାହା ପାଠକର ଅନ୍ତରକୁ ଆପ୍ଲୁତ କରିଦିଏ– ସେଇ ଭାବନାର ମଞ୍ଜି ପ୍ରୋତ୍‌ଥିତ ହୋଇ ରହିଥାଏ ଫୋସେଙ୍କ ପ୍ରାୟ ଲେଖାରେ। ପଢ଼ିଦେଲା ମାତ୍ରେ ସେ ଲେଖା ଅନୁରଣିତ ହୋଇଚାଲେ ପାଠକର ଅନ୍ତର୍ଲୋକରେ।




ଫୋସେ କହନ୍ତି– 'ସାହିତ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଉଠେ ସେତିକିବେଳେ, ଯେତେବେଳେ ଏକ ମାନବୀୟ ଉଦ୍ଦୀପନା ଲେଖାଟି ଭିତରେ ସଂଚିତ ହୋଇଥାଏ।'' ବିଜ୍ଞାପନର ଭାଷା, ସ୍କୁଲ ବହିର ଭାଷା, ଖବରକାଗଜ ଓ ଗଣମାଧ୍ୟମର ଭାଷା ସବୁ ସ୍ଥିତିରେ ଖାପିଥାଏ। ଏପରି ଖାପିଯିବା ଭଳି ସାମାଜିକ-ପରିସରର ଭାଷାରେ ଲେଖାଯାଉଥିବା ବହିରେ ସମସମୟର ଚମକ ଥାଏ ଏବଂ ସମୟ ସାମାନ୍ୟ ଆଗକୁ ଗଲେ ଏସବୁ ଗତାୟୁ ସମାଜର ଫିକା-ଛବି ମାତ୍ର ହୋଇ ରହେ। ଉଦାହରଣ ସ୍ୱରୂପ, ୧୯୬୦ ଦଶକରେ ଲେଖାଯାଇଥିବା ବହି, ଯେଉଁ ସମୟର ଲେଖା, କେବଳ ସେହି ସମୟର କଥା କହେ; ଯେମିତି ଏକ ଫଟୋ ଯେଉଁ ସମୟର ସେହି ସମୟର ଛାଞ୍ଚକୁ ପ୍ରତିଫଳିତ କରେ। ଏହି କାରଣରୁ ତିଷ୍ଠି ରହିବା ଯେଉଁ ସାହିତ୍ୟର ଲକ୍ଷ୍ୟ ସେ ସାହିତ୍ୟ ତାତ୍କାଳିକତାର ଠାଣି ଭିତରେ ଅଟକି ରହେ ନାହିଁ, ଏକ ସାମାଜିକ ସ୍ଥିତିରେ ସବୁଠି ଖାପିଯାଉଥିବା ଭାଷାବଳୟରେ ବନ୍ଦୀ ହୁଏ ନାହିଁ। ବନ୍ଧନକୁ ସ୍ୱୀକାର କରୁଥିବା ଭାଷା ସାହିତ୍ୟର ଭାଷା ନୁହେଁ, ବନ୍ଧନକୁ ଅମାନ୍ୟ କରୁଥିବା ଭାଷା ସାହିତ୍ୟର ଭାଷା। ଲିଓ ଟଲ୍‌ଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି'ରେ ଯେତେବେଳେ ନାୟକ ପ୍ରିନ୍ସ ଆନ୍ଦ୍ରେଇ ସଙ୍ଗୀତର ଏକ ଝଲକ ମାତ୍ର ଶୁଣି ଲୁହ ଗଡ଼ାଉଛି ଓ ବୁଝିବାକୁ ଚେଷ୍ଟା କରୁଛି ଲୁହର କାରଣ, ସେତେବେଳେ ସେ ଦେଖୁଛି ଏକ ଭୟାନକ ବିରୋଧାଭାସ, ଯାହା ନିଜ ଭିତରର ଅସୀମ ଆନନ୍ତ୍ୟ ଓ ବାହାର ଭୌତିକତାର ବାଧା ମଝିରେ ଲଟକିଛି। ଜନ୍ ଫୋସେଙ୍କର ସମସ୍ତ ଲେଖା ପଛରେ ଏହି ବିରୋଧାଭାସ ହିଁ ହୋଇଥାଏ ପ୍ରେରଣା।

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

### ଶ୍ରୀକ୍ଷେତ୍ରର ମଠ ଇତିହାସ




**ଲେଖକ:** ଡ. ଭାସ୍କର ମିଶ୍ର
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୬୦୦/-

ଶ୍ରୀକ୍ଷେତ୍ରରେ ଅଷ୍ଟମ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ଗଢ଼ିଉଠିଥିବା ବିଭିନ୍ନ ଧର୍ମ ସମ୍ପ୍ରଦାୟ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକର ଇତିହାସ ସଂଗ୍ରହ ଓ ତା'ର ବ୍ୟାଖ୍ୟାନ ପ୍ରସ୍ତୁତି ଏକ କଷ୍ଟସାଧ୍ୟ କାର୍ଯ୍ୟ ହୋଇଥିଲେ ବି ଡକ୍ଟର ଭାସ୍କର ମିଶ୍ର ନିଜର ବ୍ୟକ୍ତିଗତ ଚେଷ୍ଟା ଓ ଅଧ୍ୟବସାୟରେ ସାଢ଼େ ଛ'ଶହ ପୃଷ୍ଠା ସମ୍ବଳିତ 'ଶ୍ରୀକ୍ଷେତ୍ରର ମଠ ଇତିହାସ' ପ୍ରଣୟନ କରିଛନ୍ତି। ଗ୍ରନ୍ଥରେ ମୋଟ ୫ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ଶ୍ରୀକ୍ଷେତ୍ରରେ ମଠାନୁଷ୍ଠାନର ଉତ୍ପତ୍ତି ଓ କ୍ରମ ବିକାଶ, ମଠାଧୀଶ ପରମ୍ପରା; ଦ୍ୱିତୀୟ ପରିଚ୍ଛେଦରେ ଶ୍ରୀଗୋବର୍ଦ୍ଧନ ମଠରୁ ଦିଲ୍ଲୀ ବାଳକ ରାମଦାସ ମଠଯାଏଁ ବିବରଣୀ, ତୃତୀୟ ପରିଚ୍ଛେଦରେ ଶ୍ରୀମନ୍ଦିର ଦୈନନ୍ଦିନ ନୀତିରେ ମଠ ସମୂହର ଭୂମିକା, ରଥଯାତ୍ରାରେ ମଠମାନଙ୍କ ଭୂମିକା; ଚତୁର୍ଥ ପରିଚ୍ଛେଦରେ ସନକ ସମ୍ପ୍ରଦାୟ ପରମ୍ପରା, ପଞ୍ଚମ ପରିଚ୍ଛେଦରେ ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଶ୍ରୀକ୍ଷେତ୍ରର ମଠ ଓ ସେମାନଙ୍କର ଭୂମିକା ଆଦି ତନ୍ନ ତନ୍ନ କରି ବର୍ଣ୍ଣନା କରାଯାଇଛି। ଗ୍ରନ୍ଥର ଅଭିମତରେ ଏହି ଗ୍ରନ୍ଥ ପ୍ରକାଶ ଦ୍ୱାରା ଉତ୍କଳର ଏକ ଅନାଲୋଚିତ ଅଧ୍ୟାୟ ଇତିହାସରେ ସ୍ଥାନପାଇଛି ବୋଲି କୁହାଯାଇଛି। ଏହି ଗ୍ରନ୍ଥରେ ହୁଏତ ଶ୍ରୀକ୍ଷେତ୍ରରେ ସଂସ୍ଥାପିତ ସବୁ ମଠର ସୂଚନା ନ ଥାଇପାରେ, କିନ୍ତୁ ପରବର୍ତ୍ତୀ ଗବେଷଣା ପାଇଁ ଯେ ଏହା ଏକ ସ୍ଥାୟୀ ଆଧାର, ଏଥିରେ ସନ୍ଦେହ ନାହିଁ। ଯେଉଁମାନେ ଆଧ୍ୟାତ୍ମିକ-ପର୍ଯ୍ୟଟନରେ ଆଗ୍ରହୀ, ତାଙ୍କ ପାଇଁ ଏହା ଏକ ନିର୍ଭରଯୋଗ୍ୟ ଗାଇଡ୍ ବୁକ୍।

### ଟ୍ରାଇବ୍‌ସ ଇନ୍ ଟ୍ରାନ୍‌ଜିଶନ୍




**ଲେଖକ:** ଡ. ବିମ୍ବାଧର ବେହେରା
**ପ୍ରକାଶକ:** କାବ୍ୟଲୋକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ଶହେରୁ ଅଧିକ ପୃଷ୍ଠାର ଏହି ବହିଟି ସଂକଟାପନ୍ନ ଆଦିବାସୀ ସମ୍ପ୍ରଦାୟ, ସେମାନଙ୍କର ଲୁପ୍ତପ୍ରାୟ ଭାଷା ଓ ସଂସ୍କୃତି ବିଷୟକ ଏକ ତଥ୍ୟସମୃଦ୍ଧ ଗ୍ରନ୍ଥ। ମୋଟ ତେରଟି ପରିଚ୍ଛେଦରେ ବିଭକ୍ତ ଏହି ପୁସ୍ତକଟି ଇଂଲିଶ୍ ଭାଷାରେ ରଚିତ ହୋଇଥିବାରୁ ଏହା ଆବିଶ୍ୱ ଆଦିବାସୀ ସଂସ୍କୃତି ପ୍ରତି ଆଗ୍ରହୀ ପାଠିକାପାଠକଙ୍କୁ ଓ ଗବେଷିକା ଗବେଷକମାନଙ୍କୁ ଉଦ୍‌ବୁଦ୍ଧ କରିପାରିବ। ଏଥିରେ ବର୍ଣ୍ଣିତ ବା ଆଲୋଚିତ ପ୍ରସଙ୍ଗ ମଧ୍ୟରେ ଉତ୍ତର ଓଡ଼ିଶାର ଆଦିବାସୀ-ତନ୍ତ୍ର ପରମ୍ପରା, ଭୂୟାଁ ଆଦିବାସୀ ପରମ୍ପରାରେ ନୃତ୍ୟର ଗୁରୁତ୍ୱ, ଜୁଆଙ୍ଗ ସମାଜ-ସାଂସ୍କୃତିକ ଜୀବନରେ ଉନ୍ନୟନମୂଳକ କାର୍ଯ୍ୟର ପ୍ରଭାବ, ଶ୍ରୀଜଗନ୍ନାଥ ସଂସ୍କୃତିରେ ରହସ୍ୟବାଦର ଭୂମିକା, ଆଦିବାସୀ କୃଷି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଆଦିବାସୀଙ୍କ ସମାଜ-ସାଂସ୍କୃତିକ ଜୀବନରେ ବ୍ୟାଙ୍କ୍-ଅର୍ଥନୀତିର ପ୍ରଭାବ, ଜନସଂଖ୍ୟା ବୃଦ୍ଧି: ସମସ୍ୟା ନୁହେଁ ଶକ୍ତି, ବୈତରଣୀ ନୀଳ-ଉପତ୍ୟକାର ତାତ୍ପର୍ଯ୍ୟ, କେନ୍ଦୁଝରର ଆଦିବାସୀ ପର୍ବ-ପର୍ବାଣି, କୃଷି ଓ ଜଙ୍ଗଲକୈନ୍ଦ୍ରିକ ଉତ୍ତର ଓଡ଼ିଶାର ଲୋକସାହିତ୍ୟ, ଆଦିବାସୀ ସଂସ୍କୃତିର ସୁରକ୍ଷା, ଆଦିବାସୀ ଓ ପରିବେଶ ଅଧ୍ୟୟନ ଆଦି ପ୍ରମୁଖତା ବହନ କରିଛି। ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ଲେଖକଙ୍କ ଅଧ୍ୟୟନ ଓ ଅନୁଭୂତିପୁଷ୍ଟ ହୋଇଥିବାରୁ ଓଡ଼ିଶାର ଆଦିବାସୀ ବିଶେଷକରି କେନ୍ଦୁଝର ଓ ମୟୂରଭଞ୍ଜର ଆଦିବାସୀ ଜନଜୀବନ, ଭାଷା ଓ ସଂସ୍କୃତିର ଆକଳନ ପାଠିକାପାଠକ ଓ ଗବେଷିକା-ଗବେଷକଙ୍କ ପାଇଁ ମାର୍ଗଦର୍ଶୀ ସାବ୍ୟସ୍ତ ହେବ ବୋଲି ଆଶା।

## କାଳକାଳକୁ

''ଭଲ ଲେଖା ମୋତେ ଉଦ୍ଦୀପିତ କରେ ଓ ଜୀବନ ବଞ୍ଚିବାରେ ସାର୍ଥକତା ଆଣିଦିଏ।''
– ହାରୋଲ୍‌ଡ ପିଣ୍ଟର୍



**ହାରୋଲ୍‌ଡ ପିଣ୍ଟର୍‌ଙ୍କ** ଜନ୍ମ ୧୦ ଅକ୍ଟୋବର ୧୯୩୦ରେ ଓ ପରଲୋକ ୨୪ ଡିସେମ୍ବର ୨୦୦୮ରେ, ଲଣ୍ଡନରେ। ସେ ଏକାଧାରରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ଚିତ୍ରନିର୍ମାତା ଓ ଅଭିନେତା। ରେଡିଓ, ମଞ୍ଚ, ଟେଲିଭିଜନ ଓ ଚଳଚ୍ଚିତ୍ରରେ ସମଭାବେ ସେ ବିଭିନ୍ନ ଭୂମିକାରେ ସକ୍ରିୟ ଥିଲେ। ଅତ୍ୟନ୍ତ ପ୍ରଭାବଶାଳୀ ଏହି ଆଧୁନିକ ବ୍ରିଟିଶ୍ ନାଟ୍ୟକାରଙ୍କର ବହୁ ପ୍ରଚାରିତ ନାଟକଗୁଡ଼ିକ ମଧ୍ୟରୁ କେତୋଟି ହେଉଛି 'ଦ ବାର୍ଥ ଡେ ପାର୍ଟି' (୧୯୫୭), 'ଦ ହୋମ୍ କମିଙ୍ଗ୍' (୧୯୬୪) ଓ 'ବିଟ୍ରେୟାଲ୍' (୧୯୭୮)। ପଚାଶ ବର୍ଷର ଦୀର୍ଘ ଲେଖକ ଜୀବନ ବିତାଇଥିବା ଏହି ଲେଖକ କହନ୍ତି: ''ମଣିଷ ଜୀବନରେ ମାତ୍ର ଦୁଇଟି ମହାର୍ଘ ଦିନ ଆସେ– ଗୋଟିଏ ତା' ଜନ୍ମଦିନ, ଆଉ ଗୋଟିଏ ଯେଉଁଦିନ ସେ ଆବିଷ୍କାର କରେ କାହିଁକି ତା'ର ଜନ୍ମ।'' ବିଶ୍ୱ ନାଟକକୁ ନିଜର ମହନୀୟ ଅବଦାନ ପାଇଁ ୨୦୦୫ରେ ତାଙ୍କୁ ମିଳେ ସାହିତ୍ୟରେ ନୋବେଲ ପୁରସ୍କାର।

## କବିତା

### ଦେବୀ

**ସନ୍ନ୍ୟାସୀ ନାୟକ**

ଦେବୀ!
ତୁମ ଆବାହନରେ
ଗଜୁରି ଉଠେ
ସଫେଦ ସକାଳ...
ନ୍ୟାୟ ପାଇଁ
ଯନ୍ତ୍ରଣାକ୍ତ ପ୍ରାଣର ବିକଳ...
ସମ୍ଭାବୀ ସମାଧାନର ଗୁଣ ଫଳ...
ମାତୃଶକ୍ତିର ଆବାହନରେ
ପୃଥିବୀରେ ପୂରିଯାଏ ଫୁଲଫଳ...
କାଶତଣ୍ଡୀ ଧାଡ଼ି ଧାଡ଼ି ନାଚଇ ତାଳରେ
ଶରତ ଆକାଶ ଦେଉଥାଏ ତାଳ...

ଯନ୍ତ୍ରଣାକ୍ତ ପତିତା ମାଟିରୁ
ଜନ୍ମନିଏ ମହାବଳ...
ପାପ ନାଶିବାକୁ ଖଣ୍ଡା ଖର୍ପର କରାଳ
ଯୋଗଜନ୍ମା ଅଯୋନି ସମ୍ଭୂତା
ଯା ଦେବୀ ସର୍ବଭୂତେଷୁ ମହାକାଳ...
ଦୁର୍ଜୟ ବାଜାର ତାଣ୍ଡବେ
ଉଗ୍ର ରୂପେ ଥରହର ଧରା
କାକୁସ୍ଥ ପାପୀର ବିକଳ...
ନାଶହୁଏ ପାପ
ଉଶ୍ୱାସର ଭାଗଫଳ...
ଭୋଗିବାକୁ ମଣିଷ
ଚାହିଁଥାଏ ଚିରକାଳ...

ଦେବୀ!
ତୁମ ବିସର୍ଜନରେ
ମଉଳିଯାଏ କାଶତଣ୍ଡୀ...
ଅଚାନକ ବାତ୍ୟାରେ
ପୃଥିବୀକୁ ମାଡ଼ିଆସେ ଦୁର୍ଗତି...
ତୁମ ଦୟାର ଦାୟାଦ
ଦାନବର ପ୍ରତିମୂର୍ତ୍ତି...
ତୁମ ବିସର୍ଜନ ଭସାଣିରେ
ତୁମ ଆଗେ ଉଗ୍ର ମୂର୍ତ୍ତି...
ବାଟଘାଟ ସବୁ ବନ୍ଦ
ଶୁଭୁଥାଏ ମହିଷାସୁର ରଡ଼ି...

ଦେବୀ!
ତୁମ ବିସର୍ଜନ ପରେ
ଆରମ୍ଭ ମହିଷାସୁର ପଟୁଆର...
ପୋଲିସ କର୍ଡନରେ
ବାଣ ରୋଶଣିରେ
ମାତାଲ ସମସ୍ତେ
କିଏ ନୁହେଁ କାହାର...

ଦେବୀ!
ତୁମେ ଆବିର୍ଭୂତା ହେଲେ ପଛେ ହୁଅ
ବିସର୍ଜିତ କେବେ ବି ନହୁଅ...
ସଂସାରରୁ ପାପଭାରା କମାଇବାକୁ
ତୁମ ଆଗମନ ବେଳେ
ତୁମ ବିସର୍ଜନରେ ପାପଭାର ବଢ଼ାଇ ନଦିଅ

ଦେବୀ!
ତୁମ ବିସର୍ଜନରେ ପାପଭାର ବଢ଼ାଇ ନଦିଅ।

ମୋ: ୯୪୩୭୩୫୨୫୬୦

### ଧଉଳିଗିରି

**ହରିଶ୍ଚନ୍ଦ୍ର ବେହେରା**

ଦେଖିବ ଗୋଟେ ଇତିହାସ ପୋଥି
ଥୁଆ ହୋଇଛି ପଥର ଠଣାରେ ସେଇଠି
ଚାହିଁବ ତ ଧୀରେ ଖୋଲିବ ତା' ପୃଷ୍ଠା
କେମିତି ବୋହିପଡ଼ିବ ରକ୍ତ ଜୀର୍ଣ୍ଣ ପତ୍ର ଦେହରୁ

ପାଖରେ ବହୁଛି ଦୟା
ତାକୁ ଆଉ ଯାଚିବନି
ସଧବାର ସିନ୍ଦୂର

ତା' ଆଖିରୁ ସରିଯାଇଛି ଲୁହ
ଆଉ ତାକୁ କନ୍ଦେଇବନି

ପାଖରେ କାନଡେରିବ
ଶୁଣିପାରିବ ତରବାରିର ଝଣତ୍କାର
ଅଶ୍ୱଙ୍କର ହ୍ରେଷା
ଗଜାରୋହୀଙ୍କ ଆସ୍ଫାଳନ
ବେସାହାରା ବିଧବା ଓ ଶିଶୁଙ୍କ କାନ୍ଦଣା

ଏ ମାଟି ଶିଖେଇଥିଲା କରୁଣା
ଜୀବେ ଦୟା
ଜୀବନ ବିନିମୟରେ ମା'କୁ ବଞ୍ଚେଇବାର ବୀରପଣ

କେମିତି ତରଳିଗଲା ଗୋଟେ ପଥର ଛାତି
ଚଣ୍ଡାଳର ହାତରୁ ଖସିପଡ଼ିଲା
ରକ୍ତରଞ୍ଜିତ ତରବାରି
ରେ ରେ କା'ର ହୁଙ୍କାର ତୂର୍ଯ୍ୟନାଦ
ମୁଣ୍ଡରୁ ଦୃପ୍ତ ଶିରସ୍ତ୍ରାଣ
ବିସ୍ତାରବାଦର ସ୍ପର୍ଦ୍ଧା

ସେଇଠି ଚିହ୍ନିପାରିବ କେଉଁଟା କଳିଙ୍ଗ
କେଉଁଟା କଙ୍ଗୋଦ କୋଶଳ କି ଉତ୍କଳ
ପଚାର ତାକୁ କହିଦେବ
କିଏ ଛିଣ୍ଡେଇଦେଲା ଗଙ୍ଗାଠୁ ଗୋଦାବରୀର
ଦର୍ପିତ ମାନଚିତ୍ର
ଗୋଟେ ଶୌର୍ଯ୍ୟଶାଳୀ ଜାତିର

ଏବେ ବି କୁଆଁରୀ ଗୁମ୍ଫାରେ ଜଳେ ନୀଳ ଦୀପ
ସେଇ ସ୍ତିମିତ ଆଲୁଅରେ ଦିଶିଯାଏ ମୁହଁଟିଏ
ସୁନ୍ଦରୀ କାରୁବାକୀର

ମହାକାଳକୁ ସାମ୍ନା କରି ଠିଆହେଇଛି
ଗୋଟେ ରକ୍ତରଞ୍ଜିତ ଇତିହାସ
ଯାହାକୁ ଧୀରେ ଧୀରେ ଘୋଡ଼େଇ ଦେଉଛି
ଅନାବନା ଜଙ୍ଗଲ

ଆମ ପିଲାଏ ଚିହ୍ନିବେ
ହଁ ହଁ ଏ ଗୋଟିଏ ପର୍ଯ୍ୟଟନସ୍ଥଳୀ
ପଢ଼ା ଇତିହାସ ବହିରେ ଅଛି
ଭୂଗୋଳ ମାନଚିତ୍ରରେ ଅଛି
ନାଁ ତା'ର ଧଉଳି।

ମୋ: ୯୪୩୭୮୧୩୭୦୮

## ପରୀକ୍ଷାର୍ଥୀ

**ଦୀପକ କୁମାର ମହାନ୍ତି**

ଲଘୁ ଗଳ୍ପ

ଅଫିସ୍ ଯିବା ବାଟରେ ଏକ ସ୍କୁଲ ଫାଟକ ସାମ୍ନାରେ ଲୋକମାନଙ୍କ ଭିଡ଼କୁ ଦେଖି ସୁଧାବାବୁ ଅଟକିଗଲେ। ପଚାରିଲେ, ଏଠି ଏତେ ଭିଡ଼?

ଜଣେ ଭଦ୍ରଲୋକ ଭିଡ଼ ଭିତରୁ ବାହାରି ଆସି ଉତ୍ତର ଦେଲା, ସାର୍! ସ୍କୁଲରେ ମାଟ୍ରିକ୍ ପରୀକ୍ଷା ଚାଲିଛି।

ହଉ, ଠିକ୍ ଅଛି କହି ଗାଡ଼ି ଷ୍ଟାର୍ଟ କରି ଅଫିସ୍‌ମୁହାଁ ହେଲେ ସୁଧାବାବୁ।

ଅଫିସ୍‌ରେ ପହଞ୍ଚି ଦେଖିଲେ, ବଡ଼ବାବୁଙ୍କ ୫ଟା ମିସ୍ କଲ୍।

ଉତ୍କଣ୍ଠାର ସହ ଫୋନ୍‌ଟି କାଢ଼ି ସୁଧାବାବୁ ରିଂ କଲେ। କ'ଣ ହେଲା ବଡ଼ବାବୁ?

ସେପଟୁ ଉତ୍ତର ଆସିଲା– ସୁଧାବାବୁ! ଗତକାଲି ଯେଉଁ ଚିଠିଗୁଡ଼ିକ ପାଇଥିଲେ, ତାକୁ ଶୀଘ୍ର ଫାଇଲରେ ପୁଟ୍‌ଅପ୍ କରିଥିବେ, ଜରୁରୀ ଅଛି। କାଲି ଅଫିସ ଗଲେ ମୁଁ ସେଗୁଡ଼ିକୁ ଦେଖିବି। ଆଜି ଛୁଟିରେ ଅଛି। ପୁଅର ମାଟ୍ରିକ୍ ପରୀକ୍ଷା।

ଯଦି ଏତେ ଜରୁରୀ, ତା'ହେଲେ ଛୁଟିରେ ରହୁଥିଲେ କାହିଁକି? ପୁଅର ପରୀକ୍ଷା ଅଥଚ ବାପା ଛୁଟି ନେଇ ରହିବା କ'ଣ ଦରକାର! ଆଜିକାଲି ଇଏ ଗୋଟେ ଫେଶନ ହେଇଗଲାଣି। ପିଲାମାନେ ପାଠପଢ଼ା ପାଇଁ ଯେତେ ବ୍ୟସ୍ତ ନୁହନ୍ତି, ମା' ବାପାମାନେ ତା'ଠୁଁ ଅଧିକ। ହଠାତ୍ ପିଅନ ଡାକରେ ପ୍ରକୃତିସ୍ଥ ହୋଇ ଏକ ଜରୁରୀ ଫାଇଲ୍ ଧରି ହାକିମଙ୍କ ପାଖକୁ ଗଲେ।

ପରୀକ୍ଷା ସରିଲା। ତା' ପରଦିନ ବଡ଼ବାବୁ ଅଫିସରେ ପହଞ୍ଚୁ ପହଞ୍ଚୁ ସୁଧାବାବୁ ପଚାରିଲେ– ପୁଅର ପରୀକ୍ଷା କେମିତି ହେଲା? ଗଣିତ ପ୍ରଶ୍ନ କେମିତି ପଡ଼ିଥିଲା?

ଟିକିଏ ଗମ୍ଭୀର ରହି ବଡ଼ବାବୁ ଉତ୍ତରଦେଲେ, ସବୁ ଠିକ୍‌ଠିକ୍ ଉତ୍ତର ଦେଇଛି ବୋଲି ତ କହୁଛି। ହେଲେ...

ହେଲେ ପୁଣି କ'ଣ? ସୁଧାବାବୁ ପଚାରିଲେ।

ପ୍ରଶ୍ନ ସହଜ ଥିଲା। କିନ୍ତୁ ପୁଅ ପାଖକୁ ଠିକ୍ ସମୟରେ କାଗଜଟି ପହଞ୍ଚି ପାରିଲା ନାହିଁ। ନ ହେଲେ ସେ ଗଣିତରେ ୧୦୦ରୁ ୧୦୦ ଠିକ୍ ଉତ୍ତର ଦେଇଥା'ନ୍ତା।

କାଗଜ ମାନେ ଆପଣ କପି କଥା କହୁଛନ୍ତି ତ! ଆପଣ ପୁଅକୁ ନୈତିକ ସମର୍ଥନ ଦେବାକୁ ଯାଇଥିଲେ ନା କପି ଦେବାକୁ? ସେ ଗଳାବାଟ ଧରିବାକୁ ଆପଣଙ୍କୁ କିଏ କହିଲା?

ଗଳାବାଟ! ଆଜିକାଲି ତ କୋର୍ଟ, କଚେରିଠାରୁ ଆରମ୍ଭ କରି ବ୍ଲକ, ତହସିଲ, ଥାନା ଓ ଡାକ୍ତରଖାନା ସବୁଠି ଲୋକମାନେ ଯେଉଁ ପରୀକ୍ଷାର ସମ୍ମୁଖୀନ ହେଉଛନ୍ତି ତାହା ନ କହିଲେ ଭଲ। ଗଳାବାଟ ନ ଧରିଲେ ଠିକଣା ଜାଗାକୁ ଯାଇପାରୁ ନାହାନ୍ତି। ସବୁ ଜାଗାରେ ଗଳାବାଟ ଦେଇ ଯାଉଥିବା ଲୋକଟି ସଫଳ ହେଉଛି। ଅକ୍ଳେଶରେ କାମ ହାସଲ କରୁଛି। ତା'ଛଡ଼ା, ସ୍କୁଲରେ କ'ଣ ପାଠପଢ଼ା ହେଉଛି? ଶିକ୍ଷକମାନେ ତ ମାସ ମାସ ଧରି ବିକ୍ଷୋଭ, ଧାରଣା, ହରତାଳ ଏବଂ ରାଜନୀତିରେ ମାତିଲେ। ସ୍କୁଲରେ କୋର୍ସ ସରିଲା ନାହିଁ। ପିଲାମାନଙ୍କ ପାଠପଢ଼ା ବି ଅଧା ରହିଲା। ଫଳରେ ସେମାନଙ୍କ ଡାଉଟ୍ କ୍ଲିୟର ହେଲା ନାହିଁ। ପରୀକ୍ଷାରେ ପାସ୍ କରିବେ କେମିତି?

ସୁଧାବାବୁ କିଛି କହିବାକୁ ଆଗଭର ହେଉଥିବା ବେଳେ ବଡ଼ବାବୁ ନିଜ ଟେବୁଲ ଉପରେ ଫାଇଲ୍‌ଗୁଡ଼ିକ ଥୁଆ ହୋଇଥିବାର ଦେଖି ପଚାରିଲେ– ଏତେଗୁଡ଼ାଏ ଫାଇଲ? ଏ ସବୁ କାହାର? ଫାଇଲ୍‌ଗୁଡ଼ିକ ଫେରିଲା, ନା ହାକିମଙ୍କ ନିକଟକୁ ଯିବ?



ବଡ଼ବାବୁ! ସେ ଫାଇଲ୍‌ଗୁଡ଼ିକ ହାକିମଙ୍କ ପାଖକୁ ଯିବ। ସେଥିରେ ମୋର ଗୋଟିଏ ଜରୁରୀ ଫାଇଲ୍ ଅଛି। ସେଇଟା ଆଗ ଦେଖି ହାକିମଙ୍କ ନିକଟକୁ ପଠାଇଦିଅନ୍ତୁ। ଆସନ୍ତାକାଲି ସଚିବଙ୍କ ରିଭ୍ୟୁ ମିଟିଂ ଅଛି। ତା'ଛଡ଼ା କାର୍ଯ୍ୟବ୍ୟସ୍ତତା ଭିତରେ ମୁଁ ଆପଣଙ୍କୁ ଗୋଟେ କଥା କହିବାକୁ ଭୁଲିଯାଇଛି। ଗତକାଲି ଜଣେ ଭଦ୍ରଲୋକ ଆସିଥିଲେ। ସେ ଆପଣଙ୍କୁ ଖୋଜୁଥିଲେ, ଗୋଟିଏ ଫାଇଲ୍‌ର ଷ୍ଟାଟସ୍ ଜାଣିବା ପାଇଁ। ବହୁତ ସମୟ ଅପେକ୍ଷା କଲେ। ସେ ଦେଇଥିବା ଲଫାପାଟି ଆପଣଙ୍କ ଟେବୁଲ ଡ୍ରୟାରରେ ରଖିଦେଇଛି। ତାଙ୍କ ଫାଇଲ୍‌ଟି ଟିକେ ଦେଖିବେ।

ବସିଥିବା ଟେବୁଲ ଡ୍ରୟାରଟିକୁ ଟାଣି ଆଣି ବଡ଼ବାବୁ ହସି ହସି କହି ଉଠିଲେ– ଠିକ୍ ଅଛି, ମୁଁ ଦେଖୁଛି।

ମୋ: ୯୪୩୮୩୨୯୦୫୯

# ଅର୍ମାନ ହେଲେ ଗ୍ରାଣ୍ଡମାଷ୍ଟର

ବଇଣ୍ଡା,୧୩।୧୦ (ପରିକ୍ଷିତ ସାହୁ)

ମାତ୍ର ଗୋଟିଏ ମିନିଟ୍ ମଧ୍ୟରେ ୫୮ଟି ପ୍ରାଣୀଙ୍କ ବୈଜ୍ଞାନିକ ନାମ କହିପାରିଥିବାରୁ ୱାର୍ଲ୍ଡ ରେକର୍ଡ ୟୁନିଭରସିଟି ତରଫରୁ ଗ୍ରାଣ୍ଡ ମାଷ୍ଟର ଉପାଧିରେ ସମ୍ମାନିତ ହୋଇଛନ୍ତି ୮ ବର୍ଷର ବାଳକ ଅର୍ମାନ ଅନିମେଶ ଜେନା। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଡାକ୍ତର ଦୀନବନ୍ଧୁ ଜେନା ଓ ସ୍ୱର୍ଗତ ସରୋଜିନୀ ମହାନ୍ତିଙ୍କ କନିଷ୍ଠ ନାତି ତଥା ବିଲେଇନାଳୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ଜେନା ଓ ସୌମିତ୍ରୀ ଜେନାଙ୍କ ଏକମାତ୍ର ପୁଅ ଅର୍ମାନ ୨୦୨୩ ମସିହା ପାଇଁ ଏହି ଗ୍ରାଣ୍ଡମାଷ୍ଟର ସମ୍ମାନ ପାଇ ଅନୁଗୋଳ ଜିଲା ପାଇଁ ଗୌରବର ଅଧିକାରୀ ହୋଇପାରିଛନ୍ତି। ଅର୍ମାନ ପୂର୍ବରୁ ୨ଥର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଥରେ ଏସିଆ ବୁକ୍ ଅଫ୍ ରେକର୍ଡ ଓ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଥିଲେ। ସାଇନ୍ସ ଅଲିମ୍ପିଆଡ୍ ଫାଉଣ୍ଡେଶନ ୨୦୨୨ର ଗଣିତ ସାମାଜିକ ବିଜ୍ଞାନ ପରୀକ୍ଷାରେ ଅନ୍ତର୍ଜାତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅର୍ମାନ ଏହି ସଫଳତାର ଶ୍ରେୟ ତାଙ୍କ ଜେଜବାପା, ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦେଇଛନ୍ତି।


ରେକର୍ଡଧାରୀ ଅର୍ମାନ।

# ଯୋଜନା ଓ ସଂଯୋଜନ ମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ

## ଡାବୁଗାଁ ନିର୍ବାଚନମଣ୍ଡଳୀରେ ୧୬ ପ୍ରକଳ୍ପର ଭୂମି ପୂଜନ

ଡାବୁଗାଁ/ପାପଡ଼ାହାଣ୍ଡି/କୋଷାଗୁମୁଡ଼ା,୧୩।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା/ସ୍ୱପ୍ନଜିତ ପଟ୍ଟନାୟକ/ପ୍ରସାଦ ବିଷୋୟୀ)

ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଶୁକ୍ରବାର ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀର ୪ ସ୍ଥାନରେ ୧୬ ପ୍ରକଳ୍ପର ଭୂମିପୂଜନ କରିଛନ୍ତି। ମନ୍ତ୍ରୀ ଡାବୁଗାଁ ଚିକିଲି ଗ୍ରାମର ମିନି ଷ୍ଟାଡିୟମରେ ପହଞ୍ଚି ଚଚରାଗୁଡା ଓ ମେଦାନ ପଞ୍ଚାୟତ ହାଟପିଣ୍ଡି, ଚଚରାଗୁଡ଼ା ଓ ଅଞ୍ଜଳା ଗ୍ରାମରେ ବ୍ୟାଙ୍କ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମନ୍ତ୍ରୀଙ୍କ ସମେତ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ଏମ୍ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଦଳ ଛାଡ଼ି ମାନିଆଗୁଡା ଗ୍ରାମର ୫୭ ଓ ଚଚରାଗୁଡ଼ା ଗ୍ରାମର ୫ ଜଣ ବିଜେଡିରେ ମିଶିଥିଲେ।

ଏହାପରେ ମନ୍ତ୍ରୀ ସେଠାରୁ ଯାଇ ମଧ୍ୟାହ୍ନ ୧୨ଟାରେ ମୈଦଲପୁର ହାଟପଦାରେ ଓ ୧ଟାରେ ମୋକିଆ ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ସବୁବେଳେ ନବରଙ୍ଗପୁର ଜିଲାବାସୀଙ୍କ ଉନ୍ନତି ଲାଗି ଚେଷ୍ଟିତ। ସେ ଲୋକଙ୍କ ରାସ୍ତା, ଘର, ସ୍ୱାସ୍ଥ୍ୟ, ବିଦ୍ୟାଳୟ ଆଦିର ଉନ୍ନତୀକରଣ କରୁଥିବା କହିଥିଲେ। ଲକ୍ଷ୍ମୀ, ବିଏସ୍କେୱାଇ, ଟଙ୍କିକିଆ ଚାଉଳ ଆଦି ଯୋଜନା ସମ୍ପର୍କରେ ମନ୍ତ୍ରୀ ଅଭିଭାଷଣ ଦେଇଥିଲେ। ପାପଡ଼ାହାଣ୍ଡିରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଏମ୍ପି ମାଝି, ବିଧାୟକ ରନ୍ଧାରୀଙ୍କ ସମେତ ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲିକ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ଜିଲା ପରିଷଦ ସଭ୍ୟ ଯଶବନ୍ତ ନାୟକ, ଜିଲା ବିଜେଡି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ତ୍ରୀ କୋଷାଗୁମୁଡ଼ା ବ୍ଲକ ତାରାଗାଁ ଷ୍ଟାଡିୟମରେ ପହଞ୍ଚିବାପରେ ବିଜେଡି ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ପରେ କୋଟାଗାଁ ବୀର ଚାଉଁରିଆ ବିଦ୍ୟାଳୟର ଉନ୍ନତୀକରଣ, ମୁନିଗୁଡ଼ାରୁ ଶିରଶିଆଗୁଡା ରାସ୍ତା, ବି.ଏମ୍. ସେମଲାରୁ ଡକରି ଭଟ୍ଟା ରାସ୍ତା, ଭାସ୍କଲ ନଦୀ ଉପରେ ସୁଉଚ୍ଚ ସେତୁ, ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି।


ପାପଡ଼ାହାଣ୍ଡି ବ୍ଲକ ମୋକିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ଉପସ୍ଥିତ ଅନ୍ୟ ନେତାମାନେ।

# ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ପ୍ରଦ୍ୟୋତ କୁମାର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୧୩।୧୦ (ବନ୍ଦନା ସେଠୀ)

ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ତଥା ୧୯୭୦ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ପ୍ରଦ୍ୟୋତ କୁମାର ମିଶ୍ରଙ୍କର ଦିଲ୍ଲୀଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ମିଶ୍ର ଜଣେ ଦକ୍ଷ, କର୍ତ୍ତବ୍ୟପରାୟଣ ଓ କର୍ମଚାରୀ ବତ୍ସଳ ଅଧିକାରୀ ଭାବରେ କୋଲକାତା, ଓଡ଼ିଶା ଓ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟ ନିର୍ବାହ କରିଥିଲେ। ଓଡ଼ିଶା ଆୟକର ବିଭାଗର ମୁଖ୍ୟ ଭାବରେ ସେ ବହୁ ପଦକ୍ଷେପ ନେଇଥିଲେ। ଆୟକର ବିଭାଗର ଭିଜିଲାନ୍ସ ନିର୍ଦ୍ଦେଶାଳୟ ମହାନିର୍ଦ୍ଦେଶକ ଭାବେ ଦିଲ୍ଲୀଠାରେ କାର୍ଯ୍ୟ କରି ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ମଧ୍ୟ ଆୟକର ଓମ୍ବୁଡ୍ସମ୍ୟାନ ଭାବେ ସେ ଚଣ୍ଡୀଗଡ଼ଠାରେ ଅବସ୍ଥାପିତ ହୋଇଥିଲେ। ଛାତ୍ରାବସ୍ଥାରେ ଜଣେ ଦକ୍ଷ ହକି ଖେଳାଳି ଭାବେ ସେ ସୁନାମ ଅର୍ଜନ କରି ରାଜ୍ୟ ପାଇଁ ଖେଳିବାର ସୁଯୋଗ ପାଇଥିଲେ। ମିନୁବାବୁ ନାମରେ ସେ ଅତ୍ୟନ୍ତ ଜନପ୍ରିୟ ଥିଲେ। ସ୍ୱର୍ଗତ ମିଶ୍ର ଶିକ୍ଷାବିତ୍ ତଥା ଅର୍ଥଶାସ୍ତ୍ର ବିଶାରଦ ଡ. ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର। ତାଙ୍କ ସ୍ତ୍ରୀ ଅଧ୍ୟାପିକା ସ୍ମିତା ମିଶ୍ର ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ସ୍ୱର୍ଗତ ନବକୁମାର ଦାଶଙ୍କ କନ୍ୟା। ଝିଅ ସୁଚିତା ଓ ଜ୍ୱାଇଁ ଡ. ଡି. ଆର୍. ପଣ୍ଡା ଦିଲ୍ଲୀ ଆଇଆଇଟିରେ କାର୍ଯ୍ୟରତ ଥିବାବେଳେ ପୁଅ ସଞ୍ଜିତ ଓ ବୋହୂ ଚାରୁ ସିଙ୍ଗାପୁରରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ ଅବସ୍ଥାପିତ। ମିଶ୍ରଙ୍କ ମୃତ୍ୟୁରେ ଓଡ଼ିଶା ଆୟକର ବିଭାଗରେ ଶୋକର ବାତାବରଣ ସୃଷ୍ଟି ହୋଇଛି।


ପ୍ରଦ୍ୟୋତ କୁମାର ମିଶ୍ର

# ଲାଓସରେ ୩୫ ଓଡ଼ିଆ ଶ୍ରମିକ ପଣବନ୍ଦୀ

## ସୁରକ୍ଷିତ ଫେରାଇ ଆଣିବାକୁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୧୦ (ଅନିଲ ଦାସ)

ଦକ୍ଷିଣ–ଏସୀୟ ରାଷ୍ଟ୍ର ଲାଓସରେ ୩୫ ଜଣ ଓଡ଼ିଆ ଶ୍ରମିକ ପଣବନ୍ଦୀ ରହିଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରମ କମିଶନର ଏନ୍. ଥିରୁମାଲା ନାୟକ ଏ ନେଇ ଲାଓସରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିଛନ୍ତି। ଦୂତାବାସ କର୍ତ୍ତୃପକ୍ଷ ଓଡ଼ିଆ ଶ୍ରମିକମାନଙ୍କ ସହ ସମ୍ପର୍କରେ ରହିଛନ୍ତି। ସେମାନଙ୍କୁ କିପରି ସୁରକ୍ଷିତ ଭାବେ ଭାରତକୁ ଫେରାଇ ଅଣାଯିବ ସେ ନେଇ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଭାରତୀୟ ଦୂତାବାସ ପକ୍ଷରୁ ଅବଗତ କରାଯାଇଛି।

# ନେତାଜୀଙ୍କ ପ୍ରତିମୂର୍ତ୍ତିରୁ ଆଖି ତାଡ଼ିନେଲେ ଦୁର୍ବୃତ୍ତ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି କିଛିଦିନ ହେବ ଅସୁରକ୍ଷିତ ହୋଇପଡ଼ିଛି। ଏପରି କି ସହରସ୍ଥିତ ଭାଗୀରଥି ସାଗର ନୂଆ ପୋଖରୀଠାରେ ଥିବା ନେତାଜୀ ଶିଶୁ ଉଦ୍ୟାନ ପରିସରରେ ନୂତନ ଭାବେ ପ୍ରତିଷ୍ଠିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରୁ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ବାମ ଆଖି ତାଡ଼ି ନେଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଏହି ଘଟଣା ଜଣାପଡିବା ପରେ ସହର ମଧ୍ୟରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। କିଛିଦିନ ତଳେ ଉକ୍ତ ପ୍ରତିମୂର୍ତ୍ତିରୁ କେହି ଦୁର୍ବୃତ୍ତ ମୁଣ୍ଡ କାଟି ନେଇଥିବା ପରି ଘଟଣା ଘଟିଥିଲା। ପୌରସଂସ୍ଥା ପକ୍ଷରୁ ନେତାଜୀଙ୍କ ଏକ ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲେ ହେଁ ପୁଣି ଥରେ ସେହି ପ୍ରତିମୂର୍ତ୍ତିରୁ ବାମଆଖି ତାଡ଼ି ନିଆଯିବା ଘଟଣା ସହର ମଧ୍ୟରେ ଆଲୋଚନାର ବିଷୟ ହୋଇଥିଲା। ଏ ସଂକ୍ରାନ୍ତରେ ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର କହିଛନ୍ତି, କେହି ଦୁର୍ବୃତ୍ତ ଏଭଳି କାମ କରିଥିବା ସନ୍ଦେହ କରାଯାଉଛି। ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ପ୍ରତିମୂର୍ତ୍ତିର ଆଖି ମରାମତି କରାଯାଇଛି।



# କାର୍ଗୋ ପରିଚାଳନାରେ ଧାମରା ବନ୍ଦରର ରେକର୍ଡ

ଭଦ୍ରକ,୧୩।୧୦ (ସନାତନ ରାଉତ)

ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏପିଏସ୍ଇଜେଡ୍) ଅଧୀନରେ ଥିବା ଆଦାନୀ ଧାମରା ବନ୍ଦର କାର୍ଗୋ ପରିଚାଳନା କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ହାସଲ କରିଛି। ୨୪ ଘଣ୍ଟା ମଧ୍ୟରେ ୨,୨୬,୬୧୦ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରି ପୂର୍ବର ସମସ୍ତ ରେକର୍ଡ ଅତିକ୍ରମ କରିଛି। ପୂର୍ବରୁ ଧାମରା ପୋର୍ଟ ଗତ ମେ ୩୦ରେ ୧,୮୫,୮୫୬ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରିଥିଲା। ଧାମରା ବନ୍ଦରର ଏହି ସଫଳତାକୁ ନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକ୍କର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ବଳରେ ଏହା ସମ୍ଭବ ହୋଇପାରିଛି। ଏହି ଅବସରରେ ଗୁରୁବାର କେକ୍ କଟାଯାଇ ଉତ୍ସବ ପାଳନ କରାଯାଇଥିଲା।

ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ ହେଉଛି ଭାରତର ସର୍ବବୃହତ୍ ବନ୍ଦର ଓ ଲଜିଷ୍ଟିକ୍ କମ୍ପାନୀ ଯାହା ଦେଶର ଏକ ଚତୁର୍ଥାଂଶ କାର୍ଗୋ ପରିଚାଳନା କରିଥାଏ। ଦେଶର ଗୁଜରାଟ, ମହାରାଷ୍ଟ୍ର, ଗୋଆ, କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ଓଡ଼ିଶା ୭ଟି ରାଜ୍ୟର ୧୩ଟି ଘରୋଇ ବନ୍ଦର ଏପିଏସ୍ଇଜେଡ୍ ଦ୍ୱାରା ପରିଚାଳିତ। ଅତ୍ୟାଧୁନିକ ଭିତ୍ତିଭୂମି, ସ୍ୱୟଂଚାଳିତ ଉଚ୍ଚକ୍ଷମତା ସମ୍ପନ୍ନ ମେଶିନର ବ୍ୟବହାର ଏପିଏସ୍ଇଜେଡ୍‌ର ବନ୍ଦରଗୁଡ଼ିକୁ କେବଳ ଯେ ଉତ୍କୃଷ୍ଟ କରିଛି ତାହା ନୁହେଁ ବରଂ ଭାରତୀୟ ଉପକୂଳରେ ବୃହତ୍ ଜାହାଜଗୁଡ଼ିକ ପରିଚାଳନା କରିବାରେ ସକ୍ଷମ ହୋଇଛି।


ଧାମରା ବନ୍ଦରରେ ଲାଗିଥିବା ଏକ ଜାହାଜ।

# ଇସ୍ରାଏଲ୍‌ରୁ ଫେରିଲେ ୯ ଓଡ଼ିଆ

ଭୁବନେଶ୍ୱର,୧୩।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଯୁଦ୍ଧ ପ୍ରଭାବିତ ଇସ୍ରାଏଲ୍‌ରୁ ଶୁକ୍ରବାର ୯ ଓଡ଼ିଆ ଭାରତ ଫେରିଥିବାବେଳେ ୪ଜଣ ଓଡ଼ିଶାରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରଠାରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନେ ହେଲେ ଶତାବ୍ଦୀ ନାୟକ, ଜିତେନ୍ ପଟ୍ଟନାୟକ, ଭୂପେଶ ମେହେର ଓ ବିମଳେନ୍ଦୁ ମହାପାତ୍ର। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ଓ ପ୍ରଣଜିତ୍ ମହାନ୍ତି ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସେମାନେ କହିଛନ୍ତି, ଆମେ ଯେଉଁ ଅଞ୍ଚଳରେ ଥିଲୁ ସେ ସ୍ଥାନ ବିଶେଷ ଭାବେ ଯୁଦ୍ଧ ପ୍ରଭାବିତ ନ ଥିଲା। ମାତ୍ର ସାଇରନ୍ ବାଜିବା ଆଉ ଏହି ସବୁ ଘଟଣା ସମ୍ପର୍କରେ ଶୁଣି ଭୟଭୀତ ଥିଲୁ। ଏବେ ଆମ ମାଟିକୁ ଫେରି ବହୁତ ଖୁସି ଲାଗୁଛି। ସେଠାକାର ସ୍ଥିତି ଶୀଘ୍ର ସୁଧୁରିଯାଉ ବୋଲି ସେମାନେ ପ୍ରକାଶ କରିବା ସହ ଭାରତ ସରକାରଙ୍କ ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଦେଇଛନ୍ତି।

STATE SELECTION BOARD
DEPARTMENT OF HIGHER EDUCATION, GOVT. OF ODISHA
BHUBANESWAR - 09
NOTICE
No. 1186/SSB Date: 12.10.2023
No. N-89: It is for information of all candidates who have applied for the Post of Lecturers in pursuance of Advertisement. No.02/2023 that the portal of State Selection Board shall remain open from 14.10.2023 (11.00 A.M.) to 16.10.2023 (5.00 P.M) to give them an opportunity to edit the wrong entries made by them in their online application forms. They can log in by entering their Email ID and password and effect necessary changes. No further extension of time shall be allowed.
OIPR-11015/11/0013/2324 Sd./- Secretary

BOARD OF REVENUE, ODISHA,CUTTACK
No.VII(A)-18/2023-4559/M.B.(Niz.),Dated:12/10/2023
QUOTATION / TENDER CALL NOTICE
Quotations/Tenders are invited for supply of two (02) Nos. of Apple make MacBook Air-MBA-15.3/8GB unified memory/ 512 GB SSD/8 Core CPU/ Apple M2 Chip to Board of Revenue, Odisha, Cuttack.
2. The details of the tender may be downloaded from this office website http://www.boardodisha.nic.in.
3.The last date of submission of Tender is 27.10.2023 by 12.00 P.M. The Tender shall open on 27.10.2023 at 2.00 P.M.

UTKAL UNIVERSITY
Vani Vihar, Bhubaneswar - 751004
No. SW/702/R-188/2023 Dated: 12.10.2023
TENDER CALL NOTICE
No. CAD-2446: Sealed tenders are invited from reputed firms/ registered dealers/manufacturers (inside Odisha) for supply of Gold Medals as per specifications. The details of materials along with terms and conditions shall be made available in the University website www.utkaluniversity.ac.in. Intending bidders should submit the sealed tenders on before 02.11.2023 by 3 P.M. in the Office of the Director, Student's Welfare along with up-to-date GST, GSTCC, PAN Number, ITCC Certificate and required EMD & cost of tender paper as specified in the terms and conditions. The tender will be opened on 02.11.2023 at 04.00 P.M. in the presence of the Tenderers/Parties or their representatives.
The authorities of the University reserve the right to cancel any or all tenders without assigning any reason thereof.
OIPR-11009/11/0001/2324 Sd./- Registrar

କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା
ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୪୭୧, ୨୨୨୦୭୬୦ ଇ-ମେଲ: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍ଏସ୍/ହ୍ୟାଣ୍ଡଲିଂ-ସିସିଆଇ/ଓଡ଼ିଶା/ରାୟଗଡ଼ା/୨୦୨୩-୨୪ ତାରିଖ: ୧୨।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍ଏସ୍/ଟ୍ରାନ୍ସପୋର୍ଟେଶନ-ସିସିଆଇ/ଓଡ଼ିଶା/ରାୟଗଡ଼ା/୨୦୨୩-୨୪ ତାରିଖ: ୧୨।୧୦।୨୦୨୩
ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି
ପାଟନା ଅଞ୍ଚଳ ଅଧୀନରେ ଓଡ଼ିଶା ରାଜ୍ୟରେ ସିଡବ୍ଲ୍ୟୁ-ରାୟଗଡ଼ାଠାରେ ଏଫ୍‌ପି କଟନ୍ ବେଲ୍‌ସର ହ୍ୟାଣ୍ଡଲିଂ ଏବଂ ତତ୍ସମ୍ପର୍କିତ ସେବା ଆଦି ପାଇଁ ନିୟମିତ ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ତଥା ସିଡବ୍ଲ୍ୟୁ-ରାୟଗଡ଼ାଠାରେ ଏଫ୍‌ପି କଟନ୍ ବେଲ୍‌ସର ପରିବହନ ପାଇଁ ନିୟମିତ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ପାଇଁ ଆଗ୍ରହୀ ପକ୍ଷମାନଙ୍କଠାରୁ ଦୁଇଟି ପୃଥକ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ବିକ୍ରୟ ପାଇଁ ଟେଣ୍ଡର ଅନ୍‌ଲାଇନ୍‌ରେ ତା୧୨।୧୦।୨୦୨୩ରିଖରୁ ତା୦୧।୧୧।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ବିବରଣୀ ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.comରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ । ପରବର୍ତ୍ତୀ ଅପ୍‌ଡେଟ୍, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ ।
ଆଞ୍ଚଳିକ ପ୍ରବନ୍ଧକ

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩
ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍
ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ଏତଦ୍ଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିର ବିବରଣୀ / ଋଣ ପ୍ରକାର |
|---|---|---|---|
| ୧. | ଗୋପାଳପୁର ଶାଖା / ଋଣଗ୍ରହୀତା: ଶ୍ରୀ ରଞ୍ଜିତ ସାମନ୍ତସିଂହାର, ପିତା: ଯୁଧିଷ୍ଠିର ସାମନ୍ତସିଂହାର / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ବେଣୁଧର ପେଣ୍ଟୋଇ, ପିତା: ନିତ୍ୟାନନ୍ଦ ପେଣ୍ଟୋଇ, ୨) ଶ୍ରୀ ଯୁଧିଷ୍ଠିର ସାମନ୍ତସିଂହାର, ପିତା: ନିତ୍ୟାନନ୍ଦ ପେଣ୍ଟୋଇ, ୩) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜଗଦେବ, ପିତା: ନିତ୍ୟାନନ୍ଦ ପେଣ୍ଟୋଇ / ଜାମିନ୍‌ଦାରମାନେ: ୧) ଶ୍ରୀ ଗଣେଶ୍ୱର ବେହେରା, ପିତା: ସନେଇ ବେହେରା, ୨) ଶ୍ରୀ ଶ୍ୟାମ ସୁନ୍ଦର ଜେନା, ପିତା: ସନାତନ ଜେନା, ସମସ୍ତଙ୍କ ଠିକଣା- ସା/ପୋ: ନରସିଂହପୁର, ଜିଲ୍ଲା: ନୟାଗଡ, ପିନ୍-୭୫୨୦୨୬ | ୧୬.୦୯.୨୦୨୩ / ୧୫.୦୯.୨୦୨୩ ସୁଦ୍ଧା ଟ.୧୧,୬୭,୨୨୫/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ବେଣୁଧର ପେଣ୍ଟୋଇ, ଶ୍ରୀ ଯୁଧିଷ୍ଠିର ସାମନ୍ତସିଂହାର ଏବଂ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜଗଦେବ, ପିତା: ନିତ୍ୟାନନ୍ଦ ପେଣ୍ଟୋଇଙ୍କ ନାମରେ ରେକର୍ଡଭୁକ୍ତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ନରସିଂହପୁର, ଖାତା ନଂ.: ୫୫୨, ପ୍ଲଟ୍ ନଂ.: ୭୯୩ ଏବଂ ୭୯୪, କ୍ଷେତ୍ର: ଏକର୦.୦୭୦ଡିସିମିଲି ଏବଂ ଏକର୦.୦୪୦ଡିସିମିଲି / ଟ୍ରାକ୍ଟର କ୍ରୟ ନିମନ୍ତେ ମିଆଦୀ ଋଣ |
| ୨. | ଗୋପାଳପୁର ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପ୍ରଦୀପ କୁମାର ସାମନ୍ତରାୟ, ପିତା: ଦମ୍ବରୁଧର ସାମନ୍ତରାୟ/ ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ହେମଲତା ସାମନ୍ତରାୟ, ସ୍ୱାମୀ: ଦମ୍ବରୁଧର ସାମନ୍ତରାୟ/ ଜାମିନ୍‌ଦାରମାନେ: ୧) ଶ୍ରୀ ପର୍ଶୁରାମ ମାନସିଂହ, ପିତା: ବ୍ରହ୍ମଚାରୀ ଜେନା, ସମସ୍ତଙ୍କ ଠିକଣା- ସା: ଅନ୍ଧାରୁଆ, ପୋ: ମହତପଲ୍ଲୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୨୫, ୨) ଶ୍ରୀ ବିଶିକେଶନ ସିଂହ, ପିତା: ଧ୍ରୁବ ଚରଣ ସିଂହ, ସା/ପୋ: ହଳଦିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୩) ଶ୍ରୀ ଅମିତାଭ ରାଉତ, ପିତା: କୃଷ୍ଣ ଚନ୍ଦ୍ର ରାଉତ, ସା: କାଣ୍ଡପଡା, ପୋ: ଯଶୋଦାପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୨୫ | ୧୬.୦୯.୨୦୨୩ / ୧୫.୦୯.୨୦୨୩ ସୁଦ୍ଧା ଟ.୪,୬୬,୮୦୦/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ପ୍ରଦୀପ କୁମାର ସାମନ୍ତରାୟ, ପିତା: ଦମ୍ବରୁଧର ସାମନ୍ତରାୟ ଏବଂ ଶ୍ରୀମତୀ ହେମଲତା ସାମନ୍ତରାୟ, ସ୍ୱାମୀ: ଦମ୍ବରୁଧର ସାମନ୍ତରାୟଙ୍କ ନାମରେ ରେକର୍ଡଭୁକ୍ତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଅନ୍ଧାରୁଆସାମନ୍ତସିଂହାରପୁର, ଖାତା ନଂ.: ୨୪୩, ପ୍ଲଟ୍ ନଂ.: ୧୨୮୯ ଏବଂ ୧୩୭୧, କ୍ଷେତ୍ର: ଏକର୦.୦୬୦ଡିସିମିଲି ଏବଂ କ୍ଷେତ୍ର: ଏକର୦.୧୦ଡିସିମିଲି / ଟ୍ରାକ୍ଟର କ୍ରୟ ନିମନ୍ତେ ମିଆଦୀ ଋଣ |
| ୩. | ହଳଦୀଆ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ଗୋବିନ୍ଦ ଚନ୍ଦ୍ର ବେହେରା, ବାପୁଜୀ ଗ୍ରାମ୍ୟ ଶିଳ୍ପୋଦ୍ୟୋଗ ସମିତି (ଅଧ୍ୟକ୍ଷ), ପିତା: ୰ ବୁଲା ବେହେରା, ସା: କୋଟିଲାକଣ ସାହି, ପୋ: ଗୁରୁଜଙ୍ଗ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୨) ଶ୍ରୀ ରଶ୍ମି ରଞ୍ଜନ ମିଶ୍ର, ବାପୁଜୀ ଗ୍ରାମ୍ୟ ଶିଳ୍ପୋଦ୍ୟୋଗ ସମିତ (ସଚିବ), ପିତା: ରାଧା ମୋହନ ମିଶ୍ର, ସା.: ମଲ୍ଲିପୁର, ପୋ.: ଗଡ଼ନିଆଳ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୩) ଶ୍ରୀ ଦାଶରଥି ଦାସ, ବାପୁଜୀ ଗ୍ରାମ୍ୟ ଶିଳ୍ପୋଦ୍ୟୋଗ ସମିତି (କୋଷାଧ୍ୟକ୍ଷ), ପିତା: ଅଭିମନ୍ୟୁ ଦାସ, ସା/ପୋ: ମୁକ୍ତାପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭ / ଜାମିନ୍‌ଦାରମାନେ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ବେହେରା, ପିତା: ୰ ବୁଲା ବେହେରା, ସା: କୋଟିଲାକଣ ସାହି, ପୋ: ଗୁରୁଜଙ୍ଗ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୨) ଶ୍ରୀ ରଶ୍ମି ରଞ୍ଜନ ମିଶ୍ର, ପିତା: ରାଧା ମୋହନ ମିଶ୍ର, ସା: ମଲ୍ଲିପୁର, ପୋ: ଗଡ଼ନିଆଳ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୩) ଶ୍ରୀ ଦାଶରଥି ଦାସ (କୋଷାଧ୍ୟକ୍ଷ), ପିତା: ଅଭିମନ୍ୟୁ ଦାସ, ସା/ପୋ: ମୁକ୍ତାପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୪) ଶ୍ରୀ ସୁକାନ୍ତ କୁମାର ସାହୁ, ସା/ପୋ: ଡାଲଟୋଲା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୫) ଶ୍ରୀମତୀ ଅନୁରାଧା ରାଓ, ସା: ପଲ୍ଲନ ପଡିଆ, ପୋ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୬) ଶ୍ରୀ ହୃଷିକେଶ ସେଠୀ, ସା: ମଲ୍ଲିପୁର, ପୋ: ଗଡ଼ନିଆଳ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୭) ଶ୍ରୀ ବିଜୟ କୁମାର ସେଠୀ, ସା: ସାମନ୍ତରାପୁର, ପୋ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୮) ଶ୍ରୀ ନୃସିଂହ ନାୟକ, ସା: ମଲ୍ଲିପୁର, ପୋ: ଗଡ଼ନିଆଳ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୯) ଶ୍ରୀମତୀ ସୁଷମା ମିଶ୍ର, ସା: ଭାଲିଆବାଡି, ପୋ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୧୦) ଶ୍ରୀ ବି. ଗୋପାଳ ରାଓ, ୧୧) ଶ୍ରୀ ବି. କ୍ରିଷ୍ଣା ରାଓ, ୧୨) ଶ୍ରୀ କେ. ଆଦ୍ୟ ନାରାୟଣ, ୧୩) ଶ୍ରୀ ଭାଗ୍ୟଶେଖର ଦାସ, ୧୪) ଶ୍ରୀ ଅରୁଣ କୁମାର ଦାସ, ୧୫) ଶ୍ରୀ କେଦାର ନାଥ ଦାସ, ସମସ୍ତଙ୍କ ଠିକଣା- ସା: ଫରେଷ୍ଟ କଲୋନୀ, ପୋ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭, ୧୬) ଶ୍ରୀ ରବିନ୍ଦ୍ର କୁମାର ସାହୁ, ୧୭) ଶ୍ରୀ ଶରତ କୁମାର ସାହୁ, ୧୮) ଶ୍ରୀ କୃପାସିନ୍ଧୁ ସାହୁ, ୧୯) ଶ୍ରୀ ରାମ ଚନ୍ଦ୍ର ସାହୁ, ୨୦) ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ୨୧) ଶ୍ରୀ ରବିନ୍ଦ୍ର କୁମାର ଦାସ, ସମସ୍ତଙ୍କ ଠିକଣା- ସା: ମଲ୍ଲିପୁର, ପୋ.: ଗଡ଼ନିଆଳ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭ | ୧୬.୦୯.୨୦୨୩ / ୧୬.୦୯.୨୦୨୩ ସୁଦ୍ଧା ଟ.୪୧,୩୦,୮୯୧/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ସଚିବ, ବାପୁଜୀ ଗ୍ରାମ୍ୟ ଶିଳ୍ପୋଦ୍ୟୋଗ ସମିତିର ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଚମ୍ପାପୁର, ଖାତା ନଂ.: ୧୯୪, ପ୍ଲଟ୍ ନଂ.: ୨୫୭ ଏବଂ ୩୨୯, କ୍ଷେତ୍ର: ଏକର୦.୧୮୫ଡିସିମିଲି ଏବଂ କ୍ଷେତ୍ର: ଏକର୦.୭୩୦ ଡିସିମିଲି / ରେଶମ ଶାଢ଼ୀର ଉତ୍ପାଦନ ପାଇଁ ଚଳନ୍ତି ପୁଞ୍ଜି |

ସ୍ଥାନ: ଖୋର୍ଦ୍ଧା
ତାରିଖ: ୧୮.୦୫.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

idco Your power to grow
ISO 9001 & 14001 Corporation
ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR
No. CAD-2463
Tender Call Notice No. HO/CIVIL/T&E/E-4953/04/2023/32655 Dated: 12.10.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work: Design, Engineering, Supply, Installation, Testing and Commissioning of LED Sports Flood Light System for retrofitting of existing light fixtures on existing High mast Shafts including Operation & AMC for 05 years at Athletic-cum-Football stadium in Kalinga Stadium Complex, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | CIVIL/EST/28/2023-24 | From 17.00 hours of Dt.19.10.2023 | To 17.00 hours of Dt.18.11.2023 |

Further details can be seen from the e-Procurement Portal: www.tendersodisha.gov.in. Corrigendum or Addendum, if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0245/2324 Sd./- Chief General Manager (Civil), IDCO, Bhubaneswar

REQUIREMENT OF BUILDING/HOUSE FOR THE PURPOSE OF DEFENCE ESTATES OFFICE, ODISHA CIRCLE, BHUBANESWAR
Defence Estates Office, Bhubaneswar requires accommodation approximately floor area measuring 450 Sq. Mtr or 4843 Sq.Ft on rental basis for a period of 3 years w.e.f. 28th December, 2023 in Bhubaneswar for the purpose of office accommodation.
The building preferably be in well condition and maintained properly and also hygienic from sanitation point of view. The building should be connected by road and in suitable location at Chandrasekharpur, Prachi Enclave, District Centre, Niladri Vihar,Sailashree Vihar, Maitri Vihar, Defence Colony. All electric and plumbing fittings should be in good working condition. Adequate water supply is also required with a separate electric meter. The property should have parking area for 3 nos. four wheeler, 10 nos. Bike and parking area for visitors and a shed/room (approx 100 Sq. Ft) for DG Installation. The property should be free from any litigation/dispute at the time of hiring. The interested property owners will submit their property details with valid ownership documents in the following address on or before 15th November 2023.
The Defence Estates Officer
Govt. of India, Ministry of Defence
Defence Estatse Office, Odisha Circle
163, Prachi Enclave, Chandrasekharpur
Bhubaneswar, Odisha - 751016
Tele: 06742747631,345, E-mail-deobhub-stats@nic.in

See Career Appointment on every Wednesday & Saturday



# ଅହମଦାବାଦରେ ଫେଭରିଟ୍ ଟିମ୍ ଇଣ୍ଡିଆ

ଅହମଦାବାଦ,୧୩।୧୦(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆତଙ୍କବାଦ, ରାଜନୀତି ଓ ସୀମା ବିବାଦକୁ ନେଇ ଦ୍ୱିପାକ୍ଷିକ କ୍ରିକେଟ ହେଉ ନ ଥିବା ବେଳେ ଆଇସିସି ଟୁର୍ନାମେଣ୍ଟକୁ ଫ୍ୟାନ୍‌ମାନେ ଚାତକ ଭଳି ଅନାଇ ରହିଥାନ୍ତି। ଏଭଳି ପରିସ୍ଥିତିରେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ସବୁଠୁ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରିବା ପାଇଁ ପ୍ରସ୍ତୁତ। ରେକର୍ଡକୁ ଦେଖିଲେ ଅହମଦାବାଦରେ ଟିମ୍ ଇଣ୍ଡିଆ ହିଁ ଫେଭରିଟ୍ ରହିବ। ତେବେ ମ୍ୟାଚ୍ ଦିନର ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। କାଗଜ କଲମରେ ଭାରତ ଅଧିକ ଶକ୍ତିଶାଳୀ ଏଥିରେ କୌଣସି ଦ୍ୱିମତ ନାହିଁ। ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆକ୍ରମଣ। ତେବେ ପାକିସ୍ତାନର ଦ୍ରୁତ ବୋଲିଂ ମଧ୍ୟ ସମାନ ଢଙ୍ଗରେ ଶକ୍ତିଶାଳୀ। ଭାରତୀୟ ଟପ୍‌ଅର୍ଡର ଓ ଶାହିନ୍ ଶାହ ଆଫ୍ରିଦିଙ୍କ ଓପନିଂ ସ୍ପେଲ୍ ଉପରେ ସଭିଙ୍କ ନଜର ରହିବ। ଦିନିକିଆ ବିଶ୍ୱକପ୍‌ରେ ଉଭୟ ଦଳ ଅଦ୍ୟାବଧି ୭ ଥର ସାମ୍ନାସାମ୍ନି ହୋଇଥିବା ବେଳେ ପ୍ରତ୍ୟେକ ଥର ବାଜିମାରି ନେଇଛି ଭାରତ। ଶନିବାର ଏହି ଅଗ୍ରଣୀକୁ ୮-୦କୁ ବୃଦ୍ଧି କରିବାକୁ ଚାହିଁବ ଭାରତୀୟ ଦଳ।

ଜାଭେଦ୍ ମିଆଁଦାଦ-ଚେତନ ଶର୍ମା, ସଲିମ୍ ମଲିକ-ମନିନ୍ଦର ସିଂ, ଅଜୟ ଜାଡେଜା-ୱାକାର ୟୁନିସ, ସଚିନ ତେନ୍ଦୁଲକର-ଶୋଏବ ଅଖତର, ବିରାଟ କୋହଲି-ୱାହାବ ରିଆଜ୍‌ଙ୍କ ଠାରୁ ମୁକାବିଲା ଆସି ବିରାଟ କୋହଲି-ଶାହିନ୍ ଆଫ୍ରିଦିଙ୍କ ପର୍ଯ୍ୟନ୍ତ ପହଞ୍ଚିଛି। ତଥାପି ବି ବିଶ୍ୱର କ୍ରିକେଟଫ୍ୟାନ୍‌ଙ୍କ ନିକଟରେ ଭାରତ-ପାକିସ୍ତାନ ଲଢେଇ ସର୍ବଦା ସ୍ୱତନ୍ତ୍ର।

ପାକିସ୍ତାନ ବୋଲର ଶାହିନ୍ ଶାହ ଆଫ୍ରିଦି ନିଜର ଓପନିଂ ସ୍ପେଲ୍‌ରେ ଅତ୍ୟନ୍ତ ଭୟଙ୍କର ବୋଲର। ଲାଇନ୍, ଲେନ୍ଥ ଓ ରିଦିମ ପ୍ରାପ୍ତ ନ କରିଲେ ଶାହିନଙ୍କୁ ଅଟକାଇବା ଅସମ୍ଭବ। ତେବେ ୧ ଲକ୍ଷ ୩୨ ହଜାର ଭାରତୀୟ ସମର୍ଥକଙ୍କ ସମ୍ମୁଖରେ ରୋହିତ ଶର୍ମା ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ଶାହିନ୍‌ଙ୍କ ଲାଇନ ବିଗାଡିବାକୁ ପ୍ରୟାସ କରିବେ। ଅନ୍ୟତମ ଓପନର ଶୁବମାନ ଗିଲ୍ ଡେଙ୍ଗୁରୁ ସୁସ୍ଥ ହୋଇଥିଲେ ମଧ୍ୟ ଏଯାଏ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାନ୍ତି। ଗିଲ୍ ଫିଟ୍ ନ ହେଲେ ଇଶାନ କିଶନଙ୍କୁ ଲଗାତର ତୃତୀୟ ମ୍ୟାଚ୍‌ରେ ବ୍ୟାଟିଂ ଓପନ କରିବାକୁ ସୁଯୋଗ ମିଳିବ। ପାୱାର ପ୍ଲେରେ ଶାହିନ୍‌ଙ୍କ ରିଦିମ୍ ଖରାପ ହେଲେ ଭାରତର ମ୍ୟାଚ୍ ଜିତିବାର ସମ୍ଭାବନା ବୃଦ୍ଧି ପାଇବ। ଏହା ସହିତ ଓପନିଂରେ ଭଲ ପାର୍ଟନରଶିପ୍ ହେବା ଦ୍ୱାରା ବିରାଟ କୋହଲି, ଶ୍ରେୟସ ଆୟାର ଓ ଲୋକେଶ ରାହୁଲଙ୍କ ପାଇଁ ଏକ ଭଲ ପ୍ଲାଟ୍‌ଫର୍ମ ମଧ୍ୟ ମିଳିବ। ଭାରତୀୟ ସ୍ପିନ୍ ଆକ୍ରମଣ ବେଶ୍ ଶକ୍ତିଶାଳୀ ରହିଥିବା ବେଳେ ପାକିସ୍ତାନ ସ୍ପିନରମାନେ ଫର୍ମରେ ନାହାନ୍ତି। ପାକିସ୍ତାନ ଉପଅଧିନାୟକ ଶଦାବ ଖାନ୍ ଆଦୌ ଫର୍ମରେ ନ ଥିବା ବେଳେ ଏହା ଭାରତୀୟ ବ୍ୟାଟରଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ। ଶଦାବ ଦୁଇଟି ମ୍ୟାଚ୍‌ରେ ୧୬ ଓଭରରେ ୧୦୦ ରନ୍ ବ୍ୟୟ କରିସାରିଛନ୍ତି। ସେହିପରି ହସନ ଅଲୀଙ୍କ ବଲ୍‌ରେ ପେସ୍ ନ ଥିବାରୁ ତାଙ୍କୁ ଭାରତୀୟ ବ୍ୟାଟରମାନେ ସହଜରେ ଟାର୍ଗେଟ କରିବାକୁ ପ୍ରୟାସ କରିବେ।

ବାବର ବନାମ କୁଲ୍‌ଦୀପ: ଭାରତୀୟ ଚାଇନାମ୍ୟାନ୍ ସ୍ପିନର କୁଲ୍‌ଦୀପ ଯାଦବ ଚମତ୍କାର ଫର୍ମରେ ରହିଛନ୍ତି। ତେଣୁ କୁଲ୍‌ଦୀପ ଓ ପାକିସ୍ତାନ ଅଧିନାୟକ ବାବର ଆଜମ୍‌ଙ୍କ ମଧ୍ୟରେ କଡା ଟକ୍କର ଦେଖିବା ନେଇ ଆଶା କରାଯାଉଛି। ୨୦୧୯ ବିଶ୍ୱକପ୍‌ରେ ମଧ୍ୟ କୁଲ୍‌ଦୀପଙ୍କ ବଲରେ ଆଉଟ ହୋଇଥିଲେ ବାବର ଆଜମ୍। ପାକିସ୍ତାନ ଦଳରେ ମହମ୍ମଦ ରିଜୱାନ, ଶୌଦ ଶକିଲ୍ ଓ ଅବଦୁଲ୍ଲା ଶଫିକ୍‌ଙ୍କ ପରି ପ୍ରତିଭାବାନ ଖେଳାଳି ରହିଥିଲେ ମଧ୍ୟ ବାବରଙ୍କ ଉପରେ ସଭିଙ୍କ ନଜର ରହିବ। ତେବେ କୁଲ୍‌ଦୀପଙ୍କ ପୂର୍ବରୁ ପାକିସ୍ତାନ ବ୍ୟାଟରଙ୍କୁ ପ୍ରଥମେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନ ଆକ୍ରମଣାତ୍ମକ ଖେଳିଥିବା ବେଳେ ଭାରତ ବିପକ୍ଷରେ ଏହା ବେଶ୍ କଷ୍ଟସାଧ୍ୟ ରହିବ। ଅହମଦାବାଦର ପିଚ୍ ବ୍ୟାଟିଂ ସହାୟକ ରହିଥିବା ବେଳେ ଭାରତ ୮ ନମ୍ବରରେ ରବିଚନ୍ଦ୍ରନ ଅଶ୍ୱିନ ଓ ଶାର୍ଦ୍ଦୂଳ ଠାକୁରଙ୍କ ମଧ୍ୟରୁ କାହାକୁ ଖେଳାଇବ ତାକୁ ନେଇ କୌଣସି ସ୍ପଷ୍ଟଚିତ୍ର ମିଳିନାହିଁ।

ଦିନିକିଆ ବିଶ୍ୱକପ୍‌ରେ ଭାରତକୁ ପାକିସ୍ତାନ କଦାପି ହରାଇ ନ ଥିବା ବେଳେ ଦଳ ନିକଟରେ ଏହା ଏକ ସୁଯୋଗ ରହିବ। ଅନ୍ୟପକ୍ଷରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପାଇଁ ଏହା ସମ୍ଭବତଃ ଶେଷ ବିଶ୍ୱକପ୍ ହୋଇଥିବା ବେଳେ ଉଭୟ ଖେଳାଳି ପାକିସ୍ତାନକୁ ଆଉଥରେ ପରାଜିତ କରିବାକୁ ଚାହିଁବେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ପାକିସ୍ତାନ**

ସ୍ଥାନ: ଅହମଦାବାଦ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଭାରତ-ପାକିସ୍ତାନ ଲଢ଼େଇ





ପିଚ୍ ନିରୀକ୍ଷଣ କରୁଛନ୍ତି କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା। ଅଭ୍ୟାସ ସମୟରେ ଏକ ହାଲୁକା ମୁହୂର୍ତ୍ତରେ ଶୁବମନ ଗିଲ୍ ଓ ଇଶାନ କିଶନ।

# କିଏ ଜିତିବ କହିବା କଷ୍ଟକର

ରିଚାର୍ଡ ହାଡ୍‌ଲୀ

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟରେ ପୂର୍ବରୁ ର୍‍ୟାଙ୍କିଂ ତାଲିକାରେ ଦୁଇ ଦଳ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିଲେ। ଅହମଦାବାଦରେ ଖେଳାଯିବାକୁ ଥିବା ଏହି ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି। ଏଥର ଟୁର୍ନାମେଣ୍ଟରେ ଭାରତ ଭଲ ଖେଳୁଛି। ପୂର୍ବତନ ବିଜେତା ପାକିସ୍ତାନ ମଧ୍ୟ ଭଲ ସ୍ଥିତିରେ ରହିଛି। ଦୁଇଟିଯାକ ଦଳ ସେମାନଙ୍କ ପୂର୍ବ ଦୁଇ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି।

ଭାରତ କହିବାକୁଗଲେ ପ୍ରତିଯୋଗିତାର ଏକ ଶକ୍ତିଶାଳୀ ଅଲରାଉଣ୍ଡ ଟିମ୍। ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ବର୍ତ୍ତମାନ ଫିଟ୍ ଅଛନ୍ତି। ଲକ୍ଷ୍ୟଭେଦୀ ଇନ୍‌ସୁଇଙ୍ଗ ଓ ଆଉଟ ସୁଇଙ୍ଗ ବୋଲିଂ କରିପାରନ୍ତି। ଟୁର୍ନାମେଣ୍ଟରେ ସେ ସବୁଠାରୁ ବିପଜ୍ଜନକ ପେସ୍ ବୋଲର। ତାଙ୍କ ଅସାଧାରଣ ଟେକ୍‌ନିକ୍ ବ୍ୟାଟ୍ସମ୍ୟାନମାନଙ୍କୁ ଚିନ୍ତାରେ ପକାଇଥାଏ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ମାତ୍ର ୨ ରନ ସ୍କୋରରେ ୩ ଉଇକେଟ ହରାଇ ଭାରତ ଚାପରେ ରହିଥିଲା। ଏଭଳି ପରିସ୍ଥିତି ଥାଇ ମଧ୍ୟ ଦଳ ମ୍ୟାଚକୁ ସହଜେ ଜିତି ନେଇଥିଲା। ଆଫଗାନିସ୍ତାନ ବିପକ୍ଷରେ ରୋହିତ ଶର୍ମା ଆକର୍ଷଣୀୟ ୧୩୧ ରନ ସଂଗ୍ରହ କରିଛନ୍ତି। କେ.ଏଲ୍. ରାହୁଲ ଦୁଇଟି ଅର୍ଦ୍ଧଶତକ ହାସଲ କରି ତାଙ୍କ ଫର୍ମର ପରିଚୟ ଦେଇଛନ୍ତି। ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ଜଣାପଡୁଛି। ଦଳର ସ୍ପିନରମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଏକ ସନ୍ତୁଳିତ ଦଳ ବୋଲି ଜଣାପଡୁଛି। ଏହାର ପେସ୍ ଆଟାକ୍ ବେଶ୍ ଶକ୍ତିଶାଳୀ। ମହମ୍ମଦ ରିଜୱାନ ଏବେ ଫର୍ମରେ ଅଛନ୍ତି। ତେଣୁ କେଉଁ ଦଳ ଜିତିବ ତାହା ପୂର୍ବାନୁମାନ କରିବା କଠିନ ବ୍ୟାପାର। ଏହି ଦୁଇ ଦଳ ପରସ୍ପର ପ୍ରତି ଭାରି ପଡ଼ିବେ। ସେମାନେ ଆଉ ୨ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିବେ। ସମ୍ଭବତଃ ଭାରତ ଫେଭରାଇଟ୍ ରହିବ। କାରଣ ଭାରତ ପୂର୍ବରୁ ୫୦ ଓଭର ବିଶ୍ୱକପ୍ ମୁକାବିଲାରେ କେବେ ପାକିସ୍ତାନଠାରୁ ହାରିନାହିଁ। ପ୍ରତିଯୋଗିତାର ବର୍ତ୍ତମାନ ସ୍ଥିତିରେ ପ୍ରତିଟି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଦଳଗୁଡ଼ିକ ପରୀକ୍ଷାନିରୀକ୍ଷା ନ ଚଳାଇ ସେମାନଙ୍କ ଶ୍ରେଷ୍ଠ ଏକାଦଶକୁ ନେଇ ପଡ଼ିଆକୁ ଓହ୍ଲାଇବେ। ବୃହତ୍ ବ୍ୟବଧାନରେ ବିଜୟ ସହ ନେଟ୍ ରନରେଟ୍‌ରେ ଉନ୍ନତି ଆଣିବାରେ ଚେଷ୍ଟା କରିବେ। ଅଣଭାରତ ଗେମ୍‌ଗୁଡ଼ିକରେ ଦର୍ଶକ ଉପସ୍ଥାନ କମ୍ ରହିବା ଆଶ୍ଚର୍ଯ୍ୟଜନକ ଏବଂ ଦୁଃଖର ବିଷୟ। ତେବେ ପ୍ରତିଯୋଗିତା ଆଗକୁ ବଢିବା ସହ ଦର୍ଶକଙ୍କ ଆଗମନ ବୃଦ୍ଧି ପାଇବ ବୋଲି ଆଶା।

(ଟିଭାକ୍ ସ୍ପୋର୍ଟ୍ସ)

# ଭାରତ ବୋଲିଂ ବନାମ ପାକିସ୍ତାନ ବ୍ୟାଟିଂ

ଗୌତମ ଗମ୍ଭୀର

ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହେବା ସ୍ୱାଭାବିକ। ଚଳିତ ବିଶ୍ୱକପ୍‌ରେ ଅହମଦାବାଦରେ ଦୁଇ ଦଳ ମୁହାଁମୁହିଁ ହେବେ। ଏହାକୁ କେହି ମିସ୍ କରିବାକୁ ଚାହିଁବେ ନାହିଁ। ଏହି ମ୍ୟାଚ ଯେଉଁ ଦଳ ଜିତିବ ନଭେମ୍ବର ୧୯ ଫାଇନାଲକୁ ଆଉ ଏକ ପାଦ ଅଗ୍ରସର ହେବ। ଭୌଗୋଳିକ ଅବସ୍ଥିତି ଓ ରାଜନୈତିକ ଦୃଷ୍ଟିକୋଣରୁ ଭାରତ-ପାକିସ୍ତାନ ମ୍ୟାଚ ସବୁବେଳେ ହାଇ-ପ୍ରୋଫାଇଲ ରହିଆସିଛି। ଖେଳାଳିଙ୍କ କ୍ରୀଡ଼ା ନୈପୁଣ୍ୟ ଅପେକ୍ଷା ଦୁଇ ଦେଶର ଇତିହାସ ପ୍ରତିଯୋଗିତା ପାଇଁ ଏକ ମଜଭୁତ ପୃଷ୍ଠଭୂମି ସୃଷ୍ଟି କରିଥାଏ। ମୁଁ କିନ୍ତୁ ଏସବୁ ପସନ୍ଦ କରେ ନାହିଁ। ଏହା ଏକ ଯୁଦ୍ଧ ନୁହେଁ। ଯଦି ଭାରତ ହାରିଯାଏ ତେବେ କାହାରି ମୃତ୍ୟୁ ଘଟେ ନାହିଁ। ଦୁଇ ଦଳ ମଧ୍ୟରେ ଯଦି ତୁଳନା କରାଯାଏ ତେବେ ଭାରତ ଏହି ମ୍ୟାଚ ଜିତିବା କଥା। ଯଦି ଅବା ହାରିଯାଏ ତେବେ କିଛି ଅସିଦ୍ଧ ହୋଇଯିବ ନାହିଁ। ପାକିସ୍ତାନ କ୍ଷେତ୍ରରେ ମଧ୍ୟ ସେୟା। ୨୦୦୫-୦୬ର ଜଣେ ପାକିସ୍ତାନ ଖେଳାଳି ଥରେ ମୋତେ କହିଥିଲେ, ସେ ଜଣେ ଝିଅ ସହ ଡେଟିଂରେ ଥିଲେ। କିନ୍ତୁ ଝିଅର ପରିବାର ଦୁହିଁଙ୍କ ସମ୍ପର୍କକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଭାରତ ବିପକ୍ଷ ଏକ ସିରିଜରେ ଭଲ ପ୍ରଦର୍ଶନ କରିବାରୁ ସେମାନେ ମତ ପରିବର୍ତ୍ତନ କରିଥିଲେ। ଫଳତଃ ସେ ତାଙ୍କ ପ୍ରେମିକାଙ୍କୁ ବିବାହ କରିପାରିଥିଲେ। ପାକିସ୍ତାନ ଏପରି ଏକ ଦଳ ଏହାକୁ ନେଇ ପୂର୍ବାନୁମାନ କରିହେବ ନାହିଁ।

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S ROYAL STAG
PACKAGED DRINKING WATER
#LargeHumaaraHai

ଏହାର ରଣନୀତି ଅଣପାରମ୍ପରିକ। ସେଥିପାଇଁ ସେମାନଙ୍କ ମ୍ୟାଚରେ ରୋମାଞ୍ଚ ଆଶା କରାଯାଇଥାଏ। ଭାରତ ତୁଳନାତ୍ମକ ଭାବେ ବ୍ୟବସ୍ଥିତଭିତ୍ତିକ ଦଳ। ଏହି ଦଳରେ ଶୁବମନ ଗିଲ୍, ଇଶାନ କିଶନ, କୁଲ୍‌ଦୀପ ଯାଦବଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ପାକିସ୍ତାନ ତୁଳନାରେ ଆମ ଦଳ ଅଧିକ ସନ୍ତୁଳିତ । ସେମାନଙ୍କ ସ୍ପିନ୍ ବିଭାଗ କିନ୍ତୁ ଶକ୍ତିଶାଳୀ ମନେହୁଏ। ପାକିସ୍ତାନରେ ଏକଦା ଅବଦୁଲ କାଦିର ଓ ସାକ୍‌ଲେନ ମୁସ୍ତାକଙ୍କ ଭଳି ପ୍ରତିଭାସମ୍ପନ୍ନ ସ୍ପିନର ଥିଲେ। ସେଭଳି ଖେଳାଳି ଆଉ ଦେଖିବାକୁ ମିଳୁନାହାନ୍ତି। ସମ୍ଭବତଃ ସ୍ପିନ ଶିକ୍ଷାର ଅଭାବ ରହିଛି। ସଦାବ ଖାନ୍, ମହମ୍ମଦ ନୱାଜ ଓ ଇଫ୍‌ତିକର ଅହମଦଙ୍କୁ ନେଇ ସ୍ପିନ୍ ବିଭାଗ ଭାରତ ଭଳି ଦଳକୁ ଆଉଟ କରିଦେବ ଏକଥା ମନେକରିବା ବୋକାମି ହେବ। ସେ ତୁଳନାରେ ଆମର ଅଶ୍ୱିନ, ଜାଡେଜା ଓ କୁଲଦୀପ ଜଣେ ଜଣେ ମ୍ୟାଚ ବିଜୟୀ ଖେଳାଳି। ଏପରିକି ଭାରତର ପେସ ବାହିନୀରେ କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ପାକିସ୍ତାନ କେବଳ ଶାହିନ ଶାହା ଆଫ୍ରିଦିଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ପରିଶେଷରେ ଅହମଦାବାଦରେ ୧,୩୦,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଭାରତୀୟ ବୋଲିଂ ଏବଂ ପାକିସ୍ତାନର ବ୍ୟାଟରମାନେ କିପରି ଦୃଢମାନସିକାତର ସହ ତାହାର ମୁକାବିଲା କରୁଛନ୍ତି, ତାହା ଲକ୍ଷ୍ୟ କରିବାର କଥା।

(ଗେମ୍‌ପ୍ଲାନ୍/ଦୀନେଶ ଚୋପ୍ରା ମିଡିଆ)

# ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ୍ ବିଜୟ

ଚେନ୍ନାଇ, ୧୩।୧୦ (ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପରେ ହ୍ୟାଟ୍ରିକ୍ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ। ଚମତ୍କାର ଫର୍ମରେ ରହିଥିବା ନ୍ୟୁଜିଲାଣ୍ଡ ତୃତୀୟ ମ୍ୟାଚ୍ ଖେଳିଥିବା ବେଳେ ସବୁଥିରେ ବିଜୟ ହାସଲ କରି ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ପ୍ରତ୍ୟାବର୍ତ୍ତନରେ କେନ୍ ୱିଲିୟମସନ୍ ଚମତ୍କାର ୭୮ ରନ୍ କରିଥିବା ବେଳେ ଡାରିଲ ମିଚେଲଙ୍କ ୮୯* ରନ୍ ବଳରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ ମ୍ୟାଚ୍‌କୁ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କର ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୨୪୫ ରନ୍ ସ୍କୋର କରିଥିଲା। ଜବାବରେ ୪୨.୫ ଓଭରରେ ୨ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୨୪୮ ରନ୍ କରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ବାଂଲାଦେଶ। ଦଳର ଟପ୍ ଅର୍ଡର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଦଳ ୫୬ ରନ୍‌ରେ ୪ ଉଇକେଟ ହରାଇଥିଲା। ଲିଟନ ଦାସ(୦), ତାଞ୍ଜିଦ୍ ହସନ(୧୬), ମେହିଦୀ ହସନ ମିରାଜ(୩୦) ଓ ନଜମୋଲ ହୋସେନ୍ ଶନ୍ତୋ(୭) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ସାକିବ ଅଲ ହସନ୪୦ ଓ ମୁସଫିକୁର ରହିମ ୬୬ ରନ୍ କରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ୫ମ ଉଇକେଟରେ ୯୬ ରନ୍ ଯୋଡିଥିଲେ।ଶେଷ ଆଡକୁ ମହମ୍ମଦୁଲ୍ଲା ଅପରାଜିତ ୪୧ ରନ୍ କରିବାରୁ ବାଂଲାଦେଶ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ୍ ୩ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା କେନ୍ ୱିଲିୟମସନ୍ ଚମତ୍କାର ପ୍ରଦର୍ଶନ ସହିତ ୭୮ ରନ୍ କରିଥିଲେ। ପ୍ରଥମ ଦୁଇ ମ୍ୟାଚ୍‌ର ସଫଳ ଖେଳାଳି ରାଚିନ୍ ରବୀନ୍ଦ୍ର ଓପନ କରିଥିବା ବେଳେ ମାତ୍ର ୯ ରନ୍ କରି ଆଉଟ ହୋଇଥିଲେ। ତେବେ ଡେଭନ୍ କନ୍‌ୱେ (୪୫) ଓ ୱିଲିୟମସନ୍ ଦ୍ୱିତୀୟ ଉଇକେଟରେ ୮୦ ରନ୍ ଯୋଡିଥିଲେ। ଏସିଏଲ୍ ଇଞ୍ଜୁରୀ ପରେ ଫେରିଥିବା ୱିଲିୟମସନ୍ ଦୃଢ ଭାବରେ ବାଂଲାଦେଶୀ ସ୍ପିନରଙ୍କ ମୁକାବିଲା କରିଥିଲେ। ଏହି ଇନିଂସରେ ୧୦୭ ବଲ୍ ଖେଳି ସେ ୮ ଚୌକା ଓ ୧ ଛକା ମାରିଥିଲେ। ଏକ ଥ୍ରୋ ତାଙ୍କ ଆଙ୍ଗୁଠିରେ ବାଜିବା ପରେ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ଡାରିଲ୍ ମିଚେଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ୬୭ ବଲ ଖେଳି ୬ ଚୌକା ଓ ୪ ଛକା ମାରି ୮୯ ରନ୍ କରି ଦଳକୁ ଫିନିଶ ଲାଇନା ପାର କରାଇଥିଲେ। ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରେହମାନ ଓ ଶାକିବ ଅଲ ହସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ କେନ୍ ୱିଲିୟମ୍‌ସନ୍।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୪୫/୯( ମୁଶଫିକୁର ରହିମ୍-୬୬, ମହମ୍ମଦୁଲ୍ଲା-୪୧*, ସାକିବ ଅଲ ହସନ-୪୦, ଲୋକି ଫର୍ଗୁସନ୍-୩/୪୯, ଟ୍ରେଣ୍ଟ ବୋଲ୍ଟ-୨/୪୫, ମ୍ୟାଟ ହେନରୀ-୨/୫୮)। ନ୍ୟୁଜିଲାଣ୍ଡ ୪୨.୫ ଓଭରରେ ୨୪୮/୨(ଡାରିଲ୍ ମିଚେଲ୍-୮୯*, କେନ୍ ୱିଲିୟମସନ୍-୭୮ (ରିଟାୟର୍ଡ), ଡେଭନ୍ କନ୍‌ୱେ-୪୫, ମୁସ୍ତାଫିଜୁର ରେହମାନ-୧/୩୬, ସାକିବ୍ ଅଲ ହସନ-୧/୫୪)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ଭାରତ | ୨ | ୨ | ୦ | ୪ | +୧.୫୦୦ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | -୧.୯୦୭ |




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ Bhubaneswar, Saturday, October 14/ 2023

# ସମସ୍ତ ଟିକେଟ ଶେଷ

## କଳାବଜାର ଆଶଙ୍କା

ଅହମଦାବାଦ,୧୩।୧୦(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩ରେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ସମସ୍ତ ଟିକେଟ ବିକ୍ରି ସରିଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ଆଉ କିଛି ଘଣ୍ଟା ବାକି ରହିଥିବା ବେଳେ ଟିକେଟ ପାଇଁ ଫ୍ୟାନ୍‌ଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ର ଗୁରୁତ୍ୱ କାରଣରୁ ହିଁ ଏହାକୁ ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମରେ ରଖାଯାଇଥିଲା। ୧ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମଟି ବର୍ତ୍ତମାନ ପୂର୍ଣ୍ଣ ହୋଇ ସାରିଛି। ଆରମ୍ଭରୁ ଟିକେଟକୁ ନେଇ ବିବାଦ ଦେଖାଦେଇଥିଲା।




ଅନ୍‌ଲାଇନ୍‌ରେ ଅଧିକ ଟିକେଟ ବିକ୍ରି ପାଇଁ ରଖାଯାଇ ନ ଥିବା ନେଇ ଫ୍ୟାନ୍‌ମାନେ ଅଭିଯୋଗ କରିଥିଲେ। ଏହାପରେ ଆଇସିସି ଓ ବିସିସିଆଇ ପକ୍ଷରୁ ଅନ୍‌ଲାଇନ୍‌ରେ ଆଉ ୧୪ ହଜାର ଟିକେଟ ଉପଲବ୍ଧ କରାଯାଇଥିଲା। ତେବେ ମାତ୍ର ୩୦ ମିନିଟ ମଧ୍ୟରେ ଏହି ଟିକେଟ ସବୁ ବିକ୍ରି ହୋଇ ଯାଇଥିଲା। ଏହା ସହିତ ଟିକେଟ କଳାବଜାର ହେବାର ସମ୍ଭାବନା ମଧ୍ୟ ବଢ଼ିବାରେ ଲାଗିଛି। ଗୋଟିଏ ଟିକେଟର ମୂଲ୍ୟ ୧୦ ହଜାରରୁ ୨୫ ହଜାର ଯାଏ ହୋଇଥିବା ବେଳେ ଏହାକୁ ନେଇ ମଧ୍ୟ ଫ୍ୟାନ୍‌ମାନେ ଆଗ୍ରହ ପ୍ରକାଶ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନ ଦଳ ରହିଥିବାରୁ ନରେନ୍ଦ୍ର ମୋଦି ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ୬୦୦୦ ପୋଲିସ ଓ ସିଆରପିଏଫ୍ ଯବାନଙ୍କୁ ସୁରକ୍ଷା ଦାୟିତ୍ୱରେ ରଖାଯାଇଛି। ଏହା ସହିତ ଖେଳାଳିଙ୍କୁ ସହର ମଧ୍ୟରେ ବୁଲାବୁଲି କରିବା ପାଇଁ ମନା କରାଯାଇଛି। ତେବେ ସମସ୍ତ ଟିକେଟ ବିକ୍ରି ସରିଥିଲେ ମଧ୍ୟ ଅହମଦାବାଦ ସହରରେ ବିଶ୍ୱକପ୍‌କୁ ନେଇ ସେମିତି ଉତ୍ସାହ ପରିଲକ୍ଷିତ ହେଉନାହିଁ।

# ଡବଲ୍ସରେ ଆହାନ ରନର ଅପ୍

## ଏସିଆନ୍ ର୍‍ୟାଙ୍କିଙ୍ଗ୍ ଟେନିସ୍

ଭୁବନେଶ୍ୱର,୧୩।୧୦
(ସରୋଜ ଜେନା)

ଯୁବ ଓଡ଼ିଆ ଟେନିସ୍ ତାରକା ଆହାନ ମିଶ୍ର ନିଜ ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡିଛନ୍ତି। ବାଂଲାଦେଶର ଢାକାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଏସିଆନ୍ ର୍‍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟର ଡବଲ୍‌ସ ଇଭେଣ୍ଟରେ ସେ ରନର୍ ଅପ୍ ରହିଛନ୍ତି। ବାଂଲାଦେଶର ଜୱାଦ ମହମ୍ମଦ ଭୂୟାଁଙ୍କୁ ସାଥୀ କରି ଖେଳୁଥିବା ଆହାନ ଫାଇନାଲ ମ୍ୟାଚ୍‌ରେ ହାରି ଯାଇଥିଲେ। ବାଂଲାଦେଣଶ ଏମ୍‌ଡି ତନଭୀର ମୁନ୍ତସର ଓ ଏମ୍‌ଡି ରାଜୀବଙ୍କ ଯୋଡି ନିକଟରୁ ୫-୭, ୬-୪ ଓ ୧୪-୧୬ରେ ପରାଜିତ ହୋଇଥିଲେ। ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଏହି ମ୍ୟାଚ୍‌ଟି ଚାଲିଥିଲା। ପୂର୍ବରୁ ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ଆହାନ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ। ବର୍ତ୍ତମାନ ସେ ର୍‍ୟାଙ୍କିଙ୍ଗ ତାଲିକାର ୫୩୦ ତମ ସ୍ଥାନରେ ରହିଥିବା ବେଳେ ଆଗାମୀ ଦିନରେ ଟପ୍ ୨୫୦ ମଧ୍ୟରେ ସାମିଲ ହେବା ତାଙ୍କର ଲକ୍ଷ୍ୟ ବୋଲି କୋଚ୍ ସନ୍ତୋଷ ମଲିକ କହିଛନ୍ତି। ଏହା ସହ ଆହାନ ନିଶ୍ଚିତ ଭାବରେ ଏସିଆର ଟପ୍ ୫୦ରେ ସାମିଲ ହେବା ନେଇ ସେ ଦୃଢୋକ୍ତି କରିଛନ୍ତି।



# ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ ଅଷ୍ଟ୍ରେଲିଆ

ଲକ୍ଷ୍ନୌ,୧୩।୧୦(ପି.ଟି.): ବିଶ୍ୱକପର ପ୍ରଥମ ଦୁଇ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ଅଷ୍ଟ୍ରେଲିଆ ଦୃଢ ପ୍ରତ୍ୟାବର୍ତ୍ତନ କରିବ ବୋଲି କହିଛନ୍ତି ମାର୍ନସ୍ ଲାବୁଶେନ୍। ପ୍ରଥମ ମ୍ୟାଚ୍‌ରେ ଭାରତ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଛି ଅଷ୍ଟ୍ରେଲିଆ। ୫ ଥର ବିଶ୍ୱ ଚାମ୍ପିୟନ ଦଳର ନେଟ୍ ରନରେଟ୍ -୧.୮୪୬ ରହିଥିବା ବେଳେ ଏହା ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିଛି। ତେବେ ଏହା ଟୁର୍ନାମେଣ୍ଟର ଆରମ୍ଭ ତେଣୁ ଆମେ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବୁ ବୋଲି ସେ କହିଛନ୍ତି।

# ମୁମ୍ବାଇରେ ଖେଳିବ ଓଡ଼ିଶା ଦଳ

## ସୟଦ ମୁସ୍ତାକ ଅଲ୍ଲୀ ଟି୨୦

କଟକ,୧୩।୧୦
(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ୧୬ତାରିଖରୁ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ଆରମ୍ଭ ହେବ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ମୁମ୍ବାଇରେ ଏହାର ସମସ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଘୋଷିତ ୧୬ଜଣିଆ ରାଜ୍ୟ ଦଳ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ ଶେଷ କରିବା ପରେ ଶୁକ୍ରବାର ମୁମ୍ବାଇ ଯାତ୍ରା କରିଛି। ନଭି ମୁମ୍ବାଇର ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆସାମ ବିପକ୍ଷରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଖେଳିବ । ଘୋଷିତ ଦଳରେ ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଶୁଭ୍ରାଂଶୁ ଶେଖର ସେନାପତି, କାର୍ତ୍ତିକ ବିଶ୍ୱାଳ, ଅଭିଷେକ ଯାଦବ, ରାକେଶ ପଟ୍ଟନାୟକ, ରାଜେଶ ଧୂପର(ଉଇକେଟକିପର), ପ୍ରବୀଣ ଲୁହା(ଉଇକେଟକିପର), ଦେବବ୍ରତ ପ୍ରଧାନ, ତାରିଣୀ ସ, ପ୍ରୟାସ କୁମାର ସିଂ, ସୌଭାଗ୍ୟ ରାଉତ, ହର୍ଷିତ ରାଠୋଡ, ସୁନୀଲ କୁମାର ରାଉଳ ସ୍ଥାନ ପାଇଛନ୍ତି ।


ମୁମ୍ବାଇ ଗସ୍ତ ପୂର୍ବରୁ ଓଡ଼ିଶା ଟି୨୦ ଦଳ।

# ଓପନିଂ ମ୍ୟାଚରେ ହାରିଗଲା ଭାରତ



ଗୋଲ୍ ସ୍କୋର କରିବା ପରେ ଭାରତୀୟ ଖେଳାଳି।

କୁଆଲାଲମ୍ପୁର, ୧୩।୧୦ (ପି.ଟି.)

ମର୍ଡେକା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଓପନିଂ ମ୍ୟାଚରେ ମାଲେସିଆ ୪-୨ ଗୋଲ୍‌ରେ ଭାରତକୁ ହରାଇ ଦେଇଛି। ଶୁକ୍ରବାର ଏଠାରେ ଖେଳାଯାଇଥିବା ଏହି ମ୍ୟାଚର ୭ମ ମିନିଟ୍‌ରେ ଡିଅନ୍ କୁଲ୍ସଙ୍କ ଗୋଲ ଜରିଆରେ ମାଲେସିଆ ପ୍ରଥମେ ଅଗ୍ରଣୀ ଲାଭ କରିଥିଲା। ତେବେ ଭାରତର ୧୩ତମ ମିନିଟ୍‌ରେ ନାଓରେମ୍ ମହେଶ ଏକ ଗୋଲ୍ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ପରେ ୨୦ତମ ମିନିଟ୍‌ରେ ଭାରତୀୟ ବକ୍ସରେ ନିଖିଲ ପୂଜାରୀ ଓ ଅରିଫ ଅମିନଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ବେଳେ ଫାଉଲ ପାଇଁ ମାଲେସିଆକୁ ଏକ ପେନାଲ୍ଟି ମିଳିଥିଲା। ଅମିନ କୌଣସି ତ୍ରୁଟି ନ କରି ଏହାକୁ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଆଉ ୪ମିନିଟ ଖେଳ ବାକିଥିବା ବେଳେ ଫୈଜଲ ହାଲିମଙ୍କ ଗୋଲ୍ ଯୋଗୁ ଭାରତର ସ୍ଥିତି ଆହୁରି ବିଗିଡ଼ି ଯାଇଥିଲା। ଏହି ଗୋଲ୍ ଦ୍ୱାରା ମାଲେସିଆ ୩-୧ରେ ଅଗ୍ରଣୀ ଲାଭ କରିଥିଲା। ଭାରତ ଅଧିନାୟକ ସୁନିଲ ଛେତ୍ରୀ ୫୨ତମ ମିନିଟ୍‌ରେ ଏକ ଗୋଲ୍ ଦେଇ ଗୋଲ ବ୍ୟବଧାନକୁ ହ୍ରାସ କରିଥିଲେ। ଏହାର ୫ ମିନିଟ୍ ପରେ ଲାଲଲିଆନଜୁଏଲା ଚାଙ୍ଗ୍‌ଟେଙ୍କୁ ଏକ ସୁଯୋଗ ମିଳିଥିଲା। ତାଙ୍କ ଶଟ୍ ଅହମଦଙ୍କ ଦେଶରେ ବାଜିଥିଲା। କୁଲ୍ସ ଏହାକୁ କ୍ଲିୟର କରିବା ପୂର୍ବରୁ ବଲ୍‌ଟି ଲାଇନ୍ କ୍ରସ କରିଥିଲେ ହେଁ ରେଫରି ଜାଣି ନ ପାରି ଗୋଲକୁ ନାକଚ କରିଦେଇଥିଲେ। ୬୧ତମମ ମିନିଟ୍‌ରେ କୋର୍ବିନ ଓଙ୍ଗଙ୍କ ଗୋଲ୍‌ରେ ମାଲେସିଆ ୪-୨ରେ ଅଗ୍ରଣୀ ଲାଭ କରିବା ସହ ମ୍ୟାଚ ଶେଷ ପର୍ଯ୍ୟନ୍ତ ସ୍କୋର ଲାଇନ୍‌କୁ ବଜାୟ ରଖିଥିଲା। ସୂଚନାଯୋଗ୍ୟ, ମର୍ଡେକା କପ୍ 'ମିନି ଏସିଆ କପ୍' ରୂପେ ପରିଚିତ। ପାଲେଷ୍ଟାଇନ୍ ଶେଷ ମୁହୂର୍ତ୍ତରେ ଓହରିଯିବାରୁ ଏଥର ୩ଟି ଦଳକୁ ଟୁର୍ନାମେଣ୍ଟ ହେଉଛି। ତୃତୀୟ ଦଳ ହେଲା ତାଜିକସ୍ତାନ। ଅକ୍ଟୋବର ୧୭ରେ ଏହି ଦଳ ଫାଇନାଲ ମ୍ୟାଚ ମାଲେସିଆ ସହ ଖେଳିବ।

# ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରୁ ଓହରିଲା ଭାରତ

ଚେନ୍ନାଇ,୧୩।୧୦(ପି.ଟି.)

ଶାର୍ମ ଏଲ୍ ଶେଖ୍‌ଠାରେ ଶନିବାରଠାରୁ ଖେଳାଯିବାକୁ ଥିବା ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରୁ ଭାରତୀୟ ଦଳ ଓହରିଯାଇଛି। ଇସ୍ରାଏଲ-ହମାସ ବିବାଦ ଯୋଗୁ ଖେଳାଳି ଓ ଅଫିସିଆଲଙ୍କ ସୁରକ୍ଷାକୁ ନେଇ ବିପଦ ଆଶଙ୍କା କରି ଏହି ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୧୪ରୁ ୨୩ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟର ଭେନ୍ୟୁ ଇସ୍ରାଏଲ ସୀମାଠାରୁ ୪୦୦ କି.ମି. ଦୂରରେ ଇଜିପ୍ଟରେ ଅବସ୍ଥିତ। ଏଥିରେ ଭାରତରୁ ୩୯ଜଣ ଖେଳାଳି ଭାଗ ନେଇଥାନ୍ତେ। ଗାଜା ପରିସ୍ଥିତିକୁ ନଜରରେ ରଖି ଏହି ଟୁର୍ନାମେଣ୍ଟକୁ ସ୍ଥଗିତ ରଖିବା ଲାଗି ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ବିଶ୍ୱ ଚେସ୍ ପରିଚାଳନା ପରିଷଦ ଫିଡେକୁ ଅନୁରୋଧ ମଧ୍ୟ କରିଛି। ଏଆଇସିଏଫ୍‌ର ସୂଚନା ଅନୁସାରେ ଟୁର୍ନାମେଣ୍ଟ ପାଇଁ ଖେଳାଳି, କୋଚ୍ ଓ ଅଫିସିଆଲ ମିଶି ମୋଟ ୮୦ଜଣ ଶାର୍ମ ଏଲ୍ ଶେଖ୍ ଗସ୍ତ କରିଥାନ୍ତେ।

# ଆଲଷ୍ଟର କୁକ୍‌ଙ୍କ ଅବସର



ଲଣ୍ଡନ, ୧୩।୧୦ (ପି.ଟି.)

ଇଂଲଣ୍ଡର ପୂର୍ବତନ ଅଧିନାୟକ ତଥା ଓପନର ବ୍ୟାଟର ଆଲଷ୍ଟର କୁକ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୮ରୁ ଟେଷ୍ଟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ ମଧ୍ୟ କାଉଣ୍ଟି କ୍ରିକେଟ ଖେଳିବା ଜାରି ରଖିଥିଲେ। ତେବେ ଦୀର୍ଘ ୫ ବର୍ଷ ଧରି ଏସେକ୍ସ ପକ୍ଷରୁ କାଉଣ୍ଟି ଖେଳିବା ପରେ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ କ୍ୟାରିୟରରେ କୁକ୍ ୧୬୧ ଟେଷ୍ଟ ଖେଳିଥିବା ବେଳେ ଏଥି ମଧ୍ୟରୁ ୫୯ ଟେଷ୍ଟରେ ଅଧିନାୟକତ୍ୱ କରିଛନ୍ତି। ୩୩ ଶତକ ଓ ୫୭ ଅର୍ଦ୍ଧଶତକ ସହିତ ସେ ୧୨,୪୭୨ ରନ୍ ସ୍କୋର କରିଛନ୍ତି। ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ କୁକ୍ ସର୍ବାଧିକ ଶତକ ହାସଲ କରିଛନ୍ତି। ୯୨ ଦିନିକିଆରେ ସେ ୫ ଶତକ ଓ ୧୯ ଅର୍ଦ୍ଧଶତକ ସହିତ ସେ ୩୨୦୪ ରନ୍ ସ୍କୋର କରିଛନ୍ତି।

# କୁସ୍ତି ମହାସଂଘ ଯାଚିକାରେ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୧୩।୧୦(ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ ସର୍ବୋଚ୍ଚ କୋର୍ଟରେ ଆଗତ ଯାଚିକା ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଶୁଣାଣି କରିଛନ୍ତି। ଏହା ସହିତ ମାମଲାରେ ଜଡିତ ସମସ୍ତ ପକ୍ଷଙ୍କୁ କୋର୍ଟ ନୋଟିସ ମଧ୍ୟ ଜାରି କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇର ପରିଚାଳନା ଭାର ଓ ନିର୍ବାଚନ ଦାୟିତ୍ୱ ଆଡ୍‌ହକ୍ ପ୍ୟାନେଲ ହାତକୁ ଯାଇଥିଲା। ନିର୍ବାଚନକୁ ବିରୋଧ କରି ହରିୟାଣା କୁସ୍ତି ସଂଘ ଆବେଦନ କରିଥିବା ବେଳେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ନିର୍ବାଚନ ସମ୍ଭବ ନ ହେବାରୁ ଡବ୍ଲ୍ୟୁଏଫ୍‌ଆଇକୁ ମଧ୍ୟ ବାସନ୍ଦ ହେବାକୁ ପଡିଥିଲା। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଡବ୍ଲ୍ୟୁଏଫ୍‌ଆଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ମାମଲାର ଶୁଣାଣି କରି ଜଷ୍ଟିସ୍ ଅଭୟ ଏସ୍ ଓକା ଓ ପଙ୍କଜ ମିଠାଲଙ୍କ ଖଣ୍ଡପୀଠ ନୋଟିସ୍ ଜାରି କରିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮

DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, October 14/2023 Page 20 | ପୃଷ୍ଠା-୧



**ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପାଇବେ ମାଇକେଲ**

ଗୋଆରେ ହେବାକୁ ଥିବା ଆଇଏଫଏଫଆଇରେ ଲୋକପ୍ରିୟ ହଲିଉଡ୍ ଅଭିନେତା ମାଇକେଲ ଡଗଲାସଙ୍କୁ ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବ।

୦୨

୦୮

**କ୍ରିକେଟରୁ ଅବସର ନେଲେ କୁକ୍**

ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲଷ୍ଟର କୁକ୍ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।



# ୪୨% ଚର୍ମରୋଗୀ ନିଦ୍ରାହୀନତାର ଶିକାର

ନୂଆଦିଲ୍ଲୀ,୧୩।୧୦



ଚର୍ମ ରୋଗ ଥିବା ୪୨ ପ୍ରତିଶତ ରୋଗୀ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଚର୍ମ ରୋଗର ପ୍ରଭାବ ଆକଳନ କରିବା ଲାଗି ୧୦ ଦେଶର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଉପରେ କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। ଜର୍ମାନୀର ବର୍ଲିନରେ ଆୟୋଜିତ ୟୁରୋପିଆନ୍ ଏକାଡେମୀ ଅଫ୍ ଡର୍ମାଟୋଲୋଜି ଆଣ୍ଡ ଭେନେରୋଲୋଜି (ଇଏଡିଭି) କଂଗ୍ରେସ, ୨୦୨୩ରେ ଉକ୍ତ ଅଧ୍ୟୟନକୁ ଉପସ୍ଥାପନ କରାଯାଇଛି। ନିଦ୍ରାହୀନତା ରୋଗୀର ଜୀବନ ଧାରଣ ମାନରେ ଗୁରୁତର ପ୍ରଭାବ ପକାଇଥାଏ ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି। ଅଧ୍ୟୟନ ଅନୁଯାୟୀ ଚର୍ମ ରୋଗ ଥିବା ୪୯ ପ୍ରତିଶତ ରୋଗୀଙ୍କ କାର୍ଯ୍ୟ ଦକ୍ଷତା ହ୍ରାସ ପାଇଥାଏ। ସର୍ଭେରେ ଅଂଶଗ୍ରହଣ କରିଥିବା ୧୯ ପ୍ରତିଶତ ରୋଗୀଙ୍କର ଚର୍ମରୋଗ ନ ଥିଲା। ଚର୍ମରୋଗ ଥିବା ରୋଗୀଙ୍କ ନିଦ୍ରା ପ୍ରଭାବିତ ହେବାର ମୁଖ୍ୟ ଲକ୍ଷଣ ହେଲା କୁଣ୍ଡେଇ ହେବା (ଯାହା ୬୦ ପ୍ରତିଶତ କ୍ଷେତ୍ରରେ ଦେଖାଦେଇଥାଏ) ଏବଂ ପୋଡ଼ାଜଳା ବା ଛୁଞ୍ଚି ଫୋଡିବା ଭଳି ଲାଗିବା (୧୭ ପ୍ରତିଶତଙ୍କ କ୍ଷେତ୍ରରେ ଦେଖାଦେଇଥାଏ)। ଏହା ବ୍ୟତୀତ ରୋଗୀ ନିଦରୁ ଉଠିବା ପରେ ବାରମ୍ବାର ଥକାପଣ ଅନୁଭବ କରିଥାନ୍ତି। ଚର୍ମରୋଗୀଙ୍କ କ୍ଷେତ୍ରରେ ଏହା ୮୧ ପ୍ରତିଶତ ହୋଇଥିବାବେଳେ ଅଣଚର୍ମରୋଗୀଙ୍କ କ୍ଷେତ୍ରରେ ୬୪ ପ୍ରତିଶତ ହୋଇଥାଏ। ସେହିପରି ଆଖିରେ କୁଞ୍ଚିହେବା ଭଳି ଲାଗିବା ଯଥାକ୍ରମେ ୫୮ ଏବଂ ୪୨ ପ୍ରତିଶତଙ୍କ କ୍ଷେତ୍ରରେ ଦେଖାଯାଉଥିବାବେଳେ ବାରମ୍ବାର ହାଇମାରିବା ଯଥାକ୍ରମେ ୭୨ ଏବଂ ୫୮ ପ୍ରତିଶତ ଦେଖାଦେଇଥାଏ।

ଚର୍ମ ରୋଗ ଥିବା ରୋଗୀମାନଙ୍କ ଶାରୀରିକ କ୍ରିୟା ଉପରେ ନିଦ୍ରାହୀନତା କିପରି ପ୍ରଭାବ ପକାଇଥାଏ, ଉକ୍ତ ଅଧ୍ୟୟନରୁ ତାହା ପ୍ରଥମ ଥର ଜଣାପଡ଼ିଛି। ରୋଗ ତୁରନ୍ତ ଚିହ୍ନଟ କରି ନିଦ୍ରା ସମସ୍ୟାର ପ୍ରଭାବୀ ପରିଚାଳନା ଜରୁରୀ ବୋଲି ପ୍ୟାରିସ୍‌ର ଇଏମ୍ଏମ୍ଏ କ୍ଲିନିକ୍ ମୁଖ୍ୟ ଡ. ଚାର୍ଲସ ତାଇଏବ୍ କହିଛନ୍ତି।

# ନଭେମ୍ବର ୨୭ରୁ କଟକ ବାଲିଯାତ୍ରା

**ବାଲିଯାତ୍ରା ପ୍ରଥମ ପ୍ରସ୍ତୁତି ବୈଠକ**

- ଅନ୍‌ଲାଇନ୍‌ରେ ଅଧକ୍ଷତା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ
- ବାଲିଯାତ୍ରାକୁ ପର୍ଯ୍ୟଟନ ପଞ୍ଜିକାରେ ସ୍ଥାନିତ କରିଯାଉ

କଟକ,୧୩।୧୦ (କାର୍ତ୍ତିକ ସାହୁ)

ଚଳିତବର୍ଷ ଐତିହାସିକ କଟକ ବାଲିଯାତ୍ରା ନଭେମ୍ବର ୨୭ରୁ ଡିସେମ୍ବର ୪ ତାରିଖ ଯାଏ ଅନୁଷ୍ଠିତ ହେବ। ବାଲିଯାତ୍ରାକୁ ଅଧିକ ଚିତ୍ତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁତ୍ୱାରୋପ କରିଛନ୍ତି। ଚଳିତବର୍ଷ ବାଲିଯାତ୍ରା ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଆଭାସୀ ମାଧ୍ୟମରେ ଅଧ୍ୟକ୍ଷତା କରି ବାଲିଯାତ୍ରା ସହ ଜଡିତ ବିଭିନ୍ନ ବିଭାଗ ଓ ବିଭାଗୀୟ କାର୍ଯ୍ୟାଳୟ ରାଜ୍ୟ ସରକାରଙ୍କ ସାଧାରଣ ଆର୍ଥିକ ନିୟମାବଳୀ ଅନୁପାଳନ କରିବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଏଥିରେ କଟକ ମହାନଗର ନିଗମ ☞ପୃଷ୍ଠା-୭

# ସଂସ୍କୃତି, ଆଧୁନିକତାରେ ସମୃଦ୍ଧ ହେବ ଗାଁ: ମୁଖ୍ୟମନ୍ତ୍ରୀ

## ପୁରୀ, ନୟାଗଡ଼ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଶୁଭାରମ୍ଭ




- ପୁରୀ ସକାଶେ ୧୩୪ କୋଟିର ୪୧୩୦ ପ୍ରକଳ୍ପ
- ନୟାଗଡ଼ ପାଇଁ ୯୭ କୋଟିର ୨୯୨୪ ପ୍ରକଳ୍ପ

ଭୁବନେଶ୍ୱର,୧୩।୧୦(ଅନିଲ ଦାସ)

ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ନୂଆ ସଶକ୍ତ ଓଡ଼ିଶା ଗଠନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଭୁବନେଶ୍ୱରରୁ ଆଭାସି ଯୋଗେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ପୁରୀ ଓ ନୟାଗଡ଼ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା। ଏଥିପାଇଁ ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀକୁ ୧୩୪ କୋଟି ଟଙ୍କା ମିଳିଛି। ଏଥିରେ ୪୧୩୦ଟି ପ୍ରକଳ୍ପ ହେବ। ସେହିପରି ନୟାଗଡ଼ ଜିଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୨୯୨୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେବ। ଏହି ସମନ୍ୱୟରେ ଗାଁ ଗାଁରେ ଆସିବ ସମୃଦ୍ଧି। ଏହା ହେଉଛି ଏକବିଂଶ ☞ପୃଷ୍ଠା-୭



# ଖୋଲାବଜାରରେ ଗହମ ବିକୁଛି ଏଫ୍‌ସିଆଇ

■ବଢ଼ିପାରେ ଅଟା ଦର

■ମୂଲ୍ୟ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସତର୍କ



ଭୁବନେଶ୍ୱର,୧୩।୧୦ (ଅଭୟ ଦାଶ)

ବିଗତ କିଛି ମାସ ହେଲା ଖୋଲା ବଜାରରେ ଗହମ ଅଭାବ ଦେଖାଦେଇଛି। ଫଳରେ ଗହମ ଜାତୀୟ ଖାଦ୍ୟ ପଦାର୍ଥ ସାଙ୍ଗକୁ ଅଟାର ମୂଲ୍ୟ ବୃଦ୍ଧି ହୋଇପାରେ ବୋଲି ବଜାର ବିଶେଷଜ୍ଞମାନେ ସରକାରଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ମହଲରେ ନିବେଦନ କରାଯାଇଛି। ଫଳରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ପକ୍ଷରୁ ଖୋଲାବଜାରରେ ଗହମ ବିକ୍ରି ଆରମ୍ଭ ହୋଇଯାଇଛି। ଏପରିକି ୨୦୨୩ ଅଗଷ୍ଟରୁ ଏଫ୍‌ସିଆଇ କ୍ରମାଗତ ଭାବେ ଖୋଲା ବଜାରରେ ଗହମ ବିକ୍ରି କରୁଛି। ସେହିଭଳି ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନିମନ୍ତେ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ବଜାର ଦର ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶେଷକରି ଆଗକୁ ପାର୍ବଣ ଥିବାରୁ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିପାରେ ବୋଲି ଆକଳନ କରାଯାଉଛି। ମୁଦ୍ରାସ୍ଫୀତି ବୃଦ୍ଧିକୁ ନଜରରେ ରଖି କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ ସହ ସତର୍କ ରହିବାକୁ ଉଭୟ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ଖାଦ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ କହିଛନ୍ତି, ଏଫ୍‌ସିଆଇ ଇ-ନିଲାମ ଜରିଆରେ ଗହମ ବିକ୍ରି କରୁଥିବାବେଳେ ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ଏଫ୍‌ସିଆଇ ଷ୍ଟକ୍‌ରୁ ୨.୩୭ ନିୟୁତ ଟନ୍ ଗହମ ବିକ୍ରି କରିଛନ୍ତି। ବିଶେଷକରି ପାର୍ବଣ ପୂର୍ବରୁ ବଜାରରେ ଅଟା ଦର ନିୟନ୍ତ୍ରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏପରିକି ପ୍ରଥମରୁ ଦର ନିୟନ୍ତ୍ରଣ କରି ଦିଆଗଲେ ଆଗାମୀ ଦିନରେ ଗହମ ଓ ଅଟାର ମୂଲ୍ୟ ବୃଦ୍ଧି ଦେଖିବାକୁ ମିଳିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ,୨୦୨୩ ଅଗଷ୍ଟରେ ଗହମର ଖୁଚୁରା ମୁଦ୍ରାସ୍ଫୀତି ହାର ୯.୩ ରୁ ହ୍ରାସ ହୋଇ ୭.୯୩% ହୋଇଛି। ସୂଚନା ମୁତାବକ ଖାଦ୍ୟ ସମଗ୍ରୀ ମୂଲ୍ୟ ହ୍ରାସ ଯୋଗୁ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ୩ ମାସର ସର୍ବନିମ୍ନସ୍ତର ୫.୨%କୁ ହ୍ରାସ ହୋଇଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୩।୧୦

ଗତ କିଛିଦିନ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୪ (୧୮୩.୬୪) ପଏଣ୍ଟ ଖସି ୬୫,୨୮୩ (୬୫,୨୮୨.୬୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୪ (୬୩.୭୦) ପଏଣ୍ଟ ହ୍ରାସ ଘଟି ୧୯,୭୫୧(୧୯,୭୫୧.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକରେ ମଧ୍ୟ ପରିବର୍ତ୍ତନ ଘଟିଛି।

## କାନାରା ବ୍ୟାଙ୍କର ମୁଦ୍ରା ବିନିମୟ ମେଳା




ଭୁବନେଶ୍ୱର,୧୩।୧୦

କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ମୁଦ୍ରା ବିନିମୟ ମେଳାର ଆୟୋଜନ କରାଯାଇଥିଲା। ବିଶେଷକରି ବ୍ୟାଙ୍କ ପକ୍ଷରୁ ପୁରୁଣା, ମଇଳା ଏବଂ ଚିରାଫଟା ନୋଟ୍ ବଦଳରେ ନୂଆ ନୋଟ୍ ଏବଂ କଏନ୍ ଦେବାର ବ୍ୟବସ୍ଥା ୟୁନିଟ୍-୮ ସ୍ଥିତ କଲ୍ୟାଣୀ ମାର୍କେଟ୍ କମ୍ପ୍ଲେକ୍ସଠାରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କ୍ଷେତ୍ରୀୟ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ବିଆଇ ମହାପ୍ରବନ୍ଧକ ଦେବୀପ୍ରସାଦ ପଣ୍ଡାଙ୍କ ସମେତ କାନାରା ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର, କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ମହାମାୟା ପ୍ରସାଦ ରାୟ, ସହାୟିକା ମହାପ୍ରବନ୍ଧକ ରୀତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ନୟାପଲ୍ଲୀ ଶାଖା ଏବଂ କରେନ୍ସି ଚେଷ୍ଟର ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

## କ୍ୱାଣ୍ଟମ ଏଏମ୍‌ସିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୩।୧୦

କ୍ୱାଣ୍ଟମ ଏଏମ୍‌ସିର ନୂତନ ଉତ୍ପାଦ 'କ୍ୱାଣ୍ଟମ ସ୍ମଲ୍ କ୍ୟାପ୍ ଫଣ୍ଡ'ର ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଉତ୍ପାଦର ଏକ ନୂଆ ଫଣ୍ଡ ଅଫର (ଏନ୍‌ଏଫ୍‌ଓ)ର ଶୁଭାରମ୍ଭ କରାଯାଇଛି। ଏହ ଅଫର ୨୦୨୩ଅକ୍ଟୋବର ୨୭ ପର୍ଯ୍ୟନ୍ତ ଉପଲବ୍ଧ। ଏ ସମ୍ପର୍କରେ କ୍ୱାଣ୍ଟମ ଏଏମ୍‌ସିର ମୁଖ୍ୟ ନିବେଶ ଅଧିକାରୀ ଓ ଫଣ୍ଡ ପରିଚାଳକ ଚିରାଗ ମେହେତା କହିଥିଲେ, ଆମର ସ୍ମଲ୍ କ୍ୟାପ୍ ଫଣ୍ଡ,ସେହି ନିବେଶକମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି, ଯେଉଁମାନେ ପୁଞ୍ଜିର ଦୀର୍ଘକାଳୀନ ମୂଲ୍ୟ ବୃଦ୍ଧି ଚାହୁଁଛନ୍ତି। ଏପରିକି ଆମେ ଦେଖିଛୁ ଯେ ଦୀର୍ଘ ଅବଧିରେ ସ୍ମଲ କ୍ୟାପ ଷ୍ଟକ୍‌ଗୁଡ଼ିକ ଭଲ ରିଟର୍ନ ଦେବାର କ୍ଷମତା ପ୍ରଦର୍ଶନ କରିଛନ୍ତି। ଏପରିକି ଆମର ଗ୍ରାହକମାନଙ୍କ ପାଇଁ ଭଲ ରିଟର୍ନ ନିଶ୍ଚିତ କରିବାକୁ ଆମେ ବୃଦ୍ଧିର ସମ୍ଭାବନା ଥିବା ସ୍ୱଳ୍ପ-ପରିଚିତ ଓ ଛୋଟ ବ୍ୟବସାୟରେ ନିବେଶ କରିବୁ। ବିଶେଷ କରି ସମୟ ଅନୁସାରେ ଏହି କମ୍ପାନୀଗୁଡ଼ିକ ସେମାନଙ୍କର ରାଜସ୍ୱ ଓ ଆୟ ବୃଦ୍ଧି ଯାହା ଆମର ନିବେଶକମାନଙ୍କ ପାଇଁ ଭଲ ରିଟର୍ନ ନିଶ୍ଚିତ କରିପାରିବ। ସେହିଭଳି କ୍ୱାଣ୍ଟମ ମ୍ୟୁଚୁଆଲ ଫଣ୍ଡ (ଇକ୍ୱିଟି, ପ୍ରଯୋଜକ ଏବଂ ପରାମର୍ଶଦାତା)ର ଏମ୍‌ଡି ତଥା ଗ୍ରୁପ୍ ହେଡ୍ ଆଇ.ଭି.ସୁବ୍ରମଣ୍ୟମ କହିଛନ୍ତି, ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବା ପାଇଁ ଆବିର୍ଭୂତ ହୋଇଥିବା ଷ୍ଟାର୍ଟଅପ୍‌ଗୁଡ଼ିକରୁ ଅନେକ ସଂସ୍ଥା ପରିଶେଷରେ ସ୍ମଲ୍-କ୍ୟାପ୍ କମ୍ପାନୀ ଭାବେ ତାଲିକାଭୁକ୍ତ ହୋଇପାରିବେ ଏବଂ ମିଡ କିମ୍ବା ଲାର୍ଜ-କ୍ୟାପ୍ ସ୍ପେସ୍‌ରେ ଏକ ବଡ଼ କମ୍ପାନୀରେ ପରିଣତ ହୋଇପାରିବେ। ଅର୍ଥନୀତିର ଅଭିବୃଦ୍ଧି କେବଳ ବଡ଼ କମ୍ପାନୀଗୁଡ଼ିକ ଦ୍ୱାରା ନୁହେଁ, ବରଂ ଗତ କିଛି ବର୍ଷ ମଧ୍ୟରେ ଆବିର୍ଭୂତ ହୋଇଥିବା ଅନେକ ଷ୍ଟାର୍ଟଅପ୍‌ର ଦ୍ରୁତ ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହେବ। ୨୦୦୬ଠାରୁ ସୁଚିନ୍ତିତ ପୋର୍ଟଫୋଲିଓ ପରିଚାଳନା ଏବଂ ବଜାର ସ୍ଥିତି ସହ ଅନୁକୂଳତାକୁ ପ୍ରଦର୍ଶନ କରୁଥିବା ପ୍ରମାଣିତ ଟ୍ରାକ୍ ରେକର୍ଡ ସହ କ୍ୱାଣ୍ଟମ ମ୍ୟୁଚୁଆଲ ଫଣ୍ଡ କ୍ୱାଣ୍ଟମ ସ୍ମଲ୍ କ୍ୟାପ୍ ଫଣ୍ଡ ସହ ଏହାର ନିବେଶକମାନଙ୍କ ପୋର୍ଟଫୋଲିଓକୁ ବଢାଇବା ପାଇଁ ଭଲ ସ୍ଥିତିରେ ଅଛି।

## ଅରୁନ୍ଧତୀ ଜୁଏଲର୍ସର ପ୍ରିମିୟମ କଲେକ୍ସନ ଉନ୍ମୋଚିତ



ଭୁବନେଶ୍ୱର,୧୩।୧୦

ଅରୁନ୍ଧତୀ ଜୁଏଲର୍ସର ନୂତନ ତଥା ପ୍ରିମିୟମ କଲେକ୍ସନ 'ଅର୍କ ଓ ଅମେୟା'କୁ ଶୁକ୍ରବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। କୋଣାର୍କ ସୂର୍ଯ୍ୟମନ୍ଦିରର କଳା, ସ୍ଥାପତ୍ୟ, ସୌନ୍ଦର୍ଯ୍ୟ ଓ ପ୍ରସ୍ତର ଖୋଦେଇ କାରୁକାର୍ଯ୍ୟକୁ ନେଇ ସ୍ୱତନ୍ତ୍ର ଭାବେ ଅର୍କ ଗହଣା ଡିଜାଇନ ହୋଇଥିବାବେଳେ ତାରକସୀ କାରୁକାର୍ଯ୍ୟରେ ନିର୍ମିତ ଅମେୟା ଗହଣା ଡିଜାଇନ ହୋଇଛି। ଦୀର୍ଘ ୧୮୦ ଦିନର ସୂକ୍ଷ୍ମ କାରୁକାର୍ଯ୍ୟ ଭରା ଗହଣାକୁ ୩୦% କମ୍ ଓଜନରେ ଅଭିଜ୍ଞ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ଭୁବନେଶ୍ୱରର ସତ୍ୟନଗରସ୍ଥିତ ଅରୁନ୍ଧତୀ ଏକ୍ସକ୍ଲୁସିଭ ଆଉଟ୍‌ଲେଟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଉପରୋକ୍ତ କଲେକ୍ସନଗୁଡିକୁ ଉନ୍ମୋଚନ ସହ ବିକ୍ରୟ ପାଇଁ ଉପଲବ୍ଧ କରାଯାଇଥିଲା।

ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ରାଜ୍ୟର କଳା, ସ୍ଥାପତ୍ୟ ଓ ସୌନ୍ଦର୍ଯ୍ୟକୁ ନୂଆ ରୂପ (ପ୍ରିମିୟମ କଲେକ୍ସନ)ରେ ଉପଲବ୍ଧ କରାଇବା ଆମ ପାଇଁ ଆନନ୍ଦର ବିଷୟ ପାଲଟିଛି। ଚଳିତ ବର୍ଷର ପାର୍ବଣ ପୂର୍ବରୁ ଉଭୟ ଅର୍କ ଓ ଅମେୟାର ପ୍ରିମିୟମ କଲେକ୍ସନକୁ ଉନ୍ମୋଚନ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ପାର୍ବଣ ଉପଲକ୍ଷେ ଅରୁନ୍ଧତୀ ପକ୍ଷରୁ ଆକର୍ଷଣୀୟ ଅଫରର ଘୋଷଣା କରାଯାଇଛି। ଉକ୍ତ ଅଫର ଜରିଆରେ ଗ୍ରାହକମାନେ ୬୪୯ ଟଙ୍କାର ଗଢ଼ା ମଜୁରିରେ ସମସ୍ତ ନୂତନ ହାଇ ଆଣ୍ଡ ଫ୍ୟାନ୍‌ସୀ କଲେକ୍ସନର ସୁନାଗହଣା ପାଇପାରିବେ। ହୀରା ଗହଣା (ପ୍ରତି କ୍ୟାରେଟ୍) ଉପରେ ୨୦% ଏବଂ ରୁପା ଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତି ଗ୍ରାହକମାନେ ପାଇପାରିବେ।

## ସିବିଆଇର ବହୁମୁଖୀ ଋଣ ଶିବିର

ଭୁବନେଶ୍ୱର,୧୩।୧୦

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ନିକଟରେ ଏକ ବହୁମୁଖୀ ଋଣ ଶିବିର ଓ ଗ୍ରାହକ ସମ୍ମିଳନୀ ଶିରିପୁରସ୍ଥିତ ଇମେଜ ସମ୍ମିଳନୀ କକ୍ଷଠାରେ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସିବିଆଇର କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଅଜୟ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସିବିଆଇ ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ବର୍ଗର ଗ୍ରାହକମାନଙ୍କୁ ୧୦୫କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଅଜୟ ସିଏ ଏବଂ ଡିଏସ୍‌ଏମାନଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ସେ ଶାଖା ମୁଖ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହିତ ଗ୍ରାହକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ପାଇଁ ଅଧିକାରମାନଙ୍କୁ ପରାମର୍ଶ ଦେଇଥିଲେ।




ଅଜୟ କୁମାର ସିଂ ଆଶାୟୀ ଗ୍ରାହକଙ୍କୁ ଋଣ ମଞ୍ଜୁରୀପତ୍ର ପ୍ରଦାନ କରୁଛନ୍ତି।

ଫୁର୍‌ସତ୍

# ଗୁଣବତ୍ତା ଦ୍ୱାରା ଆର୍ଥିକ ବିକାଶ

ଅର୍ଥନୀତିର ବିକାଶରେ ଗୁଣବତ୍ତାଯୁକ୍ତ ମାନକ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଘରୋଇ ଉତ୍ପାଦର ଚାହିଦା ଅନ୍ତର୍ଜାତୀୟସ୍ତରରେ ବୃଦ୍ଧି ପାଇପାରିଥାଏ। ଦେଶଦେଶ ମଧ୍ୟରେ ବାଣିଜ୍ୟ ସମୟରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ସହିତ ଅନ୍ୟ ସମସ୍ତ ଉତ୍ପାଦ କ୍ଷେତ୍ରରେ ଗୁଣବତ୍ତା ଯାଞ୍ଚ ଭୂମିକା ଅପରିହାର୍ଯ୍ୟ ହୋଇପଡ଼ିଥାଏ। ସେହିପରି ସାଧାରଣ ଉପଭୋକ୍ତାଙ୍କ କ୍ଷେତ୍ରରେ ପ୍ରତିଟି ସାମଗ୍ରୀ କିଣିବା ସମୟରେ ଏହାର ଗୁଣବତ୍ତା ସମ୍ପର୍କିତ ତଥ୍ୟ ଭଲଭାବେ ଜାଣିନେବାର ଆବଶ୍ୟକତା ମଧ୍ୟ ରହିଛି।

ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅକ୍ଟୋବର ୧୪ରେ ବିଶ୍ୱ ମାନକ ଦିବସ ପାଳନ କରାଯାଇଥାଏ। ଦିବସର ଉଦ୍ଦେଶ୍ୟ ହେଉଛି ନିୟାମକ, ଶିଳ୍ପ ଏବଂ ଗ୍ରାହକଙ୍କ ମଧ୍ୟରେ ବିଶ୍ୱ ଅର୍ଥନୀତି ସମ୍ପର୍କରେ



ମାନକକରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ଆମେରିକୀୟ ସୋସାଇଟି ଅଫ ମେକାନିକାଲ ଇଞ୍ଜିନିୟର୍ସ (ଏଏସଏମଇ), ଅନ୍ତର୍ଜାତୀୟ ନୈତିକ ମାନକ ଆକାଉଣ୍ଟାଣ୍ଟ ବୋର୍ଡ (ଆଇଇଏସ୍‌ବିଏ) ଅନ୍ତର୍ଜାତୀୟ ମାନକକରଣ ସଂଗଠନ (ଆଇଏସଓ) ପରି ମାନକ ବିକାଶ ସଂଗଠନ ମଧ୍ୟରେ ସ୍ୱେଚ୍ଛାକୃତ ମାନକ ବିକାଶ କରୁଥିବା ବିଶେଷଜ୍ଞଙ୍କ ଉଦ୍ୟମକୁ ଏହି ଦିନ ସମ୍ମାନିତ କରାଯାଇଥାଏ।

### ବିଶ୍ୱ ମାନକ ଦିବସ

ଅକ୍ଟୋବର ୧୪ରେ ୨୫ଟି ଦେଶର ପ୍ରତିନିଧିମାନେ ପ୍ରଥମେ ଲଣ୍ଡନରେ ଏକତ୍ରିତ ହୋଇଥିଲେ ଏବଂ ମାନକକରଣକୁ ସୁଗମ କରିବା ଉପରେ ଏକ ଅନ୍ତର୍ଜାତୀୟ ସଂଗଠନ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାର ଗୋଟିଏ ବର୍ଷ ପରେ ଅନ୍ତର୍ଜାତୀୟ ମାନକକରଣ ସଂଗଠନ (ଆଇଏସଓ) ଗଠନ କରାଯାଇଥିଲା। ମାତ୍ର ୧୯୭୦ରେ ପ୍ରଥମ ବିଶ୍ୱ ମାନକ ଦିବସ ପାଳନ କରାଯାଇ ଥିଲା।

## ସଲମାନ୍ ହେବେ ପାରାମିଲିଟାରି ଅଫିସର



**ମୁମ୍ବାଇ:** ବଲିଉଡର ସୁପରହିରୋ ସଲମାନ୍ ଖାନ୍ ଅନେକ ବ୍ଲକବଷ୍ଟର ହିଟ୍ ମୁଭି ପ୍ରଶଂସକଙ୍କୁ ଭେଟି ଦେଇଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ନୂଆ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ସଲମାନ୍ ଏକ ଫିଲ୍ମ ପାଇଁ ପ୍ରସ୍ତୁତ ହେଉଛନ୍ତି। ଯେଉଁଥିରେ ସେ ଜଣେ ପାରାମିଲିଟାରି ଅଫିସର ଭୂମିକାରେ ନଜର ଆସିବେ। ଫିଲ୍ମ ପାଇଁ ସଲମାନ୍ ଜିମ୍‌ରେ କଠିନ ପ୍ରଶିକ୍ଷଣ ନେଉଛନ୍ତି ଏବଂ ତାଙ୍କ ଡାଏଟକୁ ନେଇ ଖୁବ୍ ସଚେତନ ହୋଇଯାଇଛନ୍ତି। ଏହି ଭୂମିକା ପାଇଁ ତାଙ୍କ ଶରୀର ବେଷ୍ଟ ଶେପ୍‌କୁ ଆଣିବାକୁ ଲାଗି ପଡିଛନ୍ତି। ଏହି ଫିଲ୍ମଟି ମାଳଦ୍ୱୀପରେ ୧୯୮୮ରେ ହୋଇଥିବା ମିଶନ ଉପରେ ଆଧାରିତ। ସଲମାନ୍‌ଙ୍କ ସହ ସାମନ୍ଥା ରୁଥ ପ୍ରଭୁ ନଜର ଆସିବେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଶେରଶାହାର ନିର୍ଦ୍ଦେଶକ ବିଷ୍ଣୁ ବର୍ଦ୍ଧନ।

## ଗୋଲ୍ଡେନ୍‌ମ୍ୟାନ୍: ପିନ୍ଧନ୍ତି ୫ କେଜି ସୁନା

ପାଟନା



ସୁନା ଅଳଙ୍କାର କାହାର ବା ପସନ୍ଦ ନୁହେଁ। ନିବେଶ କରିବା କିମ୍ବା ଅଳଙ୍କାର କିଣିବାକୁ ଲୋକେ ପ୍ରତିଦିନ ସୁନା ମୂଲ୍ୟ ଯାଞ୍ଚ କରନ୍ତି। ମୂଲ୍ୟ ଟିକେ ଖସିଲେ ଲୋକେ ସୁନା କିଣିବାକୁ ଆଗେଇଆସନ୍ତି। ସୁନାକୁ ଅନେକେ ବହୁତ ଭଲ ପାଆନ୍ତି। ପାଟନାରେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ୫.୨ କିଲୋଗ୍ରାମ ସୁନା ପିନ୍ଧି ବୁଲନ୍ତି। ପଗଡ଼ି ହେଉ କି ଚଷମା, ଫୋନ କିମ୍ବା ଜୋତା ସବୁକିଛି ସୁନା। ଏହି କାରଣରୁ ସେ ଗୋଲଡେନ୍ ମ୍ୟାନ ଭାବରେ ଜଣାଶୁଣା। ସେ ଯେଉଁଆଡେ ଯାଆନ୍ତି, ଲୋକମାନେ ସେଲ୍ଫି ନେବାକୁ ଆଦୌ ଭୁଲନ୍ତି ନାହିଁ।

ଗୋଲ୍ଡେନ୍‌ମ୍ୟାନ ପ୍ରେମ ସିଂଙ୍କ ଘର ଭୋଜପୁର ଜିଲାରେ। ୬ ବର୍ଷ ବୟସରୁ ସେ ସୁନା ପିନ୍ଧିବା ଆରମ୍ଭ କରିଥିଲେ। ପ୍ରେମ ସିଂ ୧.୫ କୋଟିରୁ ଅଧିକ ମୂଲ୍ୟର ସୁନା ପିନ୍ଧି ତାଙ୍କ କାର୍‌ରୁ ଓହ୍ଲାନ୍ତି, ଲୋକମାନେ ସେଲ୍ଫି ନେବା ପାଇଁ ପ୍ରତିଯୋଗିତା କରନ୍ତି। ବୃତ୍ତି ଅନୁଯାୟୀ ପ୍ରେମ ଜଣେ କଣ୍ଟ୍ରାକ୍ଟର ତଥା ଜଣେ ଜମିଦାର। ସେ କୁହନ୍ତି, ପ୍ରଥମେ ୫୦ ଗ୍ରାମରୁ ସୁନା ପିନ୍ଧିବା ଆରମ୍ଭ କରିଥିଲେ, କିନ୍ତୁ ଯେପରି ଏକ ପୋଖରୀ ବିନ୍ଦୁ ବିନ୍ଦୁ ପାଣିରେ ଭରିଯାଏ, ସେମିତି ମୋ ଦେହରେ ଥିବା ସୁନା ଧୀରେ ଧୀରେ ବଢ଼ିବାକୁ ଲାଗିଲା ଏବଂ ଆଜି ଏହା ୫ କିଲୋଗ୍ରାମ ୨୦୦ ଗ୍ରାମରେ ପହଞ୍ଚିଛି। ପ୍ରେମ ଦାବି କରନ୍ତି ଯେ, ସେ ହେଉଛନ୍ତି ବିହାରର ପ୍ରଥମ ସୁନା ମଣିଷ ଏବଂ ଦେଶର ଦ୍ୱିତୀୟ ସୁନା ମଣିଷ। ଯେଉଁମାନେ ପ୍ରଥମ ସ୍ଥାନରେ ଅଛନ୍ତି ସେମାନେ ପ୍ରାୟ ୭ରୁ ୮ କିଲୋଗ୍ରାମ ସୁନା ପିନ୍ଧନ୍ତି। ପ୍ରେମଙ୍କର ଲକ୍ଷ୍ୟ ହେଉଛି ଦିନେ ନା ଦିନେ ସେ ପ୍ରଥମ ସ୍ଥାନକୁ ଯିବେ। ସେ କହିଛନ୍ତି, ଏଥିପାଇଁ ସେ ରୋଜଗାରର ଅଧିକାଂଶ ଅଂଶ ସୁନାରେ ଖର୍ଚ୍ଚ କରନ୍ତି ଏବଂ ୮ କିଲୋଗ୍ରାମ ସୁନା ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି। ଯାହା ଦ୍ୱାରା ତାଙ୍କୁ ଦେଶର ଗୋଲଡେନ ମ୍ୟାନ କୁହାଯାଇପାରିବ। ସେ ଆହୁରି ମଧ୍ୟ କହିଛନ୍ତି, ଏହି ସମସ୍ତ ସୁନା ସଚ୍ଚୋଟ ଭାବରେ ଅର୍ଜନ କରାଯାଇଛି। ସବୁର ହିସାବ ଆକାଉଣ୍ଟ ବହିରେ ଅଛି। ତେଣୁ ଆୟକର କିମ୍ବା କୌଣସି ଏଜେନ୍ସିର ଭୟ ନାହିଁ। ବର୍ତ୍ତମାନ ଏତେ ସୁନା ଥିବାରୁ ସୁରକ୍ଷା ଦୃଷ୍ଟିରୁ ୪ ଜଣଙ୍କୁ ବଡିଗାର୍ଡ ଭାବରେ ନିଯୁକ୍ତି ଦେଇଛନ୍ତି। ପ୍ରେମ ସିଂ ଯେଉଁଆଡ଼େ ଗଲେ ସେମାନେ ତାଙ୍କ ସହ ଯାଇଥାନ୍ତି।

## ହଲିଉଡ୍ ଅଭିନେତାଙ୍କୁ 'ସତ୍ୟଜିତ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ'



ମାଇକେଲ ଡଗଲାସ

ନୂଆଦିଲ୍ଲୀ

ଗୋଆରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ରେ ଲୋକପ୍ରିୟ ହଲିଉଡ୍ ଅଭିନେତା ମାଇକେଲ ଡଗଲାସଙ୍କୁ ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବ। ଏନେଇ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର।

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି, ନଭେମ୍ବର ୨୦ରୁ ୨୮ମଧ୍ୟରେ ଗୋଆରେ ଆୟୋଜିତ ହେବାକୁ ଥିବା ୫୪ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଭିନେତା ମାଇକେଲ ଡଗଲାସଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ତାଙ୍କ ସ୍ତ୍ରୀ କ୍ୟାଥରିନ ଜେଟା ଜୋନ୍ସ ଏବଂ ପୁଅ ଡିଲାନ ଡଗଲାସ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମାଇକେଲ ଡଗଲାସଙ୍କ ଭାରତ ପ୍ରତି ଥିବା ସୌହାର୍ଦ୍ଦପୂର୍ଣ୍ଣ ଏବଂ ପ୍ରେମ ଭାବ ରହିଛି। ଭାରତ ଏହାର ସମୃଦ୍ଧ ସିନେମା ସଂସ୍କୃତି ଏବଂ ଅନନ୍ୟ ପରମ୍ପରା ପ୍ରଦର୍ଶନ କରିବାକୁ ଆଗ୍ରହୀ ଅଟେ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ୭୯ ବର୍ଷୀୟ ମାଇକେଲ ଡଗଲାସ୍ ଦୁଇଟି ଏକାଡେମୀ ପୁରସ୍କାର, ପାଞ୍ଚଟି ଗୋଲ୍ଡେନ ଗ୍ଲୋବ ପୁରସ୍କାର ଏବଂ ଏମି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଫିଲ୍ମ ୱାଲ ଷ୍ଟ୍ରିଟ (୧୯୮୭), ଫଲିଙ୍ଗ ଡାଉନ(୧୯୯୩), ଦି' ଆମେରିକା ପ୍ରେସିଡେଣ୍ଟ (୧୯୯୫), ଟ୍ରାଫିକ (୨୦୦୦) ଇତ୍ୟାଦି ଫିଲ୍ମରେ ଅଭିନୟ କରି ଅବିସ୍ମରଣୀୟ ଚିହ୍ନ ଛାଡିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁନୀଲ



@ ପ୍ରଦୀପ୍ତ



@ ସତପୁଷ୍ପା



@ ସ୍ୱପ୍ନା



@ ଆରିୟନ



@ ମଧୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଗିରଫ ଡାକ୍ତରଙ୍କ ଶୌଚାଳୟରୁ ମିଳିଲା ୨୦,୫୫୮ ଡଲାର

ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ ପାରାଦୀପ,(ଶରତ ରାଉତ)/ ସିମୁଳିଆ, ୧୩।୧୦ (ସନ୍ତୋଷ ନାୟକ)

### ଲାଞ୍ଚ ନେବାବେଳେ ସିବିଆଇ ହାତରେ ଧରାପଡ଼ିଥିଲେ

■ନଗଦ ୧୭ ଲକ୍ଷ ଟଙ୍କା , ୫ ସମ୍ପତ୍ତିର କାଗଜପତ୍ର ଜବତ

■ଗିରଫ ଡାକ୍ତରଙ୍କୁ କୋର୍ଟରେ ହାଜର କଲା ସିବିଆଇ





ଜବତ ବିଦେଶୀ ସିଗାରେଟ୍ ଓ ଡଲାର।



ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ

ପୋର୍ଟ ହେଲ୍ଥ ମେଡିକାଲ କ୍ଲିୟରାନ୍ସ ପ୍ରଦାନ ପାଇଁ ଜାହାଜ କ୍ରିଉ ମେମ୍ବର (ନାବିକ)ଙ୍କଠାରୁ ୫୪ ହଜାର ଲାଞ୍ଚ ନେବାବେଳେ ଗିରଫ ହୋଇଥିବା ପାରାଦୀପ ବନ୍ଦରସ୍ଥିତ ପୋର୍ଟ ହେଲ୍ଥ ଅର୍ଗାନାଇଜେଶନ(ପିଏଚ୍ଓ)ର ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ଶୁକ୍ରବାର ସିବିଆଇ ଘନଘନ ଜେରା କରିଛି। ତାଙ୍କ ବିରୋଧରେ ଏକ ମାମଲା ପରେ ମାମଲା ନଂ.ଆର୍‌ସି୦ଏ/୨୩, ଡିକେ ରୁଜୁ କରାଯାଇଛି। ତେବେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜେରା ଭିତରେ ସିବିଆଇ ଅଧିକାରୀମାନେ ତାଙ୍କର ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛନ୍ତି। ଏହି ଆଧାରରେ ସିବିଆଇ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ପାରାଦୀପ ଭୂୟାଁ ଛକରେ ଥିବା ଡା. ପାଣିଗ୍ରାହୀଙ୍କ ଅଫିସ ସମେତ ବାଲେଶ୍ୱର ଓ କଟକରେ ଥିବା ଘରେ ସିବିଆଇ ଚଢ଼ାଉ କରି ଖଟତଳ, ଟେବୁଲ ଡ୍ରୟାର ମଧ୍ୟରୁ ନଗଦ ୧୭ ଲକ୍ଷ ଟଙ୍କା ଓ ଶୌଚାଳୟରୁ ୨୦ ହଜାର ୫୫୮ ଆମେରିକୀୟ ଡଲାର, ଓଡିଶା ଓ ହାଇଦ୍ରାବାଦରେ ଥିବା ୫ଟି ସମ୍ପତ୍ତିର କାଗଜପତ୍ର ଏବଂ କମ୍ପ୍ୟୁଟର ହାର୍ଡଡିସ୍କକୁ ସିବିଆଇ ଅଧିକାରୀମାନେ ଜବତକରି ନେଇଛନ୍ତି। ସେହିପରି ପାରାଦୀପର ଦୁଇଟି ଘରୁ ଲକ୍ଷ ଲକ୍ଷ ଟଙ୍କାର ଦାମୀ ବିଦେଶୀ ମଦ ଓ ସିଗାରେଟ ମିଳିଥିବା ସୂଚନା ମିଳିଛି। ପରେ ଡା. ପାଣିଗ୍ରାହୀଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ଏହା ପୂର୍ବରୁ ସିବିଆଇ ଟିମ୍ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା। ଏହି ସମୟରେ ସେ କୌଣସି ଲାଞ୍ଚ ନେଇନାହାନ୍ତି, ତାଙ୍କୁ ଫସାଇ ଦିଆଯାଇଥିବା ଗଣମାଧ୍ୟମ ଆଗରେ କହିଥିଲେ।

ସୂଚନାନୁସାରେ, ଏମିନେନ୍ସ ଶିପିଂ ନାମକ କମ୍ପାନୀର କର୍ମଚାରୀ ଆଲୋକ ରାଉତ ଅକ୍ଟୋବର ୧୦ରେ ପୋର୍ଟ ହେଲ୍ଥ ମେଡିକାଲ କ୍ଲିୟରାନ୍ସ ପାଇଁ ପିଏଚ୍ଓ କାର୍ଯ୍ୟାଳୟକୁ ଯାଇ ଡାକ୍ତର ରାଜେନ୍ଦ୍ର ପାଣିଗ୍ରାହୀଙ୍କୁ ଭେଟିଥିଲେ। ଏଥିପାଇଁ ଡା. ପାଣିଗ୍ରାହୀ ୭୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଆଲୋକ ଅକ୍ଟୋବର ୧୧ରେ ମେଲ୍ ଜରିଆରେ ସିବିଆଇରେ ଅଭିଯୋଗ କରିଥିଲେ। ପରେ ଆଲୋକ ପୁଣିଥରେ ଅର୍ଥାତ୍ ଗୁରୁବାର ପିଏଚ୍ଓ କାର୍ଯ୍ୟାଳୟକୁ ଯାଇ ଡା. ପାଣିଗ୍ରାହୀ ସହ ମୂଲଚାଲ କରି ୫୪ ହଜାର ଟଙ୍କା ଦେଉଥିବାବେଳେ ପୂର୍ବ ଯୋଜନା ମୁତାବକ ସିବିଆଇ ଟିମ୍ ସେଠାରେ ଚଢ଼ାଉକରି ତାଙ୍କୁ ରେଡ୍ ହ୍ୟାଣ୍ଡରେ ଧରିଥିଲା। ଏହାପରେ ସିବିଆଇ ଟିମ୍ ତାଙ୍କୁ ହେପାଜତକୁ ଆଣି ମାରାଥନ ଜେରା କରିବା ସହ ବାଲେଶ୍ୱର ଜିଲା ସିମୁଳିଆରେ ଥିବା ବାସଭବନ, ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଘରେ ଚଢ଼ାଉ ଆରମ୍ଭ କରିଥିଲା।

# ଅସଲି ଡବାରେ ନକଲି ଜର୍ଦ୍ଦା

ଭୁବନେଶ୍ୱର,୧୩।୧୦(ସତ୍ୟଜିତ୍ ରାଉତ)

### ୟୁନିଟ-୧ ମାର୍କେଟ୍‌ରେ ପୋଲିସ ଚଢ଼ାଉ, ୨ ଦୋକାନୀ ଗିରଫ



ଗୋପାଳ କମ୍ପାନୀର ଅସଲି ଡବାରେ ନକଲି ଜର୍ଦ୍ଦା ଭର୍ତ୍ତି କରାଯାଇ ମାର୍କେଟ୍‌ରେ ବିକ୍ରି ହେଉଛି। ଏନେଇ ଅଭିଯୋଗ ପରେ ଭୁବନେଶ୍ୱର ୟୁନିଟ-୧ ମାର୍କେଟ୍‌ରେ କ୍ୟାପିଟାଲ ଥାନା ପୋଲିସ ଚଢ଼ାଉ କରି ନକଲି ଜର୍ଦ୍ଦା ବିକ୍ରି କରୁଥିବା ୨ ଦୋକାନୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁର ଅଞ୍ଚଳର ବାସୁଦେବ ମଣ୍ଡଳ (୩୦) ଓ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ରାଉଳ (୩୨)। ଉଭୟଙ୍କ ଦୋକାନ ନଂ.୭ ଓ ୧୪ରୁ ଗୋପାଳ କମ୍ପାନୀର ଭିନ୍ନ ଭିନ୍ନ ଗ୍ରାମର ୩୦୮ଟି ଡବା ଓ ୫୭ଟି ପାଉଚ୍‌କୁ ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ଏମ୍/ଏସ୍ ଗୋପାଳ ଇମ୍ପେରିଆଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି କୈଳାସ ସିଂ ଚୌହାନ ଗୁରୁବାର ଏ ସଂକ୍ରାନ୍ତରେ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ଗୋପାଳ ବ୍ରାଣ୍ଡ୍ ନାଁରେ କେତେଜଣ ଦୋକାନୀ ନକଲି ଜର୍ଦ୍ଦା ବିକ୍ରି କରୁଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ। ଏନେଇ ପୋଲିସ କୋଟ୍‌ପା ଆକ୍ଟ ସହ ଆଇପିସି ଦଫା ୪୧୯, ୪୨୦ରେ ଏକ ମାମଲା (ନଂ.୬୦୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏନେଇ ପୋଲିସ ରାତିରେ ଦୁଇ ଦୋକାନ ଉପରେ ଚଢ଼ାଉ କରି ଦୋକାନୀଙ୍କୁ ଧରିଥିଲା। ତେବେ ତଦନ୍ତରୁ ଜଣାପଡ଼ିଛି, ଏସବୁ ପାଉଚ୍ ଓ ଡବାରେ ୪୦ ପ୍ରତିଶତ ଜର୍ଦ୍ଦା ରହୁଥିବା ବେଳେ ବାକି କେନ୍ଦୁପତ୍ର ଗୁଣ୍ଡ ରହୁଛି। କୋରାପୁଟ, ଗଞ୍ଜାମ ଆଦି ଅଞ୍ଚଳରୁ ଏସବୁ ଜର୍ଦ୍ଦାକୁ ସେମାନେ ଆଣୁଥିବା ପୋଲିସ ପାଖରେ କହିଛନ୍ତି। ତେବେ ଏଭଳି ଜର୍ଦ୍ଦା ପ୍ରସ୍ତୁତ କରି ଚାଲାଣ କରୁଥିବା ପ୍ରସ୍ତୁତକାରୀଙ୍କୁ ପୋଲିସ ଧରିବାକୁ ଖୋଜାଖୋଜି କରୁଛି। ତେବେ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ପକ୍ଷରୁ ସିଆର୍‌ପିସି ୪୧ରେ ନୋଟିସ୍ ଦିଆଯାଇ ଛଡ଼ାଯାଇଥିବା ସୂଚନା ଦିଆଯାଇଛି।

# ଐତିହ୍ୟ କରିଡରରେ ଶ୍ରାଦ୍ଧପିଣ୍ଡି ନିର୍ମାଣ ଦାବି

ପୁରୀ,୧୩।୧୦(ଅଜିତ ମହାନ୍ତି)

ଖରା, ବର୍ଷାରେ ତିନିପୁରୁଷଙ୍କ ପାଇଁ ଲୋକେ ନଳାଉପରେ ପିଣ୍ଡ ଦେଉଛନ୍ତି। ଆଞ୍ଜୁଳେ ପାଣି ଦେବାକୁ ଦୋକାନୀ ପାଖରୁ ଛୁଆଁପାଣି ଆଣିବାକୁ ପଡୁଛି। କେତେବେଳେ ଅଧା ଶ୍ରାଦ୍ଧରୁ କଦଳୀପତ୍ର ଭିଡିନେଉଛି ଷଣ୍ଢ ତ ଆଉ କେବେ ଅନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଦୁଃଖପୂର୍ଣ୍ଣ ଅଭିଯୋଗ ଆଣିବା ସହ ଏସବୁର ଭିଡିଓ ଦେଖାଇଛନ୍ତି ।

ଅଖିଳ ଭାରତ ବ୍ରାହ୍ମଣ ମହାସଭାର ଉପସଭାପତି ବଦ୍ରି ମିଶ୍ର। ଏ ନେଇ ସେ ଏକ ପ୍ରତିନିଧି ଦଳ ସହ ନବୀନ ନିବାସ ଯାଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଶହଶହ ବର୍ଷ ଧରି ଶ୍ରୀମନ୍ଦିର ବାଇଶି ପାହାଚ ଉପରେ ପ୍ରତିଦିନ ଲୋକେ ଶ୍ରାଦ୍ଧ ଦେଉଥିଲେ। ତେବେ ଐତିହ୍ୟ କରିଡର ନିର୍ମାଣ ସମୟରେ କରୋନା ଆସିବାରୁ ଶ୍ରାଦ୍ଧକର୍ମ କରୁଥିବା ତଥା ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ପଞ୍ଜୀକୃତ ବ୍ରାହ୍ମଣମାନେ ଦୀର୍ଘ ଚାରିବର୍ଷ ଧରି ଶ୍ରୀମନ୍ଦିର ବାହାରେ ଶ୍ରାଦ୍ଧ କରୁଛନ୍ତି। ଏବେ କରିଡର ନିର୍ମାଣ କାର୍ଯ୍ୟ ସରିସରି ଆସୁଛି। ଏଣୁ ଶ୍ରୀମନ୍ଦିରର ଐଶାନ୍ୟକୋଣ ଉତ୍ତରଦ୍ୱାର ସଂଲଗ୍ନ ଅଞ୍ଚଳରେ ଆବଶ୍ୟକ ଛାଇ, ଜଳଯୋଗାଣ ଓ ସ୍ୱଚ୍ଛତା ସୁବିଧା ସହ ଖଣ୍ଡୋଲାଇଟ ପଥରରେ ଏକ 'ଶ୍ରାଦ୍ଧପିଣ୍ଡି' ନିର୍ମାଣ କରାଯାଉ। ଏହାଦ୍ୱାରା ବ୍ରାହ୍ମଣ ଓ ଜଗନ୍ନାଥପ୍ରେମୀ ଶ୍ରଦ୍ଧାର ସହ ଶ୍ରାଦ୍ଧ ଦେବା ନେଇ ଉପକୃତ ହୋଇପାରିବେ। ଶ୍ରାଦ୍ଧକୁ ଶୃଙ୍ଖଳିତ କରିବା ପାଇଁ ମୁକ୍ତିମଣ୍ଡପ ଦ୍ୱାରା ଚିହ୍ନଟ ବ୍ରାହ୍ମଣମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପଞ୍ଜୀକୃତ କରାଇବା ସହ ଶ୍ରାଦ୍ଧ ପାଇଁ ପୂର୍ବପରି ଶ୍ରୀମନ୍ଦିର ପ୍ରଶାସନ ଦେୟ ଆଦାୟ କରିବାକୁ ଉପସଭାପତି ମିଶ୍ର ନିବେଦନ କରିଛନ୍ତି।

# ସିଆର୍‌ପିଏଫ୍‌ର ପୂର୍ବତନ ଡିଜିଙ୍କ ଘରୁ ଚୋରି

ଭୁବନେଶ୍ୱର,୧୩।୧୦ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱର ଦିନକୁ ଦିନ ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଥିବାବେଳେ ସହରବାସୀ ଅସୁରକ୍ଷିତ ହୋଇପଡିଛନ୍ତି। କେତେବେଳେ ରାସ୍ତାଘାଟରୁ ଆକ୍ରମଣ କରି ଲୁଟ୍ କରୁଛନ୍ତି ତ ଆଉ କେତେବେଳେ ଘରେ ପଶି କଳାକନା ବୁଲାଉଛନ୍ତି। ତେବେ ଲୁଟେରାଙ୍କ କବଳରୁ ପୋଲିସ ମଧ୍ୟ ବର୍ତ୍ତି ପାରିନାହିଁ। ପୁରୁଣା ଭୁବନେଶ୍ୱର ରଥ ରୋଡ୍‌ରେ ଥିବା ସିଆର୍‌ପିଏଫ‌ର ପୂର୍ବତନ ଡିଜି ବ୍ରଜ ବିହାରୀ ମିଶ୍ରଙ୍କ ଘରୁ କେହି ଜଣେ ଦୁର୍ବୃତ୍ତ ସଫା କରିବା ବାହାନାରେ ଆସବାବପତ୍ର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଲିଙ୍ଗରାଜ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଇନାହିଁ । ସୂଚନାନୁସାରେ, ପୂର୍ବତନ ସିଆର୍‌ପିଏଫ୍ ଡିଜି ପୁଣେରେ ରହୁଥିବା ବେଳେ ଘର ବୁଝାଶୁଝା କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଦାୟିତ୍ୱ ଦେଇଛନ୍ତି। ଗତ ତିନି ଧରି ଉକ୍ତ ବ୍ୟକ୍ତି ନ ଆସିବାରୁ କେହି ଜଣେ ଦୁର୍ବୃତ୍ତ ଘରେ ଭିତରେ ପଶି ଟଙ୍କା, ସୁନା ଆଦି ନ ପାଇବାରୁ କିଛି ଆସବପତ୍ର ଚୋରି କରି ନେଇ ପଳାଇଛନ୍ତି।

DHARITRI YOUTH CONCLAVE 2023
CLIMATE CHANGE : THE PATH AHEAD

DHARITRI CLIMATE GRANT

Inviting young people and youth organisations of Odisha deeply engaged in Climate Action with local communities.

Kindly send us entries of your work with a simple bio description (250-300 words) and 4 high resolution photos/a video of your climate action activities to get a chance to win the Dharitri Climate Grant. You can also nominate someone else by following the same process.

Select entries will be chosen to receive the Dharitri Climate Grant as encouragement and impetus for their climate action work at **Dharitri Youth Conclave 2023** to be held in November at Bhubaneswar.

Chosen entries will also get invited to attend the Conclave and interact with young climate warriors and experts in the field.

Last date of entry: 30th October 2023
Please send details to: dharitriyouthconclave@gmail.com
Visit: www.dharitriyouthconclave.com for details




# ଲାଇଭ୍ ଭିଡିଓ କରି ଝୁଲିପଡ଼ିଲେ ଯୁବକ

ଗୋପ,୧୩।୧୦ (ଭାରତୀ ଭୂଷଣ ଉପାଧ୍ୟାୟ)

### ପାରିବାରିକ କଳହ ସନ୍ଦେହ

ପାରିବାରିକ କଳହକୁ ନେଇ ଶୁକ୍ରବାର ସକାଳେ ଲାଇଭ୍ ଭିଡିଓ କରି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବ୍ୟବସାୟୀ ଲକ୍ଷ୍ମୀନାରାୟଣ ସିହ୍ନାଙ୍କ ବଡ଼ପୁଅ ସୁଜିତ୍ କୁମାର ସିହ୍ନା (୪୬)। ଗୋପ ପୋଲିସ ନାଗପୁର ବଜାରର ଏକ ମେଡିସିନ୍ ଦୋକାନରୁ ସୁଜିତ୍‌ଙ୍କ ମୃତଦେହ ସମେତ ଦୁଇଟି ସୁଇସାଇଡ୍ ନୋଟ୍ ଜବତ କରିଛି। ସୁଜିତ ଆତ୍ମହତ୍ୟା କରିବାବେଳେ ନିଜ ମୋବାଇଲ୍‌ର ରେକର୍ଡିଂ ଅନ୍ ରଖିଥିବାରୁ ସମସ୍ତ ଦୃଶ୍ୟ ମୋବାଇଲ୍‌ରେ କଏଦ୍ ହୋଇଛି। ସୁଜିତ୍‌ଙ୍କ ସୋସିଆଲ ମିଡିଆରେ ଥିବା ସାଙ୍ଗମାନେ ମୃତ୍ୟୁର ଲାଇଭ୍ ଦେଖିବା ପରେ ଘଟଣା ଜଣାପଡ଼ିଥିଲା। ଏଠାରେ ସୂଚନାଯୋଗ୍ୟ, ସୁଜିତ୍ ପୂର୍ବରୁ ବିବାହ କରିଥିବାବେଳେ ପରେ କୌଣସି କାରଣକୁ ନେଇ ଦ୍ୱିତୀୟ ସ୍ତ୍ରୀଙ୍କ ନିକଟରେ ରହୁଥିଲେ। ତାଙ୍କର ଗୋଟିଏ ଝିଅ ଓ ପୁଅ ଥିବା ଜଣାପଡିଛି। ଜବତ ସୁଇସାଇଡ ନୋଟକୁ ନେଇ ବିଭିନ୍ନ କଥା ଆଲୋଚନା ହେଉଛି। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗୋପ ଥାନା ଅନ୍ତର୍ଗତ ବନ୍ତଳି ଗ୍ରାମପଞ୍ଚାୟତ ବନ୍ତଳି ଗ୍ରାମର ଲକ୍ଷ୍ମୀନାରାୟଣ ସିହ୍ନା ଦୀର୍ଘ ବର୍ଷ ଧରି ନାଗପୁର ବଜାରରେ ଔଷଧ ଦୋକାନ କରିଛନ୍ତି। ଏହି ଦୋକାନରେ ତାଙ୍କର ବଡ଼ପୁଅ ସୁଜିତ କାରବାର ବୁଝାବୁଝି କରନ୍ତି। ଗୁରୁବାର ସନ୍ଧ୍ୟାରେ କୌଣସି ଘଟଣାକୁ ନେଇ ପରିବାରରେ ବିବାଦ ହୋଇଥିବା ଶୁଣିବାକୁ ମିଳୁଛି। ସୁଜିତ ରାଗିକରି ଏକ କାର୍‌ରେ ତାଙ୍କ ଦୋକାନକୁ ଚାଲିଆସିଥିଲେ। ପରେ ତାଙ୍କ ସ୍ତ୍ରୀ ଓ ପୁଅ ଆସି ଦୋକାନ ବନ୍ଦ ଥିବା ଦେଖି ସୁଜିତଙ୍କୁ ଡାକିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ପରିବାର ସଦସ୍ୟଙ୍କଠାରୁ ଗୋପ ପୋଲିସ ଖବରପାଇ ସେଠାରେ ପହଞ୍ଚି ପଚରାଉଚରା କରି ଫେରିଯାଇଥିଲା। ବିଳମ୍ବିତ ରାତିରେ ସୁଜିତ ବେକରେ ଔଷଧ ପେଟିର ପ୍ଲାଷ୍ଟିକ ରଶି ବାନ୍ଧି ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ସୁଜିତଙ୍କ ସୋସିଆଲ ମିଡିଆରେ ଥିବା ସାଙ୍ଗମାନେ ଏହା ଦେଖିବା ପରେ ଘଟଣା ପଦାକୁ ଆସିଥିଲା। ଶୁକ୍ରବାର ସକାଳୁ ପୁଅ ଆତ୍ମହତ୍ୟା କରିଥିବା ବାପା ଲକ୍ଷ୍ମୀନାରାୟଣ ଶୁଣିବାକୁ ପାଇଥିଲେ। ପୋଲିସ ଚାହିଁଥିଲେ ମୋ ପୁଅ ବଞ୍ଚିଯାଇଥାନ୍ତା ବୋଲି ସେ କହିଛନ୍ତି। ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି, ପାରିବାରିକ ବିବାଦ ହିଁ ମୃତ୍ୟୁର ମୁଖ୍ୟ କାରଣ। ଏହି ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ।

## ସଂକ୍ଷେପରେ

### ଟଙ୍କା, ସୁନାଅଳଙ୍କାର ଚୋରିକରି ମହିଳା ଗିରଫ

ବାରଙ୍ଗ,୧୩।୧୦(ଲିଙ୍ଗରାଜ ରାଉତ)

ଘରେ କାମ କରିବା ଆଳରେ ଟଙ୍କା ଓ ସୁନାଗହଣା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ମଣ୍ଡପସାହି ବସ୍ତିରେ ରହୁଥିବା ଇତିଶ୍ରୀ ଦାସ। ତାଙ୍କ ଘର ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ଅଞ୍ଚଳରେ। ରଘୁନାଥପୁର ଅଞ୍ଚଳର ସତ୍ୟେନ୍ଦ୍ର ପଟ୍ଟନାୟକଙ୍କ ଘରେ ଗତ କିଛିଦିନ ହେବ ଇତିଶ୍ରୀ କାମ କରୁଥିବାବେଳେ ୧ଲକ୍ଷ ୧୭ ହଜାର ୮ଶହ ଟଙ୍କା ସହିତ ସୁନାହାର, ଗହଣା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇଥିବା ସତ୍ୟେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୬୦/୨୩) ରୁଜୁକରି ତଦନ୍ତ ଚଳାଇଥିଲା।

### ଡ୍ରିମ୍ ଇଭେଣ୍ଟ ପକ୍ଷରୁ ଦାଣ୍ଡିଆ ନାଇଟ୍ସ

ଭୁବନେଶ୍ୱର,୧୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଦୁର୍ଗାପୂଜା ପାଇଁ ଡ୍ରିମ୍ ଇଭେଣ୍ଟ ପକ୍ଷରୁ ଦାଣ୍ଡିଆ ନାଇଟ୍ସର ଆୟୋଜନ କରାଯାଇଛି। ଆସନ୍ତା ୨୨ ଓ ୨୩ ତାରିଖ ଦୁଇଦିନ ଧରି ଏହି ଦାଣ୍ଡିଆ ନାଇଟ୍ ମଞ୍ଚେଶ୍ୱରସ୍ଥିତ ଲାଫିଏଷ୍ଟାଠାରେ ଅନୁଷ୍ଠିତ ହେବ। ଟିକେଟର ଦାମ ୩୦୦ ଟଙ୍କା ରହିଛି। ଡିଜେ ନାଇଟ ସାଙ୍ଗକୁ ଆର୍କଷଣୀୟ ଇଭେଣ୍ଟ, ଭରପୂର ଖାଇବା ପିଇବାର ମଜା ଉପଭୋଗ କରି ପାରିବେ ରାଜଧାନୀବାସୀ। ଦାଣ୍ଡିଆ ନାଇଟ ଆହୁରି ରଙ୍ଗିନ କରିବ ପାରମ୍ପରିକ, ଟ୍ରେଣ୍ଡିଙ୍ଗ ଗୀତ ସହ ଲୋକପ୍ରିୟ ଓଲିଓଡ୍ କଣ୍ଠଶିଳ୍ପୀଙ୍କ ଗୀତ। କଣ୍ଠଶିଳ୍ପୀଙ୍କ ତାଳେ ତାଳେ ରାଜଧାନୀବାସୀ ଝୁମିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଅସୀମ ଗୁପ୍ତା ଓ ପ୍ରତିଷ୍ଠାତା କମଳ ଗୁପ୍ତା କହିଛନ୍ତି।

### 'ଚିର ସବୁଜ ଗୀତ'

ଭୁବନେଶ୍ୱର,୧୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

'ସମାଜ ଓ ସଂସ୍କୃତି' ପକ୍ଷରୁ ସଙ୍ଗୀତ ଭିତ୍ତିକ ୨ଦିନିଆ କାର୍ଯ୍ୟକ୍ରମ 'ଚିର ସବୁଜ ଗୀତ' ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଯାଇଛି। ଅତୀତରେ ଓଡ଼ିଆ ସଙ୍ଗୀତ ଜଗତରେ ସୃଷ୍ଟି ହୋଇଥିବା ଚିର ସବୁଜ ଗୀତଗୁଡ଼ିକୁ ନେଇ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ପ୍ରଥମ ଦିନରେ ବିଭୁକିଶୋର, ଦେବାଶିଷ ମହାପାତ୍ର, ସୌରଭ ନାୟକ, ଶୈଳଭାମା, ବନ୍ଦୀଶ ପାଲିତ, ଛନ୍ଦା ମିଶ୍ର, ଗିରିଜା ଦାଶ ଓ ସ୍ୱଦେଶ ମହାନ୍ତି ପ୍ରମୁଖ ପୁରୁଣା ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ସରୋଜ ସାମଲ ଓ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ଯୋଗ ଦେଇଥିଲେ। ଓଡ଼ିଆ ସଙ୍ଗୀତ ଜଗତର ସୁବର୍ଣ୍ଣ ଯୁଗକୁ ଶ୍ରୋତାଙ୍କୁ ଫେରାଇନେବା ପାଇଁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ପ୍ରଫେସର ଜ୍ୟୋତିରଞ୍ଜନ ଦାସ, କାର୍ଯ୍ୟକାରୀ ସଭାପତି ଚେଧୁରୀ ଅମିତାଭ ଦାସ ଓ ସମ୍ପାଦକ ଗିରିଜା ଶଙ୍କର ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

# ପୁଣି ବିଜେବି କ୍ୟାମ୍ପସ୍ ଅଶାନ୍ତ

## ଗଣ୍ଡଗୋଳରେ ଉଭୟ ପକ୍ଷର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ

ଭୁବନେଶ୍ୱର,୧୩।୧୦
(ସତ୍ୟଜିତ୍ ରାଉତ)




ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପୁଣି ଅଶାନ୍ତ ହୋଇପଡ଼ିଛି। କଲେଜର ଆର୍ଟ୍ସ ବ୍ଲକ୍‌ରେ ଶୁକ୍ରବାର ଦୁଇ ଛାତ୍ର ଗୋଷ୍ଠୀ ହାତାହାତି ହେବା ସହ ପରସ୍ପରକୁ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଉଭୟ ପକ୍ଷରୁ ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି। ଏନେଇ ଗୋଟିଏ ଗୋଷ୍ଠୀର ରୋହନ କୁମାର ବେହୁରିଆ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଓ ଅଣଛାତ୍ରମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ପରେ ରୋହନ୍‌ଙ୍କ ସମେତ ପଙ୍କଜ ପ୍ରଧାନ, ଶାଶ୍ୱତ ପଣ୍ଡା ଓ ସୌମ୍ୟରଞ୍ଜନ ବେହେରା ଆହତ ହୋଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ସେହିଭଳି ଅପରପକ୍ଷର ଛାତ୍ର ଗୋଷ୍ଠୀର ସୂର୍ଯ୍ୟକାନ୍ତ ଦେହୁରି ଥାନାରେ ଏତଲା ଦେଇଛନ୍ତି। ରୋହନ୍ ଓ ତାଙ୍କ ସାଥୀମାନେ ସୂର୍ଯ୍ୟକାନ୍ତ ଏବଂ ତାଙ୍କ ସାଙ୍ଗମାନଙ୍କୁ ଆକ୍ରମଣ କରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଉଭୟ ପକ୍ଷର ଏତଲାକୁ ଆଧାର କରି ପୋଲିସ ପୃଥକ ମାମଲା (ନଂ.୫୬୮/୨୦୨୩), (ନଂ.୫୬୯/ ୨୦୨୩) ରୁଜୁ କରିଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ୧୫ରେ ରୋହନ ଓ ତାଙ୍କ ସହପାଠୀମାନେ ଇଣ୍ଟରନାଲ୍ ପରୀକ୍ଷା ଦେବା ପାଇଁ ଆର୍ଟ୍ସ ବ୍ଲକ୍‌ର ଲିଫ୍ଟରେ ଯାଉଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଘଟଣା ପରେ କ୍ୟାମ୍ପସରେ ବହୁ ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଏନେଇ କଲେଜ ଅଧ୍ୟକ୍ଷ ଜିଏମ୍ ଖାନ୍ କହିଛନ୍ତି, ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଘଟିଛି। ଘଟଣାର ତର୍ଜମା କରାଯାଇଛି। ଏନେଇ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ତେବେ ରାଜନୈତିକ ଶତ୍ରୁତା ପାଇଁ ଏହି ସଂଘର୍ଷ ଘଟିଥିବା ଜଣାପଡ଼ିଛି।

# ଚାଉଳର ପୋଷକତତ୍ୱ ବୃଦ୍ଧି ପାଇଁ ଓୟୁଏଟି-ଡବ୍ଲ୍ୟୁଏଫ୍‌ପି ମଧ୍ୟରେ ଚୁକ୍ତି



ଭୁବନେଶ୍ୱର, ୧୩।୧୦(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ନୂଆଦିଲ୍ଲୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ଚାଉଳର ପୋଷକତତ୍ତ୍ୱକୁ ବୃଦ୍ଧି ତଥା ଅଧିକ ଉତ୍ପାଦନ କରିବା ଏହି ଚୁକ୍ତିର ମୂଳ ଲକ୍ଷ୍ୟ। ଏ ଦିଗରେ ବହୁ ଗବେଷଣା ଓ ଶିକ୍ଷାଦାନ ସହ ଖାଦ୍ୟ ନିରାପତ୍ତା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ପୋଷଣଯୁକ୍ତ ଆହାର ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବା ସହ ଏ ଦିଗରେ ବୈଷୟିକ ଜ୍ଞାନକୌଶଳକୁ ଉନ୍ନତ କରିବା ଓ ଖାଦ୍ୟ ସୁଦୃଢ଼ୀକରଣ ନିମନ୍ତେ ଏକ ବୈଷୟିକ ସହାୟତା ୟୁନିଟ୍(ଟିଏସ୍‌ୟୁ) ପ୍ରତିଷ୍ଠା କରାଯିବ। ଖାଦ୍ୟର ଗୁଣବତ୍ତା ଆଧାରରେ ଲୋକଙ୍କ ମାନସିକ ପରିବର୍ତ୍ତନ ପାଇଁ ଚାଉଳ ସହଯୋଗୀ ସଂସ୍ଥା, ବେସରକାରୀ ସଂସ୍ଥା, ଗୋଷ୍ଠୀ କେନ୍ଦ୍ରିକ ଅନୁଷ୍ଠାନ ମାଧ୍ୟମରେ ଏକ ଅଭିଯାନ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଭବିଷ୍ୟତରେ ପୋଷଣଯୁକ୍ତ ଖାଦ୍ୟ ଉପଯୋଗ ନିମନ୍ତେ ପ୍ରୋତ୍ସାହନ ଯୋଗାଇବ। ବୁଝାମଣା ଫଳରେ ଗବେଷଣାମୂଳକ କାର୍ଯ୍ୟର ଅଗ୍ରଗତି ହୋପାରିବ। ଏଥିସହିତ ଆଗାମୀ ଦିନରେ ଛାତ୍ରୀଛାତ୍ର ମଧ୍ୟ ଅନେକ ସୁବିଧା ପାଇପାରିବେ ବୋଲି ଆଶା ରଖାଯାଇଛି। ଏନେଇ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓୟୁଏଟିର ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଏବଂ ଡବ୍ଲ୍ୟୁଏଫ୍‌ପିର ସହ ନିର୍ଦ୍ଦେଶକ ନୋଜୋମି ହସିମୋଟୋ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଡବ୍ଲ୍ୟୁଏଫ୍‌ପିର ରାଜ୍ୟ ମୁଖ୍ୟ ହିମାଂଶୁ ବଳ ତଥା ଓୟୁଏଟିର ନିର୍ଦ୍ଦେଶକ, ଅଧ୍ୟକ୍ଷ ଓ ବୈଜ୍ଞାନିକମାନେ ଯୋଗ ଦେଇଥିଲେ।

# ଦିବ୍ୟାଙ୍ଗଙ୍କ ପାଇଁ ନିଯୁକ୍ତିମେଳା




ଭୁବନେଶ୍ୱର, ୧୩।୧୦ (ବନ୍ଦନା ସେଠୀ)

ଶିକ୍ଷିତ ଦିବ୍ୟାଙ୍ଗ ଯୁବତୀଯୁବକଙ୍କ ଚାକିରି ସୁଯୋଗ ସୃଷ୍ଟି କରିବା ପାଇଁ ଦିଲ୍ଲୀସ୍ଥିତ ଆମେରିକା ଇଣ୍ଡିଆ ଫାଉଣ୍ଡେଶନ ଓ ଭୁବନେଶ୍ୱରରେ ଥିବା ନ୍ୟାଶନାଲ କ୍ୟାରିଅର ସର୍ଭିସ୍ ସେଣ୍ଟର ଫର୍ ଡିଫରେଣ୍ଟଲିଅବୁଲେଡ୍(ଏନ୍‌ସିଏସ୍‌ସିଡିଏ) ପକ୍ଷରୁ ମିଳିତ ଭାବେ ରାଜ୍ୟ ସରକାରଙ୍କ ସହାୟତାରେ ଏକ ମାଗଣା ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ମେଳାରେ ମୋଟ ୧୫୦ଜଣ ଦିବ୍ୟାଙ୍ଗ ଯୁବତୀଯୁବକ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୭୬ ଜଣ ଭିନ୍ନଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଥିଲେ ଏବଂ ଅନ୍ୟ କିଛି ପ୍ରାର୍ଥୀ ପରବର୍ତ୍ତୀ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ ହୋଇ ତାଲିକାଭୁକ୍ତ ହୋଇଛନ୍ତି। ଏଥିରେ ପ୍ରମୁଖ ଅତିଥି ଭାବେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ନିଯୁକ୍ତି ପୂର୍ବରୁ କୌଶଳ ପ୍ରଶିକ୍ଷଣ ଓ ଠିକ୍ କୌଶଳ ପାଇଁ ଠିକ୍ ନିଯୁକ୍ତିଦାତା ଚିହ୍ନଟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥିଭାବେ ସ୍ୱତନ୍ତ୍ର ସଚିବ ଦିଲୀପ କୁମାର ରାୟ ଯୋଗଦେଇଥିଲେ। ଫାଉଣ୍ଡେଶନର ପ୍ରକଳ୍ପ ପରିଚାଳିକା ସସ୍ମିତା ମହାପାତ୍ର ଓ ଏନ୍‌ସିଏସ୍‌ସିଡିଏର ସହକାରୀ ନିର୍ଦ୍ଦେଶିକା ସୋନାଲିକା ସୁମନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳା ଅନୁଷ୍ଠିତ ହୋଇଥିଲା।

# କିକ୍ ବକ୍ସିଂ ପ୍ରତିଯୋଗିତା: ଖୋର୍ଦ୍ଧା ଜିଲା ଚାମ୍ପିୟନ

ପୁରୁଣା ଭୁବନେଶ୍ୱର,୧୩।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀ ଉନ୍ନୟନ ପରିଷଦ ପରିସରରେ ୨୪ତମ ଅଲ୍ ଓଡ଼ିଶା କିକ୍ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଆସୋସିଏଶନ ଓ ଭୀମଟାଙ୍ଗୀ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୩ଟି ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଗ୍ରାଣ୍ଡମାଷ୍ଟର ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲା ଚାମ୍ପିୟନ ହୋଇଥିବାବେଳେ ଅନୁଗୋଳ ଦ୍ୱିତୀୟ ଏବଂ ସମ୍ବଲପୁର ଜିଲା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ଶିବନାରାୟଣ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୀମଟାଙ୍ଗୀ ଉନ୍ନୟନ ପରିଷଦ ସଭାପତି ପୁରୁଷୋତ୍ତମ ସାହୁ, ଭୀମେଶ୍ୱର ପାର୍କ ୱାର୍କର୍ସ ଆସୋସିଏଶନ ସଭାପତି ଗୋଲଖ ବିହାରୀ ନାୟକ, ଅଲ୍ ଓଡ଼ିଶା କରାଟେ ଆସୋସିଏଶନ ସଭାପତି ଶିବାନନ୍ଦ ରାୟ, ପରିଷଦର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ କୁନି କୁନି ପିଲାମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।

# ସୁସ୍ଥ ସମାଜ ଗଠନ ପାଇଁ ସ୍ୱାର୍ଥବିହୀନ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି




ଭୁବନେଶ୍ୱର,୧୩।୧୦
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସର ଏମ୍‌ବିଏ ରୁରାଲ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଏକ ସେମିନାର ଏବଂ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ବାଣୀବିହାରଠାରେ ଅନୁଷ୍ଠିତ ହୋଇଯାଇଛି। 'ଦ ହ୍ୟୁମାନିଷ୍ଟିକ୍ କଲଚର ଅଫ୍ ଗାନ୍ଧୀ ଆଣ୍ଡ ଗୋପବନ୍ଧୁ' ସେମିନାରର ବିଷୟବସ୍ତୁ ରହିଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ନିରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ଭାବରେ ଅଭିଭାଷଣ ରଖିଥିଲେ। ବିଭାଗର ମୁଖ୍ୟ ପ୍ରଫେସର ହିମାଂଶୁ ଶେଖର ରାଉତ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ବିଭାଗର ଉପସଂଯୋଜକ ଡ. ରଶ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନିଜ ବକ୍ତୃତାରେ ଗାନ୍ଧୀ ଏବଂ ଗୋପବନ୍ଧୁଙ୍କର ସମାଜ ପ୍ରତି ଉତ୍ସର୍ଗୀକୃତ ଜୀବନର ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ସ୍ୱାର୍ଥବିହୀନ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି। ଜୀବନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ହେଲେ ମହାପୁରୁଷମାନଙ୍କର ଜୀବନରୁ ବହୁତ କିଛି ଅନୁସରଣ କରିବାର ଅଛି ବୋଲି ବକ୍ତା କହିଥିଲେ। କାର୍ଯ୍ୟକ୍ରମକୁ ବିଭାଗର ଅଧ୍ୟାପକ ଡ. ଚିନ୍ମୟ ରଞ୍ଜନ କୁମାର ପରିଚାଳନା କରିଥିବାବେଳେ ଛାତ୍ର ସୁମିତ ସୁମନ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଦିଲୀପ ମିଶ୍ର, ଡ. ସୌଶ୍ରୀ ପ୍ରଧାନ, ମଧୁଲିପିକା ଗିରି ଓ ବିଶ୍ୱରଞ୍ଜନ ଘଡ଼ାଇ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ବୈଠକରେ ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁତ୍ୱ




ବୈଠକ ବର୍ଜନ ପରେ ଭାଜପା ସମର୍ଥିତ ଜନ ପ୍ରତିନିଧିମାନେ ଧାରଣାରେ ବସିଛନ୍ତି।

## ବୈଠକ ବର୍ଜନ କଲେ ଭାଜପା ସମର୍ଥିତ ଜନପ୍ରତିନିଧି

ବାରଙ୍ଗ,୧୩।୧୦(ଲିଙ୍ଗରାଜ ରାଉତ)

ବାରଙ୍ଗ ପଞ୍ଚାୟତ ସମିତିର ସପ୍ତମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ସଭାଗୃହରେ ଚାଲିଥିବାବେଳେ ବାହାରେ କେତେଜଣ ଜନପ୍ରତିନିଧି ଧାରଣାରେ ବସିଥିଲେ। ବୈଠକରେ ବିଜେଡି ସମର୍ଥିତ ପ୍ରତିନିଧିମାନେ ସାମିଲ ହୋଇଥିଲେ। ଓଡ଼ିଶା ରାଜ୍ୟ ସରପଞ୍ଚ ଓ ସମିତିସଭ୍ୟଙ୍କ ଗଣଧାରଣାକୁ ସମର୍ଥନ ଜଣାଇ ସମିତିସଭ୍ୟ କିଷାନ ଜେନା ଓ ଦୀପକ ସ୍ୱାଇଁଙ୍କ ନେତୃତ୍ୱରେ ଭାଜପା ସମର୍ଥିତ ୭ଜଣ ଜନପ୍ରତିନିଧି ହେଉଥିବା ସମିତି ବୈଠକକୁ ବର୍ଜନ କରି କାର୍ଯ୍ୟାଳୟ ବାହାରେ ମହାତ୍ମା ଗାନ୍ଧୀ ଏବଂ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଆଗରେ ଧାରଣାରେ ବସିଥିଲେ। ଅନ୍ୟପଟେ ବ୍ଲକ ସଭାଗୃହରେ ଚାଲିଥିବା ପଞ୍ଚାୟତ ସମିତି ବୈଠକରେ ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକ ଓ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ବୈଠକରେ ବାରଙ୍ଗ ବ୍ଲକର ବହୁ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନେ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ ଯୋଜନା ଉପରେ ଆଲୋଚନା କରିଥିବା ଜଣାପଡ଼ିଛି।

# ଜାଲ୍ ଦସ୍ତାବିଜରେ ଜମି ଠକେଇ ଆଉ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୧୩।୧୦(ସତ୍ୟଜିତ୍ ରାଉତ)

ଜାଲ୍ ଦସ୍ତାବିଜ ଜରିଆରେ ଜମି ଠକେଇ ଘଟଣାରେ ସମ୍ପୃକ୍ତ ର୍‍ୟାକେଟ୍‌ର ଆଉ ଜଣେ ସଦସ୍ୟଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ମଳିପଡ଼ା ଅଞ୍ଚଳର ବିଚିତ୍ର ବେହେରା। ତାଙ୍କୁ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ବିଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଏହି ମାମଲାରେ ବିଏମ୍‌ସିର ପୂର୍ବତନ କର୍ମଚାରୀ ହଳଧର ଦାସ, ମାଷ୍ଟରମାଇଣ୍ଡ ତଥା ମୋହରିର ଅନ୍ତର୍ଯ୍ୟାମୀ ସେନାପତି, ମମତା ପରିଡ଼ା, ଗାୟତ୍ରୀ ମଲ୍ଲିକଙ୍କ ସମେତ ୬ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ଅଭିଯୁକ୍ତଙ୍କ ଦ୍ୱାରା ହୋଇଥିବା ୮ଟି ଜମି ଠକେଇ ଘଟଣା ଇଓଡବ୍ଲ୍ୟୁ ନଜରକୁ ଆସିଛି।

# ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ



ସମ୍ମିଳନୀରେ ଅତିଥିମାନେ ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି।

ବାଲିଅନ୍ତା,୧୩।୧୦ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଶୁକ୍ରବାର ଏକ ଜାତୀୟସ୍ତରୀୟ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ବିଜନେସ୍ ଇନ୍ ଦ ଡିଜିଟାଲ ଏରା: ଅପରଚୁନିଟିଜ୍ ଏବଂ ଚ୍ୟାଲେଞ୍ଜେସ୍' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଅଞ୍ଚଳରୁ ଏକାଡେମିସିଆନ, ରିସର୍ଚ୍ଚ ସ୍କଲାର ଓ ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ଗବେଷଣାଭିତ୍ତିକ ସନ୍ଦର୍ଭ ଜୁରିଙ୍କ ପାଖରେ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇ ଡିଜିଟାଲ ଯୁଗରେ ବ୍ୟବସାୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଗେଲ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର କେ.ଭି.ଏସ୍ ପ୍ରସାଦ ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ଡିଜିଟାଲାଇଜେଶନର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ମନିତ ମିଶ୍ର ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ବିଷୟବସ୍ତୁ ଆଧାରରେ ଏକ ପତ୍ରିକାକୁ ଶ୍ରୀପଞ୍ଚମୁଖୀ ଏଜୁକେଶନାଲ ଟ୍ରଷ୍ଟର ଚେୟାରମାନ ରୋଟାରିଆନ ବିଜୟ କୁମାର ପାତ୍ର ଓ ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ଡ. ବଙ୍କିମ ମହାନ୍ତି ଓ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଡ. ଅଶୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଜୀନାଶିଷ ମହାନ୍ତି ଧନ୍ୟବାଦ ଦେଇଥିଲେ। ଡ. ସ୍ଥିତପ୍ରଜ୍ଞ ବିଶ୍ୱାଳ, ପ୍ରଫେସର ଅଭିପ୍ସା ମିଶ୍ର, ଅଶୋକ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ବୁଲିଲା 'ସାଇବର ସୁରକ୍ଷା ରଥ'

ଭୁବନେଶ୍ୱର,୧୩।୧୦(ଅନୁରାଧା ମହାରଣା)




ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ କମିଶନରେଟ ପୋଲିସର ମିଳିତ ସହଯୋଗରେ ସାଇବର ସୁରକ୍ଷା ଅଭିଯାନ ବାଣୀବିହାର ପିଜି କାଉନସିଲ ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇବର ସୁରକ୍ଷା ରଥ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲା। ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ କର୍ମଚାରୀ ସେଠାରେ ସାଇବର ସୁରକ୍ଷା ରଥକୁ ସ୍ୱାଗତ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ସାଇବର ସୁରକ୍ଷା ରଥ ଏବଂ ମାସ୍କଟ ପ୍ରଶାସନିକ ଭବନକୁ ଯାଇଥିଲା। ସେଠାରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କୁଳସଚିବ ଡ. କାହ୍ନୁଚରଣ ଧୀର ଏବଂ ବିତ୍ତ ନିୟନ୍ତ୍ରକ ଗୌତମ ପ୍ରଧାନ ସ୍ୱାଗତ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି , ସାରା ଦେଶ ଓ ରାଜ୍ୟରେ ସାଇବର ଅପରାଧର ମାତ୍ରା ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ସଚେତନତା ଓ ସତର୍କତା ଏହାକୁ ରୋକିବାର ଏକ ପ୍ରମୁଖ ଉପାୟ। ବାଣୀବିହାର ପିଜି କାଉନସିଲ୍ ହଲ୍‌ରେ ଆୟୋଜିତ ସାଧାରଣ ସଭାରେ କମିଶନରେଟ୍ ପୋଲିସର ଏସିପି ଅଞ୍ଜନା ଗୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ରୋକିବା ପାଇଁ ସଚେତନତା ଜରୁରୀ ବୋଲି କହିବା ସହ ଆର୍ଥିକ ଠକେଇ, ଚୋରି, ହ୍ୟାକିଂ, ସୋସିଆଲ ମିଡିଆ ଠକେଇ, ଅନ୍‌ଲାଇନ ଡ୍ରଗ୍ସ ଟ୍ରାଫିକିଂ ଆଦି ବିଭିନ୍ନ ପ୍ରକାର ସାଇବର ଅପରାଧ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇବିଏମ୍ ସାଇବର ସୁରକ୍ଷା ବିଶେଷଜ୍ଞ ଦେବାଶିଷ ଦାଶ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ପ୍ରଫୁଲ୍ଲ କୁମାର ବେହେରା, ସହିଦନଗର ଥାନା ଆଇଆଇସି ତଥା ଭାରପ୍ରାପ୍ତ ଏସିପି ମନୋଜ କୁମାର ଶତପଥୀ, ଇନ୍ସପେକ୍ଟର ବନିତା ମହାରଣା, ସାଇବର ଥାନା ଏସ୍‌ଆଇ ବିଚିତ୍ର ଜେନା, ଏସ୍‌ଆଇ ଅଶ୍ୱିନୀ କୁମାର ଜେନା, ଏସ୍‌ଆଇ ପ୍ରିୟବ୍ରତ ପ୍ରଧାନ, ଏଏସ୍‌ଆଇ ଅନୀଲ କୁମାର ଦାସ ପ୍ରମୁଖ ଯୋଗଦେଇ ଅପରାଧ ରୋକିବା ଓ ସାଇବର ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଆଇବିଏମ୍ ଟିମ୍ ପକ୍ଷରୁ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ କରାଯାଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ଅସ୍ତରଙ୍ଗ, ୧୩।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ/ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉ କରିଛି। ସୂଚନା ମୁତାବକ ଅବକାରୀ ବିଭାଗର ୫ ଜଣିଆ ଟିମ୍ ଶୁକ୍ରବାର ସକାଳୁ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅସ୍ତରଙ୍ଗ ବଜାରର ଭ୍ରମରବର ମଲ୍ଲଙ୍କ ନିକଟରୁ ୫ କିଗ୍ରା ଭାଙ୍ଗ ଜବତ କରିବା ସହ ନୂଆଗଡ ଗ୍ରାମର ବୃନ୍ଦାବନ ଖଣ୍ଡୁଆଳଙ୍କ ନିକଟରୁ ୫ ଲିଟର ଦେଶୀ ମଦ, ନୂଆଗଡ ଗ୍ରାମର ତପନ ମଲ୍ଲିକଙ୍କ ନିକଟରୁ ୫ଲିଟର ୪୦୦ ମିଲିଲିଟର ଦେଶୀ ମଦ ଜବତ କରିଛନ୍ତି। ଚୋରା ନିଶା କାରବାର କରୁଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ନିମାପଡା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ବିଶ୍ୱଜିତ୍ ମହାପାତ୍ର, ସ୍ୱାଗତିକା ଗଡେଇଙ୍କ ଉପସ୍ଥିତରେ ଏକ ଟିମ୍ ଗଠନ କରାଯାଇ ଏହି ଚଢ଼ଉ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି ଭାରପ୍ରାପ୍ତ ଅଧିକାରୀ। ଏ ନେଇ ୩ଟି ପୃଥକ୍ ମାମଲା ରୁଜୁ ହୋଇଛି।

### ରଘୁନାଥଙ୍କ ମନ୍ଦିରରୁ ଚୋରି

ଡେଲାଙ୍ଗ,୧୩।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅନ୍ତର୍ଗତ ରେଙ୍ଗଳ ଗ୍ରାମର ଶ୍ରୀଶ୍ରୀ ରଘୁନାଥ ଦେବଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ୩ଟି ରୁପା ମୁକୁଟ, ଲକେଟ, ମାଳି ଓ ହୁଣ୍ଡି ଭାଙ୍ଗି ୭ ହଜାର ଟଙ୍କା ଲୁଟି ନେଇଥିବା ସୂର୍ଯ୍ୟଲାଲ୍ ନରେନ୍ଦ୍ର ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ପ୍ରତିଦିନ ପରି ମନ୍ଦିରର ପୂଜକ ଶତ୍ରୁଘ୍ନ ମହାପାତ୍ର ରଘୁନାଥ ଦେବଙ୍କ ଯଥାବିଧି ପୂଜାର୍ଚ୍ଚନା ସାରି ମନ୍ଦିରର ମୁଖ୍ୟ ଫାଟକକୁ ତାଲା ପକାଇ ଘରକୁ ଫେରିଥିଲେ। ସକାଳୁ ପୂଜା କରିବା ପାଇଁ ଆସିବା ପରେ ମନ୍ଦିର ତାଲା ଭଙ୍ଗା ଯାଇ ଠାକୁରଙ୍କ ବିଭିନ୍ନ ଜିନିଷ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଅଭିଯୋଗ ପରେ ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି।

### ସାମାଜିକକର୍ମୀ ଉମ୍ବରୁଧରଙ୍କ ସ୍ମୃତିଚାରଣ ସଭା

ନିରାକାରପୁର,୧୩।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନନପଡା ଗ୍ରାମର ସାମାଜିକ କର୍ମୀ ଉମ୍ବରୁଧର ରାଉତରାୟଙ୍କ ଗତ ଦୁଇ ତାରିଖରେ ସାପ କାମୁଡାରେ ମୃତ୍ୟୁ ଘଟିଥିଲା । ତାଙ୍କ ଏକାଦଶାହରେ ନିରାକାରପୁର ବଡବଜାରେ ଠାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସୁସାହିତ୍ୟିକ ଡ. ପୂର୍ଣ୍ଣ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିବା ବେଳେ ରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଶିକ୍ଷାବିତ ବୀରଞ୍ଚି ନାରାୟଣ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରସନ୍ନ କୁମାର ନନ୍ଦ, ଟାଙ୍ଗୀ ବ୍ଲକ ଉପଧକ୍ଷ ଦୁର୍ଗାନାଥ ଶର୍ମା, ଶଙ୍କର୍ଷଣ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉମ୍ବରୁଧରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

### ଶଶୀ ଦେଈଙ୍କ ସ୍ମୃତିସଭା

ବୋଲଗଡ,୧୩।୧୦ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୈତାରୀ ଚମ୍ପତିରାୟ ସହଧର୍ମିଣୀ ଶଶୀ ଦେଈଙ୍କ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ଅଇଁଠୁ ରଣଜିତସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରବଚକ ତଥା ବାଙ୍କୀ ମହୋତ୍ସବର ସମ୍ପାଦକ ଗଣେଶ୍ୱର ସ୍ୱାଇଁ, ରବୀନ୍ଦ୍ର କୁମାର ମାନ୍ଧାତା, ବିଶ୍ୱନାଥ ବେହେରା, ଶିକ୍ଷାବିତ ଗୌରାଙ୍ଗ ସାହୁ, ବିଭୂତି ଭୂଷଣ ରଣସିଂହ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ରଙ୍କ ସାହୁ, ସଂଗ୍ରାମୀ ଦାୟାଦ ଯୁଧିଷ୍ଠିର ଉତ୍ତରାୟ, ମନୋଜ ଗୁମାନସିଂହ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୂର୍ବତନ ସମିତିସଭ୍ୟ ପ୍ରମୋଦ ପ୍ରତାପସିଂହ ଧନ୍ୟବାଦ ଦେଇଥିଲେ।

# କେମିକାଲ ମିଶ୍ରଣରେ ପ୍ରସ୍ତୁତ ହେଉଥିଲା ଖାଦ୍ୟ

କାକଟପୁର, ୧୩।୧୦ (ଶୁଭଦର୍ଶନ ମିଶ୍ର):

ଫୁଡ୍ ସେଫ୍ଟି ବିଭାଗ ଓ କାକଟପୁର ପୋଲିସର ମିଳିତ ସହଯୋଗରେ କାକଟପୁର ବଜାର ଉପରେ ଥିବା ବିଭିନ୍ନ ହୋଟେଲ, ଫାଷ୍ଟଫୁଡ୍ ଓ ଢ଼ାବା ଗୁଡ଼ିକରେ ଚଢ଼ାଉ କରାଯାଇଛି। ଏଠାରେ ବାସିଖାଦ୍ୟ ସମେତ ଅନେକ ରାସାୟନିକ ରଙ୍ଗ ଜବତ କରାଯିବା ସହ ଖାଦ୍ୟଗୁଡ଼ିକୁ ନଷ୍ଟ କରିଛି ଖାଦ୍ୟ ସୁରକ୍ଷା ବିଭାଗ। ହୋଟେଲ ମାଲିକମାନେ ଅଧିକ ଅର୍ଥ ରୋଜଗାର ଆଶାରେ ଏହିଭଳି ଖାଦ୍ୟ ପଦାର୍ଥ ଦେଇ ଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉ ନାହାନ୍ତି। ଖାଦ୍ୟ ଟେଷ୍ଟି ସହ ସୁଗନ୍ଧ ବାସ୍ନା ଓ ସୁନ୍ଦର ଦିଶିବା ପାଇଁ ବ୍ୟବହାର ହେଉଛି କେମିକାଲ ଲିକୁଇଡ୍। କେମିକାଲ ପକାଇ କରାଯାଉଛି ବଳକା ଖାଦ୍ୟକୁ ଫ୍ରେଶ୍; ଯାହା ଶରୀରକୁ ବହୁ କ୍ଷତି ପହଞ୍ଚାଇଥାଏ। ଅନ୍ୟପଟରେ ଦିନକୁ ଦିନ କାକଟପୁରରେ ଖୋଲିଚାଲିଛି ବେଆଇନ ଅଣପଞ୍ଜୀକୃତ ହୋଟେଲ ଓ ଫାଷ୍ଟଫୁଡ଼ ସେଣ୍ଟର। ଅନେକ ସମୟରେ ଖାଦ୍ୟରୁ ବିଛା, ଝିଟିପିଟି, ଝିଣ୍ଟିକା, ମାଛି ବାହାରୁଥିବାର ଦୃଶ୍ୟ ନଜରକୁ ଆସିଛି। କିଛିଦିନ ପୂର୍ବେ ଏକ ପ୍ରତିଷ୍ଠିତ ହୋଟେଲର ଦୋସାରୁ ବିଛା ବାହାରିବା, ଅନ୍ୟ ଏକ ହୋଟେଲର ଡାଲିରୁ ଝିଟିପିଟି ବାହାରିବା ଘଟଣା କାକଟପୁରରେ ଚହଳ ପକାଇଥିଲା। ଏହାକୁ ନେଇ ଶୁକ୍ରବାର ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ କାକଟପୁର ଆସି ପ୍ରତିଷ୍ଠିତ ଅରୁଆ ହୋଟେଲ ସହ ଅନ୍ୟ ହୋଟେଲ ଗୁଡିକରେ ମଧ ଚଢ଼ାଉ କରି ବାସି ଖାଦ୍ୟପଦାର୍ଥ ଗୁଡ଼ିକୁ ନଷ୍ଟ କରିଛନ୍ତି। ଅନ୍ୟପଟେ ସରକାରୀ ଜମିକୁ ଜବରଦଖଲ କରି ରାସ୍ତାକଡ଼ରେ ଖୋଲାଯାଉଛି ହୋଟେଲ, ଜଳଖିଆ ଦୋକାନ। ଫଳରେ ଟ୍ରାଫିକ ସମସ୍ୟା ବଢ଼ିବା ସହ ଅନେକ ସମୟରେ ଦୁର୍ଘଟଣା ମଧ ଘଟୁଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳରୁ ଦାବି ହୋଇଛି।



ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ହୋଟେଲ ଉପରେ ଚଢ଼ାଉ କଲା ଫୁଡସେଫ୍ଟି ବିଭାଗ**

# 'ମଠ ନାମରେ ବିଜେସ୍ଥଳୀ ରେକର୍ଡ ହେଉ'

ପୁରୀ, ୧୩।୧୦(ଅଜିତ ମହାନ୍ତି):

ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପାଇଁ ପୁରୀର ପବିତ୍ର ମାଟିକୁ ଆସିଛନ୍ତି ରାମାନୁଜାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ଗୁରୁ ନାନକ, କବିର, ଶ୍ରୀଚୈତନ୍ୟଙ୍କ ଭଳି ଅନେକ ଭକ୍ତ, ସାଧୁସନ୍ଥ ଏବଂ ସନ୍ନ୍ୟାସୀ। ଠାକୁରଙ୍କ ନୀତି ସୁପରିଚାଳନା, ଶିକ୍ଷାର ବିକାଶ ଏବଂ ଅସହାୟ -ନିଃସହାୟଙ୍କ ପାଇଁ ମଠାଧୀଶମାନେ କରିଛନ୍ତି ଅନେକ ଦାନ, ଧର୍ମ, ତ୍ୟାଗ ଓ ସମର୍ପଣ। ଏପରିକି ପୁରୀରେ ମଠମାନ ପ୍ରତିଷ୍ଠା କରିଛନ୍ତି। ଏହାବ୍ୟତୀତ ଅନେକ ମଠ, ଶ୍ରୀମନ୍ଦିରର ସମୃଦ୍ଧି ପାଇଁ ଅନେକ ଜମି ଦେଇଛନ୍ତି। ତେବେ ଐତିହ୍ୟ କରିଡର ନିର୍ମାଣ ପାଇଁ ଅନେକ ମଠକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଗଲା। ଏବେ ମଠ ଜଗନ୍ନାଥ ଓ ମଠାଧୀଶ ବସିବା ପାଇଁ ବଞ୍ଚିରହିଛି ହାତେ-ଦିହାତେ ଭୂମି, ଯାହାର ରେକର୍ଡ ରହିଛି -ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି। ଏଇ ଅଳ୍ପ ବର୍ଷ ତଳେ ରାଜ୍ୟ ସରକାର, ଗୋବର୍ଦ୍ଧନ ପୀଠର ଚାରି ଏକର ଜମିକୁ ପୀଠ ନାମରେ ରେକର୍ଡ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଏ ପରିସ୍ଥିତିରେ ଯେଉଁ ମଠଗୁଡ଼ିକ ନିଜର ସର୍ବସ୍ୱ ଠାକୁରଙ୍କ ପାଖରେ ସମର୍ପଣ କରିଛନ୍ତି, ସେମାନଙ୍କ ବିଜେସ୍ଥଳୀକୁ କ'ଣ ମଠନାମରେ ରେକର୍ଡ କରିବା ସରକାରଙ୍କ କର୍ତ୍ତବ୍ୟ ନୁହେ କି ବୋଲି ଓଡ଼ିଶା ଯୁବ ଚେତନା ସଙ୍ଗଠନ ଏବଂ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର ପ୍ରଶ୍ନ କରିଛନ୍ତି। ଏ ନେଇ ସେ ନବୀନ ନିବାସରେ ମଠ ବିଜେସ୍ଥଳୀ, ମଠ ନାମରେ ରେକର୍ଡ କରିବାକୁ ନିବେଦନପତ୍ର ଦେବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ପୁରୀ ରେଲୱେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଟାଏକୋଣ୍ଡୋ ପ୍ରଶିକ୍ଷଣ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ବାଳିକା ଓ ବାଳକମାନେ।

## ଜାତୀୟ ଟାଏକୋଣ୍ଡୋ ରେଫରି, ରିଫ୍ରେଶର କୋର୍ସ

ପୁରୀ,୧୩।୧୦(ଅଜିତ୍ ମହାନ୍ତି):

ଓଡ଼ିଶା ଟାଏକୋଣ୍ଡୋ ସଂଘ ଦ୍ୱାର ଆୟୋଜିତ ତୃତୀୟ ଜାତୀୟ ଟାଏକୋଣ୍ଡୋ ରେଫରୀ ଓ ରିଫ୍ରେଶର କୋର୍ସ ଶୁକ୍ରବାର ରେଲୱେ ଇଣ୍ଡୋର ହଲଠାରେ ଉଦ୍ଘାଟିତ ହୋଇଛି। ଏହା ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, କର୍ଣାଟକ, ଝାଡ଼ଖଣ୍ଡ, ବିହାରର ୨୦୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା, ରିଫ୍ରେଶର ରେଫରୀ ଅଂଶ ଗ୍ରହଣ କରିଛନ୍ତି। ସେମିନାରରେ ବିଶ୍ୱ ଟାଏକୋଣ୍ଡୋ ସଂଘର ପ୍ରତିଯୋଗିତାର ନୂତନ ନିୟମାବଳୀ ଶିକ୍ଷା ଦିଆଯିବ। କର୍ନାଟକର ମାଷ୍ଟର ଥିରୁମଲ ଜେ. ଅନ୍ତର୍ଜାତୀୟ ରେଫରିଙ୍କୁ ପରୀକ୍ଷକ ଭାବେ ନିଯୁକ୍ତି ସଂଘ ତରଫରୁ ଆମନ୍ତ୍ରିତ କରାଯାଇଛି। ସେ ଏହି ସେମିନାରରେ ବିଶ୍ୱ ଟାଏକୋଣ୍ଡୋର ନୂତନ ନିୟମ ଶିକ୍ଷା ଦାନ ଦେବେ। ସେମିନାର ଇଲୋକ୍ଟ୍ରୋନିକ୍ସ ସ୍କୋରିଙ୍ଗ ଏବଂ ସେନ୍ସର ମାଧ୍ୟମରେ ସ୍କୋର ପ୍ରଣାଳୀ ଶିକ୍ଷା ଦାନ ଦିଆଯିବ। ସେମିନାର ଉଦ୍ଘାଟନ ଉତ୍ସବରେ ଅତିଥି ଭାବେ ଓଡ଼ିଶା ଆଥଲେଟିକ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ସଭାପତି ବ୍ୟୋମକେଶ ଅଭିଲାଷ ପ୍ରସାଦ, ଉପସଭାପତି ମନୋଜ କୁମାର ବାଦୀ ପ୍ରମୁଖ ଯୋଗଦେଇଥିଲେ। ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଶର୍ମା ତାଙ୍କ ବାର୍ତ୍ତାରେ ସମସ୍ତଙ୍କୁ ଶୁଭେଚ୍ଛା ସହ ସେମିନାରର ସଫଳତା କାମନା କରିଛନ୍ତି। ରାଜ୍ୟ ସଙ୍ଘର ସମ୍ପାଦକ ମନମୋହନ ଭଞ୍ଜ ସେମିନାରରେ ଅଂଶଗ୍ରହଣ କରିଥିବା ରେଫେରିମାନଙ୍କର ଭବିଷ୍ୟତ କାମନା କରିଥିଲେ।

# କୋଣାର୍କ କୋର୍ଟ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣ ମାମଲା ସୁପ୍ରିମ୍‌କୋର୍ଟରେ ଖାରଜ

କୋଣାର୍କ, ୧୩।୧୦ (ଜ୍ୟୋତିରାଜ ମହାନ୍ତି):

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ନମ୍ବର ୱାର୍ଡ ମାଧିପୁର ଛକ ନିକଟରେ କୋଣାର୍କ କୋର୍ଟ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣ ଲାଗି ଗତ ଫେବୃୟାରୀ ୪ ତାରିଖରେ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡକ୍ଟର ଏସ୍ ମୁରଲୀଧରନ ଓ ଜଷ୍ଟିସ ଡକ୍ଟର ବି.ଆର୍ ଷଡ଼ଙ୍ଗୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ସେବେଠାରୁ ମାଧିପୁର ମୌଜାର ୪ ଏକର ପରିମିତ ଜମିରେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏପରିକି ଏହି ନିର୍ମାଣ କାର୍ଯ୍ୟ ୮୦ ପ୍ରତିଶତ ଶେଷ ହୋଇସାରିଲାଣି। ତେବେ ଉକ୍ତ ଜମି କୋର୍ଟକୁ ହସ୍ତାନ୍ତର ଦିନଠାରୁ କିଛି ବ୍ୟକ୍ତି ଏହାକୁ ବିରୋଧ କରିଆସୁଥିଲେ। ଜମିରେ କୋର୍ଟ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣକୁ ବିରୋଧ କରି କୋଣାର୍କ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସଦସ୍ୟ ଭାଗୀରଥି ସ୍ୱାଇଁ, ରଘୁନାଥ ମହାପାତ୍ରଙ୍କ ସମେତ ମାଧିପୁର ଗ୍ରାମର ପ୍ରଭାତ ପାଢ଼ୀ, ରବୀନ୍ଦ୍ର ପାଢ଼ୀ, ପ୍ରସନ୍ନ ପାଢ଼ୀ, ସୁଶାନ୍ତ ପାଢ଼ୀ, ବିଭୂତି ପାଢ଼ୀ ପ୍ରମୁଖ ଉଚ୍ଚ ନ୍ୟାୟାଳୟରେ ୪ଟି କେସ୍ ଦାଏର୍ କରିଥିଲେ। ସେଥିମଧ୍ୟରୁ ୩ଟି କେସ୍ ଖାରଜ ହେବାପରେ ସଂପୃକ୍ତ ବ୍ୟକ୍ତିମାନେ ସୁପ୍ରିମକୋର୍ଟରେ ଏସ୍ଏଲ୍‌ପି ନଂ ୨୧୯୯୪/୨୦୨୩ରେ ମାମଲା ରୁଜୁ କରିଥିଲେ। ସୁପ୍ରିମକୋର୍ଟରେ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଦୀପଙ୍କର ଦତ୍ତ ଶୁକ୍ରବାର ଏହି କେସ୍ ବିଚାର କରି ଖାରଜ କରିଦେଇଛନ୍ତି। ପ୍ରକାଶଥାଉକି ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଆବେଦନକାରୀ କରିଥିବା ପ୍ରତ୍ୟେକ କେସ୍‌ରେ, କୋଣାର୍କ ବାର୍ ଆସୋସିଏଶନ ପକ୍ଷରୁ ସଭାପତି ଶ୍ରୀଜୟ ବରାଳ ପକ୍ଷଭୁକ୍ତ ହୋଇ କୋର୍ଟ ହେବା ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥଲେ। ସେହିପରି ହାଇକୋର୍ଟରେ କୋଣାର୍କ ବାର୍ ଆସୋସିଏଶନ୍ ପାଇଁ ଶିବ ଶଙ୍କର ମହାନ୍ତି ଓ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ପତ୍ରୀ ମାମଲା ପରିଚାଳନା କରିଥିଲେ। ଏହି ମାମଲା ଖାରଜ ହେବା ଫଳରେ କୋର୍ଟ ନିର୍ମାଣରେ ଆଉ କୌଣସି ବାଧାବିଘ୍ନ ହେବନାହିଁ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଛି।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

କୃଷ୍ଣପ୍ରସାଦ,୧୩।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲାରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଭର୍ଚୁଆଲରେ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟ ପରିସରରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୧ଟି ପଞ୍ଚାୟତରୁ ଅନେକ ପୁରୁଷ ଓ ମହିଳା ଯୋଗଦେଇ ଯୋଜନାକୁ ସ୍ୱାଗତ କରଥିଲେ। ପ୍ରତି ପଞ୍ଚାୟତ ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସଂସ୍କୃତିର ସୁରକ୍ଷା ସହ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। କୃଷ୍ଣପ୍ରସାଦ ବ୍ଲକ ପକ୍ଷରୁ ଜିଲା ପରିଷଦ ଲକ୍ଷ୍ମୀଧର ସାହୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା-ସାତପଡା ଚିଲିକାରେ ଏକ ସ୍ଥାୟୀ ବ୍ରିଜ ନିର୍ମାଣ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପରିବେଶ ବିଭାଗର ଅନୁମତି ମିଳିଲେ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ୫-ଟି ସଚିବ କହିଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷାସରୋଜିନୀ ତରେଇ, ସମାଜସେବୀ ବିଜୟ କୁମାର ତରେଇ, ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡ, ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଶରତ ଚନ୍ଦ୍ର ଗିରି, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।

# କିକ୍ ବକ୍ସିଂ ପ୍ରତିଯୋଗିତା: ଖୋର୍ଦ୍ଧା ଜିଲା ଚାମ୍ପିୟନ

ପୁରୁଣା ଭୁବନେଶ୍ୱର,୧୩।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀ ଉନ୍ନୟନ ପରିଷଦ ପରିସରରେ ୨୪ତମ ଅଲ୍ ଓଡ଼ିଶା କିକ୍ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଆସୋସିଏଶନ ଓ ଭୀମଟାଙ୍ଗୀ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୩ଟି ଜିଲାରୁ ୧୫୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଗ୍ରାଣ୍ଡମାଷ୍ଟର ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲା ଚାମ୍ପିୟନ ହୋଇଥିବାବେଳେ ଅନୁଗୋଳ ଦ୍ୱିତୀୟ ଏବଂ ସମ୍ବଲପୁର ଜିଲା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ଶିବନାରାୟଣ ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭୀମଟାଙ୍ଗୀ ଉନ୍ନୟନ ପରିଷଦ ସଭାପତି ପୁରୁଷୋତ୍ତମ ସାହୁ, ଭୀମେଶ୍ୱର ପାର୍କ ୱାର୍କର୍ସ ଆସୋସିଏଶନ ସଭାପତି ଗୋଲଖ ବିହାରୀ ନାୟକ, ଅଲ୍ ଓଡ଼ିଶା କରାଟେ ଆସୋସିଏଶନ ସଭାପତି ଶିବାନନ୍ଦ ରାୟ, ପରିଷଦର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ କୁନି କୁନି ପିଲାମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।

# ଚାଉଳର ପୋଷକତତ୍ତ୍ୱ ବୃଦ୍ଧି ପାଇଁ ଓୟୁଏଟି-ଡବ୍ଲ୍ୟୁଏଫ୍‌ପି ଚୁକ୍ତି

ଭୁବନେଶ୍ୱର, ୧୩।୧୦(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି) ନୂଆଦିଲ୍ଲୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ଚାଉଳର ପୋଷକତତ୍ତ୍ୱକୁ ବୃଦ୍ଧି ତଥା ଅଧିକ ଉତ୍ପାଦନ କରିବା ଏହି ଚୁକ୍ତିର ମୂଳ ଲକ୍ଷ୍ୟ। ଏ ଦିଗରେ ବହୁ ଗବେଷଣା ଓ ଶିକ୍ଷାଦାନ ସହ ଖାଦ୍ୟ ନିରାପତ୍ତା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ପୋଷଣଯୁକ୍ତ ଆହାର ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବା ସହ ଏ ଦିଗରେ ବୈଷୟିକ ଜ୍ଞାନକୌଶଳକୁ ଉନ୍ନତ କରିବା ଓ ଖାଦ୍ୟ ସୁଦୃଢ଼ୀକରଣ ନିମନ୍ତେ ଏକ ବୈଷୟିକ ସହାୟତା ୟୁନିଟ୍(ଟିଏସ୍‌ୟୁ) ପ୍ରତିଷ୍ଠା କରାଯିବ। ଖାଦ୍ୟର ଗୁଣବତ୍ତା ଆଧାରରେ ଲୋକଙ୍କ ମାନସିକ ପରିବର୍ତ୍ତନ ପାଇଁ ଚାଉଳ ସହଯୋଗୀ ସଂସ୍ଥା, ବେସରକାରୀ ସଂସ୍ଥା, ଗୋଷ୍ଠୀ କୈନ୍ଦ୍ରିକ ଅନୁଷ୍ଠାନ ମାଧ୍ୟମରେ ଏକ ଅଭିଯାନ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଭବିଷ୍ୟତରେ ପୋଷଣଯୁକ୍ତ ଖାଦ୍ୟ ଉପଯୋଗ ନିମନ୍ତେ ପ୍ରୋତ୍ସାହନ ଯୋଗାଇବ। ବୁଝାମଣା ଫଳରେ ଗବେଷଣାମୂଳକ କାର୍ଯ୍ୟର ଅଗ୍ରଗତି ହୋପାରିବ। ଏଥିସହିତ ଆଗାମୀ ଦିନରେ ଛାତ୍ରୀଛାତ୍ର ମଧ୍ୟ ଅନେକ ସୁବିଧା ପାଇପାରିବେ ବୋଲି ଆଶା ରଖାଯାଇଛି। ଏନେଇ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓୟୁଏଟିର ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଏବଂ ଡବ୍ଲ୍ୟୁଏଫ୍‌ପିର ସହ ନିର୍ଦ୍ଦେଶକ ନୋଜୋମି ହସିମୋଟୋ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଡବ୍ଲ୍ୟୁଏଫ୍‌ପିର ରାଜ୍ୟ ମୁଖ୍ୟ ହିମାଂଶୁ ବଳ ତଥା ଓୟୁଏଟିର ନିର୍ଦ୍ଦେଶକ, ଅଧ୍ୟକ୍ଷ ଯୋଗଦେଇଥିଲେ।

# ପୁଣି ବିଜେବି କ୍ୟାମ୍ପସ୍ ଅଶାନ୍ତ

**ଗଣ୍ଡଗୋଳରେ ଉଭୟ ପକ୍ଷରୁ ୬ରୁ ଉର୍ଦ୍ଧ୍ୱ ଛାତ୍ର ଆହତ**

ଭୁବନେଶ୍ୱର,୧୩।୧୦(ସତ୍ୟଜିତ୍ ରାଉତ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପୁଣି ଅଶାନ୍ତ ହୋଇପଡ଼ିଛି। କଲେଜର ଆର୍ଟ୍ସ ବ୍ଲକ୍‌ରେ ଶୁକ୍ରବାର ଦୁଇ ଛାତ୍ର ଗୋଷ୍ଠୀ ହାତାହାତି ହେବା ସହ ପରସ୍ପରକୁ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଉଭୟ ପକ୍ଷରୁ ୬ରୁ ଉର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି। ଏନେଇ ଗୋଟିଏ ଗୋଷ୍ଠୀର ରୋହନ କୁମାର ବେହୁରିଆ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଓ ଅଣଛାତ୍ରମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ପରେ ରୋହନ୍‌ଙ୍କ ସମେତ ପଙ୍କଜ ପ୍ରଧାନ, ଶାଶ୍ୱତ ପଣ୍ଡା ଓ ସୌମ୍ୟରଞ୍ଜନ ବେହେରା ଆହତ ହୋଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ସେହିଭଳି ଅପରପକ୍ଷର ଛାତ୍ର ଗୋଷ୍ଠୀର ସୂର୍ଯ୍ୟକାନ୍ତ ଦେହୁରି ଥାନାରେ ଏତଲା ଦେଇଛନ୍ତି। ରୋହନ୍ ଓ ତାଙ୍କ ସାଥୀମାନେ ସୂର୍ଯ୍ୟକାନ୍ତ ଏବଂ ତାଙ୍କ ସାଙ୍ଗମାନଙ୍କୁ ଆକ୍ରମଣ କରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଉଭୟ ପକ୍ଷର ଏତଲାକୁ ଆଧର କରି ପୋଲିସ ପୃଥକ ମାମଲା (ନଂ.୫୬୮/୨୦୨୩), (ନଂ.୫୬୯/୨୦୨୩) ରୁଜୁ କରିଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ୧୫ରେ ରୋହନ ଓ ତାଙ୍କ ସହପାଠୀମାନେ ଇଣ୍ଟରନାଲ୍ ପରୀକ୍ଷା ଦେବା ପାଇଁ ଆର୍ଟ୍ସ ବ୍ଲକ୍‌ର ଲିଫ୍ଟରେ ଯାଉଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଘଟଣା ପରେ କ୍ୟାମ୍ପସରେ ବହୁ ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଏନେଇ କଲେଜ ଅଧ୍ୟକ୍ଷ ଜିଏମ୍ ଖାନ୍ କହିଛନ୍ତି, ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଘଟିଛି। ଘଟଣାର ତର୍ଜମା କରାଯାଇଛି। ଏନେଇ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଆର୍ଥିକ ସାର୍ବଭୌମତ୍ୱ ସୁରକ୍ଷା ପ୍ରକୃତ ବୃହତ୍ ଶକ୍ତିର ପରିଚୟ

ପୁରୀ, ୧୩।୧୦(ଅଜିତ ମହାନ୍ତି)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ।

ଆର୍ଥିକ ସାର୍ବଭୌମତ୍ୱ ସୁରକ୍ଷା ଓ ବୈଷମ୍ୟ ବିଲୋପ ଜରିଆରେ ହିଁ ଗୋଟିଏ ଦେଶ ଅସଲ ବୃହତ୍ ଶକ୍ତିରେ ରୂପାନ୍ତରିତ ହୋଇପାରିବ ବୋଲି ପ୍ରଫେସର ଶିବ ସୁନ୍ଦର ମହାନ୍ତି ମତ ପ୍ରକାଶ କରିଛନ୍ତି। ସୂରଜମଲ ଶାହା ମହାବିଦ୍ୟାଳୟର ବିବିଧ ଦକ୍ଷତା ବିକାଶ ସମିତି ତରଫରୁ 'ଭାରତ ଏକ ବୃହତ୍ ଶକ୍ତି: ବାସ୍ତବତା ନା ମନଗଢା' ଶୀର୍ଷକ ବିଷୟ ଉପରେ ନିଜର ଗବେଷଣାତ୍ମକ ଆଲୋଚନା ରଖି ମହାନ୍ତି କହିଲେ ଯେ, ପ୍ରଚାର କିମ୍ବା କୌଣସି ଗାଣିତିକ ସୂତ୍ର ଜରିଆରେ ଦେଶ ବୃହତ ଶକ୍ତିରେ ପରିଣତ ହୋଇପାରେନାହିଁ। ଭାରତ ବୃହତ୍ ଶକ୍ତି ହେବାର ଅଛି। ପ୍ରହେଳିକା ପଛରେ ଦୌଡ଼ିବା ଅପେକ୍ଷା ନିଜ ଆର୍ଥିକ ସାର୍ବଭୌମତ୍ୱ ସୁରକ୍ଷା ପାଇଁ ଦୀର୍ଘ ମିଆଦୀ ପଦକ୍ଷେପ ନେବା ଜରୁରୀ। ଗତ ତିନି ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ଖାଦ୍ୟ ହ୍ରାସ ପାଇବାରେ ଲାଗିଛି। ଏକ ପକ୍ଷରେ ଦରଦାମ ବୃଦ୍ଧି ଓ ଅନ୍ୟପକ୍ଷରେ ବେକାରି ଲୋକଙ୍କ କ୍ରୟଶକ୍ତି କମିବା ସହ ଦୁର୍ଦ୍ଦଶା ବଢ଼ୁଛି। ଅନାହାର, ଅପୁଷ୍ଟି ବିନାଶ ସହ ଯୁବବର୍ଗ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିରେ ଦକ୍ଷତା ହାସଲ ନ କଲେ ଆର୍ଥିକ ଅଭିବୃଦ୍ଧି କେବଳ ଅସମାନତା ବୃଦ୍ଧି କରିବ ବୋଲି ସେ କହିଥିଲେ। ମାନବ ସମ୍ବଳର ବିବିଧ ସୂଚୀ ଆଧାରରେ ପାକିସ୍ତାନ ବ୍ୟତୀତ ବହୁକ୍ଷେତ୍ରରେ ଭାରତ ଏସିଆର ବହୁ ଦେଶ ତୁଳନାରେ ପଛରେ ରହିଛି। ଏହାକୁ ଅଣଦେଖା କରି ଆମେ ଆଗକୁ ଯାଇପାରିବା ନାହି ବୋଲି ପ୍ରଫେସର ମହାନ୍ତି କହିଥିଲେ। ଆଲୋଚନା ଚକ୍ରରେ ସଭାପତିତ୍ୱ କରି ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଜେନା କହିଲେ ଯେ, ଚାଇନାକୁ ବାଦ ଦେଲେ ବୃହତ ଶକ୍ତିମାନଙ୍କ ଇତିହାସ ହେଉଛି ଶହ ଶହ ବର୍ଷ ଉପନିବେଶବାଦି ଶୋଷଣ ଓ ଲୁଣ୍ଠନ ଜରିଆରେ ନିଜର ଅର୍ଥନୀତିକୁ ଶକ୍ତିଶାଳୀ କରିବା। ଭାରତ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ହେଲେ ନିଜସ୍ୱ ପ୍ରଯୁକ୍ତି ବିକାଶ ଘଟାଇ ଶିଳ୍ପ ଓ କୃଷି କ୍ଷେତ୍ରରେ ଅଗ୍ରଗତି ହାସଲ କରିବାକୁ ହେବ। ସ୍ୱାଧୀନତା ଆନ୍ଦୋଳନର ଲକ୍ଷ୍ୟ ଠାରୁ ଭାରତ ଦୂରେଇ ଗଲେ ପୁଣି ସାମ୍ରାଜ୍ୟବାଦୀ ବୃହତ୍ ଶକ୍ତିଙ୍କ ଫାଶରେ ପଡ଼ିବ ବୋଲି ଜେନା ମତବ୍ୟକ୍ତ କରିଥିଲେ।

# ୪୧୩୦ ପ୍ରକଳ୍ପ ପାଇଁ ୧୩୪ କୋଟି ଟଙ୍କା ମଞ୍ଜୁର

**ପୁରୀ, (ଅଜିତ୍ ମହାନ୍ତି)/ପିପିଲି,(ପ୍ରଭାତ ମହାପାତ୍ର)/ଡେଲାଙ୍ଗ, (ରଶ୍ମିରଞ୍ଜନ ପ୍ରଧାନ)/ ନିମାପଡ଼ା (ବିଚିତ୍ରାନନ୍ଦ ସାହୁ)/ ଅସ୍ତରଙ୍ଗ, (ପ୍ରଦୀପ୍ତ କୁମାର ଦୀକ୍ଷିତ), ସାକ୍ଷୀଗୋପାଳ, (ପ୍ରଶାନ୍ତ ବାରିକ, କିଶୋର ମହାପାତ୍ର, ଭରତ ରାଉତ)/ କଣାସ, (ବିଭୂତି ଭୂଷଣ ତ୍ରିପାଠୀ)/ ଗୋପ, (ଭାରତୀ ଭୂଷଣ ଉପାଧ୍ୟାୟ)/ ବ୍ରହ୍ମଗିରି, (ସ୍ୱାଧୀନ ଚମ୍ପତିରାୟ) ୧୩।୧୦:**

ପୁରୀ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲା ପାଇଁ ୧୩୪ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ମୋଟ ୪ ହଜାର ୧୩୦ ପ୍ରକଳ୍ପ ମଞ୍ଜୁର କରାଯାଇଛି ବୋଲି ୫-ଟି ସଚିବ ଭିକେ ପାଣ୍ଡିଆନ ସୂଚନା ଦେଇଛନ୍ତି। ଏଥିପାଇଁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପୁରୀ ତାଳବଣିଆ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବ୍ଲକର ୩୦ଟି ପଞ୍ଚାୟତରେ ୪୫୧ଟି ପ୍ରକଳ୍ପ ପାଇଁ ମୋଟ ୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅବସରରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ରୂପାନ୍ତର କାର୍ଯ୍ୟକ୍ରମର ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ରୂପାନ୍ତର ନବୀନ ଓଡ଼ିଶାର ଗୋଟିଏ ଗୋଟିଏ ନମୁନା ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ ମତ ଦେଇଥିଲେ। ଏହାକୁ ସମସ୍ତେ ସ୍ୱଚ୍ଛତାର ସହ ଓ ଧାର୍ଯ୍ୟ ସମୟରେ ଶେଷ କରିବାକୁ ସେ କହିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜିଲାପାଳ ସମର୍ଥ ବର୍ମା, ଅନ୍ୟ ବରିଷ୍ଠ ଅଧିକାରୀ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

ଏହିକ୍ରମରେ ପିପିଲି ଦାଣ୍ଡମୁକୁନ୍ଦପୁର ବାଲି ପଡ଼ିଆଠାରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା ଭର୍ଚୁଆଲ କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଉପସ୍ଥିତ ରହି ପିପିଲିରେ ବିଦ୍ୟୁତ୍ ସମସ୍ୟା, ଡେଲାଙ୍ଗ ବ୍ଲକ୍‌ରେ ପିଇବା ପାଣି ସମସ୍ୟା ଦୂର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ପିପିଲି ବ୍ଲକର ୨୫ଟି ପଞ୍ଚାୟତରେ ୪୧୮ଟି ପ୍ରକଳ୍ପ ପାଇଁ ୧୨ କୋଟି ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଧାର୍ଯ୍ୟ ହୋଇଛି। ସେହିପରି ପିପିଲି ଚାନ୍ଦୁଆ ଶିଳ୍ପୀଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୨ କୋଟି ୫୦ଲକ୍ଷ ଟଙ୍କା ଘୋଷଣା କରିଥିବା ବେଳେ ଦାଣ୍ଡମୁକୁନ୍ଦପୁର ଗୋପାଳଜୀଉ ମନ୍ଦିର ପୁନରୁଦ୍ଧାର ପାଇଁ ୩ କୋଟି, କଣ୍ଟି ପଞ୍ଚାୟତ କୁରୁଖେଶ୍ୱର ମନ୍ଦିର ପାଇଁ ୧ କୋଟି, କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପିପିଲି ବିଡିଓ ରଶ୍ମିତା ନାଥ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ପୁରୀ ସାଂସଦଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ବିଧାୟକ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ପିପିଲି ଆମ୍ବା ଅଧ୍ୟକ୍ଷ ପ୍ରକାଶ ଧଳ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ପିପିଲି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ତହସିଲଦାର ପୁନମ ମହାପାତ୍ରଙ୍କ ସହ ପିପିଲି ବ୍ଲକର ସମସ୍ତ ଅଧିକାରୀ, ସରପଞ୍ଚ, ସମିତିସଭ୍ୟମାନେ ଯୋଗଦେଇଥିଲେ।

ଅନୁରୂପଭାବେ ଡେଲାଙ୍ଗ ବ୍ଲକରେ ୩୭୭ଟି ପ୍ରକଳ୍ପକୁ ୧୦ କୋଟି ୫୦ ଲକ୍ଷଟଙ୍କା ଘୋଷଣା କରାଯାଇଥିବା ବେଳେ ଧାର୍ମିକସ୍ଥଳୀ, ବୌଦ୍ଧପୀଠ ଅରାଗଡର ଉନ୍ନତି, ଗମନାଗମନ ବ୍ୟବସ୍ଥାରେ ସୁଧାର, ପାନୀୟ ଜଳ ,ଶିକ୍ଷା, ସ୍ୱାସ୍ଥ୍ୟ ଓ କମ୍ୟୁନିଟି ହଲ୍ ପ୍ରଭୃତି ରହିଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ଏଡିଏମ୍ କୈଳାସ ଚନ୍ଦ୍ର ନାୟକ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବ୍ଲକ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ଜିପିଓ ରତିକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଦିପ୍ତିଶ୍ରୀ ରାଉତରାୟ, ପ୍ରଜ୍ଞା ଛୋଟରାୟ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ମଳୟ ମହାନ୍ତି, ପୂର୍ବତନ ସରପଞ୍ଚ କାଳନ୍ଦି ଚରଣ ଜେନା, ଅମ୍ବାର ଅଧ୍ୟକ୍ଷା ମୀନତି ସେନାପତି, ଛାତ୍ରନେତା ସୁଦୀପ୍ତ ନାୟକ ପ୍ରମୁଖଙ୍କ ସହିତ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।






ପିପିଲି କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏବଂ ନିମାପଡ଼ା କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ବୋଧନ ଦେଉଛନ୍ତି ।

ସେହିପରି ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚ ପଡ଼ିଆ ଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କର ଏହି ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଅଭିନବ ପ୍ରୟାସ ବୋଲି କହିଥିଲେ। ନିମାପଡ଼ା ବ୍ଲକର ମୋଟ ୩୨ ପଞ୍ଚାୟତରେ ୫୩୩ ପ୍ରକଳ୍ପ ପାଇଁ ୧୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ସମାରୋହରେ ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସୟା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ପୁରୀର ନୋଡାଲ ଅଫିସର ମନୋଜ ବେହେରା, ନିମାପଡ଼ା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦଙ୍କ ସମେତ ପ୍ରାୟ ୪ହଜାର ଲୋକ ଏଥିରେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ୭ କୋଟି ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଧାର୍ଯ୍ୟ ହୋଇଛି। ଏହି ଯୋଜନାରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତି ସହ ଓଡିଶାର ମୂଳ ସଂସ୍କୃତିର ଭିତ୍ତିଭୂମିର ବିକାଶ କରାଯିବ। ଏହି ଅବସରରେ ନୂଆଗଡ ସମିତିସଭ୍ୟ ରାମଚନ୍ଦ୍ର ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ବିଡିଓ ଡକ୍ଟର ବବିତା ମଞ୍ଜରୀ ନାୟକ, ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ଏବିଡିଓ ଯୋଗେନ୍ଦ୍ର ମହାକୁଡ଼, ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ୧ନଂ ଜୋନ୍ ଜିଲାପରିଷଦ ସଦସ୍ୟା ସରସ୍ୱତୀ ସ୍ୱାଇଁ, ୨ନଂ ଜୋନ୍ ଜିଲାପରିଷଦ ସଦସ୍ୟା ବନିତା ବେହେରା, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ମହିଳା ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟାଙ୍କ ସହ ଅସ୍ତରଙ୍ଗ ବ୍ଲକର ବହୁ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

ସେହିପରି ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଆମ ଓଡିଶା ନବୀନ ଓଡିଶା ଶୁଭାରମ୍ଭ କାର୍ଯ୍ୟରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଅଧ୍ୟକ୍ଷତା କରି ସତ୍ୟବାଦୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଠାରେ ଥିବା ୨୪ଟି ପଞ୍ଚାୟତ ପାଇଁ ୧୨ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୫-ଟି ସଚିବ ଭିକେ ପାଣ୍ଡିଆନ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମର ପ୍ରତିଷ୍ଠିତ ଶୈବପୀଠ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପୀଠର ଉନ୍ନୟନ ନିମନ୍ତେ ୯୧ ଲକ୍ଷ ଟଙ୍କା ଓ ଶୁକଳ ପଞ୍ଚାୟତର ବଡ଼ପଡା ପରିସରରେ ପ୍ରତିଷ୍ଠିତ ଠାକୁର ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ତୃତୀୟା ଦେବ ଜଗନ୍ନାଥ ମନ୍ଦିରର ଉନ୍ନୟନ ନିମନ୍ତେ ୯୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ବୋଲି ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶୁଭ୍ରାନ୍ତି ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ସରପଞ୍ଚ ଦୁଃଶାସନ ପ୍ରଧାନ, ଗାୟତ୍ରୀ ମହାପାତ୍ର, ଦେବୀପ୍ରସାଦ ଘଗୁଆରୀ, ସମିତିସଭ୍ୟ ପୁଷ୍ପାଞ୍ଜଳି ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମ୍ରିତ ଗଜେନ୍ଦ୍ର, ସହକାରୀ ଯନ୍ତ୍ରୀ ବିଶ୍ୱମୋହନ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶିନୀ, ଗ୍ରାମ ପଞ୍ଚାୟତ ଅଧିକାରୀ ସୌଭାଗ୍ୟ ରଞ୍ଜନ କର, ଏପିଓ ସନ୍ତୋଷ କୁମାର ନାୟକ,କନିଷ୍ଠ ଯନ୍ତ୍ରୀ ନିବେଦିତା କାନୁନଗୋ, ପ୍ରମଥା ଦାଶ, ସିଡିପିଓ ରାଜଲକ୍ଷ୍ମୀ ଦାସ ପ୍ରମୁଖଙ୍କ ସହିତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଏହିକ୍ରମରେ କଣାସ ଗ୍ରାମପଞ୍ଚାୟତରେ କଣାସ ସରକାରୀ

### ଆମ ଓଡ଼ିଶା ନବୀନ ଓଡ଼ିଶାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଉଚ୍ଚ ବିଦ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଗୋପ ବ୍ଲକ୍‌ର ବାଲିପଡିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋଟ ୩୧ ପଞ୍ଚାୟତ ପାଇଁ ୧୫ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କାର୍ଯ୍ୟକ୍ରମରେ ଅଚ୍ୟୁତପୁର ସରପଞ୍ଚ ରଶ୍ମିତା ଦାସ ଓ କୁଆଁପଡ଼ା ସରପଞ୍ଚ ମହେଶ୍ୱର ସ୍ୱାଇଁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସହ ବାର୍ତ୍ତାଳାପ କରି ଯୋଜନାକୁ ସ୍ୱାଗତ କରିଥିଲେ। ବିଡିଓ ଦୀପ୍ତିରାଣୀ ଦାସ, ଏମ୍‌ପି ପ୍ରତିନିଧି ସୁକାନ୍ତ ମହାନ୍ତି, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ଯୁବ ବିଜେଡି ନେତା ମନଦୀପ ପାଇକରାୟ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ବ୍ରହ୍ମଗିରି ବ୍ଲକକୁ ୨୮କୋଟି ୮୫ଲକ୍ଷ ଟଙ୍କାର ଅର୍ଥମଞ୍ଜୁର କରାଯାଇଛି। ଏହି ଉନ୍ନୟନମୂଳକ କାର୍ଯ୍ୟକ୍ରମ ମଧ୍ୟରେ ଅଲାରନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୯ କୋଟି, ଲୁଣାନଦୀର ପୁନରୁଦ୍ଧାର ପାଇଁ ୮.୫ କୋଟି ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ, ବ୍ରହ୍ମଗିରି ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ



**ଅସ୍ତରଙ୍ଗ/ନିମାପଡା, ୧୩।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ବିଚିତ୍ରାନନ୍ଦ ସାହୁ):**

ନିମାପଡା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉ କରିଛି। ସୂଚନା ମୁତାବକ ଅବକାରୀ ବିଭାଗର ୫ ଜଣିଆ ଟିମ୍ ଶୁକ୍ରବାର ସକାଳୁ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅସ୍ତରଙ୍ଗ ବଜାରର ଭ୍ରମରବର ମଲ୍ଲଙ୍କ ନିକଟରୁ ୫ କିଗ୍ରା ଭାଙ୍ଗ ଜବତ କରିବା ସହ ନୂଆଗଡ ଗ୍ରାମର ବୃନ୍ଦାବନ ଖଣ୍ଡୁଆଳଙ୍କ ନିକଟରୁ ୫ ଲିଟର ଦେଶୀ ମଦ, ନୂଆଗଡ ଗ୍ରାମର ତପନ ମଲ୍ଲିକଙ୍କ ନିକଟରୁ ୫ଲିଟର ୪୦୦ ମିଲିଲିଟର ଦେଶୀ ମଦ ଜବତ କରିଛନ୍ତି। ଚୋରା ନିଶା କାରବାର କରୁଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ନିମାପଡା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ବିଶ୍ୱଜିତ୍ ମହାପାତ୍ର, ସ୍ୱାଗତିକା ଗଡେଇଙ୍କ ଉପସ୍ଥିତରେ ଏକ ଟିମ୍ ଗଠନ କରାଯାଇ ଏହି ଚଢ଼ଉ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି ଭାରପ୍ରାପ୍ତ ଅଧିକାରୀ। ଏ ନେଇ ୩ଟି ପୃଥକ୍ ମାମଲା ରୁଜୁ ହୋଇଛି।

### କ୍ଲଷ୍ଟରସ୍ତରୀୟ ସୁରଭି

**ବ୍ରହ୍ମଗିରି, ୧୩।୧୦ (ସ୍ୱାଧୀନ ଚମ୍ପତିରାୟ)**

ବ୍ରହ୍ମଗିରି ବ୍ଲକରେ ଶୁକ୍ରବାର ବିଭିନ୍ନ କ୍ଲଷ୍ଟରରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଏନେଇ ବ୍ରହ୍ମଗିରି ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ନେଇ ୧୫ଟି କ୍ଲଷ୍ଟରରେ ୨ ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ପ୍ରତିଭାର ବିକାଶ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବକ୍ତୃତା, ଗଳ୍ପଲିଖନ, ସଙ୍ଗୀତ ଆଦିବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହି କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବେ। ଆସନ୍ତା ରବିବାର ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା ସୂଚନା ଦେଇଛନ୍ତି ।

### ନିମାପଡ଼ା କଂଗ୍ରେସ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ

**ଚାରିଛକ, ୧୩।୧୦ (ଶିଶିର ସ୍ୱାଇଁ):**

କଂଗ୍ରେସର ବରିଷ୍ଠ ନେତା ଅରକ୍ଷିତ ଜେନାଙ୍କ ସଭାପତିତ୍ୱରେ ନିମାପଡା ବ୍ଲକ କଂଗ୍ରେସ ସଙ୍ଗଠନ ପକ୍ଷରୁ ଚାରିଛକ ଏକାନ୍ତ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚାରିଦ୍ୱାର ଖୋଲିବା ଉଦ୍ଦେଶ୍ୟରେ ଓଡିଶା କଂଗ୍ରେସ ପକ୍ଷରୁ ଏକ ଜନ ଆନ୍ଦୋଳନ କରାଯିବ ବୋଲି ଏଥିରେ ଆଲୋଚନା କରାଯାଇଛି। ଏହି ବୈଠକରେ ଯୁବ କଂଗ୍ରେସ ସଭାପତି ସୁଶାନ୍ତ ଜେନା, କାଳନ୍ଦୀଚରଣ ବାରିକ, ବିପିନ ବିହାରୀ ବେହେରା, ନବଘନ ମଲ୍ଲିକ, ପର୍ଶୁରାମ ପରିଡା, ନରେନ୍ଦ୍ର ପରିଡା, ମାନସ ସ୍ୱାଇଁ, ବାବୁ ପାଇକଶାଣୀ, ପପୁନି ବସ୍ତିଆ, ଗିରିଧାରୀ ଭୋଇ, ଦିଲୀପ ବିଶ୍ୱାଳ, ବନ ବିହାରୀ ଦାସ, ଅର୍ଜୁନ ସ୍ୱାଇଁ, ଦେବବ୍ରତ ପାତ୍ର, ରଘୁନାଥ ବେହେରା, ସେକ ଓୟାଦି, ବଟକୃଷ୍ଣ ସ୍ୱାଇଁ, ଶିବ ବିଶ୍ୱାଳ, ଗୋବିନ୍ଦ ମଲ୍ଲିକ, ପ୍ରମେଶ ମଲ୍ଲ, ଅଜୟ ଛାଟୋଇ, ବିଜୟ ଭୋଇ, ପ୍ରଦୀପ କୁମାର ମହାନ୍ତି, ରାମଚନ୍ଦ୍ର ବିଶ୍ୱାଳ, ଧର୍ମାନନ୍ଦ ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଆନ୍ଧ୍ର ଖୋ ଖୋ ଦଳକୁ ବିଦାୟ ସମ୍ବର୍ଦ୍ଧନା

**ପୁରୀ, ୧୩।୧୦( ଅଜିତ ମହାନ୍ତି):**

ତାଳବଣିଆ ଖେଳପଡ଼ିଆରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଖୋ ଖୋ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପୁରୀରେ ଗତ ୮ତାରିଖରେ ପହଞ୍ଚିଥିବା ଆନ୍ଧ୍ର ଖୋ ଖୋ ଦଳ ଓଡ଼ିଶା ଦଳ ସହ ୬ଟି ମ୍ୟାଚ ଖେଳିଥିଲା। ଉଭୟ ଦଳ ପରସ୍ପର ସହ ଖେଳି ଅଭିଜ୍ଞତା ହାସଲ କରିଥିଲେ। ଏହି ଅଭିଜ୍ଞତା ପରବର୍ତ୍ତୀ ଖେଳରେ ଖେଳାଳିମାନଙ୍କୁ ସହାୟତା କରିବ ବୋଲି କୋଚ ସଞ୍ଜୀବ ଶର୍ମା କହିଥିଲେ। ବିଦାୟ ନେଉଥିବା ଆନ୍ଧ୍ର ଦଳର ସମସ୍ତ ଖେଳାଳିଙ୍କୁ ସ୍ମୃତି ସ୍ୱରୂପ ଶ୍ରୀଜୀଉମାନଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଆୟୋଜିତ ଶିଶୁ ମହୋତ୍ସବ 'ସୁରଭି' ଓ ମିଲେଟ୍ ମିଶନ କାର୍ଯ୍ୟକ୍ରମରେ ଅତିଥି ଏବଂ ଭାଗ ନେଇଥିବା ପିଲାମାନେ ।

## ଶିଶୁଙ୍କ ପ୍ରତିଭା ପ୍ରଦର୍ଶନର ମହାର୍ଘ ମଞ୍ଚ 'ସୁରଭି'

**କୋଣାର୍କ, ୧୩।୧୦(ଜ୍ୟୋତିରାଜ ମହାନ୍ତି):**

**କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ**

ଗୋପ ବ୍ଲକ ଅନ୍ତର୍ଗତ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ 'ସୁରଭି' ଓ ମିଲେଟ୍ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବିଦ୍ୟାଳୟରେ 'ସୁରଭି' ଶିଶୁମାନଙ୍କ ପ୍ରତିଭା ପ୍ରଦର୍ଶନର ମହାର୍ଘ ମଞ୍ଚ ପାଲଟିଛି ବୋଲି ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଆୟୋଜିତ 'ସୁରଭି' କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବକୁ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକ, ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇ, ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ, ସିଆର୍‌ସିସି ସୁଚରିତା ପାତ୍ର, ଅଧ୍ୟାପକ ଅରବିନ୍ଦ ସାହୁ, ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁ, ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ଯୋଗାଚାର୍ଯ୍ୟ ବାମଦେବ ଆଲୁକ ଓ ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ଓ କନିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତାରେ ଅରମାନ ଶାନସେଠ୍, କାରୁ ମୁର୍ମୁ, ଭୁଜୁରାମ ହାଁସଦା, ଶୁଭସ୍ମିତା ସେଠୀ, ଦକ୍ଷିଣ ମୁର୍ମୁ, ଉପେନ୍ଦ୍ର କାଣ୍ଡି, ଶିବସୁନ୍ଦର ମାଝୀ, ବିଶ୍ୱରୂପା ସେଠୀ, ଆଶା ସାହୁ, ଲୋକନାଥ ଦାଶ, ଆଦ୍ୟାଶା ଅନିନ୍ଦିତା ସେନାପତି, ମନସ୍ୱିନୀ ସ୍ୱାଇଁ, ପ୍ରିୟାଲି କାଣ୍ଡି, ସଂଗୀତା ପ୍ରଧାନ, ମିଲେଟ୍ ମିଶନ ପ୍ରତିଯୋଗିତାରେ ଅନ୍ୟାଶା ସ୍ୱାଇଁ ଓ ଅନୁସୂୟା ଲେଙ୍କା, ମଧ୍ୟାହ୍ନ ଭୋଜନ ଚିତ୍ରକଳାରେ କାରୁ ମୁର୍ମୁ ଓ ଭିନ୍ନକ୍ଷମ ସଂଗୀତ ପ୍ରତିଯୋଗୀତାରେ ଜଗନ ସାସମଲ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାକୁ ଉନ୍ନୀତ ହୋଇଛନ୍ତି। ପ୍ରଧାନଶିକ୍ଷକ ଗଙ୍ଗାଧର ସ୍ୱାଇଁ, ବାନାମ୍ବର ବେହେରା, ଜିତେନ୍ଦ୍ର କାଣ୍ଡି, ପ୍ରମୋଦ କୁମାର ବେହେରା, ସୁଶାନ୍ତ କୁମାର ବେହେରା ଓ ରଞ୍ଜିତ୍ ପ୍ରଧାନଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ସୁରଭି ମହୋତ୍ସବର ପରିଚାଳନା କରିଥିଲେ।

### 'ନବୀନ ପଟ୍ଟନାୟକ ଏକ ଅନନ୍ୟ ବ୍ୟକ୍ତିତ୍ୱ' ପୁସ୍ତକ ଲୋକାର୍ପିତ

**ପୁରୀ, ୧୩।୧୦(ଅଜିତ୍ ମହାନ୍ତି):**

ଓଡ଼ିଶା ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଡ. ପୀତବାସ ମିଶ୍ରଙ୍କ ଦ୍ୱାରା ଲିଖିତ 'ନବୀନ ପଟ୍ଟନାୟକ ଏକ ଅନନ୍ୟ ବ୍ୟକ୍ତିତ୍ୱ' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅଜୟ କୁମାର ସାହୁ, ଉତ୍କଳ ବିଦ୍ୱତ ପରିଷଦର ସଭାପତି ମନୋଜ ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାର ସନ୍ତୋଷ କୁମାର ସେଠୀ, ଟାଉନ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଭଗବାନ ସୁଆର, ବାବୁଲି ଜେନା ଏବଂ ପ୍ରସନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଜିଲା ସମ୍ପାଦକ ଜୟକୃଷ୍ଣ ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସୂରଜମଲ୍ଲ ଶାହା ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

**ପୁରୀ, ୧୩।୧୦(ଅଜିତ ମହାନ୍ତି):**

ଲସୁରଜମଲ୍ଲ ଶାହା ମିହାବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ନାତକ ଛାତ୍ରୀଛାତ୍ରମାନେ ବିଭିନ୍ନ ଖେଳରେ ଭାଗନେଇଛନ୍ତି। ଭଲିବଲ୍ ପ୍ରଶିକ୍ଷକ ଦିଲୀପ କୁମାର ଦଳାଇ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। କ୍ରୀଡା ଅଧ୍ୟାପକ ହରିହର କର, ଉପସଭାପତି ତଥା ପ୍ରାଧ୍ୟାପକ ଡ. ଶୁଭେନ୍ଦୁ ମିଶ୍ର ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଅଧ୍ୟାପକ ରବିନାରାୟଣ ମହାପାତ୍ର, ସୁବ୍ରତ କୁମାର ବିଶ୍ୱାଳ, ଅମିତ୍ କୁମାର ପାତ୍ର, ରିତେଶ ମହାନ୍ତି, ଅଧ୍ୟାପିକା ଜ୍ୟୋସ୍ନାରାଣୀ ପଲ୍, ଜ୍ୟୋତିର୍ମୟୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ନାଟକ 'ସାହିତ୍ୟ ଭାଇ ଅମର ରହେ' ମଞ୍ଚସ୍ଥ

**ପୁରୀ, ୧୩।୧୦(ଅଜିତ ମହାନ୍ତି):**

ସାକ୍ଷୀଗୋପାଳ ଅଳଗୁମ ପଞ୍ଚାୟତ ଖଣ୍ଡାୟତ ସାହିର ଶହୀଦ ବୀର ଯବାନ ଦେବାଶିଷ ବିଶ୍ୱାଳ (ସାହିତ୍ୟ)ଙ୍କ ବୀର କାହାଣୀକୁ ନେଇ ପରିବେଷିତ ହୋଇଛି ନାଟକ 'ସାହିତ୍ୟ ଭାଇ ଅମର ରହେ'। ଗତ ୧୧ ତାରିଖରେ ସତ୍ୟବାଦୀସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ବ୍ରହ୍ମଗିରି ଅଲାରନାଥ ମନ୍ଦିର ନିକଟ ଏବଂ ପୁରୀ ସଦର ସମହରା ଗ୍ରାମରେ ଏହି ନାଟକ ମଞ୍ଚସ୍ଥ ହୋଇଛି। ୧୨ ତାରିଖରେ କାକଟପୁର ସରକାରୀ ନୋଡାଲ ହାଇସ୍କୁଲ, ଅସ୍ତରଙ୍ଗର ଐଶାନେଶ୍ୱର ବିଦ୍ୟାପୀଠ, ଅଠଶିରାରେ ନାଟକ ପରିବେଷଣ କରାଯାଇଛି। ଏହି ନାଟକକୁ ରଚନା କରିଛନ୍ତି ସୁବାସ ମିଶ୍ର ଏବଂ ନିର୍ଦ୍ଦେଶନା ଦେଇଛନ୍ତି ବିକ୍ରମ ସାହୁ। ରଙ୍ଗଶାଳାର କଳାକାର ଦେବାଶିଷ ସିଂ, ରମେଶ ଦାସ୍, ଆଶିଷ ବେହେରା, ଓମ୍ ପ୍ରକାଶ ଦାସ୍, ସୂର୍ଯ୍ୟକାନ୍ତ ବେହେରା, ସୌରଭ ନାୟକ, ଅଭିନାଶ ସାହୁ, ମଧୁସ୍ମିତା ସାହୁ, ସ୍ୱାତିଶ୍ରୀ ପରିଡ଼ା, ଶ୍ରାବଣୀ ନାୟକ ଏବଂ ରୋଜାଲିନ ମଲ୍ଲିକ୍ ଏଥିରେ ଅଭିନୟ କରିଥିଲେ। ଶକ୍ତି ନାୟକ ଓ ପ୍ରଭାକର ବିଶ୍ୱାଳ ସଙ୍ଗୀତ ଦେଇଥିଲେ। ନ୍ୟାଶନାଲ ସ୍କୁଲ ଅଫ ଡ୍ରାମା, ଫମିନିଷ୍ଟ୍ରି ଅଫ କଲ୍‌ଚର, ନୂଆଦିଲ୍ଲୀ ଦ୍ୱାରା ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏହି ନାଟକ ପରିବେଷିତ ହୋଇଥିଲା।



ପରିବେଷିତ ନାଟକ 'ସାହିତ୍ୟ ଭାଇ ଅମର ରହେ'ର ଏକ ଦୃଶ୍ୟ ।

## ରାସ୍ତା କାର୍ଯ୍ୟକୁ ଅଣଦେଖା

**ଚାରିଛକ, ୧୩।୧୦ (ଶିଶିର କୁମାର ସ୍ୱାଇଁ):**

ପୁରୀ ଜିଲା ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତରେ ଚାରିଛକ କାକଟପୁର ମୁଖ୍ୟ ରାସ୍ତା ବିବେକାନନ୍ଦ ସ୍କୁଲ ଠାରୁ ଛବାଟିଆ, ଚହଟା, ବେଲପଦା ଦେଇ ସାନହୁଲୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ନିମାପଡା ବିଧାୟକ ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଭିତ୍ତି ସ୍ଥାପନ କରିଥିଲେ। ଏହି ରାସ୍ତା ବିବେକାନନ୍ଦ ସ୍କୁଲ ଛକଠାରୁ ଭାୟା ଛବାଟିଆ, ଚହଟା, ବେଲପଡ଼ା ଦେଇ ଚହଟା ମୌଜାର ବାଲିଉପର ନିଶିପୁର କେନାଲର ଉତ୍ତରପଟ ବନ୍ଧ ସାନହୁଲି ପର୍ଯ୍ୟନ୍ତ ନିର୍ମାଣ ହେବାକୁ ପ୍ଲାନିଂ ହୋଇଛି ବୋଲି କାର୍ଯ୍ୟରତ ଠିକାଦାର ପ୍ରକାଶ କରିଥିଲେ। କିନ୍ତୁ କେତେକ କୁଜିନେତା ନିଜର ଫାଇଦା ପାଇଁ ପଞ୍ଜିକୃତ ବରାଦ ଅନୁସାରେ ରାସ୍ତା ନିର୍ମାଣ କାମକୁ ମନମୁଖି ଭାବେ ପରିବର୍ତ୍ତନ କରି କାମ ଆରମ୍ଭ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ବିଡିଓ, ବିଧାୟକ, ପୁରୀ ଜିଲାପାଳ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆବଶ୍ୟକ ଅନୁଯାୟୀ ରାସ୍ତା ନିର୍ମାଣ କରିବା ପାଇଁ ଛବାଟିଆ, ଚହଟା, ବେଲପଡ଼ା ଓ ସାନହୁଲି ଗ୍ରାମର ଗ୍ରାମବାସୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଦୀପ୍ତି ହୋତା, ବନ ବିହାରୀ ତ୍ରିପାଠୀ, ପାର୍ବତୀ ତ୍ରିପାଠୀ, ଦିବ୍ୟମୟ କୁମାର ମିଶ୍ର, ମାନସ ରଞ୍ଜନ ମିଶ୍ର, ଅଗାଧୁ ଦାସ, ଜଟାଧାରୀ ସାହୁ, ମାନସ ଭୋଇ, ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ସହିତ ଶତାଧିକ ଲୋକ ଦାବି କରିଛନ୍ତି ।

## ଜିଲାରେ ୧୮୦୦ ଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯିବ

### କୌଶଳ ଦୀକ୍ଷାନ୍ତ ସମାରୋହ

■ ୩ ପ୍ରଶିକ୍ଷାର୍ଥୀ, ୪ ଉଦ୍ୟୋଗୀ ସମ୍ମାନିତ

**ପୁରୀ,୧୩।୧୦(ଅଜିତ ମହାନ୍ତି):**

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ, ପୁରୀ ପକ୍ଷରୁ କୌଶଳ ଦୀକ୍ଷାନ୍ତ ସମାରୋହ ଗୁରୁବାର ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜନଶିକ୍ଷଣ ସଂସ୍ଥାନର ବିଭିନ୍ନ ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ୨୦୦ ପ୍ରଶିକ୍ଷାର୍ଥୀ ଟ୍ରେନିଂ ସାର୍ଟିଫିକେଟ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ଇଂ. ଅରବିନ୍ଦ ଘୋଷ, ଓରମାସ୍ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭକ୍ତି ପଟ୍ଟନାୟକ, ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ଜୟଶଙ୍କର ଜୋଶୀ ଉପସ୍ଥିତ ଥିଲେ। ଚଳିତ ୨୦୨୩-୨୪ ବର୍ଷରେ ପୁରୀ ଜିଲାର ସମସ୍ତ ୧୧ଟି ବ୍ଲକରେ ମୋଟ ୧୮୦୦ ଜଣ ଶିକ୍ଷାର୍ଥୀଙ୍କୁ କୌଶଳ ବିକାଶ ତାଲିମ ଦିଆଯିବ ବୋଲି ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଗଜେନ୍ଦ୍ର କହିଥିଲେ। ଏନେଇ ଯୋଗାଯୋଗ ପାଇଁ ଜନଶିକ୍ଷଣ ସଂସ୍ଥାନ, ପୁରୀ ସର୍ବୋଦୟ ନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଫୋନ ନମ୍ବର-୦୬୭୫୨-୨୨୨୬୬୭ ଜାରି କରାଯାଇଛି। ଏହି ଅବସରରେ ଉତ୍ସର୍ଗୀକୃତ ଭାବେ ଦୀର୍ଘଦିନ ଧରି ତାଲିମ ଦେଇଆସୁଥିବା ମଞ୍ଜୁବାଳା ହୋତା, ବିଜୟଲକ୍ଷ୍ମୀ ମହାରଣା ଓ ସୁଲେଖା ବେହେରା ଏବଂ ଅନୁଷ୍ଠାନରୁ ତାଲିମ ପାଇ ସଫଳ ଉଦ୍ୟୋଗୀ ହୋଇପାରିଥିବା ପ୍ରିୟମ୍ବଦା ପାତ୍ର, ଲୋପାମୁଦ୍ରା ଦେବନାଥ, ରାଖୀ ନାୟକ ଓ ରେଖା ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତ୍ୟୁଷ କୁମାର ବରାଳ, ଦିଲୀପ କୁମାର ନାୟକ, ସତ୍ୟଜିତ ସ୍ୱାଇଁ, ପ୍ରଦୀପ ରଥ ଏବଂ ବାଦଲ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଦ୍ମଚରଣ ସେଠୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ଅନ୍ୟ ଅତିଥି ।

## କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

କଣ୍ଟାପଡା,(ସୁରନାରାୟଣ ସାହୁ): ଦଧାଚି ଫାର୍ମାସୀ କଲେଜ ଓ ପଣ୍ଡା କ୍ୟାନ୍ସର ହସ୍ପିଟାଲର ମିଳିତ ସହଯୋଗରେ ସୁନ୍ଦରଗ୍ରାମସ୍ଥିତ ଦଧାଚି ଫାର୍ମାସୀ କଲେଜରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଡିଏଶନ ଅଙ୍କୋଲୋଜି ବିଭାଗର ଏମ୍‌ଡି ଡା. ରଞ୍ଜିତ କର ଯୋଗଦେଇ କର୍କଟରୋଗର ପ୍ରାଥମିକ ଲକ୍ଷଣ, ଚିହ୍ନଟ ଓ ଏହାର ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ରଜତ କୁମାର କର ଯୋଗଦେଇ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଫାର୍ମାସୀ କଲେଜର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ସାଇବର ସଚେତନତା କାର୍ଯ୍ୟକ୍ରମ

**କଣ୍ଟାପଡା,୧୩।୧୦(ସୁରନାରାୟଣ ସାହୁ)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ବଡବିଲିସ୍ଥିତ ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିର ପରିସରରେ ଗୋବିନ୍ଦପୁର ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୋଲିସ ପକ୍ଷରୁ ଆସିଥିବା ଏକ କଳାକାର ଟିମ୍ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ସମାଜରେ ହେଉଥିବା ସାଇବର କ୍ରାଇମ ଓ ଏହାର କୁପରିଣାମକୁ ନେଇ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ସାଇବର ଠକଙ୍କ ନିକଟରୁ ରକ୍ଷା ପାଇବା ପାଇଁ ପାସ୍‌ୱାର୍ଡ ଜରିଆରେ ନିଜର ସୋସିଆଲ ମିଡିଆ ସାଇଟ୍‌କୁ ସୁରକ୍ଷିତ ରଖିବା, କାହାକୁ ଓଟିପି ଶେୟାର ନ କରିବା, ଅନ୍ୟମାନଙ୍କୁ ନିଜର ବ୍ୟକ୍ତିଗତ ବିବରଣୀ ଶେୟାର ନ କରିବା ଓ ସୋସିଆଲ ମିଡିଆରେ ଅନାମଧେୟ ସାଙ୍ଗମାନଙ୍କଠାରୁ ନିଜକୁ ଦୂରେଇ ରଖିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରମାନେ ସାଇବର ଅପରାଧଠାରୁ କିପରି ଦୂରେଇ ରହିବେ ସେ ସମ୍ପର୍କରେ ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦପୁର ଥାନା ଏସ୍‌ଆଇ ସୋନାଲି ଆନନ୍ଦ, ଗୋପବନ୍ଧୁବିଦ୍ୟାମନ୍ଦିରର ପୁରାତନ ଛାତ୍ର ସଂସଦ ସଭାପତି କାଳନ୍ଦୀ ଚରଣ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଗଡବାଡ, ସୁରେନ୍ଦ୍ର ପାତ୍ର, ଏସ୍‌ଆଇ ପ୍ରଭାସ ରଞ୍ଜନ ତ୍ରିପାଠୀ, ପ୍ରବୋଧ କୁମାର ଦାସ, ଦୁର୍ଯ୍ୟୋଧନ ସେଠୀ, ମନୋରମା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## କଂଗ୍ରେସ ସରକାର ଆସିଲେ ବେକାର ଯୁବତୀଯୁବକଙ୍କୁ ଥଇଥାନ କରାଯିବ

**ଖୁଣ୍ଟୁଣୀ, ୧୩।୧୦(ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ ଘରେ ଘରେ ହାତ ପଦଯାତ୍ରା ରାଧାକିଶୋରପୁର ପଞ୍ଚାୟତରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ପିସିସି ଉପସଭାପତି ବିଭୂତି ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଧାକିଶୋରପୁର ମଙ୍ଗଳା ମନ୍ଦିରଠାରୁ ବାହାରିଥିବା ପଦଯାତ୍ରା ଉକ୍ତ ପଞ୍ଚାୟତ ପରିକ୍ରମା କରିଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ନିଶିକାନ୍ତ ସ୍ୱାଇଁ, ପୂର୍ବତନ ବ୍ଲକ ସଭାପତି କିଶୋର ସାମନ୍ତରାୟ, ସୁରେନ୍ଦ୍ର ଜେନା, ହୃଦାନନ୍ଦ ସାହାଣୀ, ରଜନୀକାନ୍ତ ଜେନା, ଅଶୋକ ଦାସ, ରୋହିତ କୁମାର ମୁଦୁଲି, ବସନ୍ତ ସାହୁ, ଶ୍ରୀନିବାସ ବାରିକ, ବିଜୟ ସାହୁଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ମିଶ୍ର କହିଥିଲେ, କଂଗ୍ରେସ କ୍ଷମତାକୁ ଆସିଲେ ଦରଦାମ ନିୟନ୍ତ୍ରଣ ସହ ବେକାରି ଯୁବତୀଯୁବକଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରାଯିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଓ ପ୍ରତି ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ କରାଯିବ। ପଦଯାତ୍ରା ଆରମ୍ଭ ପୂର୍ବରୁ ରାଧାକିଶୋରପୁରର ବରିଷ୍ଠ କଂଗ୍ରେସ କର୍ମୀ ବ୍ରଜବନ୍ଧୁ ସ୍ୱାଇଁଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଏହି ପଦଯାତ୍ରାକୁ ବ୍ୟାପକ କରାଯିବ ବୋଲି ବ୍ଲକ ସଭାପତି ପରିଡା ସୂଚନା ଦେଇଛନ୍ତି।

# ୨୭ ସୁଦ୍ଧା ରାସ୍ତା ମରାମତି କର: ହାଇକୋର୍ଟ

**କଟକ,୧୩।୧୦ (କାର୍ତ୍ତିକ ସାହୁ)**

ସହରର ରାସ୍ତାକୁ ବାରମ୍ବାର ଖୋଳାଯାଉଛି। ବିକାଶମୂଳକ କାର୍ଯ୍ୟ ପାଇଁ ଏକା ରାସ୍ତାକୁ ବିଭିନ୍ନ ବିଭାଗ ଭିନ୍ନ ଭିନ୍ନ ସମୟରେ ଖୋଳି ପୁଣି ମରାମତି କରୁଛି। ଏହାଦ୍ୱାରା ଲୋକଙ୍କ ଟିକସ ଅର୍ଥ ଅପବ୍ୟୟ ହେଉଛି। ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ନ ରହିବା କାରଣରୁ ଏପରି ହେଉଛି। ଏହାର କୁପରିଣାମ ଜନସାଧାରଣଙ୍କୁ ଭୋଗିବାକୁ ପଡୁଛି। କଟକ ସହର ରାସ୍ତା ସମସ୍ୟାକୁ ନେଇ ଆଗତ ଜନସ୍ୱାର୍ଥ ମାମଲାରେ ଆସନ୍ତା ୨୭ ତାରିଖ ସୁଦ୍ଧା ରାସ୍ତା ମରାମତି ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଦାଲତରେ ହାଜର ହୋଇଥିବା ବିଭିନ୍ନ ବିଭାଗର ପଦାଧିକାରୀଙ୍କୁ ହାଇକୋର୍ଟ ଚେତାବନୀ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ନଭେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

**କଟକ ସହର ରାସ୍ତା ସମସ୍ୟାକୁ ନେଇ ଜନସ୍ୱାର୍ଥ ମାମଲା**



ସୂଚନା ଅନୁସାରେ, ଶୁକ୍ରବାର ମାମଲାର ଶୁଣାଣିବେଳେ ପୂର୍ବ ଶୁଣାଣିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୱାଟ୍‌କୋର ସାଧାରଣ ପରିଚାଳକ, ପୂର୍ତ୍ତ ବିଭାଗର ଅଧିକାରୀ, ଗେଲ୍ ଇଣ୍ଡିଆ ଓ ସିଏମ୍‌ସି ଅଧିକାରୀମାନେ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହୋଇଥିଲେ। ଶୁଣାଣିବେଳେ ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ନ ସରିଲେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ବିରୋଧରେ କଣ୍ଟେମ୍ପ୍ଟ ପ୍ରୋସିଡିଙ୍ଗ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପାଦନ ହୋଇଛି କି ନାହିଁ ସେ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ଆଡ୍‌ଭୋକେଟ୍ କମିଶନରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ବିଭାଗର ବେପରୁଆ କାର୍ଯ୍ୟ ଯୋଗୁ ଅଘଟଣ ଘଟି ମୃତ୍ୟୁ ଘଟିଥିବା ଲୋକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ଜାଇକା, ୱାଟ୍‌କୋ, ଗେଲ୍ ଇଣ୍ଡିଆ ପକ୍ଷରୁ ମନଇଚ୍ଛା ରାସ୍ତା ଖନନ କରାଯାଉଛି। ଏହାଦ୍ୱାରା ଲୋକେ ବର୍ଷ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଇକୋର୍ଟ ଏହି ରାସ୍ତା ସମସ୍ୟାକୁ ନେଇ ୨୦୨୦ରେ ନିଜଆଡୁ ଏକ ମାମଲା ରୁଜୁ କରିଥିଲେ। ଗତ ୧୦ ତାରିଖ ଶୁଣାଣିବେଳେ ସିଏମ୍‌ସିର ସିଟି ଇଞ୍ଜିନିୟର ହାଇକୋର୍ଟରେ ସତ୍ୟପାଠ ଦଖଲ କରିଥିଲେ ଯେ, ଗ୍ୟାସ୍ ପାଇପ ଲାଇନ୍ ବିଛାଉଥିବା ଗେଲ୍ ଇଣ୍ଡିଆ ଏବଂ ଟିପିସିଓଡିଏଲ ସେମାନଙ୍କ କାର୍ଯ୍ୟ ପାଇଁ ରାସ୍ତା ଖନନ କରୁଛନ୍ତି। ଏହା ବ୍ୟତୀତ ୱାଟ୍‌କୋ ଗତ ଏପ୍ରିଲରୁ ପାଣି ପାଇପ ବିଛା କାର୍ଯ୍ୟ ହାତକୁ ନେଇଛି। ଏସବୁ ପାଇଁ ରାସ୍ତା ମରାମତି କାର୍ଯ୍ୟ ଶେଷ ହୋଇପାରୁନାହିଁ। ସେହିପରି ଜାଇକାର କାର୍ଯ୍ୟ ୮୦% ଶେଷ ହୋଇଛି। ଦୀର୍ଘ ସମୟ ଧରି ସହରର ରାସ୍ତା ମରାମତି ଠିକ୍ ଭାବେ କରାଯାଉ ନ ଥିବାରୁ ହାଇକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ବିଭାଗ ପକ୍ଷରୁ ମିଥ୍ୟା ସତ୍ୟପାଠ ଦାଖଲ କରାଯାଉଥିବା ହାଇକୋର୍ଟ କହିଥିଲେ। ତେଣୁ ଆସନ୍ତା ୧୩ରେ ହେବାକୁ ଥିବା ମାମଲାର ଶୁଣାଣି ସମୟରେ ସବୁ ବିଭାଗର ଅଧିକାରୀ ଉପସ୍ଥିତ ରହିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ମୁଖ୍ୟ ନାଳ ଉପରେ ବକ୍ସଡ୍ରେନ ନିର୍ମାଣ ଓ ଜାଇକାର ବେପରୁଆ ଖନନ ଯୋଗୁ ଅଘଟଣ ଘଟି ଏକାଧିକ ଲୋକଙ୍କ ଜୀବନ ହାନି ଘଟିଛି। ଆବେଦନକାରୀ ଦେବାଶିଷ ରାଉତ ଗତ ଅଗଷ୍ଟରେ ଆଉ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ନିଜଆଡୁ ରୁଜୁ କରିଥିବା ମାମଲା ଓ ଏହି ମାମଲାର ଏକତ୍ର ଶୁଣାଣି କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦେବାଶିଷ ରାଉତଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।




ବିଭିନ୍ନ ଦାବି ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ।

## ଚୌଦ୍ୱାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ସମ୍ମାନ



**ଚୌଦ୍ୱାର,୧୩।୧୦(ଆଶୁତୋଷ ଦାସ)**

ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉଲ୍ଲେଖନୀୟ ଅବଦାନ ପାଇଁ ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କେନ୍ଦ୍ର ସରକାରଙ୍କ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଛି। ସାଇ ସଙ୍ଗଠନ ଦ୍ୱାରା ପରିଚାଳିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର କେନ୍ଦ୍ର ସରକାରଙ୍କ ଜାତୀୟ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନ୍‌କ୍ୟୁଏଏସ୍) ସର୍ଭେରେ ୯୬.୦୫ ପ୍ରତିଶତ ନମ୍ବର ରଖି ସମ୍ମାନଜନକ ସାର୍ଟିଫିକେଟ ହାସଲ କରିଛି। ଗତ ଅଗଷ୍ଟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଡ. ଜଗଦୀଶ ସିଂ, ଡ. ରୁବି ସିହ୍ନା ଏହି କେନ୍ଦ୍ର ପରିଦର୍ଶନରେ ଆସି ଏଠାରେ ଯୋଗାଇ ଦିଆଯାଉଥିବା ୧୨ଟି ବିଭିନ୍ନ ସ୍ୱାସ୍ଥ୍ୟସେବାର ମାନ ଯାଞ୍ଚ ଓ ମୂଲ୍ୟାୟନ କରିଥିଲେ। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଜାତୀୟସ୍ତରରେ ସମ୍ମାନିତ ହୋଇଥିବାରୁ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସମେତ ସମସ୍ତ କାଉନସିଲରମାନେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ମହାପାତ୍ର ଓ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସହକାରୀ ଜିଲା ଚିକିତ୍ସା ଅଧିକାରୀ ମଧ୍ୟ ଚୌଦ୍ୱାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମାରପିଟ: ବାପା, ପୁଅ ଗିରଫ

**କଟକ ସଦର,୧୩।୧୦(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଥାନା ଅନ୍ତର୍ଗତ ପଟଣା ଗ୍ରାମରେ ବୁଧବାର ଜମିବାଡିକୁ କେନ୍ଦ୍ରକରି ମାରପିଟ ଘଟିଥିଲା। ଏଥିରେ ବୈଦ୍ୟନାଥ ଆଚାର୍ଯ୍ୟ ନାମକ ବ୍ୟକ୍ତିଙ୍କ ହାତ ଭାଙ୍ଗି ଯାଇଥିଲା। ଏହି ଘଟଣାରେ ଉକ୍ତ ଗ୍ରାମର ପ୍ରବୀର ଆଚାର୍ଯ୍ୟ(୫୫) ଓ ତାଙ୍କ ପୁଅ ଭକ୍ତ ଆଚାର୍ଯ୍ୟ(୨୫)ଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବୈଦ୍ୟନାଥଙ୍କ ଜାଗାରେ ଏକ ପାଇଖାନା ଜୋରଜବରଦସ୍ତି ନିର୍ମାଣ କରିବାରୁ ପଡୋଶୀଙ୍କ ସହ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଦ୍ୱୟ ବୈଦ୍ୟନାଥଙ୍କୁ ମାଡ ମାରି ହାତ ଭାଙ୍ଗି ଦେଇଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୪୮/୨୩) ରୁଜୁ କରିଥିଲା।

## ପଲ୍ଲିସଭାକୁ ଆସିଲେନି ଜନସାଧାରଣ

**କଟକ ସଦର,୧୩।୧୦ (ସୁଶାନ୍ତ କୁମାର ଜେନା)**

କିଶନ ନଗର ତହସିଲ ଅନ୍ତର୍ଗତ ଧରିଣା ପଞ୍ଚାୟତର ୧୦ନଂ. ୱାର୍ଡ ହାଡୁଆ କୂଳକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପ୍ରସଙ୍ଗକୁ ନେଇ ଶୁକ୍ରବାର ପଲ୍ଲିସଭା ଆୟୋଜନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ତହସିଲଦାର ମଧୁସୂଦନ ନାଏକ ଅର୍ଚ୍ଛିଳି କସ୍ତୁରବା ସମାଜ ମଙ୍ଗଳ କେନ୍ଦ୍ର ଗୃହ ନିକଟ ସଭାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଲୋକମାନଙ୍କ ଦେଖା ମିଳି ନ ଥିଲା। ଫଳରେ ତହସିଲଦାରଙ୍କ ସମେତ ସରପଞ୍ଚ ରତ୍ନାକର ରାଉତ ଓ ଯଶପଡ଼ା ରାଜସ୍ୱ ନିରୀକ୍ଷକ ଫେରି ଯାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, କମରପଦା ଗ୍ରାମରୁ ହାଡୁଆ କୂଳକୁ ଅଲଗା କରି ନୂଆ ରାଜସ୍ୱ ଗ୍ରାମ କରିବା ପାଇଁ ଉକ୍ତ ପଞ୍ଚାୟତ ଅଧୀନ ୧୦ ନଂ. ୱାର୍ଡର ଲୋକମାନେ ସରକାରଙ୍କ ନିକଟରେ ଦାବି କରିଥିଲେ। ତଦନୁଯାୟୀ ରାଜସ୍ୱ ପର୍ଷଦର ନିର୍ଦ୍ଦେଶକ୍ରମେ କିଶନ ନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୨।୬।୨୦୨୩ରେ ନୋଟିସ କରାଯାଇ ଆପତ୍ତି ଅଭିଯୋଗ ସର୍ବସାଧାରଣଙ୍କଠାରୁ ଆହ୍ୱାନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ କେହି ଅଭିଯୋଗ କରି ନ ଥିଲେ। ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ଗତ ୩ ତାରିଖରେ କିଶନ ନଗର ତହସିଲ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଧରିଣା ସମିତି ସଭ୍ୟା ସସ୍ମିତା ଦାଶଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ଉପରେ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପଲ୍ଲିସଭା ବିଫଳ ହେବା ପରେ ପରବର୍ତ୍ତୀ ପଦକ୍ଷେପ ଉପରେ ତହସିଲଦାର ନାଏକ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

## ୬୦୦ କର୍ମଚାରୀଙ୍କୁ ମିଳିଲା ସଫେଇ ସରଞ୍ଜାମ



ଅତିଥିଙ୍କ ଗହଣରେ ସରଞ୍ଜାମ ପାଇଥିବା ସଫେଇ କର୍ମଚାରୀ।

**କଟକ,୧୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚୌଧୁରୀବଜାରସ୍ଥିତ ବିଜୁଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସିର ୬୦୦ରୁ ଊର୍ଦ୍ଧ୍ୱ ପରିମଳ କର୍ମଚାରୀ, ଏମ୍‌ସିସି ଏବଂ ଏମ୍‌ଆରଏଫ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀ ଉପସ୍ଥିତ ଥିଲେ। ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍(ଆଇଓସିଏଲ୍) ପକ୍ଷରୁ ପ୍ରଦତ୍ତ ପରିମଳ ସରଞ୍ଜାମ (ଏସ୍‌ଏସ୍ ଟ୍ରାସ୍ ପିକର୍, ଲଙ୍ଗ୍ ଡ୍ରେନେଜ୍ କ୍ଲିନର, ଲଙ୍ଗ୍ ଷ୍ଟିଲ ଫର୍କ, ହ୍ୟାଣ୍ଡେଲ ସ୍ୱିପିଂ କ୍ରୋବର୍ ଓ ଏସ୍‌ଏସ୍ ହାଣ୍ଡେଲ ବ୍ରୁମ୍ ଷ୍ଟିକ୍) କର୍ମଚାରୀଙ୍କୁ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ପୌରୋହିତ୍ୟ କରି ସଫେଇ କର୍ମଚାରୀମାନେ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବାକୁ ପରାମର୍ଶ ଦେବା ସହିତ ସହରକୁ ସଫା ରଖିବା କ୍ଷେତ୍ରରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ପରିମଳ ଉପ ଆୟୁକ୍ତ ସଞ୍ଜିବୀତା ରାୟ, ସିଟି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ସହକାରୀ କମିଶନର(ପରିମଳ) ତ୍ରିନାଥ ବେହେରା, ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ, ଏଲ୍ ଆଣ୍ଡ ଏଏସସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀଙ୍କ ସମେତ ଆଇଓସିଏଲ୍ ଏବଂ ପରିମଳ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ନିୟମାବଳୀକୁ ନେଇ ଚିନ୍ତାରେ ସାଉଣ୍ଡ ଓନର

**ଫୁଲନଖରା,୧୩।୧୦(ସତ୍ୟରଞ୍ଜନ ଦାସମହାପାତ୍ର)**

ଶବ୍ଦ ପ୍ରଦୂଷଣ ଓ ପରିବେଶ ସୁରକ୍ଷା ନିୟମାବଳୀ ଉପରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ ପାଳନ କରି ସାଉଣ୍ଡ ଓନର୍‌ମାନେ ଘୋର ଆର୍ଥିକ ଅନଟନରେ କାଳାତିପାତ କରୁଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟ କରି ସାଉଣ୍ଡ ସରଞ୍ଜାମ କିଣି ମାଲିକମାନେ ହାତବାନ୍ଧି ବସିଛନ୍ତି। ଏଥିସହ ସେଥିରେ ନିଯୁକ୍ତ କର୍ମଚାରୀମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ଏନେଇ କଟକ ସଦର ଥାନା ଅନ୍ତର୍ଗତ ତ୍ରିନାଥ ବଜାରସ୍ଥିତ ଏକ ମଣ୍ଡପରେ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ସାଉଣ୍ଡ ଓନର୍ ମହାସଂଘ ପକ୍ଷରୁ ଶୁକ୍ରବାର ଏକ ବୈଠକ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ରାଜକିଶୋର ଦାସ, ସମ୍ମାନିତ ଅତିଥି ଭାବେ ଖବରଦାତା ସତ୍ୟଜିତ୍ ସେଣ ଓ ଆଇନଜୀବୀ ମନୋରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ। ବୈଠକରେ ସଂଘର ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଉକ୍ତ ଅଞ୍ଚଳରେ ସରକାରୀ ପଞ୍ଜୀକୃତ ସାଉଣ୍ଡ ଓନରମାନେ ଥିବାବେଳେ ବାହାର ଜିଲାର ସାଉଣ୍ଡ ଓନର୍‌ମାନେ ଆସି ବିଭିନ୍ନ ଭସାଣି କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରୁଛନ୍ତି। ଆଗାମୀ ଦିନରେ ସଂଘ ସେମାନଙ୍କୁ ଘୋର ବିରୋଧ କରିବ। ଏହାସହ ସରକାରଙ୍କ ନିୟମାବଳୀକୁ ଅନୁସରଣ କରି କମ୍ ସାଉଣ୍ଡ ଦେଇ ସାଉଣ୍ଡ ବକ୍ସଗୁଡିକ ବଜାଇବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ଅନୁଷ୍ଠାନର ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରସନ୍ନ ଦଳାଇ, ପବିତ୍ର ମିଶ୍ର, ଅଭୟ କୁମାର ଦାସ, ପ୍ରଶାନ୍ତ ପରିଡା, ଅଜୟ ମହାନ୍ତି, ବିଜୟ ମହାରଣାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ସାଉଣ୍ଡ ଓନର ଯୋଗଦେଇଥିଲେ।

## ଷ୍ଟ୍ରିଟ୍ ଫୁଡ୍ ଦୋକାନରେ ସିଏମ୍‌ସିର ଚଢ଼ାଉ

**କଟକ,୧୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ନିକଟରେ ଥିବା ୫୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ୍‌ରେ ଚଢ଼ାଉ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସେଠାରେ ଫୁଡ୍ ଲାଇସେନ୍ସ ଓ ଖାଦ୍ୟର ମାନ ଯାଞ୍ଚ କରିଥିଲା। ଯେଉଁ ଉଠାଦୋକାନୀଙ୍କ ଖାଦ୍ୟ ନିମ୍ନମାନର ବାହାରିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର କହିଛନ୍ତି। ପାର୍ବଣ ସମୟରେ ଫାଷ୍ଟଫୁଡ୍ ଦୋକାନରେ ଗ୍ରାହକଙ୍କ ଭିଡ ଲାଗିଥାଏ। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ନିମ୍ନମାନର ଖାଦ୍ୟ ବିକ୍ରି କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚଢ଼ାଉ କରାଯିବା ସହ ନିମ୍ନମାନର ଖାଦ୍ୟ ବିକ୍ରି ନ କରିବାକୁ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଛି। ଆଗାମୀ ଦିଗରେ ଲାଇସେନ୍ସ ପଞ୍ଜୀକରଣ ବ୍ୟବସାୟୀମାନଙ୍କୁ ତାଲିମ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର କହିଛନ୍ତି।

## ମଣ୍ଡଳସ୍ତରୀୟ ସୁରଭି, ମିଲେଟ୍ ପ୍ରତିଯୋଗିତା

**କଟକ ସଦର,୧୩।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ମଣ୍ଡଳସ୍ତରୀୟ ସୁରଭି ଓ ମିଲେଟ୍ ପ୍ରତିଯୋଗିତା ଶୁକ୍ରବାର ସ୍ଥାନୀୟ ବେଷ୍ଟକାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୨ଟି ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୪୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ବକ୍ତୃତା, ତର୍କ, ହସ୍ତାକ୍ଷର, ରଚନା, ହସ୍ତକଳା, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଏହି ପ୍ରତିଯୋଗିତାକୁ ବ୍ଲକ୍ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ, ରବୀନ୍ଦ୍ର ନାଥ ବେହେରା, ପ୍ରଭାତ ଷଡ଼ଙ୍ଗୀ, ନିକୁଞ୍ଜ କୁମାର ସ୍ୱାଇଁ ଓ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ରିଟାୟର୍ଡ ପୋଲିସ ଅଫିସର୍ସ ୱେଲଫେୟାର ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

# ମୁଖ୍ୟ ଆକର୍ଷଣ ଫାଇବର ମେଢ଼

**କଟକ,୧୩।୧୦ (ସୁପ୍ରିୟା ପ୍ରିୟଦର୍ଶିନୀ)**



**ଧରାବତରଣ କରିବେ ମା'**

**ଶ୍ରୀବିହାର ପୂଜା କମିଟି**

ଶାରଦୀୟ ପୂଜା ପାଇଁ କଟକର ପୂଜାମଣ୍ଡପଗୁଡିକ ଚଳଚଞ୍ଚଳ ହୋଇଛି। ମଣ୍ଡପରେ ମୂର୍ତ୍ତି ନିର୍ମାଣ ସାଙ୍ଗକୁ ତୋରଣ କାର୍ଯ୍ୟ ଜାରି ରହିଛି। ମା'ଙ୍କ ଆବାହନ ଲାଗି ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ନିଜକୁ ସାମିଲ କରିଛି ଶ୍ରୀବିହାର ପୂଜା କମିଟି। ଏଠାରେ କମିଟି ପକ୍ଷରୁ ଫାଇଭର ମେଢ ପ୍ରସ୍ତୁତ କରାଯାଇଛି। ୧୯୮୨ ମସିହାରୁ ଏଠାରେ ବିଧିବଦ୍ଧ ଭାବରେ ପୂଜା ଆରମ୍ଭ ହୋଇଛି। ପ୍ରଥମେ ଏଠାରେ ହରପାର୍ବତୀଙ୍କ ପୂଜା ଆରମ୍ଭ ହୋଇଥିଲା। ୨୦୧୨ ମସିହାରୁ କମିଟି ପକ୍ଷରୁ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ୮ ବର୍ଷ ପୂର୍ବରୁ ଏଠାରେ ଫାଇଭର ମେଢ ପ୍ରସ୍ତୁତ କରାଯାଇଥିଲା। ଏଥର ମଧ୍ୟ ଫାଇବର ମେଢ଼ ଦର୍ଶକଙ୍କୁ ଆକର୍ଷିତ କରିବ। ସେହିପରି ରଙ୍ଗବେରଙ୍ଗର ଆଲୋକମାଳାରେ ମଣ୍ଡପ ଝଲସିବ। ଚଳିତ ବର୍ଷ ୬ ଲକ୍ଷ ଟଙ୍କା ପୂଜା ବଜେଟ୍ ରହିଛି। ଚଳିତବର୍ଷ ମହାଲକ୍ଷ୍ମୀ ଓ ସରସ୍ୱତୀଙ୍କ ଘଟରେ ୧ କେଜି ଓଜନର ଦୁଇଟି ଚାନ୍ଦି ମୁକୁଟ ଲଗାଯିବ। ପୂର୍ବରୁ ସମସ୍ତ ପ୍ରତିମାରେ ଚାନ୍ଦିମୁକୁଟ, ଚାନ୍ଦିହାର ଓ ଅସ୍ତ୍ରଶସ୍ତ୍ର ଲାଗି ହୋଇସାରିଛି। ନିଶାମୁକ୍ତ ଭସାଣି ଶୋଭାଯାତ୍ରା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।





"ଶାନ୍ତିଶୃଙ୍ଖଳା ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ। ଶିବ ଓ ଶକ୍ତିଙ୍କର ଏକତ୍ର ପୂଜା କେବଳ ଏହି ମଣ୍ଡପରେ ହୋଇଥାଏ। ମହାଷ୍ଟମୀରେ ୩ ହଜାର ଲୋକଙ୍କ ନିମନ୍ତେ ପଣା ବଣ୍ଟନ ହୋଇଥାଏ। ଏହାସହ ଦହି ପଖାଳ ମଧ୍ୟ ବଣ୍ଟନ କରାଯାଇଥାଏ। ଲୋକମାନେ ଶାନ୍ତିଶୃଙ୍ଖଳାରେ କିଭଳି ଭାବେ ମା'ଙ୍କ ଦର୍ଶନ କରିପାରବେ ସେ ନେଇ କମିଟି ତରଫରୁ ବ୍ୟବସ୍ଥା କରାଯିବ।

**ସୁଧାଂଶୁ ଆଚାର୍ଯ୍ୟ, ସଭାପତି**



"ଚଳିତବର୍ଷ ପୂଜାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଟି କର୍ମକର୍ତ୍ତାମାନେ ଲାଗିପଡିଛନ୍ତି। ମଣ୍ଡପରେ ସୁନ୍ଦର ସାଜସଜ୍ଜା କରାଯିବ। ଏଠାକାର ଫାଇବର ମେଢ଼ ସମସ୍ତଙ୍କୁ ଆକର୍ଷିତ କରିଥାଏ। କଟକରେ ଏହା ପ୍ରଥମ। ଭସାଣି ଶୋଭାଯାତ୍ରାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରାଯିବ। ଫଳରେ କୌଣସି ବିବାଦ ଉପୁଜିବା ଆଶଙ୍କା ରହିବ ନାହିଁ।

**ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ପାଦକ**

## ସଂକ୍ଷେପରେ

### ଚୋରି, ମହିଳା ଗିରଫ

ବାରଙ୍ଗ, ୧୩।୧୦(ଲିଙ୍ଗରାଜ ରାଉତ): ଘରେ କାମ କରିବା ଆଳରେ ଟଙ୍କା ଓ ସୁନାଗହଣା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ମହିଳାକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ମଣ୍ଡପସାହି ବସ୍ତିରେ ରହୁଥିବା ଇତିଶ୍ରୀ ଦାସ। ତାଙ୍କ ଘର ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ଅଞ୍ଚଳରେ। ରଘୁନାଥପୁର ଅଞ୍ଚଳର ସତ୍ୟେନ୍ଦ୍ର ପଟ୍ଟନାୟକଙ୍କ ଘରେ ଗତ କିଛିଦିନ ହେବ ଇତିଶ୍ରୀ କାମ କରୁଥିଲେ। କାମ କରିବା ସମୟରେ କୌଶଳକ୍ରମେ ଇତିଶ୍ରୀ ୧ଲକ୍ଷ ୧୭ ହଜାର ୮ଶହ ଟଙ୍କା ସହିତ ସୁନାହାର, ଗହଣା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇଥିବା ସତ୍ୟେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ।

### ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ର

ତିଗିରିଆ, ୧୩।୧୦(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ବ୍ଲକ ମାଧ୍ୟମିକ ବିଦ୍ୟାଳୟରେ ଏକ ବିଜ୍ଞାନ ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ସହ ଶିକ୍ଷାଧିକାରୀ ବଳରାମ ମୁଦୁଲି, କମଳାଡ଼ିହ ହାଇସ୍କୁଲର ପ୍ରଧାନଶିକ୍ଷକ ଅମର କୁମାର ମହାରଣା, ବାସୁଦେବ ହାଇସ୍କୁଲ, ଗୋପପୁର ପ୍ରଧାନ ଶିକ୍ଷକ କାମରାଜ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ବିଜ୍ଞାନ ଶିକ୍ଷାରେ ସୃଜନଶୀଳତାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ରାଉତ ସଭାପତିତ୍ୱ କରିଥିଲାବେଳେ ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ସହଯୋଗ କରିଥିଲେ। ଜେମାଦେଇପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଚିତ୍ରାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଖବରକାଗଜ ବିକ୍ରେତାଙ୍କ ସ୍ତ୍ରୀ ବିୟୋଗ



କଟକ, ୧୩।୧୦(କାର୍ତ୍ତିକ ସାହୁ)

ଖବରକାଗଜ ବିକ୍ରେତା ହରି ପାଲଙ୍କ ସ୍ତ୍ରୀ ଶାନ୍ତିଲତା ପାଲ(୭୫)ଙ୍କର ଖଟବିନସାହିସ୍ଥିତ ବାସଭବନରେ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ, ବୋହୂ, ୩ ଝିଅ-ଜ୍ୱାଇଁ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରବି ପାଲ ମୁଖାଗ୍ନି ଦେଇଥିଲେ। ବକ୍ସିବଜାର ଖବରକାଗଜ ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସେଲ୍ ସଂଯୋଜକ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଶାନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# 'ସଡ଼କ ଦୁର୍ଘଟଣା ମହାମାରୀ ରୂପ ଧାରଣ କରିଛି'

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ନରସିଂହପୁର, ୧୩।୧୦
(ନିରଞ୍ଜନ ଦେବକୁମାର)

କେନ୍ଦ୍ର ସରକାରଙ୍କ ଜାତୀୟ ସଡ଼କ ପରିବହନ ଓ ରାଜପଥ ବିଭାଗର ସହାୟତା ଓ ସାମାଜିକ ଅନୁଷ୍ଠାନ ସେଫ୍ ଇଣ୍ଡିଆର ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନରସିଂହପୁର ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସଞ୍ଜୟ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେଫ୍ ଇଣ୍ଡିଆ ପକ୍ଷରୁ ନରସିଂହପୁର ବ୍ଲକର ୪୦ ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଇଥିବା ସଡ଼କ ସୁରକ୍ଷା ତାଲିମ କାର୍ଯ୍ୟକ୍ରମକୁ ବେହେରା ପ୍ରଶଂସା କରିଥିଲେ। ନରସିଂହପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବେନ୍ଦ୍ର ନାରାୟଣ ପତ୍ରି ଯୋଗଦେଇ ସଡକ ଦୁର୍ଘଟଣା ଏକ ମହାମାରୀ ରୂପ ଧାରଣ କରିଚାଲିଛି। ଏଥିପାଇଁ ଜନ ସଚେତନତା ପ୍ରଥମ ଆବଶ୍ୟକ ବୋଲି କହିଥିଲେ। ସେଫ୍ ଇଣ୍ଡିଆ ସଭାପତି ଦିଲୀପ କୁମାର ପଣ୍ଡା କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରିଣୀ ଡ.ସୌମ୍ୟଶ୍ରୀ ପଣ୍ଡା, ସଡ଼କ ସୁରକ୍ଷା ପାର୍ଲାମେଣ୍ଟାରୀ ସଭ୍ୟ ସାମାଜିକ କର୍ମୀ ରବୀନ୍ଦ୍ରନାଥ ପଣ୍ଡା ବିଜୟ କୁମାର ପଣ୍ଡା ଅତିଥିଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନରସିଂହପୁର ଡ୍ରାଇଭର ମହାସଂଘର ସମ୍ପାଦକ ଦୀନବନ୍ଧୁ ପ୍ରଧାନ ଯୋଗଦେଇ ସଡକ ଦୁର୍ଘଟଣାର ଅନୁଭୂତି ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ନରସିଂହପୁର ମହାବିଦ୍ୟାଳୟର ଭୂଗୋଳ ବିଭାଗ ଅଧ୍ୟାପକ ପ୍ରଦୀପ୍ତ କୁମାର ମହାରଣା, ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ସେଫ ଇଣ୍ଡିଆ ସଭ୍ୟ ବିନୟ କୁମାର ଜେନା ଓ ଅଶୋକ କୁମାର ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଏନସିସି କ୍ୟାଡେଟ୍‌ମାନେ ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା ଏବଂ ଅନ୍ୟ ଅତିଥିମାନେ।

# ଛାତ୍ରୀଛାତ୍ର ଅଣ୍ଡା ଖାଇଲେ ସୁସ୍ଥ ରହିବେ

## ବାଙ୍କୀ ପ୍ରାଣୀସମ୍ପଦ ବିଭାଗ ତରଫରୁ ବିଶ୍ୱ ଅଣ୍ଡା ଦିବସ ପାଳିତ

ବାଙ୍କୀ, ୧୩।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ପାଟପୁରସ୍ଥିତ ଶିଶୁଯତ୍ନ କେନ୍ଦ୍ର ପରିସରରେ ବାଙ୍କୀ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ଅଣ୍ଡାଦିବସ ପାଳିତ ହୋଇଯାଇଛି। ବାଙ୍କୀ ଉପଖଣ୍ଡ ପ୍ରାଣୀସମ୍ପଦ ଅଧିକାରୀ ଡ. ଶିଶିର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଅଣ୍ଡା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର ଯୋଗ ଦେଇ ଛାତ୍ରୀଛାତ୍ରମାନେ ଅଣ୍ଡା ଖାଇଲେ ସୁସ୍ଥ ରହିପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଡାକ୍ତର ଅମିତ ରଞ୍ଜନ ସାହୁ, ପ୍ରାଣୀସମ୍ପଦ ଅଧିକାରୀ ଡାକ୍ତର ଅର୍ପିତ ପାଢ଼ୀ, ଡାକ୍ତର ପ୍ରତୀକ୍ ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇ ଅଣ୍ଡାରେ ସମସ୍ତ ପ୍ରକାର ଭିଟାମିନ୍ ରହିଛି। ତେଣୁ ସମସ୍ତ ଛାତ୍ରୀଛାତ୍ର ପ୍ରତି ସପ୍ତାହରେ ଦୁଇଦିନ ଅଣ୍ଡା ଖାଇବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ପରେ ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କୁ ଅଣ୍ଡା ବଣ୍ଟନ କରିଥିଲେ। ଡାକ୍ତର ଚିନ୍ମୟ ସ୍ୱାଇଁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷକ ସାଥୀ ସଂଘର ବୈଠକ



ମାଣିଆବନ୍ଧ, ୧୩।୧୦
(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ କୃଷକ ସାଥୀ ସଂଘର ଏକ ବୈଠକ ବ୍ଲକ ଅନ୍ତର୍ଗତ ଖାରୋଡ଼ ସ୍ଥିତ ମା'ମହାକାଳୀ ପୀଠ କଲ୍ୟାଣୀ ମଣ୍ଡପ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦେବାଶିଷ ଜେନା ଏଥିରେ ସଭାପତିତ୍ୱ କରିଥିଲେ।

ବୈଠକରେ ମୁଖ୍ୟ ଅତିଥିଭାବେ କଟକ ଜିଲା କୃଷକ ସାଥୀ ସଂଘ ସଭାପତି ଲକ୍ଷ୍ମୀଧର ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃଷକ ସାଥୀମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଘକୁ ମଜ୍‌ଭୁତ କରାଯିବ ସହ ରାଜ୍ୟ ସଂଘର ନେତୃତ୍ୱରେ କରାଯିବାକୁ ଥିବା ଆନ୍ଦୋଳନକୁ ସଂଘ ସହଯୋଗ କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷକ ସାଥୀ ଭାଗିରଥୀ ପ୍ରଧାନ, ମନୋଜ ମହାପାତ୍ର, ମଞ୍ଜୁଲତା ସ୍ୱାଇଁ, ବିନୋଦିନୀ ମହାରଣା, ସୁନିତା ବେହେରା ହେମଲତା ବରାଳ, ପ୍ରବୋଧ ମହାନ୍ତି, ପରମାନନ୍ଦ ପ୍ରଧାନ, ବୀର ବିକ୍ରମ ଉତ୍ତର କବାଟ, ଦାଶରଥି ସେନାପତି ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଶରତ କୁମାର ପରିଡ଼ା ଏହାକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ସୁସ୍ଥ ସମାଜ ଗଠନ ପାଇଁ ସ୍ୱାର୍ଥବିହୀନ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି




ବାଣୀବିହାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର, ୧୩।୧୦(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସର ଏମ୍‌ବିଏ ରୁରାଲ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଏକ ସେମିନାର ଏବଂ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ବାଣୀବିହାରଠାରେ ଅନୁଷ୍ଠିତ ହୋଇଯାଇଛି। 'ଦ ହ୍ୟୁମାନିଷ୍ଟିକ୍ କଲଚର ଅଫ୍ ଗାନ୍ଧୀ ଆଣ୍ଡ ଗୋପବନ୍ଧୁ' ସେମିନାରର ବିଷୟବସ୍ତୁ ରହିଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରାଧାପକ ପ୍ରଫେସର ନିରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ଭାବରେ ଅଭିଭାଷଣ ରଖିଥିଲେ। ବିଭାଗର ମୁଖ୍ୟ ପ୍ରଫେସର ହିମାଂଶୁ ଶେଖର ରାଉତ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ବିଭାଗର ଉପସଂଯୋଜକ ଡ. ରଶ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନିଜ ବକ୍ତୃତାରେ ଗାନ୍ଧୀ ଏବଂ ଗୋପବନ୍ଧୁଙ୍କର ସମାଜ ପ୍ରତି ଉତ୍ସର୍ଗୀକୃତ ଜୀବନର ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ସ୍ୱାର୍ଥବିହୀନ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି। ଜୀବନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ହେଲେ ମହାପୁରୁଷମାନଙ୍କର ଜୀବନରୁ ବହୁତ କିଛି ଅନୁସରଣ କରିବାର ଅଛି ବୋଲି ବକ୍ତା କହିଥିଲେ। କାର୍ଯ୍ୟକ୍ରମକୁ ବିଭାଗର ଅଧ୍ୟାପକ ଡ. ଚିନ୍ମୟ ରଞ୍ଜନ କୁମାର ପରିଚାଳନା କରିଥିବାବେଳେ ଛାତ୍ର ସୁମିତ ସୁମନ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଦିଲୀପ ମିଶ୍ର, ଡ. ସୌଶ୍ରୀ ପ୍ରଧାନ, ମଧୁଲିପିକା ଗିରି ଓ ବିଶ୍ୱରଞ୍ଜନ ଘଡ଼ାଇ ସହଯୋଗ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୧୫୩ ୟୁନିଟ୍ ରକ୍ତ ସଂଗ୍ରହ

ସାଲେପୁର, ୧୩।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ଫାର୍ମାସୀ କଲେଜର ୟୁଥ୍ ରେଡ୍‌କ୍ରସ୍ ସୋସାଇଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠାନର ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜ ଅଧ୍ୟକ୍ଷ ଡ.ପ୍ରବୀର କୁମାର ସିହ୍ନା, କଟକ ଜିଲା ୟୁବ୍ ରେଡ୍‌କ୍ରସର କନ୍‌ଭେନ୍‌ର ସେକ୍ରେଟାରୀ ଡ. ସସ୍ମିତା ପଟ୍ଟନାୟକ, କଟକ ଜିଲା ୟୁବ୍ ରେଡ୍‌କ୍ରସ୍‌ର କୋଅର୍ଡିନେଟର ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ର ନାଥ କର, ପରିଚାଳନା କମିଟିର ସଦସ୍ୟଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୧୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକସ୍ଥିତ ସେଣ୍ଟ୍ରାଲ ରେଡ୍‌କ୍ରସ୍ ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। କଲେଜର ୟୁବ ରେଡ୍‌କ୍ରସ୍ ସମିତିର ଆବାହକ ଡ. ସ୍ୱାଲିନ୍ ପରିଜାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଶାରଡ଼ା ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳୀୟ ନେତୃବୃନ୍ଦ ଓ ଅନ୍ୟମାନେ।

ତିଗିରିଆ, ସାଲେପୁର, ୧୩।୧୦
(ଜାଫର ଖାଁ/ ଅରବିନ୍ଦ ଭୂୟାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତରେ ଶୁକ୍ରବାର ତିଗିରିଆ ବ୍ଲକ ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମୀମାନେ ରାଜ୍ୟ ସରକାର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବାସଦେବପୁରଠାରୁ ପଦଯାତ୍ରା ଆରମ୍ଭ ହୋଇ ଜେମାଦେଇପୁର ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଜେଡି ଯୁବସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଅଜିତ ଧିର, ପଞ୍ଚାୟତ ସଭାପତି ବୈକୁଣ୍ଠ ନନ୍ଦୀ, ସାହାଦତ ଖାଁ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରିସାଲେପୁର ବ୍ଲକର ଦୀପାଞ୍ଚଳରେ ଯୁବନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁଆ ବଜାର ନିକଟରୁ ଏକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ବାହାରି ତରିତୋ, ରଟିଲୋ, ପୁରୁଣାହାଟ ଓ ସୁନ୍ଦଖଣ୍ଡ ପଞ୍ଚାୟତ ଗସ୍ତକରିଥିଲା।ସନ୍ଧ୍ୟାରେ ରଟିଲୋ ପଞ୍ଚାୟତର ଶାରଡ଼ା ଖେଳପଡ଼ିଆରେ ବରିଷ୍ଠ ବିଜେଡି ନେତା ଧ୍ରୁବଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମହାନ୍ତି ଯୋଗଦେଇ ରାଜ୍ୟ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା କରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ରାଜୀବ ଷଡ଼ଙ୍ଗୀ, ବିଶ୍ୱଜିତ୍ ଷଡ଼ଙ୍ଗୀ, ଅଶୋକ ବାଇ, ନିବେଦିତା ସାହୁ, ବନଜା ପରିଡ଼ା, ଗୀତାଞ୍ଜଳି ବରାଳ, ମଧୁସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏକାଡେମିକ୍ ପରଫର୍‌ମାନ୍ସ ଅଡିଟ୍ ଟିମ୍‌ର ସାଲେପୁର ମହାବିଦ୍ୟାଳୟ ପରିଦର୍ଶନ

ସାଲେପୁର, ୧୩।୧୦(ଅରବିନ୍ଦ ଭୂୟାଁ)

ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକାଡେମିକ୍ ପରଫର୍‌ମାନ୍ସ ଅଡିଟ୍ ଟିମ୍‌ର ୩ ଜଣିଆ ସଦସ୍ୟ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୨ ଦିନିଆ ଗସ୍ତରେ ଆସି ଶୁକ୍ରବାର ଫେରିଯାଇଛନ୍ତି। ଏହି ଟିମ୍‌ରେ ପ୍ରଫେସର ଡ.ଅତନୁ କୁମାର ପତି, ପ୍ରଫେସର ଡ. ତୁଷାରକାନ୍ତ ତ୍ରିପାଠୀ ଓ ପ୍ରଫେସର ଡ. ଯୁଗଳ କିଶୋର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ମହାବିଦ୍ୟାଳୟର ସମସ୍ତ ବିଭାଗ ତଥା ଗ୍ରନ୍ଥାଗାର, କଲେଜ କ୍ୟାଣ୍ଟିନ୍, ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ଆଦି ଅନୁଧ୍ୟାନ କରି ସନ୍ତୋଷବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସଙ୍ଗୀତା ମିଶ୍ର ଏଥିରେ ସହାୟତା କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ସଭାପତିତ୍ୱରେ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଅତନୁ କୁମାର ପତି ପ୍ରୋଜେକ୍ଟର ମାଧ୍ୟମରେ ନାକ୍‌ରେ ଉତ୍ତମ ପ୍ରଦର୍ଶନ ପାଇଁ ମାର୍ଗଦର୍ଶନ କରିଥିଲେ। ଶେଷରେ ଡ.ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ନିରଞ୍ଜନ ବିଶ୍ୱାଳ, ଅସିତ୍ କୁମାର ପରିଜା, ପ୍ରଶାନ୍ତ କୁମାର ଜେନା, ଜୟନ୍ତୀବାଳା ପରିଜା, ସ୍ମୃତି ପଣ୍ଡା, ସୁଶାନ୍ତ କୁମାର ପାଢ଼ୀ ଓ ଆଲୋକ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସତ୍ୟ ନାରାୟଣ ପଟ୍ଟନାୟକ ସମସ୍ତ ଡିଜିଟାଲ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ଶୃଙ୍ଖଳା, ନିଷ୍ଠା ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି କରେ



ବିଧାରପୁରସ୍ଥିତ ଆରପି ଆବାସିକ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ତିଗିରିଆ /ମାଣିଆବନ୍ଧ, ୧୩।୧୦ (ଜାଫର ଖାଁ)

ବିଧାରପୁରସ୍ଥିତ ଆରପି ଆବାସିକ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ କାହ୍ନୁ ଚରଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରସାୟନ ବିଭାଗ ଅଧ୍ୟାପକ ଜ୍ଞାନ ରଞ୍ଜନ ସ୍ୱାଇଁ, କମ୍ପ୍ୟୁଟର ବିଜ୍ଞାନ ବିଭାଗ ଅଧ୍ୟାପକ ମାନସ ରଞ୍ଜନ ଦାଶ, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ନର୍ମଦା ବେଉରା, ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ସାହୁ, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ କେଶବ ବର୍ଦ୍ଧନ, ଗଣିତ ବିଭାଗ ଅଧ୍ୟାପିକା ପ୍ରିୟଙ୍କା ରଥ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାର୍ଥୀ ଜୀବନରେ ଶୃଙ୍ଖଳା ଓ ନିଷ୍ଠା ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି କରେ ବୋଲି ଅତିଥିମାନେ ବକ୍ତବ୍ୟ କହିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ର ମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ନବାଗତଙ୍କୁ ସ୍ୱାଗତ କରିଥିଲେ। ନିକିତା ଶତପଥୀ ଓ ଅଭିନିତା ସିଂ ମଞ୍ଚ ପରିଚାଳନା କରିଥିଲେ। ଗୁରୁଦତ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମିଳନ ମହ୍ଲାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମିଳୁନି ଆବାସ, ଟଙ୍କା ଫେରାଇ ନିରାଶ ସତ୍ୟବାଦୀ

- ଭଙ୍ଗା କୁଡିଆରେ ବିତୁଛି ଜୀବନ
- ତୁରନ୍ତ ଘର ଯୋଗାଇ ଦେବାକୁ ଦାବି

ନିଶ୍ଚିନ୍ତକୋଇଲି, ୧୨।୧୦
(ଅଶୋକ କୁମାର ମହାପାତ୍ର)

ଆବାସ ଯୋଜନା ପାଇ ଘର କରି ନ ଥିବାରୁ ଟଙ୍କା ଫେରାଇଲେ। ଟଙ୍କା ଫେରାଇବା ପରେ ଘର ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ଘର ମିଳୁନାହିଁ। ତେଣୁ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଟଙ୍କା ଫେରାଇବା ପରେ ନିରାଶ ହୋଇଛନ୍ତି ନିଶ୍ଚିନ୍ତକୋଇଲି ବ୍ଲକ୍ କଳମିଶ୍ରୀ ପଞ୍ଚାୟତ ଲେଣ୍ଟୁରାଭଗବାନପୁର ଗ୍ରାମର ସତ୍ୟବାଦୀ ସାମଲ। ସେ ଜଣେ ଗରିବ ଦଳିତ ବ୍ୟକ୍ତି। ତାଙ୍କ ପରିବାର କହିଲେ ସ୍ତ୍ରୀ ଶାନ୍ତିଲତା(୬୫) ଓ ଦୁଇ ପୁତ୍ର ଦିଲୀପ ଓ ନାରାୟଣ। ଦିନେ କାମକୁ ନ ଗଲେ ହାଣ୍ଡି ଚୁଲିକୁ ଯାଏନାହିଁ। ବୟସ ଥିଲାବେଳେ କାମଧନ୍ଦା କରି ସତ୍ୟବାଦୀ ପରିବାର ଚଳାଉଥିଲେ।



୨୦୦୨ରେ ସତ୍ୟବାଦୀଙ୍କ ନାମରେ ଏକ ଆବାସ ଯୋଜନା ବ୍ଲକ୍ ପ୍ରଶାସନ ପକ୍ଷରୁ ମଞ୍ଜୁର କରାଯାଇଥିଲା। ଏଥିନିମନ୍ତେ ତାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ୧୦ଟି ସିମେଣ୍ଟ ଓ ମାତ୍ର ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସତ୍ୟବାଦୀ ସେତେବେଳ ଗୃହ ପୂର୍ଣ୍ଣାଙ୍ଗ କରିପାରି ନ ଥିଲେ। ଗୃହ ପୂର୍ଣ୍ଣାଙ୍ଗ କରି ନ ଥିବା ହିତାଧିକାରୀମାନେ ନେଇଥିବା ଅର୍ଥ ଫେରସ୍ତ କଲେ ସେମାନଙ୍କୁ ନୂତନ ଆବାସ ଯୋଜନା ଯୋଗାଇ ଦିଆଯିବ ବୋଲି ସରକାର ଘୋଷଣା କରିଥିଲେ। ସେହି ଅନୁସାରେ ସତ୍ୟବାଦୀ ୨୦୨୦ ଜାନୁୟାରୀ ୮ ତାରିଖରେ ବ୍ଲକ୍ ପ୍ରଶାସନ ନିକଟରେ ୬ହଜାର ୧୦୦ ଟଙ୍କା ଜମା କରିବା ସହ ରସିଦ ହାତେଇଥିଲେ। ଇତିମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇନାହିଁ। ୭୫ ବର୍ଷ ବୟସ୍କ ସତ୍ୟବାଦୀ, ସ୍ତ୍ରୀ ଓ ଦୁଇ ବଡ଼ିଲା ପୁଅ ଦୟନୀୟ ଅବସ୍ଥାରେ ଏକ ଭଙ୍ଗା କୁଡିଆରେ ବାସ କରୁଛନ୍ତି। ଆବାସ ଯୋଜନାରେ ଘର ପାଇବା ନିମନ୍ତେ ସତ୍ୟଦାବୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅଶୋକ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସମ୍ପୃକ୍ତ ଦଳିତ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ୱାର୍ଡ ସଭ୍ୟା ଗୀତାଞ୍ଜଳି ସାମଲ ଦାବି କରିଛନ୍ତି।

## ସଂକ୍ଷେପରେ

### ମହାଗୌରୀ ବେଶରେ ଦର୍ଶନ ଦେଲେ ବନଦୁର୍ଗା



ନିରାକାରପୁର,୧୩।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ଅଷ୍ଟମ ଦିବସରେ ବନଦୁର୍ଗା ମହାଗୌରୀ ବେଶରେ ଦର୍ଶନ ଦେଇଛନ୍ତି। ଶୁକ୍ରବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ବିଷ୍ଣୁପ୍ରିୟା ପଟ୍ଟଯୋଷୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ମା'ଙ୍କ ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ରାତିକରେ ୨ ସ୍ଥାନରୁ ଚୋରି

ଯାଁଳା,୧୩।୧୦(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଜଟଣୀ ଗେଟ୍ ନିକଟ ଏକ ନିଛାଟିଆ ସ୍ଥାନରେ ଶୋଇଥିବା ବେଳେ ଜଣେ ଯୁବକଙ୍କ ସ୍କୁଟି, ଦୁଇଟି ମୋବାଇଲ ଓ ୩୬ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମର ଦେବୀ ପ୍ରସାଦ ପ୍ରଧାନ। ସେହିପରି ଯାଁଳା ବଜାରରେ ଥିବା ଜଣେ ଯୁବକଙ୍କ ଘର ଆଗରୁ ଏକ ବାଇକ୍ ଚୋରି ହୋଇଛି। ଚୋରିର ଶିକାର ହୋଇଥିବା ଯୁବକ ହେଲେ ବାପୁ ସୁବୁଦ୍ଧି। ଘର ଆଗରେ ବାପୁ ଗାଡି ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ଆସି ଦେଖିବା ବେଳକୁ ତାଙ୍କ ଗାଡି ସେଠାରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସେବା ସମବାୟ ସମିତି ସମ୍ପାଦିକାଙ୍କ ମନମୁଖି କାର୍ଯ୍ୟ ନେଇ ଅଭିଯୋଗ

ଟାଙ୍ଗୀ,୧୩।୧୦(ରଘୁନାଥ ସାହୁ)

ଭୂଷଣ୍ଡପୁର ସେବା ସମବାୟ ସମିତିର ସମ୍ପାଦିକାଙ୍କ ମନମୁଖୀ କାର୍ଯ୍ୟ ନେଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ସେବା ସମବାୟ ସମିତିରୁ ଋଣ ନେବା ପାଇଁ କାର୍ଯ୍ୟାଳୟକୁ ଯିବାବେଳେ ସମ୍ପାଦିକାଙ୍କ ବ୍ୟବହାର ଠିକ୍ ରହୁନଥିବା, ଭୂଷଣ୍ଡପୁରରେ ଏକ କୃଷକ କମିଟି ଗଠନ କରାଯାଇ ପଞ୍ଜୀକୃତ କରିଯାଇଛି, କିନ୍ତୁ ସାର, ବିହନ ମିଳୁ ନ ଥିବା ଅଭିଯୋଗ ହୋଇଛି। ସମ୍ପାଦିକା ଚାଷୀଙ୍କ କୌଣସି ସମସ୍ୟା ସମ୍ପର୍କରେ ବୁଝୁନଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଗ୍ରାମବାସୀ, କୃଷକଙ୍କ ଦ୍ୱାରା ଲିଖିତ ଅଭିଯୋଗପତ୍ର ଖୋର୍ଦ୍ଧା ଜିଲାପାଳଙ୍କୁ ଓ ଏଆରସିଏସଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ବନଶ୍ରୀ ମଲ୍ଲିକ କହିଛନ୍ତି, ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅନ୍ତର୍ନିହିତ ପ୍ରତିଭା, ବ୍ୟକ୍ତିତ୍ୱ ବିକାଶକୁ ଗୁରୁତ୍ୱ

### ବାଲୁଗାଁ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଲୁଗାଁ,୧୩।୧୦(ସଂଗ୍ରାମ ପାଇକରାୟ)




ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବାଲୁଗାଁ ମହାବିଦ୍ୟାଳୟରେ ସାଂସ୍କୃତିକ, ବୌଦ୍ଧିକ ଓ ସର୍ଜନାତ୍ମକ କାର୍ଯ୍ୟକ୍ରମ କରାଯିବା ସହିତ ଶୁକ୍ରବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷା ଡ. କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡ. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଏହି ୪୩ତମ ସମାରୋହକୁ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀମାନେ ଉଦ୍‌ବୋଧନୀ ସଙ୍ଗୀତ ଗାନକରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସାଂସ୍କୃତିକ ପରିଷଦର ବରିଷ୍ଠ ଉପଦେଷ୍ଟା ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଆନୁଷ୍ଠାନିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ପରିବେଶବିତ୍ ଡ. ଆଶୁତୋଷ ସାମନ୍ତସିଂହାର ସାମ୍ପ୍ରତିକ ସମୟର ଜ୍ଞାନ ବିଜ୍ଞାନ ପ୍ରୟୋଗକରି ନିଜର ଅନ୍ତର୍ନିହିତ ପ୍ରତିଭା ଓ ବ୍ୟକ୍ତିତ୍ୱ ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ବାଲୁଗାଁ ଉପଖଣ୍ଡ ପୋଲିସ ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ର ଯୋଗଦେଇ ସାମ୍ପ୍ରତିକ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସଚେତନତା ସୃଷ୍ଟି କରିଥିଲେ। ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ ବିଦ୍ୟାଧର ଲୁଖାରସିଂହ, ସୁବ୍ରତ କୁମାର ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାପତି ତଥା ଅଧ୍ୟକ୍ଷା ଦାଶ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଦୀର୍ଘ ୨୫ବର୍ଷ ଧରି ଶିକ୍ଷାଦାନ କରିଥିବା ଅଧ୍ୟାପିକା ଡ. ମୋନାଲିସା ମାନସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟର କଳା ଓ ବିଜ୍ଞାନର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କ ସମେତ ଶ୍ରେଷ୍ଠ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା: ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସହିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଛାତ୍ର ବିଜେଡି କ୍ୟାମ୍ପସ କମିଟିର କର୍ମକର୍ତ୍ତା।

### ଛାତ୍ର ବିଜେଡି କ୍ୟାମ୍ପସ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା

ଖୋର୍ଦ୍ଧା,୧୩।୧୦(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅନୁମୋଦନକ୍ରମେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଛାତ୍ର ବିଜେଡି କ୍ୟାମ୍ପସ କମିଟି ଗଠିତ ହୋଇଛି। କ୍ୟାମ୍ପସରେ ନେତୃତ୍ୱ ଲାଗି କମିଟିର ଆବାହକ ଭାବେ ପ୍ରତ୍ୟୁସ୍ମିତା ନାୟକଙ୍କ ନାମକୁ ଘୋଷଣା କରାଯାଇଛି। ସହ ଆବାହକ ଭାବେ ସୁଦୀପ୍ତା ପ୍ରଧାନ ଓ ଆଦିତ୍ୟ ନାରାୟଣ ମିଶ୍ରଙ୍କୁ ମନୋନୀତ କରାଯାଇଛି। ସାଂସ୍କୃତିକ ପ୍ରତିନିଧିଭାବେ ଗୋବିନ୍ଦ ସାହୁ, ବିଶ୍ୱଜିତ୍ ସାମନ୍ତରାୟ, ସ୍ୱାଗତିକା ମଙ୍ଗରାଜ ଓ ଶୁଭସ୍ମିତା ବରାଳ, କ୍ରୀଡ଼ା ପ୍ରତିନିଧିଭାବେ ଏମ୍‌ଡି. ତାରିକୁଲ, ଅଭିଜିତ୍ ବିଶ୍ୱାଳ, ଶୀତଲ ରାଓ ଓ ଶୁଭଶ୍ରୀ ଲେଙ୍କା, ସାମାଜିକ କାର୍ଯ୍ୟ ପ୍ରତିନିଧିଭାବେ ରାକେଶ ସାମନ୍ତରାୟ, ଶ୍ରୀତମ ଦାସ, ସ୍ମୃତି ପ୍ରିୟଦର୍ଶିନୀ ସାହୁ ଓ ଆଇସା ବେଗମ୍, ହେଲ୍ପଡେସ୍କ ପ୍ରତିନିଧିଭାବେ ପ୍ରୀତିଶ ପ୍ରିୟବ୍ରତ, ସତ୍ୟପ୍ରକାଶ ସ୍ୱାଇଁ, ସୌମ୍ୟାସ୍ମିଗ୍ଧା ସୁବୁଦ୍ଧି ଓ ସ୍ମୃତିରେଖା କର, ଡେ ସ୍କଲାର ସୋସାଇଟି ନିମନ୍ତେ ରାଜ ଆରିୟନ ସାମନ୍ତରାୟ ଓ ମୁନ୍‌ମୁନ୍ ପ୍ରଧାନ, ସାମାଜିକ ଗଣମାଧ୍ୟମ ଦାୟିତ୍ୱରେ ଓମ୍ ପ୍ରକାଶ ମହାପାତ୍ର, ଦୀପକ କୁମାର ମଲ୍ଲିକ, ସୋନାଲିକା ମହାନ୍ତି, ସୁଜାତା ସାହୁଙ୍କ ନାମ ଘୋଷଣା କରାଯାଇଛି। କ୍ୟାମ୍ପସ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା ପରେ କର୍ମକର୍ତ୍ତାମାନେ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାଇକ୍ ଶୋଭାଯାତ୍ରାରେ ଆସି ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଜେନା, ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ଜିଲା ଛାତ୍ର ପର୍ଯ୍ୟବେକ୍ଷକ ଦେବୀପ୍ରସାଦ ଲେଙ୍କା, ବିସିଜେଡି ଜିଲା ସଭାପତି ବିଶ୍ୱଦୀପ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ।

### ଟଙ୍କା, ସୁନାଅଳଙ୍କାର ଚୋରି କରି ମହିଳା ଗିରଫ

ବାରଙ୍ଗ,୧୩।୧୦(ଲିଙ୍ଗରାଜ ରାଉତ)

ଘରେ କାମ କରିବା ଆଳରେ ଟଙ୍କା ଓ ସୁନାଗହଣା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ମହିଳାକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ମଣ୍ଡପସାହି ବସ୍ତିରେ ରହୁଥିବା ଇତିଶ୍ରୀ ଦାସ। ତାଙ୍କ ଘର ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ଅଞ୍ଚଳରେ। ସୂଚନା ମୁତାବକ, ରଘୁନାଥପୁର ଅଞ୍ଚଳର ସତେନ୍ଦ୍ର ପଟ୍ଟନାୟକଙ୍କ ଘରେ ଗତ କିଛିଦିନ ହେବ ଇତିଶ୍ରୀ କାମ କରୁଥିଲେ। କାମ କରିବା ସମୟରେ କୌଶଳକ୍ରମେ ଇତିଶ୍ରୀ ୧ଲକ୍ଷ ୧୭ହଜାର ୮ଶହ ଟଙ୍କା ସହିତ ସୁନା ହାର ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ସତେନ୍ଦ୍ର ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୬୦/୨୩) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ଇତିଶ୍ରୀଙ୍କୁ ପଚରାଉଚରା ପରେ ଗିରଫ କରାଯାଇଥିଲା। ଚୋରି ସୁନାହାରକୁ ଜଣେ ବଣିଆଙ୍କ ପାଖରେ ବଦଳ କରି ଗହଣା ଆଣି ଏକ ଫାଇନାନ୍ସ ସଂସ୍ଥାରେ ବନ୍ଧକ ରଖି ଇତିଶ୍ରୀ ଋଣ ଆଣିଥିଲେ। ତେବେ ବନ୍ଧକ ରଖାଯାଇଥିବା ଗହଣାକୁ ପୋଲିସ ଜବତ କରିଛି।

## ବିଦ୍ୟୁତ୍ ମିଟର ରିଡର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲୁଗାଁ,୧୩।୧୦(ସଂଗ୍ରାମ ପାଇକରାୟ)



ଟିପିସିଓଡିଏଲ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ବାଲୁଗାଁ ବିଦ୍ୟୁତ୍ ମିଟର ରିଡର ଓ ବିଲ୍ କଲେକ୍ଟର କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ୧୦ ଦଫା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନରେ ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟରୁ ନିବୃତ୍ତି ରହି ବାଲୁଗାଁ ସୂର୍ଯ୍ୟନଗରସ୍ଥିତ ଟିପିସିଓଡିଏଲ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପୂର୍ବତନ କମ୍ପାନୀ ଷ୍ଟରଲିଂ ଟେକ୍ନୋଲୋଜି ଆଣ୍ଡ ସର୍ଭିସ୍‌ର ଇପିଏଫ୍, ଚାକିରିର ସ୍ଥାୟିତ୍ୱ, ସ୍କିଲ ଆଧାରରେ ଦରମା ଓ ବକେୟା ଦରମା ପ୍ରଦାନ, ନିୟମିତ ନିର୍ଦ୍ଧାରିତ ଦରମା, କାର୍ଯ୍ୟଦିବସରେ ପ୍ରତିଦିନ ଗାଡ଼ି ନିମନ୍ତେ ୧ଶହ ଟଙ୍କାର ପେଟ୍ରୋଲ, ସମସ୍ତ କର୍ମଚାରୀଙ୍କୁ ଥର୍ମାଲ ପ୍ରିଣ୍ଟର ଓ ଉନ୍ନତମାନର ମୋବାଇଲ ଫୋନ୍, ପୂର୍ବ ବର୍ଷର ଇପିଏଫ୍ ଓ ଇଏସ୍‌ଆଇର ସମ୍ପୂର୍ଣ୍ଣ ବିବରଣୀ, ଗ୍ରୁପ୍ ବୀମାରେ ଅଭିବୃଦ୍ଧି, ୱାଲେଟ ବ୍ୟବସ୍ଥାର ଉଚ୍ଛେଦ ଏବଂ ପ୍ରତି ମାସରେ ସାଲାରି ସ୍ଲିପ୍ ଆଦି ୧୦ଟି ଦାବି ରହିଛି। ବିଭାଗୀୟ ଉଚ୍ଚ ପଦାଧିକାରୀ, ବାଲୁଗାଁ ଶ୍ରମ ଅଧିକାରୀ ଓ ସ୍ଥାନୀୟ ପୋଲିସକୁ କର୍ମଚାରୀ ସଂଘ ପକ୍ଷରୁ ଅବଗତ କରାଯାଇଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ସଭାପତି ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି।

## ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ପ୍ରଦ୍ୟୁମ୍ନ

ବୋଲଗଡ଼,୧୩।୧୦(ଦେବବ୍ରତ ହୋତା)



ହାଇଦ୍ରାବାଦର ପିଲାନିସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ଏଚ୍‌ଓଡି ଭାବେ କାର୍ଯ୍ୟରତ ବୋଲଗଡ଼ ବ୍ଲକ ମାଣିକାଗୋଡ଼ାସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ହାଇସ୍କୁଲର ପୂର୍ବତନ ଛାତ୍ର ଡ. ପ୍ରଦ୍ୟୁମ୍ନ କୁମାର ସାହୁ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଛନ୍ତି। ଆମେରିକାର ଏକ ଗବେଷଣା ସଂସ୍ଥା ଦ୍ୱାରା ସର୍ଭେ କରାଯାଇ ତାଙ୍କୁ ଏହି ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବୋଲଗଡ଼ ତଥା ତାଙ୍କ ଜନ୍ମସ୍ଥାନ ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅନ୍ତର୍ଗତ କୁହାରା ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ପାଇଁ ମାଣିକାଗୋଡ଼ା ବିଦ୍ୟାଳୟର ତାଙ୍କ ସହପାଠୀ ଏବଂ ଗ୍ରାମର ସାମାଜିକ କର୍ମୀ ମହମ୍ମଦ ନୁରୁଦ୍ଦିନ ଅମିନ, ମହମ୍ମଦ ଆରିଫ ଖାଁ, ଗାଲିବ ଅଖ୍‌ତାର ଖାଁ, ବୁଦ୍ଧିଜୀବୀ ଇଂ. କର୍ପୂର ସାହୁ, ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ଆଇନଜୀବୀ ଅମିୟ ପଟ୍ଟନାୟକ, ଶିକ୍ଷାବିତ୍ ତଥା ଡିଇଓ ନିବେଦିତା ପାଣି, ପୂର୍ବତନ ଡିଇଓ ପୂରେନ୍ଦ୍ର ବେହେରା, ପୂର୍ବତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ, ଆଦର୍ଶ ଶିକ୍ଷକ ସାମନ୍ତ କୁମାର ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ଲେଙ୍କା, ସ୍କୁଲ କମିଟି ସଭ୍ୟ ଗୁଲ୍‌ଜାର ଖାଁ, କବି ଜହିରୁଦ୍ଦିନ ଖାଁ, ସାହିତ୍ୟିକ ମହମ୍ମଦ ଆଜାଦ, ସମବାୟ ସମ୍ପାଦକ ବିରଞ୍ଚି ପ୍ରଧାନ, ନାଟ୍ୟକାର ସୌମ୍ୟରଞ୍ଜନ ସୁବୁଦ୍ଧି, ପୁରାତନ ଛାତ୍ରସଂଘ ସଭାପତି ଫିରୋଜ୍ ଖାଁ, ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦେଈ, ସମିତି ସଭ୍ୟା ମନସ୍ମିତା ଦଳାଇ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗାଈ ଚୋର ସନ୍ଦେହରେ ଯୁବକଙ୍କୁ ପିଟିଲେ

ଯାଁଳା,୧୩।୧୦(ବୁଲା ବାରିକ)

ଗାଈ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ନିର୍ଘୃମ ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଯୁବକ ଜଣକ ସ୍ଥାନୀୟ ଏକ ବୈଷୟିକ ମହାବିଦ୍ୟାଳୟର ଛାତ୍ର ଜାଣିବା ପରେ ପୋଲିସ ତାଙ୍କୁ ଛାଡିଦେଇଥିବା ଜଣାପଡିଛି। ସୂଚନା ମୁତାବକ, ସ୍ଥାନୀୟ ବୈଷୟିକ ମହାବିଦ୍ୟାଳୟର ତିନିଜଣ ଛାତ୍ର ପୁରୀ ବୁଲିବାକୁ ଯାଇଥିଲେ। ଫେରିବା ଡେରି ହେବାରୁ କଲେଜ ହଷ୍ଟେଲ ଗେଟ୍ ଆଉ ଖୋଲି ନ ଥିଲା। ତେଣୁ ୩ଜଣ ଛାତ୍ର ଏକ ସ୍ଥାନରେ ବସିଥିଲେ। ଛାତ୍ରମାନେ ଯେଉଁସ୍ଥାନରେ ବସିଥିଲେ ସେଠାରେ ଜଣେ ଗାଈ ଜଗାଳି କିଛି ଗାଈ ରଖି ରହିଥିଲେ। ଭୋର ହୋଇଥିବାରୁ ଗାଈ ଚୋର ଭାବି ଗାଈ ଜଗାଳି ଜଣଙ୍କ ଡାକ ପକାଇଥିଲେ। କେତେଜଣ ଗ୍ରାମବାସୀ ପହଞ୍ଚି ଜଣେ ଛାତ୍ରଙ୍କୁ କାବୁ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଗାଈ ଚୋର ସନ୍ଦେହରେ ଉକ୍ତ ଛାତ୍ରଙ୍କୁ ନିର୍ଘୃମ ମାଡ଼ ମାରିବା ସହ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଛାତ୍ର ଜଣଙ୍କୁ ଉଦ୍ଧାର କରି ଥାନାକୁ ଆଣି ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ଛାଡ଼ିଦେଇଥିଲା।

## ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଗମ୍ଭାରୀମୁଣ୍ଡା,୧୩।୧୦(ଦିଲୀପ ସ୍ୱାଇଁ)

ବାଣପୁର ବ୍ଲକ ଗୋଦାବରୀଶ ମହାବିଦ୍ୟାଳୟ ଓ ବାଣପୁର ଉଚ୍ଚ ସରକାରୀ ବିଦ୍ୟାଳୟରେ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ସାଇବର ଠକେଇ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏସ୍‌ପି ମୀନାକ୍ଷୀ ଠାକୁର ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଆଡିଶନାଲ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଡିଏସ୍‌ପି ସୁଜିତ୍ କୁମାର ପଣ୍ଡା, ଡିଏସ୍‌ପି ଅନିଲ କୁମାର ମହାନ୍ତି, ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବାଣପୁର ଥାନା ଅଧିକାରୀ ରମେଶ ଚନ୍ଦ୍ର ଦେବତା ଯୋଗଦେଇଥିଲେ। ବିଭିନ୍ନ ଆପ୍ ଡାଉନ୍‌ଲୋଡ୍ କରିବା ସମୟରେ ସେ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା, ଅଜଣା ଲିଙ୍କ୍ ନ ଖୋଲିବା, ଓଟିପି କାହାରିକୁ ଶେୟାର ନ କରିବା, ମୋବାଇଲ ଓ ଲାପ୍‌ଟପ୍ ଅଜଣା ବ୍ୟକ୍ତିଙ୍କୁ ନ ଦେବାକୁ ସଚେତନ କରାଯାଇଥିଲା। ବ୍ୟାଙ୍କ ସମ୍ପର୍କିତ ସୂଚନା ସୋସିଆଲ ମିଡିଆରେ ଅପଲୋଡ୍ ନ କରିବା ପାଇଁ ସୂଚନା ଦେଇଥିଲେ। ଯଦି ସାଇବର ଠକେଇରେ ପଡ଼ିଛନ୍ତି ତେବେ ତୁରନ୍ତ ୧୯୩୦ ନମ୍ବରରେ ଅଭିଯୋଗ କରିବା ସହ ସ୍ଥାନୀୟ ପୋଲିସର ସହାୟତା ଲୋଡ଼ନ୍ତୁ। ଏହି ଅବସରରେ ସାଇବର ସୁରକ୍ଷା ସମ୍ବନ୍ଧୀୟ ନାଟକ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ

### ଗୁରୁଜଙ୍ଗ ଫାଇନାଲରେ

ଖୋର୍ଦ୍ଧା,୧୩।୧୦(ପ୍ରଭାତ ପାଣିଗ୍ରାହୀ)




ଅତିଥିଙ୍କଠାରୁ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ କପ୍-୨୦୨୩ର ୭ମ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅରିଶଲ ଏବଂ ଗୁରୁଜଙ୍ଗ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ୟାଟିଂକରି ଗୁରୁଜଙ୍ଗ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୧୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମହାଦୀପ ମହାପ୍ରସାଦ ୪୫, ଅନିଲ ବରାଳ ୪୪ ଓ ସୁଜିତ୍ ପରିଡ଼ା ୪୩ ରନ୍ ସଂଗ୍ରହ କରିଥିଲେ। ଅରିଶଲ ଟିମ୍‌ର ପ୍ରବୀଣ ପରିଡ଼ା ୩ଟି ଉଇକେଟ ନେଇଥିଲେ। ଜବାବରେ ଅରିଶଲ ୨୦ ଓଭରରେ ୯ ଉଇକେଟ ହରାଇ ୧୩୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ପ୍ରବୀଣ ପରିଡ଼ା ୨୭ ଓ ଲିଙ୍ଗରାଜ ନାୟକ ୨୦ ରନ୍ ସଂଗ୍ରହ କରିଥିଲେ। ଗୁରୁଜଙ୍ଗ ଟିମ୍‌ର ଅମିତ୍ ବେହେରା ଓ ରାଜଦୀପ ରାଜପ୍ରସାଦ ୩ଟି ଲେଖାଏ ଏବଂ ସିଦ୍ଧାର୍ଥ ଜେନା ୨ଟି ଉଇକେଟ ନେଇଥିଲେ। ଗୁରୁଜଙ୍ଗ ଟିମ୍ ମ୍ୟାଚ୍‌ରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଜେଡି ଯୁବନେତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଅତିଥିଭାବେ ଯୋଗଦେଇ ମହାଦୀପ ମହାପ୍ରସାଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅସିତ୍ ଶତପଥୀ, ପ୍ରଶାନ୍ତ କୁମାର ବେହେରା, ସନ୍ଦୀପ ମହାନ୍ତି, ସାନୁଜ ବିଶ୍ୱାଳ, ମନୋଜ ମିଶ୍ର, ସୂର୍ଯ୍ୟକାନ୍ତ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ସୁଆଙ୍ଗ ଓ ଯଦୁପୁର ଟିମ୍ ମଧ୍ୟରେ ଖେଳାଯିବ। ୧୫ ତାରିଖ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମ୍ ସଦସ୍ୟ ଅସିତ୍ ପରିଡ଼ା କହିଛନ୍ତି।

## ବିଦ୍ୟାର୍ଥୀଙ୍କ ଦକ୍ଷତା ବିକାଶର ସୁଯୋଗ ଆଣିଛି ସୁରଭି

ବୋଲଗଡ଼,୧୩।୧୦(ଦେବବ୍ରତ ହୋତା)



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ବୋଲଗଡ଼ ଶିକ୍ଷା ବ୍ଲକ ୧୪ଟି କ୍ଲଷ୍ଟର ଅଧୀନ ବିଭିନ୍ନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରିକମା ପଞ୍ଚାୟତର ଶଙ୍କରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି କ୍ଲଷ୍ଟର ଅଧୀନ ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ରାଉତରାୟ, ସମ୍ମାନିତ ଅତିଥିଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା ଯୋଗଦେଇ କହିଥିଲେ, ପ୍ରତ୍ୟେକ ପିଲାଙ୍କ ପାଖରେ ଅନ୍ତର୍ନିହିତ ପ୍ରତିଭା ରହିଛି। ଏହାକୁ ଲୋକଲୋଚନକୁ ଆଣିବା ସହ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିବା ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀମାନେ 'କୁନି ଝିଅ ପରୀ' ଶୀର୍ଷକରେ ନୃତ୍ୟାଭିନୟ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ଦାସ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବୋଲଗଡ଼ ବ୍ଲକ ଏନ୍‌ପିଏସ୍ ସଂଘ ସଭାପତି ଶୈଳେନ ପଟ୍ଟନାୟକ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ସିଂ ସହଯୋଗ କରିଥିଲେ। ସେହିପରି ଗେଡ଼ିଆପଲ୍ଲୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଧଳାପଥର କଳାପଥର ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜାରାଣୀ ସାହୁ, ଅଜୟ କୁମାର ଦାସ, ଜୟକୃଷ୍ଣ ଦାସ, ସୁରଜ ପ୍ରସାଦ ସୁବୁଦ୍ଧି, ମାୟାଧର କରଣ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଗେଡ଼ିଆପଲ୍ଲୀ, ଗଉଡ଼ ନୂଆଗାଁ, ପାଇକରାପୁର, କୋଦବେରେଣି, ଠଣାପଲ୍ଲୀ, ଶ୍ରୀରାମପୁର, ଧଳାପଥର ଆଦି ସରକାରୀ ବିଦ୍ୟାଳୟରୁ ୧୬୦ ବିଦ୍ୟାର୍ଥୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୧୦।୨୦୨୩

| | |
|---|---|
| ୫,୩୨,୭୪୧ ଟଙ୍କା | |
| ସୁନା | ୨୦.୫୫୦ ଗ୍ରାମ୍ |
| ରୁପା | ୭୪୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଛଣିଜଙ୍ଗ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ମରାମତି ଦାବି



**ଚାରିଛକ, ୧୩।୧୦ (ଶିଶିର ସ୍ୱାଇଁ):**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ବିଭିନ୍ନ ପଞ୍ଚାୟତରେ ଆଲୋକୀକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଆଲୋକୀକରଣ କେତେକ ସ୍ଥାନରେ ବହୁଦିନ ହେବ ଖରାପ ହୋଇଯାଇଥିବା ବେଳେ ଆଉ କେଉଁଠି ଦିନରାତି ଷ୍ଟ୍ରିଟ୍‌ଲାଇଟ୍ ଜଳୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି କୌଣସି ଜନପ୍ରତିନିଧିମାନେ ଦୃଷ୍ଟି ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପୁରୀ ଜିଲା ନିମାପଡା ବ୍ଲକର ଛଣିଜଙ୍ଗ, ବାହାରଣା, ଭୋଦର, ତମ୍ପାଳ, କଳାପାଞ୍ଚଣ ପ୍ରମୁଖ ପଞ୍ଚାୟତର କେତେକ ସ୍ଥାନରେ ଲାଇଟ୍ ଖରାପ ହୋଇ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକେ ରାତିରେ ଛକମାନଙ୍କରେ ଠିଆ ହେବା ପାଇଁ ନିରାପଦ ମଣୁନାହାନ୍ତି। ଏ ଦିଗରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ରଘୁନାଥ ମନ୍ଦିରରୁ ଚୋରି

**ଡେଲାଙ୍ଗ, ୧୩।୧୦ (ରଶ୍ମିରଞ୍ଜନ ପ୍ରଧାନ):**

ଡେଲାଙ୍ଗ ଥାନା ଅନ୍ତର୍ଗତ ରେଙ୍ଗଳ ଗ୍ରାମର ଶ୍ରୀଶ୍ରୀ ରଘୁନାଥ ଦେବଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ୩ଟି ରୁପା ମୁକୁଟ, ଲକେଟ, ମାଳି ଓ ହୁଣ୍ଡି ଭାଙ୍ଗି ୭ ହଜାର ଟଙ୍କା ଲୁଟି ନେଇଥିବା ସୂର୍ଯ୍ୟଲାଲ୍ ନରେନ୍ଦ୍ର ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ପ୍ରତିଦିନ ପରି ମନ୍ଦିରର ପୂଜକ ଶତ୍ରୁଘ୍ନ ମହାପାତ୍ର ରଘୁନାଥ ଦେବଙ୍କ ଯଥାବିଧି ପୂଜାର୍ଚ୍ଚନା ସାରି ମନ୍ଦିରର ମୁଖ୍ୟ ଫାଟକକୁ ତାଲା ପକାଇ ଘରକୁ ଫେରିଥିଲେ। ସକାଳୁ ପୂଜା କରିବା ପାଇଁ ଆସିବା ପରେ ମନ୍ଦିର ତାଲା ଭଙ୍ଗା ଯାଇ ଠାକୁରଙ୍କ ବିଭିନ୍ନ ଜିନିଷ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଅଭିଯୋଗ ପରେ ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି।

# କେମିକାଲ ମିଶ୍ରଣରେ ପ୍ରସ୍ତୁତ ହେଉଥିଲା ଖାଦ୍ୟ

**କାକଟପୁର, ୧୩।୧୦ (ଶୁଭଦର୍ଶନ ମିଶ୍ର):**

ଫୁଡ୍ ସେଫ୍ଟି ବିଭାଗ ଓ କାକଟପୁର ପୋଲିସର ମିଳିତ ସହଯୋଗରେ କାକଟପୁର ବଜାର ଉପରେ ଥିବା ବିଭିନ୍ନ ହୋଟେଲ, ଫାଷ୍ଟଫୁଡ୍ ଓ ଢ଼ାବା ଗୁଡ଼ିକରେ ଚଢ଼ାଉ କରାଯାଇଛି। ଏଠାରେ ବାସିଖାଦ୍ୟ ସମେତ ଅନେକ ରାସାୟନିକ ରଙ୍ଗ ଜବତ କରାଯିବା ସହ ଖାଦ୍ୟଗୁଡ଼ିକୁ ନଷ୍ଟ କରିଛି ଖାଦ୍ୟ ସୁରକ୍ଷା ବିଭାଗ। ହୋଟେଲ ମାଲିକମାନେ ଅଧିକ ଅର୍ଥ ରୋଜଗାର ଆଶାରେ ଏହିଭଳି ଖାଦ୍ୟ ପଦାର୍ଥ ଦେଇ ଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉ ନାହାନ୍ତି। ଖାଦ୍ୟ ଟେଷ୍ଟି ସହ ସୁଗନ୍ଧ ବାସ୍ନା ଓ ସୁନ୍ଦର ଦିଶିବା ପାଇଁ ବ୍ୟବହାର ହେଉଛି କେମିକାଲ ଲିକୁଇଡ୍। କେମିକାଲ ପକାଇ କରାଯାଉଛି ବଳକା ଖାଦ୍ୟକୁ ଫ୍ରେଶ୍; ଯାହା ଶରୀରକୁ ବହୁ କ୍ଷତି ପହଞ୍ଚାଇଥାଏ। ଅନ୍ୟପଟରେ ଦିନକୁ ଦିନ କାକଟପୁରରେ ଖୋଲିଚାଲିଛି ବେଆଇନ ଅଣପଞ୍ଜୀକୃତ ହୋଟେଲ ଓ ଫାଷ୍ଟଫୁଡ଼ ସେଣ୍ଟର। ଅନେକ ସମୟରେ ଖାଦ୍ୟରୁ ବିଛା, ଝିଟିପିଟି, ଝିଣ୍ଟିକା, ମାଛି ବାହାରୁଥିବାର ଦୃଶ୍ୟ ନଜରକୁ ଆସିଛି। କିଛିଦିନ ପୂର୍ବେ ଏକ ପ୍ରତିଷ୍ଠିତ ହୋଟେଲର ଦୋସାରୁ ବିଛା ବାହାରିବା, ଅନ୍ୟ ଏକ ହୋଟେଲର ଡାଲିରୁ ଝିଟିପିଟି ବାହାରିବା ଘଟଣା କାକଟପୁରରେ ଚହଳ ପକାଇଥିଲା। ଏହାକୁ ନେଇ ଶୁକ୍ରବାର ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ କାକଟପୁର ଆସି ପ୍ରତିଷ୍ଠିତ ଅରୁଆ ହୋଟେଲ ସହ ଅନ୍ୟ ହୋଟେଲ ଗୁଡିକରେ ମଧ୍ୟ ଚଢ଼ାଉ କରି ବାସି ଖାଦ୍ୟପଦାର୍ଥ ଗୁଡିକୁ ନଷ୍ଟ କରିଛନ୍ତି। ଅନ୍ୟପଟେ ସରକାରୀ ଜମିକୁ ଜବରଦଖଲ କରି ରାସ୍ତାକଡ଼ରେ ଖୋଲାଯାଉଛି ହୋଟେଲ, ଜଳଖିଆ ଦୋକାନ। ଫଳରେ ଟ୍ରାଫିକ ସମସ୍ୟା ବଢ଼ିବା ସହ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳରୁ ଦାବି ହୋଇଛି।



ହୋଟେଲ ଉପରେ ଫୁଡ୍‌ସେଫ୍ଟି ଅଧିକାରୀ ଓ ପୋଲିସ ଅଧିକାରୀ ମିଳିତ ଚଢାଉ କରୁଛନ୍ତି ।

**ହୋଟେଲ ଉପରେ ଚଢ଼ାଉ କଲା ଫୁଡ୍‌ସେଫ୍ଟି ବିଭାଗ**



ପୁରୀ : ଶୁକ୍ରବାର ମା' ବାଙ୍କୀ ମୁହାଣ ରାମଚଣ୍ଡୀଙ୍କ କାତ୍ୟାୟନୀ ବେଶ ।

# 'ମଠ ନାମରେ ବିଜେସ୍ଥଳୀ ରେକର୍ଡ ହେଉ'

**ପୁରୀ, ୧୩।୧୦ (ଅଜିତ ମହାନ୍ତି):**

ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପାଇଁ ପୁରୀର ପବିତ୍ର ମାଟିକୁ ଆସିଛନ୍ତି ରାମାନୁଜାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ଗୁରୁ ନାନକ, କବିର, ଶ୍ରୀଚୈତନ୍ୟଙ୍କ ଭଳି ଅନେକ ଭକ୍ତ, ସାଧୁସନ୍ଥ ଏବଂ ସନ୍ନ୍ୟାସୀ। ଠାକୁରଙ୍କ ନୀତି ସୁପରିଚାଳନା, ଶିକ୍ଷାର ବିକାଶ ଏବଂ ଅସହାୟ -ନିଃସହାୟଙ୍କ ପାଇଁ ମଠାଧୀଶମାନେ କରିଛନ୍ତି ଅନେକ ଦାନ, ଧର୍ମ, ତ୍ୟାଗ ଓ ସମର୍ପଣ। ଏପରିକି ପୁରୀରେ ମଠମାନ ପ୍ରତିଷ୍ଠା କରିଛନ୍ତି। ଏହାବ୍ୟତୀତ ଅନେକ ମଠ, ଶ୍ରୀମନ୍ଦିରର ସମୃଦ୍ଧି ପାଇଁ ଅନେକ ଜମି ଦେଇଛନ୍ତି। ତେବେ ଐତିହ୍ୟ କରିଡର ନିର୍ମାଣ ପାଇଁ ଅନେକ ମଠକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଗଲା। ଏବେ ମଠ ଜଗନ୍ନାଥ ଓ ମଠାଧୀଶ ବସିବା ପାଇଁ ବଞ୍ଚିରହିଛି ହାତେ-ଦିହାତେ ଭୂମି, ଯାହାର ରେକର୍ଡ ରହିଛି -ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି। ଏଇ ଅଳ୍ପ ବର୍ଷ ତଳେ ରାଜ୍ୟ ସରକାର, ଗୋବର୍ଦ୍ଧନ ପୀଠର ଚାରି ଏକର ଜମିକୁ ପୀଠ ନାମରେ ରେକର୍ଡ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଏ ପରିସ୍ଥିତିରେ ଯେଉଁ ମଠଗୁଡ଼ିକ ନିଜର ସର୍ବସ୍ୱ ଠାକୁରଙ୍କ ପାଖରେ ସମର୍ପଣ କରିଛନ୍ତି, ସେମାନଙ୍କ ବିଜେସ୍ଥଳୀକୁ କ'ଣ ମଠନାମରେ ରେକର୍ଡ କରିବା ସରକାରଙ୍କ କର୍ତ୍ତବ୍ୟ ନୁହେ କି ବୋଲି ଓଡ଼ିଶା ଯୁବ ଚେତନା ସଙ୍ଗଠନ ଏବଂ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର ପ୍ରଶ୍ନ କରିଛନ୍ତି। ଏ ନେଇ ସେ ନବୀନ ନିବାସରେ ମଠ ବିଜେସ୍ଥଳୀ, ମଠ ନାମରେ ରେକର୍ଡ କରିବାକୁ ନିବେଦନପତ୍ର ଦେବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଓଡ଼ିଶା ଟାଏକୋଣ୍ଡୋ ସଂଘ ଦ୍ୱାର ପୁରୀ ରେଲୱେ ଇନ୍‌ଡୋର ହଲରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ବାଳିକା ବାଳକ ।

## ଜାତୀୟ ଟାଏକୋଣ୍ଡୋ ରେଫରି, ରିଫ୍ରେଶର କୋର୍ସ

**ପୁରୀ, ୧୩।୧୦ (ଅଜିତ୍ ମହାନ୍ତି):**

ଓଡ଼ିଶା ଟାଏକୋଣ୍ଡୋ ସଂଘ ଦ୍ୱାର ଆୟୋଜିତ ତୃତୀୟ ଜାତୀୟ ଟାଏକୋଣ୍ଡୋ ରେଫରୀ ଓ ରିଫ୍ରେଶର କୋର୍ସ ଶୁକ୍ରବାର ରେଲୱେ ଇଣ୍ଡୋର ହଲଠାରେ ଉଦ୍ଘାଟିତ ହୋଇଛି। ଏହା ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ବିହାରର ୨୦୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା, ରିଫ୍ରେଶର ରେଫରୀ ଅଂଶ ଗ୍ରହଣ କରିଛନ୍ତି। ସେମିନାରରେ ବିଶ୍ୱ ଟାଏକୋଣ୍ଡୋ ସଂଘର ପ୍ରତିଯୋଗିତାର ନୂତନ ନିୟମାବଳୀ ଶିକ୍ଷା ଦିଆଯିବ। କର୍ଣ୍ଣାଟକର ମାଷ୍ଟର ଥିରୁମଲ ଜେ. ଅନ୍ତର୍ଜାତୀୟ ରେଫରିଙ୍କୁ ପରୀକ୍ଷକ ଭାବେ ନିଯୁକ୍ତି ସଂଘ ତରଫରୁ ଆମନ୍ତ୍ରିତ କରାଯାଇଛି। ସେ ଏହି ସେମିନାରରେ ବିଶ୍ୱ ଟାଏକୋଣ୍ଡୋର ନୂତନ ନିୟମ ଶିକ୍ଷା ଦାନ ଦେବେ। ସେମିନାର ଇଲୋକ୍ଟ୍ରୋନିକ୍ସ ସ୍କୋରିଙ୍ଗ ଏବଂ ସେନ୍‌ସର ମାଧ୍ୟମରେ ସ୍କୋର ପ୍ରଣାଳୀ ଶିକ୍ଷା ଦାନ ଦିଆଯିବ। ସେମିନାର ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ଓଡ଼ିଶା ଆଥଲେଟିକ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ସଭାପତି ବ୍ୟୋମକେଶ ଅଭିଲାଷ ପ୍ରସାଦ, ଉପସଭାପତି ମନୋଜ କୁମାର ବାଦୀ ପ୍ରମୁଖ ଯୋଗଦେଇଥିଲେ। ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଶର୍ମା ତାଙ୍କ ବାର୍ତ୍ତାରେ ସମସ୍ତଙ୍କୁ ଶୁଭେଚ୍ଛା ସହ ସେମିନାରର ସଫଳତା କାମନା କରିଛନ୍ତି। ରାଜ୍ୟ ସଙ୍ଘର ସମ୍ପାଦକ ମନମୋହନ ଭଞ୍ଜ ସେମିନାରରେ ଅଂଶଗ୍ରହଣ କରିଥିବା ରେଫେରିମାନଙ୍କର ଭବିଷ୍ୟତ କାମନା କରିଥିଲେ।

# କୋଣାର୍କ କୋର୍ଟ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣ ମାମଲା ସୁପ୍ରିମ୍‌କୋର୍ଟରେ ଖାରଜ

**କୋଣାର୍କ, ୧୩।୧୦ (ଜ୍ୟୋତିରାଜ ମହାନ୍ତି):**

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ନମ୍ବର ୱାର୍ଡ ମାଧିପୁର ଛକ ନିକଟରେ କୋଣାର୍କ କୋର୍ଟ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣ ଲାଗି ଗତ ଫେବୃୟାରୀ ୪ ତାରିଖରେ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡକ୍ଟର ଏସ୍ ମୁରଲୀଧରନ ଓ ଜଷ୍ଟିସ ଡକ୍ଟର ବି.ଆର୍ ଷଡ଼ଙ୍ଗୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ସେବେଠାରୁ ମାଧିପୁର ମୌଜାର ୪ ଏକର ପରିମିତ ଜମିରେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏପରିକି ଏହି ନିର୍ମାଣ କାର୍ଯ୍ୟ ୮୦ ପ୍ରତିଶତ ଶେଷ ହୋଇସାରିଲାଣି। ତେବେ ଉକ୍ତ ଜମି କୋର୍ଟକୁ ହସ୍ତାନ୍ତର ଦିନଠାରୁ କିଛି ବ୍ୟକ୍ତି ଏହାକୁ ବିରୋଧ କରିଆସୁଥିଲେ। ଜମିରେ କୋର୍ଟ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣକୁ ବିରୋଧ କରି କୋଣାର୍କ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସଦସ୍ୟ ଭାଗୀରଥି ସ୍ୱାଇଁ, ରଘୁନାଥ ମହାପାତ୍ରଙ୍କ ସମେତ ମାଧିପୁର ଗ୍ରାମର ପ୍ରଭାତ ପାଢ଼ୀ, ରବୀନ୍ଦ୍ର ପାଢ଼ୀ, ପ୍ରସନ୍ନ ପାଢ଼ୀ, ସୁଶାନ୍ତ ପାଢ଼ୀ, ବିଭୁତି ପାଢ଼ୀ ପ୍ରମୁଖ ଉଚ୍ଚ ନ୍ୟାୟାଳୟରେ ୪ଟି କେସ୍ ଦାଏର୍ କରିଥିଲେ। ସେଥିମଧ୍ୟରୁ ୩ଟି କେସ୍ ଖାରଜ ହେବାପରେ ସଂପୃକ୍ତ ବ୍ୟକ୍ତିମାନେ ସୁପ୍ରିମକୋର୍ଟରେ ଏସ୍‌ଏଲ୍‌ପି ନଂ ୨୧୯୯୪/୨୦୨୩ରେ ମାମଲା ରୁଜୁ କରିଥିଲେ। ସୁପ୍ରିମକୋର୍ଟରେ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଦୀପଙ୍କର ଦତ୍ତ ଶୁକ୍ରବାର ଏହି କେସ୍ ବିଚାର କରି ଖାରଜ କରିଦେଇଛନ୍ତି। ପ୍ରକାଶଥାଉକି ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଆବେଦନକାରୀ କରିଥିବା ପ୍ରତ୍ୟେକ କେସ୍‌ରେ, କୋଣାର୍କ ବାର୍ ଆସୋସିଏଶନ ପକ୍ଷରୁ ସଭାପତି ଶ୍ରୀଜୟ ବରାଳ ପକ୍ଷଭୁକ୍ତ ହୋଇ କୋର୍ଟ ହେବା ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥଲେ। ସେହିପରି ହାଇକୋର୍ଟରେ କୋଣାର୍କ ବାର୍ ଆସୋସିଏଶନ୍ ପାଇଁ ଶିବ ଶଙ୍କର ମହାନ୍ତି ଓ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ପତ୍ରୀ ମାମଲା ପରିଚାଳନା କରିଥିଲେ। ଏହି ମାମଲା ଖାରଜ ହେବା ଫଳରେ କୋର୍ଟ ନିର୍ମାଣରେ ଆଉ କୌଣସି ବାଧାବିଘ୍ନ ହେବନାହିଁ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଛି।

# ପୁଣି ବିଜେବି କ୍ୟାମ୍ପସ୍ ଅଶାନ୍ତ

**ଭୁବନେଶ୍ୱର, ୧୩।୧୦ (ସତ୍ୟଜିତ୍ ରାଉତ):**

**ଗଣ୍ଡଗୋଳରେ ଉଭୟ ପକ୍ଷର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ**

ବଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପୁଣି ଅଶାନ୍ତ ହୋଇପଡ଼ିଛି। କଲେଜର ଆର୍ଟସ ବ୍ଲକ୍‌ରେ ଶୁକ୍ରବାର ଦୁଇ ଛାତ୍ର ଗୋଷ୍ଠୀ ହାତାହାତି ହେବା ସହ ପରସ୍ପରକୁ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଉଭୟ ପକ୍ଷରୁ ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି। ଏନେଇ ଗୋଟିଏ ଗୋଷ୍ଠୀର ରୋହନ କୁମାର ବେହୁରିଆ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଓ ଅଣଛାତ୍ରମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ପରେ ରୋହନ୍‌ଙ୍କ ସମେତ ପଙ୍କଜ ପ୍ରଧାନ, ସାଶ୍ୱତ ପଣ୍ଡା ଓ ସୌମ୍ୟରଞ୍ଜନ ବେହେରା ଆହତ ହୋଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ସେହିଭଳି ଅପରପକ୍ଷର ପକ୍ଷର ଛାତ୍ର ଗୋଷ୍ଠୀର ସୂର୍ଯ୍ୟକାନ୍ତ ଦେହୁରି ଥାନାରେ ଏତଲା ଦେଇଛନ୍ତି। ରୋହନ୍ ଓ ତାଙ୍କ ସାଥୀମାନେ ସୂର୍ଯ୍ୟକାନ୍ତ ଏବଂ ତାଙ୍କ ସାଙ୍ଗମାନଙ୍କୁ ଆକ୍ରମଣ କରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଉଭୟ ପକ୍ଷର ଏତଲାକୁ ଆଧର କରି ପୋଲିସ ପୃଥକ ମାମଲା (ନଂ.୫୬୮/୨୦୨୩), (ନଂ.୫୬୯/୨୦୨୩) ରୁଜୁ କରିଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ୧୫ରେ ରୋହନ ଓ ତାଙ୍କ ସହପାଠୀମାନେ ଇଣ୍ଟରନାଲ୍ ପରୀକ୍ଷା ଦେବା ପାଇଁ ଆର୍ଟସ ବ୍ଲକ୍‌ର ଲିଫ୍ଟରେ ଯାଉଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଘଟଣା ପରେ କ୍ୟାମ୍ପସରେ ବହୁ ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଏନେଇ କଲେଜ ଅଧ୍ୟକ୍ଷ ଜିଏମ୍ ଖାନ୍ କହିଛନ୍ତି, ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଘଟିଛି। ଘଟଣାର ତର୍ଜମା କରାଯାଇଛି। ଏନେଇ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ତେବେ ରାଜନୈତିକ ଶତ୍ରୁତା ପାଇଁ ଏହି ସଂଘର୍ଷ ଘଟିଥିବା ଜଣାପଡ଼ିଛି।

## ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ

**ଗୋପ, ୧୩।୧୦ (ଭାରତୀ ଭୂଷଣ ଉପାଧ୍ୟାୟ):**

ଗୋପ ବ୍ଲକ୍ ଅଧୀନ ମା' ଅଡ଼ଙ୍ଗେଇ ସାଂସ୍କୃତିକ ପରିଷଦ ପକ୍ଷରୁ କୁଶଭଦ୍ରା ନଦୀତଟ ମଦରଙ୍ଗ ବଜାରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶ୍ରୀ ଶ୍ରୀ କୁମାରେଶ୍ୱର ମହାଦେବ ବୋଇତ ବନ୍ଦାଣ ଉତ୍ସବ କମିଟିର ସଭାପତି ପ୍ରହ୍ଲାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଆଲୋଚନା କରାଯାଇଥିଲା। ସେହିପରି ବୋଇତ ବନ୍ଦାଣ ଉତ୍ସବରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ନିର୍ମଳ ପ୍ରଧାନ, ପର୍ଶୁରାମ ମହାନ୍ତି, ଫକୀର ବିଶ୍ୱାଳ, ବଂଶୀଧର ବାରିକ, କୃଷ୍ଣଚନ୍ଦ୍ର ପାତ୍ର, ନବଘନ ଭୋଇ, ରାଜକିଶୋର ସେଠୀ, ସୁଦାମ ଭୋଇ, ବଳରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗାଈ ଚୋର ସନ୍ଦେହରେ ଯୁବକଙ୍କୁ ପିଟିଲେ

**ଯାଁଳା, ୧୩।୧୦ (ବୁଲା ବାରିକ):**

ଗାଈ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ନିର୍ଘୃମ ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଯୁବକ ଜଣକ ସ୍ଥାନୀୟ ଏକ ବୈଷୟିକ ମହାବିଦ୍ୟାଳୟର ଛାତ୍ର ଜାଣିବା ପରେ ପୋଲିସ ତାଙ୍କୁ ଛାଡିଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ସ୍ଥାନୀୟ ବୈଷୟିକ ମହାବିଦ୍ୟାଳୟର ତିନିଜଣ ଛାତ୍ର ପୁରୀ ବୁଲିବାକୁ ଯାଇଥିଲେ। ଫେରିବା ଡେରିହେବାରୁ କଲେଜ ହଷ୍ଟେଲ ଗେଟ୍ ଆଉ ଖୋଲି ନ ଥିଲା। ତେଣୁ ସେମାନେ ଏକ ସ୍ଥାନରେ ବସିଥିଲେ। ଛାତ୍ରମାନେ ଯେଉଁସ୍ଥାନରେ ବସିଥିଲେ ସେଠାରେ ଜଣେ ଗାଈ ଜଗାଳି କିଛି ଗାଈ ରଖି ରହିଥିଲେ। ଭୋର ହୋଇଥିବାରୁ ଗାଈଚୋର ଭାବି ଗାଈ ଜଗାଳି ଜଣଙ୍କ ଡାକ ପକାଇଥିଲେ। କେତେଜଣ ଗ୍ରାମବାସୀ ପହଞ୍ଚି ଜଣେ ଛାତ୍ରଙ୍କୁ କାବୁ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଗାଈଚୋର ସନ୍ଦେହରେ ଉକ୍ତ ଛାତ୍ରଙ୍କୁ ନିର୍ଘୃମ ମାଡ଼ ମାରିବା ସହ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଛାତ୍ର ଜଣଙ୍କୁ ଉଦ୍ଧାର କରି ଥାନାକୁ ଆଣି ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ଛାଡ଼ିଦେଇଥିଲା।

# ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

**ପୁରୀ, ୧୩।୧୦ (ଅଜିତ ମହାନ୍ତି):**

ପୁରୀ ନଗର କଂଗ୍ରେସ (କ) ପକ୍ଷରୁ ସଭାପତି ଛବିନ୍ଦ୍ର ପଡ଼ିଆରୀଙ୍କ ନେତୃତ୍ୱରେ ଶୁକ୍ରବାର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପ୍ରତି କରିଥିବା ପ୍ରତାରଣା ଓ ଦୁର୍ନୀତି ବିରୋଧରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜେଡି ଓ ଭାଜପାର ପ୍ରତିଶ୍ରୁତି ପ୍ରତାରଣା, କୃଷି ଓ କୃଷକଙ୍କ ସମସ୍ୟା, ବେକାର ଯୁବକ ଓ ଯୁବତୀଙ୍କ ନିଯୁକ୍ତି ସମସ୍ୟା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତି ବାସିନ୍ଦା ଓ ଗରିବ ବାସହୀନଙ୍କ ସମସ୍ୟା, ବିଜେଡ଼ି ସରକାରରେ ୨୩ବର୍ଷ ଦୁର୍ନୀତିର ଚିଠା ଓ କଂଗ୍ରେସ ଶାସନ ସମୟର ଓଡ଼ିଶା ପ୍ରତି ଅବଦାନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ପଦଯାତ୍ରା କରାଯାଇଛି। କଂଗ୍ରେସ ନେତା ଓ କର୍ମୀମାନେ ଘର ଘର ବୁଲି ବିଜେଡି ଏବଂ ଭାଜପା ମିଳିତ ସରକାରର ନିର୍ବାଚନ ଇସ୍ତାହାର କିଭଳି ପ୍ରତାରଣାରେ ପରିଣତ ହେଲା, ଫଳରେ ଅହେତୁକ ଦରଦାମ ବୃଦ୍ଧି ସହ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିବା ଆଦି ପ୍ରସଙ୍ଗରେ ଘର ଘର ବୁଲି କଂଗ୍ରେସ ଦଳର ଏକ ଲିଫ୍ଲେଟ ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଜୟ ନାରାୟଣ ପଟ୍ଟନାୟକ, ବିନାୟକ ଦାସ ମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଜିଲା ଉପସଭାପତି ନିରଞ୍ଜନ ରଥ, ଜିଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା, ଅମରେନ୍ଦ୍ର ପାଇକରାୟ, ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ଛାତ୍ର କଂଗ୍ରେସ କାର୍ଯ୍ୟକାରୀ ସଭାପତି ରିସାନ ଦାଶ, ବିକ୍ରମ ପ୍ରଧାନ, ରାହୁଲ ନାୟକ, ସୋମନାଥ ସିଂ, ରୋଶନ ସାହା, ଅଭିଜିତ ସାମନ୍ତରାୟ, ସୁଭାଶିଷ ପାତ୍ରୀ, ଗୌରବ ପ୍ରଧାନ, ରାଜା ଦାଶ, ଅନୁକ୍ତା ଆକାଶ, ସାଇ ଜଗ୍ ଜ୍ୟୋତି ପ୍ରମୁଖ କଂଗ୍ରେସ କର୍ମୀ ଯୋଗଦେଇଥିଲେ । ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




କଂଗ୍ରେସର ପଦଯାତ୍ରା ନଗର ପରିକ୍ରମା କରୁଛି ।

# ଆର୍ଥିକ ସାର୍ବଭୌମତ୍ୱ ସୁରକ୍ଷା ପ୍ରକୃତ ବୃହତ୍ ଶକ୍ତିର ପରିଚୟ

**ପୁରୀ, ୧୩।୧୦ (ଅଜିତ ମହାନ୍ତି):**

ଆର୍ଥିକ ସାର୍ବଭୌମତ୍ୱ ସୁରକ୍ଷା ଓ ବୈଷମ୍ୟ ବିଲୋପ ଜରିଆରେ ହିଁ ଗୋଟିଏ ଦେଶ ଅସଲ ବୃହତ୍ ଶକ୍ତିରେ ରୂପାନ୍ତରିତ ହୋଇପାରିବ ବୋଲି ପ୍ରଫେସର ଶିବ ସୁନ୍ଦର ମହାନ୍ତି ମତ ପ୍ରକାଶ କରିଛନ୍ତି। ସୂରଜମଲ ଶାହା ମହାବିଦ୍ୟାଳୟର ବିବିଧ ଦକ୍ଷତା ବିକାଶ ସମିତି ତରଫରୁ 'ଭାରତ ଏକ ବୃହତ୍ ଶକ୍ତି: ବାସ୍ତବତା ନା ମନଗଢା' ଶୀର୍ଷକ ବିଷୟ ଉପରେ ନିଜର ଗବେଷଣାତ୍ମକ ଆଲୋଚନା ରଖି ମହାନ୍ତି କହିଲେ ଯେ, ପ୍ରଚାର କିମ୍ବା କୌଣସି ଗାଣିତିକ ସୂତ୍ର ଜରିଆରେ ଦେଶ ବୃହତ ଶକ୍ତିରେ ପରିଣତ ହୋଇପାରେନାହିଁ। ଭାରତ ବୃହତ୍ ଶକ୍ତି ହେବାର ଅଛି। ପ୍ରହେଳିକା ପଛରେ ଦୌଡ଼ିବା ଅପେକ୍ଷା ନିଜ ଆର୍ଥିକ ସାର୍ବଭୌମତ୍ୱ ସୁରକ୍ଷା ପାଇଁ ଦୀର୍ଘ ମିଆଦୀ ପଦକ୍ଷେପ ନେବା ଜରୁରୀ। ଗତ ତିନି ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ଖାଦ୍ୟ ହ୍ରାସ ପାଇବାରେ ଲାଗିଛି। ଏକ ପକ୍ଷରେ ଦରଦାମ ବୃଦ୍ଧି ଓ ଅନ୍ୟପକ୍ଷରେ ବେକାରି ଲୋକଙ୍କ କ୍ରୟଶକ୍ତି କମିବା ସହ ଦୁର୍ଦ୍ଦଶା ବଢୁଛି। ଅନାହାର, ଅପୁଷ୍ଟି ବିନାଶ ସହ ଯୁବବର୍ଗ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିରେ ଦକ୍ଷତା ହାସଲ ନ କଲେ ଆର୍ଥିକ ଅଭିବୃଦ୍ଧି କେବଳ ଅସମାନତା ବୃଦ୍ଧି କରିବ ବୋଲି ସେ କହିଥିଲେ। ମାନବ ସମ୍ବଳର ବିବିଧ ସୂଚୀ ଆଧାରରେ ପାକିସ୍ତାନ ବ୍ୟତୀତ ବହୁକ୍ଷେତ୍ରରେ ଭାରତ ଏସିଆର ବହୁ ଦେଶ ତୁଳନାରେ ପଛରେ ରହିଛି। ଏହାକୁ ଅଣଦେଖା କରି ଆମେ ଆଗକୁ ଯାଇପାରିବା ନାହି ବୋଲି ପ୍ରଫେସର ମହାନ୍ତି କହିଥିଲେ। ଆଲୋଚନା ଚକ୍ରରେ ସଭାପତିତ୍ୱ କରି ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଜେନା କହିଲେ ଯେ, ଚାଇନାକୁ ବାଦ ଦେଲେ ବୃହତ ଶକ୍ତିମାନଙ୍କ ଇତିହାସ ହେଉଛି ଶହ ଶହ ବର୍ଷ ଉପନିବେଶବାଦି ଶୋଷଣ ଓ ଲୁଣ୍ଠନ ଜରିଆରେ ନିଜର ଅର୍ଥନୀତିକୁ ଶକ୍ତିଶାଳୀ କରିବା। ଭାରତ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ହେଲେ ନିଜସ୍ୱ ପ୍ରଯୁକ୍ତି ବିକାଶ ଘଟାଇ ଶିଳ୍ପ ଓ କୃଷି କ୍ଷେତ୍ରରେ ଅଗ୍ରଗତି ହାସଲ କରିବାକୁ ହେବ। ସ୍ୱାଧୀନତା ଆନ୍ଦୋଳନର ଲକ୍ଷ୍ୟ ଠାରୁ ଭାରତ ଦୂରେଇ ଗଲେ ପୁଣି ସାମ୍ରାଜ୍ୟବାଦୀ ବୃହତ୍ ଶକ୍ତିଙ୍କ ଫାଶରେ ପଡ଼ିବ ବୋଲି ଜେନା ମତବ୍ୟକ୍ତ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ।







ରାଜଧାନୀରେ ଦୁର୍ଗା ପୂଜା ପ୍ରସ୍ତୁତି







## ଷ୍ଟ୍ରିଟ୍ ଫୁଡ୍ ଦୋକାନରେ ସିଏମ୍‌ସିର ଚଢ଼ାଉ

କଟକ,୧୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ନିକଟରେ ଥିବା ୫୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ୍‌ରେ ଚଢ଼ାଉ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସେଠାରେ ଫୁଡ୍ ଲାଇସେନ୍ସ ଓ ଖାଦ୍ୟର ମାନ ଯାଞ୍ଚ କରିଥିଲା। ଯେଉଁ ଉଠାଦୋକାନୀଙ୍କ ଖାଦ୍ୟ ନିମ୍ନମାନର ବାହାରିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର କହିଛନ୍ତି। ପାର୍ବଣ ସମୟରେ ଫାଷ୍ଟଫୁଡ୍ ଦୋକାନରେ ଗ୍ରାହକଙ୍କ ଭିଡ ଲାଗିଥାଏ। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ନିମ୍ନମାନର ଖାଦ୍ୟ ବିକ୍ରି କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚଢ଼ାଉ କରାଯିବା ସହ ନିମ୍ନମାନର ଖାଦ୍ୟ ବିକ୍ରି ନ କରିବାକୁ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଛି। ଆଗାମୀ ଦିଗରେ ଲାଇସେନ୍ସ ପଞ୍ଜୀକରଣ ବ୍ୟବସାୟୀମାନଙ୍କୁ ତାଲିମ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର କହିଛନ୍ତି।

# ଆକର୍ଷଣ ସାଜିବ ବିରାଟ ରାଜାଙ୍କ ରାଜମହଲ

ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି



ଭୁବନେଶ୍ୱର, ୧୩।୧୦ (ବନ୍ଦନା ସେଠୀ)

ଦିନ କେଇଟା ପରେ ପୂଜା ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେବେ ମା' ଦଶଭୂଜା। ଏଥିପାଇଁ ସହରର ସମସ୍ତ ପୂଜା କମିଟି ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବାବେଳେ ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି ସ୍ୱତନ୍ତ୍ର ଆୟୋଜନ କରିଛି। ଚଳିତ ବର୍ଷ ଏହି କମିଟି ୧୨ବର୍ଷରେ ପଦାର୍ପଣ କରିଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ବୃହତ ତୋରଣ, ରଙ୍ଗିନ ଆଲୋକମାଳା, ୫୦ ଫୁଟର ରାବଣ ପୋଡ଼ି, ତାରକସି ମେଢ ସାଙ୍ଗକୁ ଚାନ୍ଦି ମୁକୁଟ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି ଏଥର ମହାଭାରତର ବିରାଟ ରାଜାଙ୍କ ରାଜମହଲ ସଦୃଶ ତୋରଣ ଶ୍ରଦ୍ଧାଳୁଙ୍କୁ ଭେଟି ଦେବାକୁ ଯାଉଛି। ୧୦୦ ଫୁଟ ଓସାର ଓ ୭୫ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ମହାଭାରତର କାହାଣୀ ଶୁଣିଥିବା ଲୋକମାନେ ଏବେ ସ୍ୱଚକ୍ଷୁରେ ପୌରାଣିକ କିମ୍ବଦନ୍ତୀର




ନିଖୁଣ କାରୁକାର୍ଯ୍ୟକୁ ଦେଖିପାରିବେ। ଏଥିପାଇଁ ପଶ୍ଚିମବଙ୍ଗର ୧୭ଜଣ କାରିଗର ନିୟୋଜିତ ଅଛନ୍ତି। ପ୍ଲାଏ, ପ୍ଲାଷ୍ଟର ଅଫ୍ ପ୍ୟାରିସ, କାଚ, ସନ୍‌ପ୍ୟାକ, ସ୍ପଞ୍ଜ ଓ ଫୋମ୍‌ରେ ରାଜମହଲ ନିର୍ମାଣ ହେଉଥିବାବେଳେ ଶାମୁକା, ଆଇନା ଓ କଉଡ଼ିରେ ସୁନ୍ଦର କାରୁକାର୍ଯ୍ୟ କରାଯାଉଛି। ଏଥିପାଇଁ ୩୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ସୁସଜ୍ଜିତ ତୋରଣ ସାଙ୍ଗକୁ ମଣ୍ଡପକୁ ସଂଯୋଗ କରୁଥିବା ୩ଟି ରାସ୍ତାରେ ୩ଟି ଓ ପଡ଼ିଆ ମଧ୍ୟରେ ୨ଟି ଏଲଇଡି ଲାଇଟ୍ ଗେଟ୍ ଲାଗିବା ସହ ରଙ୍ଗିନ ଆଲୋକ ମାଳାରେ ସୁସଜ୍ଜିତ କରାଯିବ। ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୪ଫୁଟ ରହିବ। ପୁରୁଣା ଭୁବନେଶ୍ୱରର କାରିଗର ମୂର୍ତ୍ତି ନିର୍ମାଣ ଜାରି ରଖିଛନ୍ତି। ମା'ଙ୍କ ମସ୍ତକରେ ଚାନ୍ଦି ମୁକୁଟ ଶୋଭା ପାଇବା ସହିତ ରୁପା ଓ ତାରକସି ଗହଣାରେ ସୁସଜ୍ଜିତ ହେବେ। ଷଷ୍ଠୀରେ ବିଲ୍ୱବରଣ, ସପ୍ତମୀରେ କଳସ ଯାତ୍ରାରେ ୧୦୮ଜଣ ମହିଳା ସାମିଲ ହୋଇ ଡମଣା ଗ୍ରାମସ୍ଥିତ ଅଲେଖ ମହିମା ଆଶ୍ରମ ପୁଷ୍କରିଣୀରୁ ପାଣି ଗ୍ରହଣ କରି ଗ୍ରାମ ପରିକ୍ରମା କରିବା ସହିତ ମା'ଙ୍କ ପୂଜାପୀଠରେ ପହଞ୍ଚି ଜଳାଭିଷେକ କରିବେ। ଏହାପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇ ଚକ୍ଷୁଦାନ ଦିଆଯିବ। ସେହିପରି ଅଷ୍ଟମୀ ଦିନ ସୂର୍ଯ୍ୟ ପୂଜା, ମହାଷ୍ଟମୀ ପୂଜା, ସନ୍ଧିପୂଜା, ସନ୍ଧିବଳି ଓ ହୋମାଦି ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ନବମୀରେ ୨୧ଜଣ କୁମାରୀ ପୂଜା, ଚରୁହୋମ ଓ ୧୦୮ ଦୀପ ପ୍ରଜ୍ୱଳନ କରାଯାଇ ଏଥିରେ ଝୁଣା ମରାଯିବ ଯାହା ଅନ୍ୟତମ ଆକର୍ଷଣ ସାଜିବ। ଦଶମୀ ଦିନ ଦହିପଖାଳ ଭୋଗ, ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଘଟ ବିସର୍ଜନ ହେବ। ଏଥର ୫୦ ଫୁଟର ଇ-ରାବଣ ପୋଡ଼ି ଅନୁଷ୍ଠିତ ହେବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଲୋକମାନେ ବିଭିନ୍ନ ପ୍ରକାର ଦୋଳି ଏବଂ ମୀନାବଜାରର ମଜା ନେଇ ପାରିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୂଜା ମଣ୍ଡପ ଓ ବାହାରେ ଭିଡ ନିୟନ୍ତ୍ରଣ କରିବା ପାଇଁ ୧୦୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଏଥିସହ ୮ଟି ସିସିଟିଭି କ୍ୟାମେରା ଓ ମଣ୍ଡପରେ ୪ଟି ଅଗ୍ନି ନିବାପକ ଯନ୍ତ୍ର ରଖାଯିବ। ଭସାଣି ଦିନ ଧୁମ୍‌ଧାମ୍‌ରେ ମା'ଙ୍କୁ ମେଲାଣି ଦିଆଯିବ।

### ଗ୍ରାମବାସୀଙ୍କ ସହଯୋଗରେ ପାଳନ ହେବ



ପୂଜାକୁ ଆଡ଼ମ୍ବରପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଗ୍ରାମବାସୀମାନେ ସହଯୋଗ କରୁଛନ୍ତି। ସମସ୍ତ ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଛୁ। ମହିଳା, ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ।

**-ନିଶାକର ସାହୁ, ପ୍ରତିଷ୍ଠାତା ସଭାପତି**

# ନୂଆ ରୂପ ନେଉଛି ଲେପ୍ରୋସି କଲୋନି

ଭୁବନେଶ୍ୱର, ୧୩।୧୦ (ବନ୍ଦନା ସେଠୀ)

**ଲିଙ୍ଗରାଜ କଲୋନିରେ ୩୧, ଗୋଖିବାବା ଲେପ୍ରୋସି କଲୋନିରେ ୨୨ କ୍ୱାର୍ଟର ନିର୍ମାଣ ଚାଲିଛି**



ରାଜ୍ୟ ସରକାରଙ୍କ ବିକାଶ ଅଭିଯାନରେ ଭିନ୍ନକ୍ଷମ ସଶକ୍ତୀକରଣକୁ ଗୁରୁତ୍ୱ ଦିଆଯାଉଥିବାବେଳେ କୁଷ୍ଠରୋଗୀଙ୍କ ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି। ଏହି କ୍ରମରେ ସହରରେ ରହୁଥିବା କୁଷ୍ଠରୋଗୀଙ୍କ ନିମନ୍ତେ ବାସସ୍ଥାନ ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତ୍ୱରାନ୍ୱିତ କରାଯାଉଛି। ବିଏମ୍‌ସି ଅଞ୍ଚଳରେ ରହିଥିବା କୁଷ୍ଠରୋଗୀଙ୍କ ଅନ୍ୟତମ ବାସସ୍ଥାନ ଲିଙ୍ଗରାଜ ଲେପ୍ରୋସି କଲୋନିକୁ ନୂତନ ରୂପ ଦେବାରେ ବିଏମ୍‌ସି କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ଏକ ସ୍ୱତନ୍ତ୍ର ପ୍ରକଳ୍ପ ମାଧ୍ୟମରେ ଏହି କାର୍ଯ୍ୟ ଚାଲୁ ରହିବା ସହ ୩୧ ୟୁନିଟ୍ ଘରର ନିର୍ମାଣ ଜାରି ରହିଥିବା ବିଏମସି ସୂଚନା ଦେଇଛି। ସୂଚନାଯୋଗ୍ୟ, ୱାର୍ଡ ନଂ. ୫୩ରେ ଲିଙ୍ଗରାଜ ଲେପ୍ରୋସି କଲୋନି ରହିଛି। ଖୋର୍ଦ୍ଧା ଜିଲାପାଳଙ୍କ ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡ୍ ଅର୍ଥରେ ଏହି କଲୋନିର ନିର୍ମାଣ କରାଯାଉଛି। ଶୁକ୍ରବାର ଲିଙ୍ଗରାଜ ଲେପ୍ରୋସି କଲୋନି କୋଠାର ଛାତ ପଡିଛି। ୪ଟି ବ୍ଲକ୍‌ରେ ବିଭକ୍ତ ଏହି ଲେପ୍ରୋସି କଲୋନିରେ ସମୁଦାୟ ୩୧ଟି କ୍ୱାର୍ଟର ରହିଛି। ପ୍ରଥମ ୩ଟି ବ୍ଲକରେ ୮ଟି ଲେଖାଏ କ୍ୱାର୍ଟର ଥିବାବେଳେ ଶେଷ ବ୍ଲକରେ ୭ଟି ରହିଛି। ପ୍ରତି କ୍ୱାର୍ଟରରେ ଗୋଟିଏ ବେଡ୍‌ରୁମ, ଲିଭିଙ୍ଗ ରୁମ୍, କିଚେନ ରୁମ, ଟଏଲେଟ, ବାଥ୍‌ରୁମ, ବାରଣ୍ଡା ସହ ର୍‌ୟାମ୍ପର ସୁବିଧା ରହିଛି। ଏଥିସହ ସେମାନଙ୍କ ପାଇଁ ବିଦ୍ୟୁତ୍ ଆଲୋକ, ପାନୀୟ ଜଳ ଆଦି ସୁବିଧା ମଧ୍ୟ ବିଏମସି ପକ୍ଷରୁ ଯୋଗାଇ ଦିଆଯିବ। ସେହିପରି ୱାର୍ଡ ନଂ. ୬୭ରେ ଥିବା ଗୋଖିବାବା ଲେପ୍ରୋସି କଲୋନିରେ ମଧ୍ୟ ୨୨ଟି କ୍ୱାର୍ଟର ନିର୍ମାଣ କରାଯାଉଛି। ଏଠାରେ ମୋଟ ୨୨ଟି ପରିବାରରେ ୫୮ ଜଣ ସଦସ୍ୟ ବସବାସ କରୁଛନ୍ତି। ଏହି ଦୁଇ ଲେପ୍ରୋସି କଲୋନିର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପୂର୍ବରୁ ମେୟର ସୁଲୋଚନା ଦାସ କ୍ଷେତ୍ର ପରିଦର୍ଶନ କରିଥିବାବେଳେ କମିଶନର ବିଜୟ ଅମୃତା କୁଲାଙ୍ଗେ ମଧ୍ୟ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ।

## ପ୍ଲାଷ୍ଟିକ୍‌ମୁକ୍ତ ପୂଜା ଉପରେ ବିଏମ୍‌ସିର ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୩।୧୦ (ବନ୍ଦନା ସେଠୀ)

ଚଳିତବର୍ଷ ପୂଜାକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ବିଏମ୍‌ସି ଲକ୍ଷ୍ୟ ରଖିଛି। ଲୋକମାନେ ଯେପରି ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ନ କରନ୍ତି ତାହା ଉପରେ ଦୃଷ୍ଟି ରଖିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅମାନିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ଚଢ଼ାଉକୁ ଜୋର୍‌ଦାର କରିବାକୁ କୁହାଯାଇଛି। ସେହିପରି ସଫେଇ କର୍ମଚାରୀମାନେ ଆବର୍ଜନା ସଂଗ୍ରହ କରିବା ପାଇଁ କପଡ଼ା ମିଶ୍ରିତ ୩ଟି ଜରି ବ୍ୟବହାର କରିବାକୁ ଗତ ବୈଠକରେ କମିଶନର ଗୁରୁତ୍ୱ ଦେଇଥିଲେ। ସଫେଇ କର୍ମଚାରୀମାନେ ସମ୍ପୃକ୍ତ ଅଞ୍ଚଳ ଝାଡୁ ମାରିବା ପରେ ସେଠାରୁ ବାହାରୁଥିବା ଓଦା, ଶୁଖିଲା ଏବଂ ଅନ୍ୟାନ୍ୟ ଆବର୍ଜନାକୁ ପୃଥକ୍ କରି ସମ୍ପୃକ୍ତ ଜରିରେ ରଖିବା ପାଇଁ କହିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ସଫେଇ ସଂସ୍ଥା ଜାଗୃତି ଏହି ପନ୍ଥା ଆପଣାଇ ଥିଲା। ତେବେ ସଂସ୍ଥାର କର୍ମଚାରୀ ବ୍ୟବହାର କରୁଥିବା କପଡ଼ା ମିଶ୍ରିତ ଜରି ଠିକ୍ ନ ଥିବା ଦର୍ଶାଇ କମିଶନର କ୍ଷୋଭ ପ୍ରକାଶ କରିଥିଲେ। ଏହି ବୈଠକରେ ଅତିରିକ୍ତ କମିଶନର-୨ ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ସମସ୍ତ ୱାର୍ଡ ଅଫିସର, ସାନିଟେଶନ ଅଫିସର ଏବଂ ସ୍ୱଚ୍ଛସାଥୀ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷା ବ୍ୟବହାର ପ୍ରଶାସନକୁ ଲୋକଙ୍କ ନିକଟତର କରାଇବ

ଭୁବନେଶ୍ୱର,୧୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

**ସରିଲା ୫ଦିନିଆ ପ୍ରଶିକ୍ଷଣ**



ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ କହିଲେ, ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରାଗଲେ ହିଁ ପ୍ରଶାସନ ସାଧାରଣ ଲୋକଙ୍କ ନିକଟତର ହେବ। ବରେଣ୍ୟ ଅତିଥି ଭାବେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ଓଡ଼ିଆ ଭାଷାକୁ ବ୍ୟାପକ ଭାବରେ କିପରି ବ୍ୟବହାର କରିବେ ସେ ସମ୍ପର୍କରେ କହିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ପ୍ରତିଷ୍ଠାନ ତରଫରୁ ମାନପତ୍ର ସହିତ ପ୍ରଶାସନିକ ଶବ୍ଦକୋଷ ଏବଂ କାର୍ଯ୍ୟାଳୟ ନଥି ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ବିଭିନ୍ନ ବିଭାଗରୁ ୮୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦାନ କରିଥିଲେ। ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ସନ୍ତୋଷ କୁମାର ରଥ, ଡ.ପ୍ରଦୀପ୍ତ କୁମାର ବାରିକ, ଡ.ରମେଶ ଚନ୍ଦ୍ର ମଲ୍ଲିକ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସୁରେନ୍ଦ୍ର କୁମାର ଦାଶ, ବୈଷ୍ଣବ ଚରଣ ମହାନ୍ତି, ଡ. ହରପ୍ରସାଦ ମିଶ୍ର ଏବଂ ଡ. ଦେବାଶିଷ ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷାର ବ୍ୟବହାର କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ସହିତ ଓଡ଼ିଆ ଭାଷାର ବ୍ୟାକରଣ, ବାକ୍ୟ ଗଠନ, ଚିହ୍ନ ପ୍ରୟୋଗ ଓ ପ୍ରଶାସନିକ କ୍ଷେତ୍ରରେ ନଥି ଓ ଟିପ୍ପଣୀ ପ୍ରସ୍ତୁତି ସମ୍ପର୍କରେ ବିଶଦଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଏହାର ପରିଚାଳନା କରିଥିଲେ। ଡ. ପୁଷ୍ପାଞ୍ଜଳୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଷୋଳପୂଜା ଅବସରରେ ମା' କଟକଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ।


ମା' ଝାଞ୍ଜିରୀମଙ୍ଗଳାଙ୍କ ବୈଷ୍ଣବୀ ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ କମଳା ବେଶ।


ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ରୁଦ୍ରାଣୀ ବେଶ।


ବାଙ୍କୀ ମା' ଚର୍ଚ୍ଚିକାଙ୍କ ୮ମ ଦିନର ବେଶ।


ବଡ଼ମ୍ବା ମା' ଭଟ୍ଟାରିକାଙ୍କ ଉଗ୍ରତାରା ବେଶ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କ୍ରିଡ୍ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ମାନବଚାଲାଣ ବିରୋଧୀ ଅଭିଯାନ ସ୍ୱତନ୍ତ୍ରତା ପାଇଁ ପଦଯାତ୍ରା, ବିଆଇଆଇଟିଏମ୍ କଲେଜ, ପଟିଆ, ସକାଳ ୮ଟା ୩୦।
- ସିପିଆଇ(ଏମ୍ଏଲ) ଲିବରେଶନ ପକ୍ଷରୁ ବୈଠକ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ଶାରଦୀୟ ସାହିତ୍ୟ ଆସର, ଆଇଜି ପାର୍କ ପରିସର, ଅପରାହ୍ନ ୪ଟା।
- ଗୁରୁ ଡ. ଦେବପ୍ରସାଦ ଦାସ ଓଡ଼ିଶୀ ନୃତ୍ୟ ପରିବାର ପକ୍ଷରୁ ରୌପ୍ୟ ମହାଆସର-୨୦୨୩, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ସମାଜ ଓ ସଂସ୍କୃତି ପରିବାର ପକ୍ଷରୁ ଚିରସବୁଜ ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**କଟକ**

- ରେଭେନ୍ସା ବିଶ୍ୱବିଦ୍ୟାଳୟ ମୂଳ କ୍ୟାମ୍ପସ୍‌ରେ ୧୦୮ ଫୁଟ ଜାତୀୟ ପତାକା ସ୍ତମ୍ଭର ଉଦ୍‌ଘାଟନ, ବିଶ୍ୱବିଦ୍ୟାଳୟ ସମ୍ମୁଖ ଲନ୍, ପୂର୍ବାହ୍ନ ୧୦ଟା ୨୫।

# ଜେଟିପିଙ୍କୁ ତଦାରଖ ଦାୟିତ୍ୱ

**ପୁରୀ,୧୩।୧୦(ଅଜିତ ମହାନ୍ତି)**

ଆଗାମୀ ନୂଆବର୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ପାଇଁ ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଅଶାଳୀନ ପୋଷାକ ପରିଧାନ କଲେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି ହେବ। ଭକ୍ତଙ୍କ ପୋଷାକକୁ ଜଗନ୍ନାଥ ଟେମ୍ପୁଲ ପୋଲିସ (ଜେଟିପି) ତଦାରଖ କରିବ। ତେଣୁ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ସୁରକ୍ଷା ପ୍ରଶାସକ, କମାଣ୍ଡର ଓ ଜେଟିପିମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିରରେ ଭକ୍ତଙ୍କ



ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ପ୍ରକ୍ରିୟା ଏବେ ତ୍ୱରାନ୍ୱିତ ହୋଇଛି। ଶାଳୀନତାପୂର୍ଣ୍ଣ ପୋଷକ ପରିଧାନ ନେଇ ସମସ୍ତ ନିଯୋଗ ଏବଂ ହୋଟେଲ ଆସୋସିଏଶନ୍‌ର ସହଯୋଗ କାମନା ପରେ ଜେଟିପିମାନଙ୍କୁ ତାଲିମ ଦିଆଯାଇଛି। ସେମାନେ ଯାତ୍ରୀ ତଥା ପର୍ଯ୍ୟଟକଙ୍କୁ ଯେଭଳି ଉଚିତ ବ୍ୟବହାର ପ୍ରଦର୍ଶନ କରି ସଚେତନ କରାଇବେ ସେ

**ଶାଳୀନତାପୂର୍ଣ୍ଣ ପୋଷାକ ପିନ୍ଧି ଶ୍ରୀମନ୍ଦିରକୁ ପ୍ରବେଶ ପ୍ରସଙ୍ଗ**

**ଜେଟିପିଙ୍କୁ ଦିଆଗଲା ତାଲିମ୍**

ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଦେଶରେ ବିଭିନ୍ନ ଧାର୍ମିକ ସ୍ଥଳୀ, ମନ୍ଦିର ସମେତ ବିଭିନ୍ନ ଧର୍ମରେ ଉପାସନା ସମୟରେ ପୋଷାକ ପରିଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଚାରିଧାମ ମଧ୍ୟରୁ ଶ୍ରେଷ୍ଠ ଧାମ ଶ୍ରୀମନ୍ଦିରରେ ମଧ୍ୟ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ସମ୍ପର୍କରେ ସେମାନେ ଯାତ୍ରୀ ତଥା ପର୍ଯ୍ୟଟକଙ୍କୁ ସଚେତନ କରାଇବେ। ଆଚାରଣ, ଉଚ୍ଚାରଣ ଓ ବ୍ୟବହାର ଠିକ୍ ରଖିବା ସହ କାହାକୁ ଜବରଦସ୍ତ କରିବେ ନାହିଁ ବୋଲି କୁହାଯାଇଛି। ସମସ୍ତେ ସଚେତନ ହେଲେ ଏହି ପ୍ରକ୍ରିୟା ଫଳପ୍ରଦ ହୋଇପାରିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି। ତେବେ ଭକ୍ତଙ୍କ ପାଇଁ ଚେଞ୍ଜିଙ୍ଗ୍ ରୁମ୍ ବ୍ୟବସ୍ଥା ନେଇ ଦଇତାପତି ନିଯୋଗର ପ୍ରସ୍ତାବକୁ ମୁଖ୍ୟ ପ୍ରଶାସକ ପ୍ରତ୍ୟାଖ୍ୟାନ କରିଛନ୍ତି। ଶାଳୀନତା ପୋଷାକ ନିୟମ ଲାଗୁ କରିବା ପୂର୍ବରୁ ପୂର୍ବ ଦ୍ୱାରରେ ଚେଞ୍ଜିଙ୍ଗ୍ ରୁମ୍‌ର ଆବଶ୍ୟକତା ଥିବା ଦଇତାପତି ନିଯୋଗ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅନୁରୋଧ କରିଥିଲା। ତେବେ ଏହି ପ୍ରସଙ୍ଗକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହ ନେଇ ନ ଥିବା ଜଣାପଡ଼ିଛି।

# ଡିସେମ୍ବରରୁ ସରିଲାଣି ବିଜେବି କଲେଜର ସ୍ୱୟଂଶାସିତ ମାନ୍ୟତା




**ଭୁବନେଶ୍ୱର, ୧୩।୧୦(ଅସମାପିକା ସାହୁ)**

ରାଜ୍ୟର ଜଣାଶୁଣା ତଥା ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି କଲେଜ ୧୦ ମାସ ହେଲାଣି ତା'ର ସ୍ୱୟଂଶାସିତ ମାନ୍ୟତା ହରାଇସାରିଛି। ଏହି ମାନ୍ୟତା ବୃଦ୍ଧି କରିବାକୁ କଲେଜ କର୍ତ୍ତୃପକ୍ଷ ଏଯାଏ କୌଣସି ପଦକ୍ଷେପ ବା ତତ୍ପରତା ପ୍ରକାଶ କରି ନ ଥିବାରୁ ଉଚ୍ଚଶିକ୍ଷା ବିଭାଗ ଉଦ୍‌ବେଗ ପ୍ରକାଶ କରିଛି। କାହିଁକି ଏ ଦିଗରେ ପଦକ୍ଷେପ ନେବା ପାଇଁ ଅବହେଳା କରାଯାଇଛି ସେ ନେଇ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଜେବି କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ(ଓଏସ୍‌ଏଚ୍‌ଇସି)ର ଅଭିଯୋଗ ଆଧାରରେ ବିଭାଗ ଏଭଳି ଚିଠି ଲେଖିଥିବା ଜଣାପଡ଼ିଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଓଏସ୍‌ଏଚ୍‌ଇସିର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାଶଙ୍କ ଚିଠି ଅନୁସାରେ ଗତ ୨୦୨୦ ଡିସେମ୍ବର ୩୧ରୁ କଲେଜର ସ୍ୱୟଂଶାସିତ ମାନ୍ୟତା ସରିଯାଇଛି। ଏହାକୁ ବୃଦ୍ଧି କରିବା ପାଇଁ କଲେଜ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହିଁ। ସେହିଭଳି ବାରମ୍ବାର ଓଏସ୍‌ଏଚ୍‌ଇସିର ଯୋଗାଯୋଗ ପରେ ବି ନାକ୍ ରିଆକ୍ରିଡେଶନ ପେଣ୍ଡିଂ

**ଉଦ୍‌ବେଗ ପ୍ରକାଶ କଲା ଉଚ୍ଚଶିକ୍ଷା ବିଭାଗ**

**ଅବହେଳା ପାଇଁ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ**

ପଡ଼ିଛି। ଏପରିକି କଲେଜର ଗଭର୍ଣ୍ଣିଂବଡିର ପୁନଃଗଠନ ପାଇଁ କୌଣସି ସାନି ପ୍ରସ୍ତାବ ଆସିନାହିଁ। ତେଣୁ ଏଭଳି କାହିଁକି ଏଭଳି ବିଡ଼ମ୍ବନା ହୋଇଛି ସେ ନେଇ ଚଳିତ ମାସ ଶେଷ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ଉଚ୍ଚଶିକ୍ଷା ବିଭାଗ ବିଜେବି କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ସୂଚନାଯୋଗ୍ୟ, ବିଜେବି କଲେଜରେ ପାଠ ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କ ବଡ଼ ଇଚ୍ଛା ବା ସ୍ୱପ୍ନ ରହିଥାଏ। ଏଥିପାଇଁ ମେଧାବୀ ଛାତ୍ରୀଛାତ୍ରଙ୍କର ପ୍ରଥମ ପସନ୍ଦ ବିଜେବି କଲେଜ। ଏହି କଲେଜରେ କଟ୍ ଅପ୍ ମାର୍କ ବି ସର୍ବାଧିକ ରହିଥାଏ। କିନ୍ତୁ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏତେବଡ଼ ଶିକ୍ଷାନୁଷ୍ଠାନ ସ୍ୱୟଂଶାସିତ ମାନ୍ୟତା ହରାଇଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଛାତ୍ରୀଛାତ୍ର, ଶିକ୍ଷାବିତ୍ ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।


ପୁରୀ ପୌରସଦନଠାରେ ଓଡିଆ ଚଳଚ୍ଚିତ୍ର 'ପୁଷ୍କରା' ପ୍ରଦର୍ଶନ ଅବସରରେ ଶୁକ୍ରବାର ଓଲିଉଡ ଅଭିନେତା ସବ୍ୟସାଚୀ କେକ୍ କାଟି ଖୁସି ମନାଉଛନ୍ତି।

# ୫୯୬ ବୋତଲ କଫ ସିରପ୍ ଜବତ, ୨ ଗିରଫ

କଟକ,୧୩।୧୦(କାର୍ତ୍ତିକ ସାହୁ)- କଟକ ଓଏମ୍‌ପି ବସ୍‌ଷ୍ଟାଣ୍ଡ ନିକଟରୁ ଚାଉଳିଆଗଞ୍ଜ ପୋଲିସ ୫୯୬ ବୋତଲ କଫ ସିରପ୍, ୩ଟି ମୋବାଇଲ ଓ ୨୦୮୦ ଟଙ୍କା ଜବତ କରିଛି। ଏହି କାରବାରରେ ଜଡିତ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅନ୍ଧରା ଗ୍ରାମର ବିକି ଓରଫ ମେଘାଳୟ ମଲ୍ଲିକ(୩୨) ଓ ପଶ୍ଚିମବଙ୍ଗ ଜଗଚା ଥାନା ଅନ୍ତର୍ଗତ ଧର୍ଶା ପଞ୍ଚାନନତଳାର ଶୀତଲ ଦେ (୪୦)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। କୋଲକାତାରୁ ବେଆଇନ ଭାବେ ବିପୁଳ ପରିମାଣର କଫ୍ ସିରପ ଖୋର୍ଦ୍ଧା ଚାଲାଣ କରାଯାଉଥିବା ଚାଉଳିଆଗଞ୍ଜ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏସ୍‌ଆଇ ଏସ୍. କେ. ସେଠୀ ସଦଳବଳ ଓଏମ୍‌ପି ବସ୍‌ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ସେମାନେ ୪ଟି ବ୍ୟାଗ୍‌ରେ କଫ ସିରପ ନେଇଯାଉଥିବା ଯାଞ୍ଚବେଳେ ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମନ୍ମଥ ମନୋଜ ସ୍ମାରକୀ କାର୍ଯ୍ୟର ସମୀକ୍ଷା

# କବି ଦୀନକୃଷ୍ଣ ଦାସଙ୍କ ଜନ୍ମସ୍ଥାନ, ପୁରାତନ କୀର୍ତ୍ତିରାଜି ଲାଲ ଗୀର୍ଜାର ଉନ୍ନତୀକରଣ ହେବ

**ଭୁବନେଶ୍ୱର,୧୩।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଶୁକ୍ରବାର ବାଲେଶ୍ୱର ଜିଲାର ଶଙ୍ଖାରୀ ଗସ୍ତ କରି ମନ୍ମଥ ମନୋଜ ସ୍ମାରକୀ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଓଡ଼ିଶାର ବରପୁତ୍ର ପଦ୍ମଭୂଷଣ ମନୋଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ସ୍ଥାନ ଶଙ୍ଖାରୀଠାରେ ବିଭାଗ ପକ୍ଷରୁ ସ୍ମୃତି ସଂଗ୍ରହାଳୟ ନିର୍ମାଣ କରାଯାଉଛି। ଏଠାରେ ସମସ୍ତ ଉନ୍ନତୀକରଣ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ଲୋକାର୍ପଣ ପରେ ଏହାର ଶୃଙ୍ଖଳିତ ପରିଚାଳନା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସାକ୍ଷୀଗୋପାଳସ୍ଥିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋଠାରେ ନିର୍ମିତ ସଂଗ୍ରହାଳୟର ପରିଚାଳନା ଢାଞ୍ଚାରେ ଏଠାରେ ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଶଙ୍ଖାରୀଠାରେ ମନୋଜ ଦାସଙ୍କ ବାସ ଭବନ, ରାଧାକୃଷ୍ଣ ମନ୍ଦିର, ପୁଷ୍କରିଣୀ ପୁନରୁଦ୍ଧାର, ମୁକ୍ତାକାଶ ରଙ୍ଗମଞ୍ଚ,


ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବିଭାଗୀୟ ଅଧିକାରୀ ଓ ଅନ୍ୟମାନଙ୍କ ସହ ମନ୍ମଥ ମନୋଜ ସ୍ମାରକୀ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ବ୍ୟାଖ୍ୟାନ କେନ୍ଦ୍ର, ପାଠାଗାର ଓ ଗ୍ୟାଲେରି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ସମ୍ପର୍କୀୟ ରଞ୍ଜିତା ଦାସ ଓ ସଂଘମିତ୍ରା ଦାସ, ପ୍ରକଳ୍ପ ନିମନ୍ତେ ଜମି ପ୍ରଦାନ କରିଥିବା ବ୍ୟକ୍ତି ବିଶେଷ ଓ ସମ୍ପୃକ୍ତ ଅଂଶୀଦାରଙ୍କ ସହ ମନ୍ତ୍ରୀ ପାତ୍ର ବିଭିନ୍ନ ପ୍ରସଙ୍ଗରେ କଥା ହୋଇଥିଲେ। ଏହାପରେ ସେମାନେ ସହରସ୍ଥିତ ପୁରାତନ କୀର୍ତ୍ତିରାଜି ଲାଲ ଗୀର୍ଜା ବୁଲି ଦେଖିବା ସହ ଏହାର ସଂରକ୍ଷଣ ଓ ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ରୀତି ଯୁଗୀୟ କବି ତଥା ରସକଲ୍ଲୋଳର ରଚୟିତା ଦୀନକୃଷ୍ଣ ଦାସଙ୍କ ଜନ୍ମସ୍ଥାନ ମୁଣ୍ଡତୁଣ୍ଡିଆ ଗସ୍ତକରି ଥିଲେ। ସେଠାରେ କବିଙ୍କ ପ୍ରତିମୂର୍ତ୍ତି, ପାଠାଗାର ଓ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯିବ। ଦୀନକୃଷ୍ଣ ଦାସଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ସଂକ୍ରାନ୍ତରେ ବାଲେଶ୍ୱର ଜିଲାପାଳ ପ୍ରାୟ ୧ କୋଟି ୬୪ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିବା ସୂଚନା ଦିଆଯାଇଛି। ଏହି ଗସ୍ତ ଅବସରରେ ଇନ୍‌ଟାକ ସଂସ୍ଥାର ନିର୍ଦ୍ଦେଶକ ମଲ୍ଲିକା ମିତ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପିନାକୀ ସ୍ୱାଇଁ, ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଅଶ୍ୱିନୀ ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସିଭି ଶିଳ୍ପରେ ଆଧୁନିକତା ଆଣୁଛି ଆଇଚର

**ଭୁବନେଶ୍ୱର, ୧୩।୧୦**

ଭିଇ କମର୍ସିଆଲ ଭେଇକିଲ୍ସ (ଭିଇସିଭି)ର ଏକ ବିଜ୍‌ନେସ୍ ୟୁନିଟ୍ ଆଇଚର ଟ୍ରକ୍‌ସ ଆଣ୍ଡ ବସେସ୍ ଏହାର ସର୍ଭିସ୍ ଇକୋସିଷ୍ଟମକୁ ବୈପ୍ଳବିକ କରି ଏବଂ ଏହାର ଟ୍ରକ୍ ଓ ବସ୍ ଗ୍ରାହକଙ୍କ ପାଇଁ ଅପ୍‌ଟାଇମ୍ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣକରି ଭାରତୀୟ ଟ୍ରକ୍ ଶିଳ୍ପରେ ଉଲ୍ଲେଖନୀୟ ତରଙ୍ଗ ସୃଷ୍ଟି କରିଛି। ଆଇଚର ଟ୍ରକ୍‌ସ ଆଣ୍ଡ ବସେସ୍ ହେଉଛି ଭାରତର ପ୍ରଥମ ସିଭି ମାନୁଫ୍ୟାକ୍ଚରର୍ ଯାହା ଫ୍ଲିଟ୍ ଅପ୍‌ଟାଇମ୍‌କୁ ସର୍ବାଧିକ କରିବା ଏବଂ ଗ୍ରାହକଙ୍କ ଆବଶ୍ୟକତାକୁ ଶୀଘ୍ର ପୂରଣ କରିବାର ବର୍ଦ୍ଧିତ ମହତ୍ତ୍ୱକୁ ଚିହ୍ନଟ କରିଥିଲା। ଫଳରେ ଏହା ୨୦୨୦ରେ ଅପ୍‌ଟାଇମ୍ ସେଣ୍ଟରର ସ୍ଥାପନା କରିଥିଲା। ଏହି ଅଭିନବ ପଦକ୍ଷେପ ଆଇଚରର ସମଗ୍ର ବିଏସ୍-୬ ରେଞ୍ଜର ଟ୍ରକ୍ ଓ ବସ୍‌ଗୁଡିକୁ ମଧ୍ୟପ୍ରଦେଶର ପିଥମପୁରଠାରେ ଏକ ଷ୍ଟେଟ୍-ଅଫ୍-ଦ-ଆର୍ଟ ଅପ୍‌ଟାଇମ୍ ସେଣ୍ଟର ସହ କନେକ୍ଟ କରିଛି। ଶିଳ୍ପର ଆହ୍ୱାନଗୁଡ଼ିକୁ ସମ୍ବୋଧିତ କରିବା ପାଇଁ ଆଇଚର ବହୁମାତ୍ରାରେ ନିବେଶ କରିଛି ଏବଂ ଏହାର ୨୪/୭ ଅପ୍‌ଟାଇମ୍ ସେଣ୍ଟର ମାଧ୍ୟମରେ ରିମୋଟ୍ ଓ ପ୍ରେଡିକ୍ଟିଭ୍ ଡାଇଗ୍ନୋଷ୍ଟିକ୍ସ ଭଳି ନେକ୍ସଟ୍-ଜେନ୍ ସର୍ଭିସ୍




ସଲ୍ୟୁସନଗୁଡିକର ଆରମ୍ଭ କରିଛି। କମ୍ପାନୀ ବର୍ତ୍ତମାନ ଭାରତର ସମସ୍ତ ଅଂଶରେ ପ୍ରମୁଖ ପରିବହନ ବର୍ଗରେ ୯୮%ରୁ ଅଧିକ ଅପ୍‌ଟାଇମ୍ ପ୍ରଦାନ କରିବାକୁ ସକ୍ଷମ ହେଉଛି। ୧୫ ବର୍ଷ ପୂର୍ବେ ଭଲ୍‌ଭୋ ଗ୍ରୁପ୍ ଓ ଆଇଚର ମୋଟର୍ସ ମଧ୍ୟରେ ଭିଇ କମର୍ସିଆଲ ଭେଇକିଲ୍‌ସ ଜଏଣ୍ଟ ଭେଞ୍ଚର ଗଠନ ପରଠାରୁ ଆଇଚର ଟ୍ରକ୍‌ସ ଆଣ୍ଡ ବସେସ୍ ଭାରତର ପରିବହନ ଇକୋସିଷ୍ଟମରେ ଆଧୁନିକୀକରଣକୁ ପରିଚାଳନା କରିବା ଉପରେ ଗୁରୁତ୍ୱ ଦେଉଛି ଏବଂ ବଜାରକୁ ଅନେକ ଶିଳ୍ପ ପ୍ରଥମ ଫିଚର ଓ ସେବା ଆଣିଛି। କମ୍ପାନୀର ଅପ୍‌ଟାଇମ ସେଣ୍ଟରର ୨୪/୭ କଣ୍ଟ୍ରୋଲ ରୁମ୍‌ଗୁଡିକ ଦୂରରୁ ଯାନଗୁଡିକୁ ତଦାରଖ କରିବା ଏବଂ ଦେଶବ୍ୟାପୀ ଆଇଚରର ଅପ୍‌ଟାଇମ୍ ସାର୍ଟିଫାଏଡ୍ ୱାର୍କଶପ୍‌ଗୁଡିକରେ ଥିବା ଯାନଗୁଡିକୁ ବାସ୍ତବ ସମୟର ସହାୟତା ପ୍ରଦାନ କରିବା ପାଇଁ ସମ୍ପୂର୍ଣ୍ଣ ସୁସଜ୍ଜିତ ରହିଛି। ଏହି ଅପ୍‌ଟାଇମ୍ ସେଣ୍ଟର ଆଇଚରର ବିକ୍ରି ପରବର୍ତ୍ତୀ ସେବା ନେଟ୍‌ୱର୍କର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଛି। ଏହା ବାଧାହୀନ ଭାବେ ଦେଶବ୍ୟାପୀ ଆଇଚର୍‌ର ଦ୍ରୁତ ସମ୍ପ୍ରସାରିତ ଡିଲରଶିପ୍ ଏବଂ ୮୫୦ ଟଚ୍‌ପଏଣ୍ଟ ସାମିଲ ଥିବା ୱାର୍କଶପ୍ ନେଟ୍‌ୱର୍କ ସହ ଜଡିତ ରହିଛି। ଏହି ସେଣ୍ଟର ଠିକ୍ ସମୟରେ ଯାନଗୁଡିକର ମରାମତି, ପାର୍ଟସର ଉପଲବ୍ଧତା ଓ ସର୍ଭିସ୍ ସପୋର୍ଟକୁ ସୁଗମ କରିଥାଏ। ଅପ୍‌ଟାଇମ୍ ସେଣ୍ଟରର ସ୍ଥାପନ ବହୁମାତ୍ରାରେ ସାମଗ୍ରିକ ଗ୍ରାହକ ଅନୁଭୂତିକୁ ଉନ୍ନତ କରିବା ସହ ସେବା ପରିଦୃଶ୍ୟକୁ ରୂପାନ୍ତର କରିଛି। ଏହାର ଅଗ୍ରଗାମୀ ପଦକ୍ଷେପ ମାଧ୍ୟମରେ ଆଇଚର ଭାରତୀୟ ବାଣିଜ୍ୟିକ ଯାନ ବର୍ଗରେ ନୂଆ ମାନକ ଧାର୍ଯ୍ୟ କରିବା, ଏକ ଶିଳ୍ପ ଲିଡର ଭାବେ ନିଜର ସ୍ଥିତି ସୁଦୃଢ କରିବା ଏବଂ ଭାରତୀୟ ସିଭି ବଜାରର ଆଧୁନିକୀକରଣକୁ ପରିଚାଳନା କରିବା ଜାରି ରଖିଛି। ମାଇଁ ଆଇଚର ଆପ୍ ମାଧ୍ୟମରେ କମ୍ପାନୀ ଏହାର ଗ୍ରାହକଙ୍କୁ ଅଧିକ ନିୟନ୍ତ୍ରଣ ଓ ସ୍ୱଚ୍ଛତା ପ୍ରଦାନ କରୁଛି। ଏଫ୍‌ଏଡିଏ ଡିଲର ସାଟିସ୍‌ଫ୍ୟାକ୍ସନ ସର୍ଭେରେ କମ୍ପାନୀ କ୍ରମାଗତ ୨ ବର୍ଷ ହେବ ସିଭି ସେଗ୍‌ମେଣ୍ଟର ଶୀର୍ଷ ସ୍ଥାନ ହାସଲ କରିଛି।

# ହବିଷିଆଳିଙ୍କୁ ସବୁ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ

**ପୁରୀ,୧୩।୧୦(ଅଜିତ ମହାନ୍ତି)**

ପୁରୀରେ କାର୍ତ୍ତିକ ମାସର ରାଇଦାମୋଦର ବ୍ରତ ବା ହବିଷିଆଳି ବ୍ରତ ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହେବ। ହବିଷିଆଳିମାନେ ଏକମାସ ୫ଟି ହବିଷିଆଳି ନିବାସରେ ରହି ବ୍ରତ ପାଳନ କରିବେ। ହବିଷିଆଳିମାନଙ୍କର ସୁବିଧା ରହଣି ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲାପାଳ ସମର୍ଥ ବର୍ମା ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବର୍ମା ଏଥିରେ ଅଧ୍ୟକ୍ଷତା କରିବା ସହ ରହଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ ପ୍ରବଚନ ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷର ଅଭିଜ୍ଞତା ଆଧାରରେ ଚଳିତ ବର୍ଷ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବାକୁ ସେ ମତ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ


ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ।

କାର୍ଯ୍ୟସୂଚୀ ଅନୁଯାୟୀ ଏବଂ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ପ୍ରାୟ ୩ ହଜାର ହବିଷିଆଳିଙ୍କୁ ଚଳିତ ବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପରେ ରଖାଯିବାର ବ୍ୟବସ୍ଥା ହୋଇଛି। ସମସ୍ତ ରହଣିସ୍ଥଳକୁ ପ୍ରସ୍ତୁତ କରାଯାଉଛି। ସେହିପରି ଚିକିତ୍ସା ବ୍ୟବସ୍ଥା, ଅନ୍ତେବାସୀଙ୍କୁ ପରିଚୟପତ୍ର ପ୍ରଦାନ, ସହାୟକ ସ୍ୱେଚ୍ଛାସେବୀ ନିୟୋଜିତ କରିବା, ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପନ, ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ, ପାନୀୟଜଳ, ବିଦ୍ୟୁତ, ମହାପ୍ରସାଦ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀମାନେ ଏହାର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ଉପଜିଲାପାଳ ଭବତାରଣ ସାହୁ, ସିଡିଏମଓ ଡା. ସୁଜାତା ମିଶ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଏନ୍‌ଆଇସିର ଡିଆଇଓ ବିଶ୍ୱନାଥ ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।


Reliance
Growth is Life
Reliance Jewels
BE THE MOMENT
ଏକ ଅନନ୍ୟ ଦୀପାବଳୀ
ଜ୍ୱେଲରୀ କଲେକଶନ୍ 2023
Swarn Banga
ଏକ କବିତା ବେଙ୍ଗଲ୍ ଦ୍ୱାରା ଅନୁପ୍ରାଣିତ
25%* ପର୍ଯ୍ୟନ୍ତ ଛାଡ଼
ସୁନା ଅଳଙ୍କାରର ଗଢ଼ା ମଜୁରୀ ଉପରେ
ଏବଂ ହୀରା ଅଳଙ୍କାରର ମୂଲ୍ୟ ଉପରେ।
ସୀମିତ ଅବଧି ଅଫର୍ | * ସର୍ତ୍ତ ଓ ନିୟମାବଳୀ ଲାଗୁ
ଆମର ଅନନ୍ୟ କଲେକଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ ଉପଲବ୍ଧ www.reliancejewels.com
ଆମକୁ ଅନୁସରଣ କରନ୍ତୁ:
ଅନୁଗୁଳ: ଫୋନ୍: 8249389498/06764-231280 | ବାଲାଙ୍ଗୀର: ଫୋନ୍: 7008120335 | ଭୁବନେଶ୍ୱର: ଜନପଥ, ଫୋନ୍: 7008218533 / 9835924332 / 7894455782 / 9861207889 / 0674-2570035/64 | ବରଗଡ଼: ଫୋନ୍: 7991081172/8249056295 | ବ୍ରହ୍ମପୁର (ଓଡିଶା): ଫୋନ୍: 7008995399, 0680-2250017/18 | ଭଦ୍ରକ: ଫୋନ୍: 9078000357 / 7377280211 / 8249081489 | ଢେଙ୍କାନାଳ: ଫୋନ୍: 9348432641 | ଯାଜପୁର: ଫୋନ୍: 9078084953 | ଝାରସୁଗୁଡ଼ା: ଫୋନ୍: 6645291740 / 9861925764 / 8926977419
ରାଉରକେଲା: ଫୋନ୍: 8456006992 / 9583420586 | ସମ୍ବଲପୁର: ଫୋନ୍: 6372909946 | କେନ୍ଦୁଝର: ଫୋନ୍: 7008752980 | କଟକ: ଫୋନ୍: 7682848136/0671-2520011


Reliance
Growth is Life
ଉତ୍ସବ ମନାନ୍ତୁ,
#DilKholKe
ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ
10% ଇନ୍ଷ୍ଟାଣ୍ଟ ଡିସ୍କାଉଣ୍ଟ*
କ୍ରେଡିଟ୍ କାର୍ଡସ ଏବଂ ଇଜିଇଏମ୍ଆଇ ସହିତ
ଟ. 5000 ଡିସ୍କାଉଣ୍ଟ ପର୍ଯ୍ୟନ୍ତ
₹10000 ପର୍ଯ୍ୟନ୍ତ
କ୍ୟାଶବ୍ୟାକ୍*
କନ୍ସ୍ୟୁମର ଲୋନ୍‌ସ ଉପରେ
HDFC BANK
ଫେଷ୍ଟିଭ ଟ୍ରିଟସ
Reliance digital
PERSONALISING TECHNOLOGY
#TechnologySeRishtaJodo
MATCH DAY DEALS
TCL P745 2 Year Warranty
216cm(85) UHD TV
Google TV
₹149990*
*Price after Cashback
189 CM (75) UHD AVAILABLE AT ₹74990*
SAMSUNG 3 Year Warranty
Neo QLED
Starting from ₹99990*
*Price after Cashback
BENEFITS FREEBIES WORTH UPTO ₹124990/-
LG OLED evo 3 Year Warranty
Starting from ₹89990*
BENEFITS MAX 20% CASHBACK UPTO ₹15000*
JBL SOUNDBAR
DOLBY ATMOS
₹28999
₹17499*
EVERYDAY LAPTOP
Intel® Core™ i3 Starting from ₹29999*
AMD R3 Starting from ₹33999*
MULTITASKING LAPTOP
AMD R5 Starting from ₹37999*
Intel® Core™ i5 Starting from ₹39999*
GAMING LAPTOP
GTX 1650 Starting from ₹40999*
RTX 3050 Starting from ₹47999*
PRICE AFTER PROMO, CASHBACK & EXCHANGE BONUS AS APPLICABLE
LOWEST PRICE
SAMSUNG S21 FE 5G
Galaxy S21 FE 5G
₹49999
Starting from ₹31999*
*Price post Upgrade bonus & bank cashback
iPhone
DEAL PRICE
13 128GB
₹59900*
Starting from ₹33900*
14 128GB
₹69900*
Starting from ₹39900*
*Price post in store discount, exchange value, bonus and HDFC cashback
NEW LAUNCH
VIVO V29 PRO
Starting from ₹39999*
SIDE BY SIDE
HAIER 628L ₹57990* EMIs of ₹4833
LG 655L ₹74990* EMIs of ₹6249
SAMSUNG 653L ₹97990* EMIs of ₹8166
FREE** 10 KG TOP LOAD WASHING MACHINE WORTH ₹32500 (ON SELECT SAMSUNG SBS*)
FRONT LOAD
BOSCH 6 Kg ₹26590* EMIs of ₹2216
LG 8 Kg ₹33490* EMIs of ₹2791
SAMSUNG 8 Kg ₹33990* EMIs of ₹2833
WATER PURIFIER
AQUAGUARD UV+UF ₹9990*
AQUAGUARD RO+UV ₹18990
LG RO ₹21590
boAt Electra 1.81
₹7990
₹1499*
ଲାଟେଷ୍ଟ ଟେକ୍‌ର ବ୍ୟାପକ ରେଞ୍ଜ
ନିମ୍ନତମ ପ୍ରାଇସ୍*
ସହଜ ଇଏମ୍ଆଇ
ଦ୍ରୁତତମ ଡେଲିଭରୀ ଏବଂ ଇନଷ୍ଟଲେଶନ୍
Reliance resQ ବ୍ୟକ୍ତିଗତ ଅନୁସାରେ ମାର୍ଗଦର୍ଶନ | ସେବା | ମେଣ୍ଟେନାନ୍ସ 1800 889 1044
ଆଉ ମଧ ସପିଂ କରନ୍ତୁ:
reliancedigital.in
SHOP ANY ELECTRONICS AT MY JIO STORE
Jio DIGITAL LIFE
NOW OPEN AT:
TALCHER ROAD, SHARMA CHOWK
VISIT US AT ODISHA: • JAJPUR ROAD CHODRA BY PASS PH :- 8984107745 • BHUBHANESHWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD | ALSO AVAILABLE AT:- • BALASORE • BEHRAMPUR • ROURKELA • SAMBALPUR • ANGUL • BALANGIR • JHARSUGUDA • SUNDERGARH • TALCHER |
TO LOCATE YOUR NEAREST MYJIO STORE, SMS LOCATE <PINCODE> TO 561611
Unless specified, the retail prices shown are for 1 unit of the product.